

ଅକ୍ଷୟଙ୍କ 'ଜଙ୍ଗଲୀ' ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-321 ♦WEDNESDAY ♦20 MAY 2026 ♦PAGE-12 ♦₹ 7.00

BHUBANESWAR

♦ବର୍ଷ-୪୩ ♦ସଂଖ୍ୟା-୩୨୧ ♦ବୁଧବାର ♦୨୦ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଆଜି ପ୍ରକାଶ ପାଇବ +୨ ପରୀକ୍ଷା ଫଳ



■ ଭୁବନେଶ୍ୱର, ୧୯।୫ (ସମିସ): ଆସନ୍ତାକାଲି ଅର୍ଥାତ୍ ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶ ପାଇବ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ଏକାବେଳେ ପ୍ରକାଶ ପାଇବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ସିଏଚ୍ଏସ୍ଇ କାର୍ଯ୍ୟାଳୟରେ ପରୀକ୍ଷାଫଳ ପୁସ୍ତିକାକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉନ୍ମୋଚନ କରିବେ। ଅପରାହ୍ଣ ୩ଟାରେ ୱେବସାଇଟ୍‌ରେ ରେଜଲ୍ଟ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ https://results.odisha.gov.in ଓ https://results.digilocker.gov.in ୱେବସାଇଟ୍‌ରେ ନିଜ ରୋଲ ନମ୍ବର ଓ ଜନ୍ମ ତାରିଖ ଦେଇ ପରୀକ୍ଷାଫଳ ଦେଖିପାରିବେ। ଏହାସହ ସାମସ୍ ଇ-କଲେଜ ସ୍ପେସ୍‌ରେ ମଧ ପରୀକ୍ଷାଫଳ ଉପଲବ୍ଧ ହେବ। ପ୍ରାୟ ୪ଲକ୍ଷ ପରୀକ୍ଷାର୍ଥୀ ରେଜଲ୍ଟ ପ୍ରକାଶକୁ ନେଇ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

**ମଧ୍ୟାହ୍ନ ସାଢ଼େ ୧୨ରେ ରେଜଲ୍ଟ ପୁସ୍ତିକା ଉନ୍ମୋଚନ**

**ଅପରାହ୍ଣ ୩ ରେ ୱେବସାଇଟ୍‌ରେ ହେବ ଉପଲବ୍ଧ**

## ଆଜି ସାରା ରାଜ୍ୟରେ ଔଷଧ ଦୋକାନ ବନ୍ଦ




■ ଭୁବନେଶ୍ୱର, ୧୯।୫ (ସମିସ): ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଆସନ୍ତାକାଲି ଓଡ଼ିଶା ସମେତ ସାରା ଭାରତରେ ଔଷଧ ଦୋକାନ ବନ୍ଦ ରହିବ। କେବଳ ଓଡ଼ିଶାର ଥିବା ୩୦୦୦୦ରୁ ଅଧିକ ଔଷଧ ଦୋକାନ ବନ୍ଦ ରହିବା ନେଇ ପୂର୍ବରୁ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ(ୟୁସିଡିଏ) ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରରିପେକ୍ଷୀରେ ରୋଗୀ ଓ ସାଧାରଣ ଜନତା ଯେପରି ଜରୁରୀକାଳୀନ ଜୀବନରକ୍ଷାକାରୀ ଔଷଧ ପାଇବାରେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ, ସେଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

ଡ୍ରଗ୍ସ କଣ୍ଟ୍ରୋଲରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ରାଜ୍ୟର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଥିବା 'ନିରାମୟ କେନ୍ଦ୍ର' ଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିବେ ଏବଂ ରୋଗୀଙ୍କୁ ମାଗଣା ଔଷଧ ବିତରଣ କରିବେ। ଏହାସହିତ ସମସ୍ତ ହସ୍ପିଟାଲ୍ ପରିସରରେ ଥିବା ଔଷଧ ଦୋକାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଏବଂ ୨୪ ଘଣ୍ଟିଆ ଖୋଲା ରହୁଥିବା ଇନ୍-ହାଉସ୍ ଫାର୍ମାସୀ ଗୁଡ଼ିକୁ ବାଧ୍ୟତାମୂଳକ ଭାବେ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ବଜାରରେ କୃତ୍ରିମ ଅଭାବ କିମ୍ବା କଳାବଜାରୀ ରୋକିବା ପାଇଁ ସମସ୍ତ ଡ୍ରଗ୍ସ ▶ପୃଷ୍ଠା-୭

## ପେଟ୍ରୋଲ, ଡିଜେଲ ଦର ପୁଣି ବଢ଼ିଲା

■ ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଗତ ଶୁକ୍ରବାର ଦେଶବ୍ୟାପୀ ତେଲ ଦରରେ ୩ ଟଙ୍କା ବୃଦ୍ଧି ହେବାର ଠିକ୍ ୫ ଦିନ ପରେ, ସୋମବାର ତେଲ କମ୍ପାନୀଗୁଡ଼ିକ ପୁଣିଥରେ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ାଇଛନ୍ତି। ଚଳିତ ସପ୍ତାହରେ ଦ୍ୱିତୀୟ ଥର ପାଇଁ ତେଲ ଦର ଲିଟର ପିଛା ପ୍ରାୟ ୯୦ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।



**୫ ଦିନରେ ଦ୍ୱିତୀୟ ଥର**

ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୭ ପଇସା ବଢ଼ି ୯୮.୬୪ ଟଙ୍କା ଏବଂ ଡିଜେଲ ୯୧ ପଇସା ବଢ଼ି ୯୧.୫୮ ଟଙ୍କା ହୋଇଛି। କୋଲକାତାରେ ପେଟ୍ରୋଲ ଦର ସବୁଠାରୁ ଅଧିକ ୯୬ ପଇସା ବୃଦ୍ଧି ପାଇ ୧୦୯.୭୦ ଟଙ୍କା ଏବଂ ଡିଜେଲ ୯୪ ପଇସା ବଢ଼ି ୯ ୬.୦୭ ଟଙ୍କା ହୋଇଛି। ସେହିପରି ଚେନ୍ନାଇରେ ପେଟ୍ରୋଲ ୮୨ ପଇସା ବୃଦ୍ଧି ସହ ୧୦୪.୪୯ ଟଙ୍କା ଏବଂ ଡିଜେଲ ୮ ୬ ପଇସା ବୃଦ୍ଧି ପାଇ ୯ ୬.୧୧ ଟଙ୍କା ହୋଇଛି। ଏହା ସହିତ ଦିଲ୍ଲୀରେ ସିଏନଜି ଦର ମଧ କିଲୋଗ୍ରାମ ପିଛା ୨ ଟଙ୍କା ବୃଦ୍ଧି ପାଇ ୮ ୭ ଟଙ୍କାରେ ପହଞ୍ଚିଛି। ସେହିଭଳି ଭୁବନେଶ୍ୱରରେ ପେଟ୍ରୋଲ ଦାମ ଲିଟର ପିଛା ୧୦୫ ଟଙ୍କା ୨୬ ପଇସାକୁ ବୃଦ୍ଧି ପାଇଛି।

### ଘରୁ ଯୁବକଙ୍କୁ ଟେକିନେଲେ ୨୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

## ଗାଁ ଦାଣ୍ଡରେ ଖଣ୍ଡଖଣ୍ଡ କରିଦେଲେ

■ ତିଗିରିଆ/ବଡ଼ମ୍ବା, ୧୯।୫ (ସମିସ): ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ଗାଁ ଦାଣ୍ଡରେ ହାଣି ଖଣ୍ଡଖଣ୍ଡ କରିଦେଲେ। ପରେ ପ୍ରମାଣ ଲୁଚାଇବା ପାଇଁ ଖଣ୍ଡବିଖଣ୍ଡିତ ମୃତଦେହକୁ ବସ୍ତାରେ ପୂରାଇ ଜଙ୍ଗଲ ଭିତରେ ଜାଳିଦେଲେ। ଖାଲି ସେତିକି ନୁହେଁ, ଅଧାପୋଡ଼ା ମୃତଦେହର ଅବଶିଷ୍ଟାଂଶ ଏବଂ ହାଡ଼ ଓ ପାଉଁଶକୁ ସେହି ଜଙ୍ଗଲ ମଧ୍ୟରେ ମାଟି ତଳେ ପୋତିଦେଲେ। କଟକ ଜିଲ୍ଲା ଅଧୀନ ବଡ଼ମ୍ବା ବ୍ଲକ୍ ମାଣିଆବନ୍ଧ ଥାନା ଅଧୀନ ତାଳମୁଣ୍ଡଳି ଗ୍ରାମରେ ଏପରି ଏକ ନୃଶଂସ ହତ୍ୟାକାଣ୍ଡ ଘଟିଛି। ଗତ ୧୦ ତାରିଖରେ ଏହି ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ



**ବସ୍ତାରେ ଶବ ପୂରାଇ ଜଙ୍ଗଲରେ ପୋଡ଼ିଥିଲେ**

**୧୦ ଦିନ ପରେ ଜଙ୍ଗଲରୁ ହାଡ଼ ଓ ପାଉଁଶ ଜବତ**

**୨୫ ଅଭିଯୁକ୍ତ ଗିରଫ; ତାଳମୁଣ୍ଡଳି ପୁରୁଷଶୂନ୍ୟ**

ପୁଲିସ୍ ଆଜି ୨୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିନିତ ଅଗ୍ରୱାଲ ତିଗିରିଆ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

ମୃତକ ହେଲେ, ତାଳମୁଣ୍ଡଳି ଗ୍ରାମ ହରିଜନସାହିର ଶ୍ୱେତ ବେହେରାଙ୍କ ପୁଅ ଟିକନ ବେହେରା (୩୦)। ସୂଚନାନୁସାରେ, ଟିକନ ଗାଁରେ ଗୁଣିଗାରେଡ଼ି କରୁଥିବା ନେଇ ଗ୍ରାମର କିଛି ଗୋଷ୍ଠୀ ସନ୍ଦେହ କରିଥିଲେ। ଏହି ଆକ୍ରୋଶ ରଖି ଗତ ୧୦ ତାରିଖରେ ଗ୍ରାମର ପ୍ରକାଶ ଦେଉରୀ, ଜୟୀ ଦେଉରୀ, ହଡ଼ା ବେହେରା ଓ ଆକାଶଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସ୍ପଷ୍ଟ ଦିବାଲୋକରେ ଟିକନଙ୍କୁ ତାଙ୍କ ଘରୁ ବାହାରକୁ ଡାକି ଆଣିଥିଲେ। କିଛି ବୁଝିବା ପୂର୍ବରୁ ସମସ୍ତେ ମିଳିମିଶି ଘର ସମ୍ମୁଖରେ ହିଁ ବିଭିନ୍ନ ▶ପୃଷ୍ଠା-୭

### ଅରାଜକତାକୁ ନେଇ ନବୀନଙ୍କ କ୍ଷୋଭ

## ରାଜ୍ୟରେ ବିଜେପି ଶାସନ ନୁହେଁ; ଗୁଣ୍ଡାରାଜ ଚାଲିଛି

■ ଭୁବନେଶ୍ୱର, ୧୯।୫ (ସମିସ): ବ୍ରହ୍ମପୁର ସହରରେ ଦିନକତଳେ ଜଣେ ଯୁବକ ଓ ଯୁବତୀଙ୍କୁ ରାସ୍ତା ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାରେ ବିଜେପି ଶାସନ ନୁହେଁ; ବରଂ ଗୁଣ୍ଡାରାଜ୍ ଚାଲିଛି ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କ୍ଷୋଭ ପ୍ରକାଶ କରିଛନ୍ତି ନବୀନ।

ନବୀନ କହିଛନ୍ତି ଯେ ବ୍ରହ୍ମପୁରର ବିଚ୍ ରାସ୍ତାରେ ଜଣେ ଯୁବକ ଏବଂ ମହିଳାଙ୍କୁ ସର୍ବସମ୍ମୁଖରେ ଅତି ନିର୍ମମ ଭାବେ ପିଟି ପିଟି ମରଣାନ୍ତକ ଆକ୍ରମଣ କରାଯିବାର ଦୃଶ୍ୟ ଅତ୍ୟନ୍ତ ଅମାନୁଷିକ। ସାରା ଓଡ଼ିଶାବାସୀଙ୍କୁ ଏହା ଆତଙ୍କିତ ଓ ବିଚଳିତ କରିଛି। ଲାଗୁଛି ବିଜେପି



**ସରକାର ରାଜ୍ୟକୁ ଅପରାଧୀଙ୍କ ହାତକୁ ଟେକି ଦେବା ପରି ଲାଗୁଛି**

ସରକାର ଓଡ଼ିଶାକୁ ଅପରାଧୀଙ୍କ ହାତକୁ ଟେକି ଦେଇଛି। ଭୟଶୂନ୍ୟ ହୋଇ ଅପରାଧୀମାନେ ଅତ୍ୟନ୍ତ ନୃଶଂସ କାଣ୍ଡ ଘଟାଉଛନ୍ତି। ରାଜ୍ୟରେ ଅରାଜକତାର ଏପରି ଭୟଙ୍କର ଚିତ୍ର ଅତ୍ୟନ୍ତ ସ୍ୱର୍ଶକାତର। ପୁଲିସ ପ୍ରଶାସନ ଓ ▶ପୃଷ୍ଠା-୭

### ଭୁବନେଶ୍ୱରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ

## ଜୁନ୍ ୧ରୁ 'କ୍ଷେତ ବଞ୍ଚାଅ' ଅଭିଯାନ



**ନକଲି ସାର ଓ ବିହନ ବିକିଲେ କଠୋର କାର୍ଯ୍ୟାନୁଷ୍ଠାନ:କେନ୍ଦ୍ରମନ୍ତ୍ରୀ**

**ସମ୍ମିଳନୀର ନିଷ୍କର୍ଷ ପୂର୍ବ ଭାରତକୁ ଆତ୍ମନିର୍ଭରଶୀଳ କରିବ: ମୁଖ୍ୟମନ୍ତ୍ରୀ**

■ ଭୁବନେଶ୍ୱର, ୧୯।୫ (ସମିସ): ଦେଶରେ ନୂତନ କୀଟନାଶକ ଅଧିନିୟମ ଅଣାଯିବ। 'ଇନସେକ୍ଟିସାଇଡ୍ ଆକ୍ଟ-୧୯୬୮'କୁ ସଂଶୋଧନ କରି କଠୋର ଦଣ୍ଡ ବିଧାନ ବ୍ୟବସ୍ଥା କରାଯିବ। ଚାଷ ପାଇଁ ମାଟିର ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ ନକଲି ବା ନିମ୍ନମାନର ସାର ଓ କୀଟନାଶକ ବିକ୍ରି କରୁଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବ ଭାରତର କୃଷି ବିକାଶ ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ।

ଶ୍ରୀ ଚୌହାନ କହିଛନ୍ତି ଯେ କୃଷି କ୍ଷେତ୍ରର ଉନ୍ନତି ପାଇଁ ୫ଟି ମୁଖ୍ୟ ଲକ୍ଷ୍ୟ ଉପରେ ସରକାର କାମ କରୁଛନ୍ତି। ଖାଦ୍ୟ ସୁରକ୍ଷା ସହିତ ପୋଷଣ ସୁରକ୍ଷା, ଚାଷୀଙ୍କ ଆୟ ବୃଦ୍ଧି, ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ ଚାଷୀଙ୍କୁ ଉତ୍ପାଦର ସଠିକ ମୂଲ୍ୟ ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରାଯାଉଛି। ରାଜ୍ୟ-ରାଜ୍ୟ ଓ ଜିଲ୍ଲା-ଜିଲ୍ଲା ମଧ୍ୟରେ ଥିବା ଉତ୍ପାଦନ ଗତିର ଅସମାନତାକୁ ଦୂର କରିବା ପାଇଁ ଉନ୍ନତ ବିହନ ଏବଂ ଆଧୁନିକ କୃଷି ପ୍ରଣାଳୀ ଉପଯୋଗ ଉପରେ ଜୋର ଦିଆଯିବ। ପ୍ରତି ରାଜ୍ୟର ମାଟି ଓ ଜଳବାୟୁ ଅନୁସାରେ ସ୍ୱତନ୍ତ୍ର "କୃଷି ରୋଡମ୍ୟାପ୍' ପ୍ରସ୍ତୁତ କରାଯିବ। ଓଡ଼ିଶାରେ ଆମ୍ବ ଓ ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ନମ୍ବର-୧ ହେବା ପାଇଁ ଅପାର ▶ପୃଷ୍ଠା-୭

## ଅସମ୍ଭାଳ ତାତି, ଅସହ୍ୟ ଗୁଳୁଗୁଳି



■ ଭୁବନେଶ୍ୱର, ୧୯।୫ (ସମିସ): ରାଜ୍ୟରେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସୋମବାର ତୁଳନାରେ ମଙ୍ଗଳବାର ତାତିର ପ୍ରଭାବ ଆହୁରି ବଢ଼ିଥିବା ବେଳେ ଗୁଳୁଗୁଳି ମଧ୍ୟ ପୂର୍ବବତ୍ ଜାରି ରହିଛି। ଆଜି ରାଜ୍ୟର ୧୭ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରେକର୍ଡ ହୋଇଛି। ୪୪.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ତତଲା ସହର ପାଲଟିଛି। ସେହିପରି ସମ୍ବଲପୁରରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନୁଗୁଳରେ ୪୩.୬, ତାଳଚେର ଓ ବୌଦ୍ଧରେ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ ହୋଇଛି। ତାତି ସାଙ୍ଗକୁ ବାୟୁମଣ୍ଡଳରେ ଆର୍ଦ୍ରତା ଉପକୂଳବର୍ତ୍ତୀ ଜିଲ୍ଲାରେ ନାହିଁ ନ ଥିବା ଗୁଳୁଗୁଳି ଜାରି ରହିଛି।

**୪୫ ଛୁଇଁବ ତାପମାତ୍ରା**

ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି, ଉତ୍ତର-ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ବା ଗରମ ପବନ ଓ ମେଘମୁକ୍ତ ଆକାଶ ପାଇଁ ତାପମାତ୍ରା ବଢୁଛି। ଗୁରୁଚାପ ଓ ବାୟୁ ଚଳାଚଳକୁ ନେଇ କାଳବୈଶାଖୀ ▶ପୃଷ୍ଠା-୭

## ଧମକ ପରେ ଅଟକିଲେ ଟ୍ରମ୍ପ

### 'ଆରବ ରାଷ୍ଟ୍ରଙ୍କ ଅନୁରୋଧ ଯୋଗୁଁ ଇରାନ ଆକ୍ରମଣ ସ୍ଥଗିତ'

■ ୱାସିଂଟନ/ତେହରାନ, ୧୯।୫ (ଏଜେନ୍ସି): ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରିବାକୁ ଧମକ ଦେଇଥିଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ମଙ୍ଗଳବାର ଆକ୍ରମଣ କରିବାକୁ ସେ ଯୋଜନା କରିଥିଲେ। ମାତ୍ର ଆରବ ଦେଶର ପ୍ରମୁଖ ନେତାମାନଙ୍କ ଅନୁରୋଧ ଏବଂ ଚାଲିଥିବା ଶାନ୍ତି ଆଲୋଚନାକୁ ସୁଯୋଗ ଦେବା ପାଇଁ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଥିବା ସୂଚନା ଦେଇଛନ୍ତି ଟ୍ରମ୍ପ। ଏହି ଆଲୋଚନା



ବିଫଳ ହେଲେ ଇରାନ ବିରୋଧରେ ଏକ ବଡ଼ ଧରଣର ଆକ୍ରମଣ କରାଯିବ ବୋଲି ଟ୍ରମ୍ପ ପୁନର୍ବାର ଚେତାବନୀ ଦେଇଛନ୍ତି। ଯୁଦ୍ଧବିରତି ଚାଲିଥିବା ବେଳେ ଇରାନ ଉପରେ ଆକ୍ରମଣ ଯୋଜନାକୁ ଦ୍ୱିତୀୟ ଥର ଲାଗି ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି। ପ୍ରଥମେ ମଧ୍ୟସ୍ଥି ପାକିସ୍ତାନ୍‌ର ଅନୁରୋଧ ରକ୍ଷା କରି ଗତମାସ ଆକ୍ରମଣ ଯୋଜନା ସ୍ଥଗିତ ରଖିଥିବା କହିଥିଲେ ଟ୍ରମ୍ପ। ଟ୍ରମ୍ପଙ୍କ ଏଭଳି ଘୋଷଣାକୁ ନେଇ ଭିନ୍ନ ଆଲୋଚନା ହେଉଛି। ଇରାନ ଉପରେ ଆଉ ଆକ୍ରମଣ ନକରିବା ଲାଗି ଟ୍ରମ୍ପ ଏଭଳି ପାକିସ୍ତାନ ଓ ଆରବ ରାଷ୍ଟ୍ରର ବାହାନା ଖୋଜୁଛନ୍ତି ବୋଲି କୁହାଯାଉଛି। ଟ୍ରମ୍ପ ସାମାଜିକ ଗଣମାଧ୍ୟମ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

AGRICULTURAL PROGRAMMES
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC
- Accredited by ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


**ଗଣମାଧ୍ୟମର କଣ୍ଠରୋଧ**

# ସତ କହିଲେ ମହାପାପ !

### ନୟାଗଡ଼ରେ 'ସକାଳ' ପୋଡ଼ି; ସାମ୍ବାଦିକଙ୍କ ନାମରେ ମିଛ ମାମଲା

■ ଭୁବନେଶ୍ୱର, ୧୯।୫ (ସମିସ): ସତ ସହଜରେ ଅନେକଙ୍କୁ ହଜମ ହୁଏ ନାହିଁ। ସତକୁ ମହାପାପ ଓ ସତ କହୁଥିବା ଲୋକଙ୍କୁ ମହାପାପୀ ବୋଲି ମଣନ୍ତି। ଗଣତନ୍ତ୍ରରେ ଗଣମାଧ୍ୟମକୁ ସାଧାରଣ ଜନତାଙ୍କ ସ୍ୱର କୁହାଯାଉଥିଲେ ହେଁ ନିର୍ଭିକ ସ୍ୱରକୁ ଚାପି ଦେବାକୁ ରାଜନୈତିକ ଷଡ଼ଯନ୍ତ୍ର ହେଉଛି। ସତ୍ୟ ଲୋକଲୋଚନକୁ ଆଣୁଥିବା ଗଣମାଧ୍ୟମ ପ୍ରତିନିଧି ଷଡ଼ଯନ୍ତ୍ରର ଶିକାର ହେଉଛନ୍ତି। ନୟାଗଡ଼ ଜିଲ୍ଲାରେ ଘଟିଛି ଅନୁରୂପ ଘଟଣା। ବିଭିନ୍ନ ଅଭିଯୋଗରେ ଗିରଫ ଦୁଇ ବ୍ୟକ୍ତିଙ୍କ ସମର୍ଥନରେ ତାଙ୍କର ପୃଷ୍ଠପୋଷକ କୁହାଯାଉଥିବା କିଛି ରାଜନୈତିକ ବ୍ୟକ୍ତିବିଶେଷ ନୟାଗଡ଼ରେ



**ଖବରକାଗଜ ପୋଡ଼ି ଘଟଣାକୁ ବିଭିନ୍ନ ମହଲରେ ବିରୋଧ**

**ତୀବ୍ର ନିନ୍ଦାକଲେ ସାଂସଦ ମାନସ ମଙ୍ଗରାଜ**

'ସକାଳ' ସମ୍ବାଦପତ୍ର ପୋଡ଼ିଛନ୍ତି ଓ ଜିଲ୍ଲା ପ୍ରତିନିଧି ଅନୀଲ ପଣ୍ଡାଙ୍କ ନାମରେ ମିଛ ମାମଲା ରୁଜୁ କରିଛନ୍ତି । ନୟାଗଡ଼ରେ ଗତ କିଛିଦିନ ହେଲା ଚାଲିଥିବା ଘଟଣାକ୍ରମ ଓ ଅନ୍ୟାନ୍ୟ ପ୍ରସଙ୍ଗରେ 'ସକାଳ'ରେ ନିୟମିତ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ନୟାଗଡ଼ ଜିଲ୍ଲା ପ୍ରତିନିଧିଙ୍କୁ ନିଶାଣ କରିଥିଲେ। ସାମାଜିକ ଗଣମାଧ୍ୟମରେ ତାଙ୍କ ପରିବାର ବିରୋଧରେ ▶ପୃଷ୍ଠା-୭

## ଥାନାରେ ପୁଲିସକୁ ଆକ୍ରମଣ



■ ଭୁବନେଶ୍ୱର, ୧୯।୫ (ସମିସ): ସାଇବର ମାଫିଆଙ୍କ ସପକ୍ଷରେ ଥାନା ଘେରଉ ବେଳେ ବିଜେପି ନେତା ପୁଲିସକୁ ମାଡ଼ ମାରିବାକୁ ଉଦ୍ୟମ କରିଥିବା ଏକ ଭିଡିଓ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭାଇରାଲ ଭିଡିଓରେ ପୁଲିସ ଏସ୍ଆଇ ପ୍ରମୋଦ କୁମାର ଭୋଇଙ୍କ ଉପରକୁ ମୁଥ ମାରିବାକୁ ବିଜେପି ନେତା ଉଦ୍ୟମ କରିବା ଦେଖାଯାଇଛି। ବିଜେପି ନେତା ଓ କର୍ମୀ ▶ପୃଷ୍ଠା-୭

## ଟ୍ରକ୍‌କୁ ପିଟିଲା କାର୍; ଦୁଇ ଗୁରୁତର



ବାରିକପୁର,୧୯।୫(ସମିସ): ଭଣ୍ଡାରିପୋଖରୀ ଥାନା ୧୬ନଂ ଜାତୀୟ ରାଜପଥର ମଜୁରୀଗଡ଼ିଆ ଛକ ନିକଟରେ ଠିଆ ହୋଇଥିବା ଏକ ହାଇୱା ଟ୍ରକ୍‌କୁ ଗୋଟିଏ କାର୍ ଧକ୍କା ଦେବାରୁ ଏଥିରେ ଦୁଇଜଣ ଗୁରୁତର ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡି ୦ଜେଡ୍ ୮୪୩୫ କାର୍‌ଟି ମଙ୍ଗଳବାର ଅପରାହ୍ଣରେ ଭଦ୍ରକ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଯାନ୍ତ୍ରିକ ତ୍ରୁଟି କାରଣରୁ ପୂର୍ବରୁ ଓଡି ୨୨ ଭି ୬୨୮୭ ଟ୍ରକ୍‌ଟି ରାଜପଥ ଉପରେ ଛିଡ଼ା ହୋଇଥିବାବେଳେ କାର୍‌ଟି ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଯୋଗେ କାର୍‌ରେ ଥିବା ଦୁଇ ଜଣଙ୍କୁ ମେଡିକାଲ ପଠାଯାଇଥିବା ଜଣାଯାଇଛି। ଆହତଙ୍କ ପରିଚୟ ମିଳିପାରି ନାହିଁ।

## ବାଇକ୍ ଦୁର୍ଘଟଣାଗ୍ରସ୍ତ; ଜଣେ ମୃତ

ଭଣ୍ଡାରିପୋଖରୀ/ବାରିକପୁର,୧୯।୫(ସମିସ): ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ଉପରେ ଗୋଟିଏ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ବ୍ୟକ୍ତିଙ୍କର ଶୋଚନୀୟ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗତ ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ୨ଜଣ ବ୍ୟକ୍ତି ଏକ ବାଇକ୍ (ଓଡି ୩୩ ଜି ୬୪୩୭) ଯୋଗେ ଭଦ୍ରକରୁ ଘରକୁ ଫେରୁଥିଲେ। କୌଣସି କାରଣରୁ ବାଇକ୍‌ଟି ରାଜପଥ ଡିଭାଇଡରରେ ଧକ୍କା ହୋଇଥିବା କୁହାଯାଇଛି। ଫଳରେ ଏଥିରେ ପବିତ୍ର ପୃଷ୍ଟି ନାମକ ବ୍ୟକ୍ତିଙ୍କର ଶୋଚନୀୟ ମୃତ୍ୟୁ ହୋଇଥିବାବେଳେ ସାଥିରେ ଥିବା ସଂଗ୍ରାମ ମଲ୍ଲିକ ଏଥିରୁ ବର୍ତ୍ତି ଯାଇଛନ୍ତି। ପୁଲିସ ଶବ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଏକ ମାମଲା ରୁଜୁ କରିଛି। ବାଇକ୍‌କୁ ପୁଲିସ ଜବତ କରିଛି। ଅନ୍ୟପକ୍ଷରେ ଡ୍ରଗ୍ସ ସେବନ କରି ଯାଉଥିବାବେଳେ ଏହି ଦୁର୍ଘଟଣା ହୋଇଛି ବୋଲି ପୁଲିସ ପ୍ରାଥମିକ ଆକଳନ କରି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବାବେଳେ ସାଥି ଯୁବକଙ୍କୁ ଥାନାରେ ଅଟକ ରଖିଛି। ମୃତକଙ୍କ ପରିବାର ଲୋକେ ପହଞ୍ଚି ଏହାକୁ ହତ୍ୟା ବୋଲି ଅଭିଯୋଗ କରିଛନ୍ତି।

## ବରିଷ୍ଠ ନାଗରିକ ମହାସଂଘକୁ ଆମ୍ବୁଲାନ୍ସ ଦାନ



ଭଦ୍ରକ,୧୯।୫(ସମିସ): ସମାଜସେବୀ ତିହିଡ଼ି ଅଞ୍ଚଳର ଧୀରେନ୍ଦ୍ର କୁମାର ସାହୁ (ବାବି) ସୋମବାର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଉଦ୍ଦେଶ୍ୟରେ ଏକ ଆମ୍ବୁଲାନ୍ସ ଉତ୍ସର୍ଗ କରିଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ କରିଛନ୍ତି। ବାବି ବାବୁଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ ଜିଲ୍ଲାପାଳ ପ୍ରଶଂସା କରିବା ସହ ଆମ୍ବୁଲାନ୍ସ ସେବାର ସୁବିନିଯୋଗ କାମନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ରାଉତରାଏ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟପକ୍ଷରେ ସମାଜସେବୀ ଶ୍ରୀ ସାହୁ କହିଲେ ଯେ ପିତାମାତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋର ସମାଜସେବା ପ୍ରତି ଆଗ୍ରହ ପ୍ରକାଶ ପାଇଛି। ବରିଷ୍ଠ ନାଗରିକଙ୍କ ଆଶୀର୍ବାଦ ମୋ ପ୍ରତି ରହିଲେ ଆହୁରି ଆଗକୁ ବଢ଼ି ଚାଲିବି ବୋଲି ସେ କହିଥିଲେ।

## ପୋଷାକ ବିତରଣ ଓ ସମ୍ବର୍ଦ୍ଧନା ସଭା



ଦୋଳସାହି,୧୯।୫(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତରେ ଅବସ୍ଥିତ ପିଏମ୍‌ଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପୋଷାକ ବିତରଣ ଓ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ଅଧୀର ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପିଏମ୍‌ଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାବର୍ଷ ୨୦୨୫-୨୬ରେ ଅଷ୍ଟମ ଶ୍ରେଣୀର ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ୩ ଜଣ ଛାତ୍ରୀ ତିହିଡ଼ି ବ୍ଲକ୍‌ରେ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ବ୍ଲକ୍ କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ମୁଖ୍ୟବକ୍ତା ଭାବେ ଦୋଳସାହି ପଞ୍ଚାୟତ ସରପଞ୍ଚ ଗୌରୀଶଙ୍କର ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁଶାନ୍ତ ସେଠୀ, ବିଦ୍ୟାଳୟ ସଭାପତି ମନୋଜ ନାୟକ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ପ୍ରଜ୍ଞାପ୍ରିୟଦର୍ଶିନୀ ପଣ୍ଡା, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ଧରିତ୍ରୀ ଘଡ଼ାଇଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୨୬୨ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଥିଲା।

## ବଜାରକୁ ଆସି ଛାତ୍ର ନିଖୋଜ



ଦୋଳସାହି,୧୯।୫(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତ ଅଧୀନ ମସୁଆପାଳ ଗାଁର ଅନନ୍ତ କୁମାର ଜେନାଙ୍କ ପୁତ୍ର ବିଦ୍ୟାଧର ଜେନା ଗତ ରବିବାର ସକାଳ ୮ଟାରେ ଘରୋଇ କାର୍ଯ୍ୟ ପାଇଁ ଗୁଆମାଳ ବଜାରକୁ ଆସି ଆଉ ଘରକୁ ଫେରିନାହାନ୍ତି। ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବାବେଳେ କୌଣସି ସୂଚନା ପାଇ ନ ଥିବା ନେଇ ତିହିଡ଼ି ଥାନାରେ ଅଭିଯୋଗ କରାଯାଇଛି। ବିଦ୍ୟାଧର ଇଞ୍ଜିନିୟରିଂ ପାଠ ପଢୁଛନ୍ତି।

■ ଆରଡ଼ି ପୀଠରେ ନବନିର୍ମିତ ୧୩ କୋଟି ଟଙ୍କାର ବସ୍‌ଷ୍ଟାଣ୍ଡରେ ଫାଟକରେ ତାଲା

# ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନକୁ ୫ ମାସ ବିତିଲା; ଗଡୁନି ବସ୍

ଭଦ୍ରକ/ଆରଡ଼ି,୧୯।୫(ସମିସ)

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ଆଖଣ୍ଡଳମଣି ପୀଠରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ପୂର୍ବ ସରକାରଙ୍କ ପକ୍ଷରୁ ୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବଡ଼ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏହି ବସ୍‌ଷ୍ଟାଣ୍ଡକୁ ଗତ ଜାନୁଆରୀ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ

- ରାସ୍ତାକଡ଼ରେ ପାର୍କିଂ କରୁଛି ବସ୍
- ସୁବିଧା ଥାଇ ମଧ୍ୟ ଦୟନୀୟ ଅବସ୍ଥାରେ ରାତି କାଟୁଛନ୍ତି ବସ୍ କର୍ମଚାରୀ ଓ ଯାତ୍ରୀ
- ନିର୍ମାଣ କରିଥିଲେ ନବୀନ; ଉଦ୍‌ଘାଟନ କଲେ ମୋହନ



ଉତ୍ସବରେ ସ୍ଥାନୀୟ ବିଧାୟକଙ୍କ ସହ ସାଂସଦ, ଜିଲ୍ଲାପାଳଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଇତି ମଧ୍ୟରେ ୫ ମାସ ବିତିଯାଇଥିଲେ ମଧ୍ୟ ବସ୍ ଖଣ୍ଡେ ତ ଗଡ଼ିବା ଦୂରର କଥା ଆଗନ୍ତୁକ ଯାତ୍ରୀମାନେ ବିଶ୍ରାମ ନେବାରୁ ବଞ୍ଚିତ ରହୁଛନ୍ତି। ଫଳରେ ଦୟନୀୟ ଅବସ୍ଥାରେ ବସ୍‌ଗୁଡ଼ିକ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିବା ସହ ବସ୍ କର୍ମଚାରୀ ଓ ଯାତ୍ରୀ ଖରା ବର୍ଷାରେ ରହୁଛନ୍ତି। ବସ୍‌ଷ୍ଟାଣ୍ଡର ଫାଟକ ବନ୍ଦ ହୋଇ ପଡ଼ିଥିବାବେଳେ ଭିତରକୁ ବାଇକ୍‌ଟିଏ ମଧ୍ୟ ଯାଇପାରୁ ନାହିଁ।

ଦୈନନ୍ଦିନ ପୀଠରୁ ରାଜ୍ୟର ଅଧିକାଂଶ ଜିଲ୍ଲା ସମେତ ପଡ଼ୋଶୀ ପଶ୍ଚିମବଙ୍ଗକୁ ୨୦ରୁ ଊର୍ଦ୍ଧ୍ୱ ବସ୍ ଯାତାୟାତ କରିଥାଏ। ଏହି ବସ୍‌ରେ ଆସୁଥିବା ଯାତ୍ରୀମାନଙ୍କର ସୁବିଧା ନିମନ୍ତେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ନବନିର୍ମିତ ବସ୍‌ଷ୍ଟାଣ୍ଡରେ ସମସ୍ତ ସୁବ୍ୟବସ୍ଥା କରାଯାଇଛି। ଏପରିକି ରାତ୍ର ରହଣି ସହିତ ପର୍ଯ୍ୟଟନ ଋତୁରେ ଆସୁଥିବା ଛୋଟ ବଡ଼ ବସ୍ ରହଣି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି। ଏଥିସହ ବସ୍ କର୍ମଚାରୀଙ୍କ ସହ ଆଗନ୍ତୁକ ଯାତ୍ରୀ ବିଶ୍ରାମ ଓ ରହଣି ପାଇଁ ବ୍ୟବସ୍ଥା ରହିଛି। ବିଶେଷକରି ୨ମହଲା ବିଶିଷ୍ଟ ୮ଟି କୋଠରି ସହ ବସିବା ପାଇଁ ୨ଟି ହଲ୍ ରହିଛି। ତାହା ସହ ଯାତ୍ରୀମାନଙ୍କ ପାଇଁ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ସହ ଅନ୍ୟାନ୍ୟ ସୁବିଧା ରହିଛି। ଏପରିକି ପୀଠକୁ ଆସୁଥିବା ବସ୍ ମଧ୍ୟରୁ ରାତିରେ ୧୫/୧୬ଟି ବସ୍ ରହଣି କରିଥାଏ। ଭଦ୍ରକରୁ ଆରଡ଼ିକୁ ପ୍ରାୟ ୨୫ଟି ବସ୍ ଚାଲୁଛି। ଏଥିସହ ଭୁବନେଶ୍ୱରରୁ ଯାଜପୁର ରୁଟ୍‌ରେ ୬ଟି, ଧାମନଗର ରୁଟ୍‌ରେ ୫ଟି ବସ୍ କୋଲକାତା, ପୁରୀ, ରାଉରକେଲା, ଘଟଗାଁକୁ ୪ଟି ଚାଲୁଛି। ଆଗନ୍ତୁକ ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ନୂତନ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଭଦ୍ରକରେ ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ସମାରୋହ



ଭଦ୍ରକ,୧୯।୫(ସମିସ): ଭଦ୍ରକରେ ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ସମାରୋହ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ଜିଲ୍ଲାସ୍ତରୀୟ ସମାରୋହରେ ଉଦ୍‌ଘାଟକ ଭାବେ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଯୋଗଦେଇଥିଲେ। ଏହି ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ସମାରୋହଟିକୁ ଉଦ୍‌ଘାଟନ କରିବା ସହିତ ଆର୍ଟ ଅଫ୍ ଗିଭିଂ ହେଉଛି ସାମ୍ପ୍ରତିକ ସମାଜ ପାଇଁ ଏକ ସମୟ ଉପଯୋଗୀ ଆଦର୍ଶ ଚେତନା ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର ଯୋଗଦେଇ ଡ. ଅଚ୍ୟୁତ ସାମନ୍ତଙ୍କ ତ୍ୟାଗପୂତ ସେବା କାର୍ଯ୍ୟ ଉପରେ ଆଲୋଚନା କରିବା ସହିତ ଆର୍ଟ ଅଫ୍ ଗିଭିଂ ଏକ ସାମାଜିକ ଆନ୍ଦୋଳନ ହେବାକୁ ଯାଉଛି ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ରାମଚନ୍ଦ୍ର ପଣ୍ଡା, ପ୍ରଫେସର କମଳାକାନ୍ତ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଗଦାଧର ବଳ, କିଟ୍ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ସ୍ନେହାଶିଷ ରାଉତ ପ୍ରମୁଖ ଯୋଗଦେଇ ଆର୍ଟ ଅଫ୍ ଗିଭିଂ ଦିବସ ପାଳନର ପରିକଳ୍ପନା କରିଥିବା ଡ. ଅଚ୍ୟୁତ ସାମନ୍ତଙ୍କ ଆଦର୍ଶ କାର୍ଯ୍ୟ ଓ ତାଙ୍କ ମାନବିକ ମୂଲ୍ୟବୋଧ ଉପରେ ଆଲୋଚନା କରିବା ସହିତ ସମସ୍ତେ ତାଙ୍କ ଭଳି ସମର୍ପିତ ମନୋଭାବ ନେଇ କାର୍ଯ୍ୟ କଲେ ଆର୍ଟ ଅଫ୍ ଗିଭିଂର ଯଥାର୍ଥତା ପ୍ରତିପାଦନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାରେ ସମର୍ପିତ ମନୋଭାବ ନେଇ ସମାଜସେବାରେ ବ୍ରତୀ ଥିବା ନାରାୟଣ ସେବା ସଂଗଠନ, ଶୁଭମ୍ ସ୍ୱେଚ୍ଛାସେବୀ ସଂଗଠନ, ଭଦ୍ରକ ସେବା ସଂଗଠନ, ବିଶ୍ୱାସ ଫାଉଣ୍ଡେସନ, ଜିଲ୍ଲା ଏକତା ରକ୍ତ ସଂଗଠନ, କୋରକୋରା ଯୁବ ଶକ୍ତି ଆଦି ସାମାଜିକ ସଂଗଠନ ସହିତ ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆ, ଆଦର୍ଶ ମହିଳା ଉଦ୍ୟୋଗୀ ଶୁଚିସ୍ମିତା ସାହୁ, ଆଦର୍ଶ ଲୋକ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକଙ୍କୁ ଆର୍ଟ ଅଫ୍ ଗିଭିଂ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଭଦ୍ରକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଦୁଇ ଶହରୁ ଅଧିକ ବୁଦ୍ଧିଜୀବୀ ଓ ଯୁବକ ଯୋଗଦେଇଥିଲେ। ପ୍ରାରମ୍ଭରେ ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ କିଟ୍‌ର କ୍ଷେତ୍ରୀୟ ଅଧିକାରୀ ଦୀପକ ବେହେରା ଧନ୍ୟବାଦ ଦେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମକୁ ଏନାମୁଲ ହକ୍, ସଞ୍ଜୟ ନାୟକ, ବିଜୟ ନାୟକ, ଦୁର୍ଗା ପ୍ରସାଦ ନାୟକ, ସତ୍ୟବ୍ରତ ବିଶ୍ୱାଳ, ଚନ୍ଦ୍ରଶେଖର ପଣ୍ଡା, ସୁରେନ୍ଦ୍ର ଦେହୁରୀ, ଅନନ୍ତ କିଶୋର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ଫେଲୋସିପ୍ ଦ୍ୱାରା ୧୫ ଦିନିଆ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ

## ଗୋଷ୍ଠୀ ବିକାଶ ଓ ଜୀବିକା ବିଷୟରେ ଆଲୋଚନା



ଭଦ୍ରକ,୧୯।୫(ସମିସ): ମଙ୍ଗଳବାର ଭଦ୍ରକ ବ୍ଲକ୍ ଅଧୀନସ୍ଥ କୋଡ଼ବରୁଆଁ ଗ୍ରାମ ପଞ୍ଚାୟତରେ କସ୍ତୁରିବା ମହାସଂଘ ସହଯୋଗରେ ଫେଲୋସିପ୍ ଦ୍ୱାରା ଆୟୋଜିତ ଇଣ୍ଟର୍ଣ୍ଣସିପ୍ ପ୍ରୋଗ୍ରାମ ପାଳିଆବିନ୍ଧା ଏବଂ ଚରମ୍ପା କଲେଜର ଛାତ୍ରଛାତ୍ରୀମାନଙ୍କୁ ନେଇ କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ଏହି ପ୍ରୋଗ୍ରାମରେ ଗୋଷ୍ଠୀ ବିକାଶ ଏବଂ ଜୀବିକା ବିଷୟରେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରାଯାଇଥିଲା। ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସରପଞ୍ଚ ସୁଷମା ମହାନ୍ତି ପରିଚାଳନା କରିଥିଲେ। ମହାସଂଘର ଲକ୍ଷ୍ମୀପ୍ରିୟା ନାୟକ, ଏଲ୍.ଏସ୍.ପି. ମୃତ୍ୟୁଞ୍ଜୟ ଧୂପାଳ, ଯୁବ ପ୍ରତିନିଧି ଅତିଶ ମହାନ୍ତି, ଆଶାକର୍ମୀ ବାସନ୍ତୀ ସେଠୀ ମଧ୍ୟ ଉପସ୍ଥିତ ରହି ପ୍ରୋଗ୍ରାମକୁ ସଫଳ କରାଇଥିଲେ। ୮ମ ଦିବସରେ ଭଦ୍ରକ ଫେଲୋସିପ୍ ଗୃହରେ ଚରମ୍ପା କଲେଜ ଓ ପାଳିଆବିନ୍ଧା କଲେଜର ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ବିଷୟ 'ଶିକ୍ଷାର ବିବିଧ ଦର୍ଶନ' ଏବଂ 'ଛାତ୍ର ରାଜନୈତିକ' ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଡ. ଗୋଲକବିହାରୀ ସାହୁ ଏବଂ ଜ୍ୟୋତିପ୍ରକାଶ ମହାନ୍ତିଙ୍କୁ ଆମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ମ୍ୟାନେଜର ଲିପ୍‌ସା ନାୟକ ପରିଚାଳନା କରିଥିଲେ।

● ଅତ୍ୟଧିକ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

## ଦିନ ୧୨ଟାରୁ ୩ଟା ଯାଏ ଖାଁ ଖାଁ ଲାଗୁଛି ସହରାଞ୍ଚଳ

ଧାମନଗର,୧୯।୫(ସମିସ): ଧାମନଗର ବ୍ଲକ୍ ଓ ସହରାଞ୍ଚଳରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୩ଟା ଯାଏଁ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ଉପରେ ରହୁଛି। ୪ଦିନ ହେଲା ଅତ୍ୟଧିକ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ, ଖାଁ ଖାଁ ଲାଗୁଛି ସହର ବଜାର। ଦିନ ୧୨ଟା ପରେ ଦୋକାନ ବଜାର ବନ୍ଦ ସାଙ୍ଗକୁ ରାସ୍ତାଘାଟ ଶୂନ୍‌ଶାନ୍ ଦେଖିବାକୁ ମିଳିଥିବାବେଳେ ମଧ୍ୟାହ୍ନ ସମୟରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ସାଧାରଣ ଜନସାଧାରଣ ନିମନ୍ତେ ଧାମନଗର ଏନ୍‌ଏସି ତରଫରୁ ବିଭିନ୍ନ ଛକ ନିକଟରେ ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ହେଲେ ଗରମ ଗୁଳୁଗୁଳି ଯୋଗୁଁ ଦିନ ମଜୁରିଆ, ରିକ୍ସା ଚାଳକ, ନିର୍ମାଣ ଶ୍ରମିକ ଓ ରାସ୍ତାପାଖ ବ୍ୟବସାୟୀ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି। ଅନେକ ସ୍ଥାନରେ ଲୋକମାନେ ଘରୁ ବାହାରୁ ନ ଥିବାରୁ ବଜାର ଓ ବ୍ୟବସାୟରେ ମଧ୍ୟ ପ୍ରଭାବ ପଡ଼ିଛି। ସହରାଞ୍ଚଳ ଏବଂ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜ୍ୱର, ଡିହାଇଡ୍ରେସନ ଓ ଅସୁସ୍ଥତା ଅଂଶୁଘାତ ଘଟଣା ବଢ଼ିବାରେ ଲାଗିଛି। ଅତ୍ୟଧିକ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ ଏଭଳି ପରିସ୍ଥିତିରେ ବିଦ୍ୟୁତ୍ କାଟ୍‌କୁ ନେଇ ପ୍ରବଳ ଅସନ୍ତୋଷ ଦେଖାଦେଇଛି।



ତେବେ ଅତ୍ୟଧିକ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ଏବଂ ଅଂଶୁଘାତ ଘଟଣାକୁ ଦୃଷ୍ଟିରେ ରଖି ପ୍ରଶାସନ ସଚେତନତା ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ବ୍ଲକ୍‌ସ୍ତରୀୟ ମୁଗ ମଣ୍ଡି ଉଦ୍‌ଘାଟିତ



ଧାମନଗର,୧୯।୫(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ବିରୁହାଠାରେ ବ୍ଲକ୍‌ସ୍ତରୀୟ ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ କମ୍ପାନୀର ସିଇଓ ସୁବ୍ରତ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କମ୍ପାନୀର ଡାଇରେକ୍ଟର ବିକ୍ରମ କେଶରୀ ବସନ୍ତିଆ ସଭା ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲା କୃଷି ଅଧିକାରିଣୀ ପ୍ରୀତିରେଖା ମହାଳିକ, ବ୍ଲକ୍ ଗୋଷ୍ଠୀ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା, ନାଫେଡ୍ ମାର୍କେଟିଂ ହେଡ୍ ଗୋବିନ୍ଦ ମୁର୍ମୁ, ମାର୍କଫେଡ୍ ସେକ୍ରେଟାରୀ ବିଜେନ୍ଦ୍ର ମହାନ୍ତି, ଡିଡିଏମ୍ ନାବାର୍ଡ ଦୀପକ ସାହୁ ପ୍ରମୁଖ ଯୋଗଦେଇ ଏହି କେନ୍ଦ୍ରରେ ମୁଗ, ବିରି, ହରଡ଼, ମସୁର ଭଳି ବିଭିନ୍ନ ଡାଲି ଜାତୀୟ ଫସଲ ସହ ସୋରିଷ, ସୂର୍ଯ୍ୟମୁଖୀ, ବାଦାମ ଓ ଚିନାବାଦାମ ଭଳି ତେଲ ଜାତୀୟ ଫସଲ ଗୁଣାତ୍ମକ ବୀଜ ଉତ୍ପାଦନ ମାଧ୍ୟମରେ କିପରି କୃଷକଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗୀ ସଂସ୍ଥା ନାବାର୍ଡ, ନାଫେଡ୍ ଓ ମାର୍କଫେଡ୍ ମାଧ୍ୟମରେ ଏହି ବ୍ୟବସ୍ଥା କରାଯାଇଥିବା ବେଳେ ଚାଷୀମାନେ ସଠିକ୍ ମୂଲ୍ୟ ପାଇପାରିବେ ବୋଲି ସୂଚନା ଦେଇଥିଲେ। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଜିଲ୍ଲା ପାଇଁ ୬ ହଜାର ଟନ୍ ଫସଲ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ବ୍ଲକ୍ ପାଇଁ ସଠିକ୍ ଧାର୍ଯ୍ୟ ମିଳିନାହିଁ। ଏଥିପାଇଁ ୧୮ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଆହୁରି ଅନେକ ଚାଷୀ ପଞ୍ଜୀକରଣ କରିବେ ବୋଲି ସୂଚନା ଦିଆଯାଇଛି। ଏହି ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିବା ବେଳେ ଶେଷରେ କୃଷକମାନଙ୍କ ବ୍ଲକ୍ ସଂଯୋଜକ ସୁଶାନ୍ତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

**ଲୋପ୍ ପାଇବାକୁ ବସିଲାଣି ଚାରଣ ଭୂମି**

# ରାସ୍ତାରେ ବୁଲୁଛନ୍ତି ଗୋ ସମ୍ପଦ

ବନ୍ତ/ଆଗରପଡ଼ା,୧୯।୫(ସମିସ)

ଏକ ସୁସ୍ଥ ସମାଜ ଗଠନ ସହ କୃଷିର ଉନ୍ନତି ଓ ପରିବେଶର ଭାରସାମ୍ୟକୁ ରକ୍ଷା ପାଇଁ ପ୍ରାଣୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥି ନିମନ୍ତେ ସରକାର ପ୍ରାଣୀଧନର ବିକାଶ ପାଇଁ ବିଭିନ୍ନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି। ବିଶେଷ କରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଚାଷୀ ସେମାନଙ୍କ ଆୟର ଅଭିବୃଦ୍ଧି କରିବା ପାଇଁ ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଆଦି ପାଳନ କରନ୍ତି। ପ୍ରାଣୀ ସମ୍ପଦର ବିକାଶ ତଥା ଉପଯୁକ୍ତ ଚିକିତ୍ସା ପାଇଁ ସରକାର ପ୍ରାଣୀଧନ ଚିକିତ୍ସା କେନ୍ଦ୍ରମାନ ନିର୍ମାଣ କରିଛନ୍ତି। ଏହି ପ୍ରାଣୀଧନ କେନ୍ଦ୍ରମାନ ଅନ୍ୟୁନ ୩ଟି ପଞ୍ଚାୟତକୁ ନେଇ ଗଠିତ ହେବାର ଯୋଜନା ରହିଛି। ଏହି କେନ୍ଦ୍ର ପାଇଁ ଗୃହ ନିର୍ମାଣ କରାଯାଇଥିଲେ ହେଁ କେଉଁଠି ଅଧପନ୍ତରିଆ ଭାବେ ପଡ଼ିଛି ତ କେଉଁଠି ଅଧିକାରୀ ନ ଥିବାରୁ ତାହା ଖାଲିପଡ଼ିଛି। ବନ୍ତ ବ୍ଲକ୍‌ରେ ବନ୍ତ ଓ ଆଗରପଡ଼ାରେ ଦୁଇଟି ପଶୁ ଚିକିତ୍ସା କେନ୍ଦ୍ର ସହ ଏହା ଅଧୀନରେ ୧୧ଟି ପଶୁ ଚିକିତ୍ସା ଉପକେନ୍ଦ୍ର ରହିଛି। ପ୍ରାଣୀଧନ



ନିରୀକ୍ଷକ ପଦ ଖାଲି ପଡ଼ିଥିବାବେଳେ ଆଟେଣ୍ଡାଣ୍ଟ ପଦ ମଧ୍ୟ ଫାଙ୍କା ପଡ଼ିଛି। ବହୁ ବର୍ଷ ପୂର୍ବେ ପ୍ରତି ପଞ୍ଚାୟତରେ ଗୋ-ମିତ୍ର କାର୍ଯ୍ୟ କରିବାର ଥିବାବେଳେ ଏବେ ମାତ୍ର ଜଣେ କାର୍ଯ୍ୟ କରୁଥିବାର ଜଣାପଡ଼ିଛି। ଏହି ବ୍ଲକ୍ ଅଧୀନରେ ଥିବା କେନ୍ଦ୍ରଗୁଡ଼ିକରେ ଗୃହ ଅଭାବ ସାଙ୍ଗକୁ କର୍ମଚାରୀଙ୍କ ଅଭାବ ଯୋଗୁଁ ପ୍ରାଣୀମାନଙ୍କର ଚିକିତ୍ସାରେ ସାଜିଛି ପ୍ରତିବନ୍ଧକ। ଆହୁରି ମଧ୍ୟ ଗୋ-ଚାରଣ ପାଇଁ ଉଦ୍ଦିଷ୍ଟ ଥିବା ଚାରଣ ଭୂମି ଦିନକୁ ଦିନ ଲୁପ୍ତ ହେବାକୁ ବସୁଛି। ଫଳରେ ରାଜରାସ୍ତା ତାଙ୍କ ପାଇଁ ଚାରଣ ଭୂମି ପାଲଟିଛି। ଅନେକ ସମୟରେ ଏଥିଯୋଗୁଁ ଦୁର୍ଘଟଣାମାନ ଘଟିବାରେ ଲାଗିଛି।

ବନ୍ତ ତହସିଲ୍ ଅଧୀନରେ ୨୦୮ଟି ରାଜସ୍ୱ ଗ୍ରାମରେ ଶହଶହ ଏକର ପରିମିତ ଚାରଣ ଭୂମି ଥିବାବେଳେ, ବହୁ ଏକର ପରିମିତ ଗୋଚର ପଡ଼ିଆ ଜବରଦଖଲରେ ରହିଛି। ଅନ୍ୟପକ୍ଷରେ ଚାରଣଭୂମିର ଅଭାବ, ଉପଯୁକ୍ତ ଚିକିତ୍ସା ଅଭାବକୁ ନେଇ ଚାଷୀମାନେ ପାଳନ କରିଥିବା ପ୍ରାଣୀମାନଙ୍କର ସଂଖ୍ୟାକୁ ବହୁ ମାତ୍ରାରେ ହ୍ରାସ କରିବାକୁ ବାଧ ହେଉଥିବାର ପ୍ରକାଶ କରୁଛନ୍ତି। ପ୍ରାଣୀ ସମ୍ପଦର ଅଭିବୃଦ୍ଧି ପାଇଁ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ଆବଶ୍ୟକ ସ୍ଥାନରେ ବାକି ଥିବା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରମାନ ସ୍ଥାପନ, ଅଧପନ୍ତରିଆ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ ବିଶେଷ କରି ତୃଣମୂଳ ସ୍ତରରୁ ଜବରଦଖଲକାରୀଙ୍କ କବଳରୁ ଚାରଣଭୂମିକୁ ରକ୍ଷା କରିବା ଅତ୍ୟନ୍ତ ଜରୁରୀ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରୁଛନ୍ତି। ଏହା କରାଯାଇପାରିଲେ ଏହି ସମ୍ପଦର ଅଭିବୃଦ୍ଧି ହୋଇପାରନ୍ତା ବୋଲି ମଧ୍ୟ ଚାଷୀ ମହଲରେ ଦାବି ହେଉଛି।

## ଯାତ୍ରୀବାହୀ ଗାଡ଼ିରେ ହେଉଛି ଗୋ-ଚାଲାଣ; ପୁଲିସ ଚୁପ୍

ଅସୁରାଳି,୧୯।୫(ସମିସ): ଧୂଷୁରୀ ଥାନା ଅଞ୍ଚଳରେ ଦିନକୁ ଦିନ ବେଆଇନ ଗୋ-ଚାଲାଣ ସୀମା ପାର୍ ହେବାରେ ଲାଗିଛି। ବିଶେଷ କରି ଧୂଷୁରୀ ଥାନା ଅନ୍ତର୍ଗତ ପନ୍ଦରବାଟିଆ, ଗୁଡ଼ପୋଖରୀ ଆଦି ବିଭିନ୍ନ ଗ୍ରାମୀଣ ରାସ୍ତା ଦେଇ ଦିନରାତି ଅବାଧରେ ଗୋରୁ ଚାଲାଣ ହେଉଥିବାବେଳେ ସ୍ଥାନୀୟ ପୁଲିସର ନିଷ୍କ୍ରିୟତା ଏବେ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ କେବଳ ପିକ୍‌ଅପ୍ ଭ୍ୟାନ୍ କିମ୍ବା ବଡ଼ କଣ୍ଟେନର ଗାଡ଼ିରେ ଗୋରୁ ବୋଝେଇ ହେଉଥିବାବେଳେ, ଏବେ ପୁଲିସ ଓ ଜନସାଧାରଣଙ୍କ ଆଖିରେ ଧୂଳି ଦେବା ପାଇଁ ଗୋ-ମାଫିଆମାନେ ନୂଆ ତରିକା ଆପଣାଇଛନ୍ତି। ଯାତ୍ରୀବାହୀ କାର୍, ଆମ୍ବାସାଡର୍ ଭଳି ୪ ଚକିଆ ଗାଡ଼ି ଭିତରେ ଗୋରୁମାନଙ୍କ ଗୋଡ଼ ବାନ୍ଧି ଅତି ନିର୍ଦ୍ଦୟ ଭାବେ ଚାଲାଣ କରାଯାଉଛି। କେବଳ ଜୀବନ୍ତ ଗୋରୁ ନୁହେଁ, ବରଂ ଅନେକ ସମୟରେ ବିଭିନ୍ନ ସ୍ଥାନରେ ଗୋରୁ କାଟି ମାଂସ ଅନ୍ୟ ଜିଲ୍ଲାକୁ ମଧ୍ୟ ପଠାଯାଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ସୂଚନା ଅନୁଯାୟୀ, ଧୂଷୁରୀ ପୁଲିସ ସବୁ ଜାଣିଶୁଣି ଚୁପ୍ ରହିଛି। ମାଫିଆମାନଙ୍କଠାରୁ ମାସିକିଆ ମୋଟା ଅଙ୍କର ବଟି ନିଆଯାଉଥିବାରୁ ପୁଲିସ ଏହି ବେଆଇନ କାରବାର ଉପରେ କୌଣସି ଚଢ଼ଉ କରୁନାହିଁ। ପୁଲିସ ଚୁପ୍ ରହିବା ନୀତି ଗୋ-ତସ୍କରମାନଙ୍କ ମନୋବଳକୁ ଆହୁରି ବଢ଼ାଇ ଦେଇଛି, ଯାହାଫଳରେ ସେମାନେ ନିର୍ଭୟରେ




ଏହି ବେପାର ଚଳାଇଛନ୍ତି। ଗ୍ରାମୀଣ ରାସ୍ତାଗୁଡ଼ିକରେ ବେପରୁଆ ଭାବେ ଗୋରୁ ବୋଝେଇ ଗାଡ଼ି ଚଳାଚଳ ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ଲାଗି ରହୁଛି। ଭଦ୍ରକ ଏସ୍‌ପି ଏହି ବିଷୟରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।



## ଲିଙ୍ଗରାଜ ମନ୍ଦିର ଆଗରେ ଅବ୍ୟବସ୍ଥା

# ମନ୍ଦିର ଆଗରେ ମାଳମାଳ ଚପଲ

ଭୁବନେଶ୍ୱର, ୧୯ ।୫(ସମିସ)

ସିଂହଦ୍ୱାରା ଆଗରେ ଗଦା ହୋଇଛି ମାଳମାଳ ଚପଲ। ମନ୍ଦିର ଆଗରେ ପାର୍କିଂ ହୋଇଛି ଦୁଇ ଚକିଆ। ଫଳରେ ଏହାକୁ ଦେଖି ଶ୍ରଦ୍ଧାଳୁମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ଲିଙ୍ଗରାଜ ମନ୍ଦିରରେ କେବେ ଦିଅଁଙ୍କ ନୀତିକାନ୍ତି ବନ୍ଦ ହେବା ଦେଖିବାକୁ ମିଳିଥାଏ ତ ଆଉ କେବେ ମନ୍ଦିରର ସୁରକ୍ଷା ବ୍ୟବସ୍ଥାରେ ଢ଼ିଲା ଯୋଗୁଁ ଅନେକ ସମୟରେ କିଏ ନା କିଏ ମନ୍ଦିର ଭିତରକୁ ମୋବାଇଲ ନେଇଯାଉ ଥିବାର ଦେଖିବାକୁ ମିଳିଛି।

ଲିଙ୍ଗରାଜ ମନ୍ଦିରକୁ ଲାଗି ଜୋତା ଷ୍ଟାଣ୍ଡ ମଧ୍ୟ ରହିଛି। ହେଲେ ଯିଏ ଯେଉଁଠି ପାଇଲା ସେଠାରେ ଜୋତାକୁ ରଖିବା ସହିତ ସିଂହଦ୍ୱାରାକୁ ଲାଗିଥିବା ବାହାର ବେଢ଼ା ପାଖ ବି ଏବେ ପାଲଟି ଯାଇଛି ଚପଲ ଷ୍ଟାଣ୍ଡ। ମନ୍ଦିର ଆଗରେ ସିସିଟିଭି କ୍ୟାମେରା ଲାଗିବା ସହିତ ପୁଲିସ ମଧ୍ୟ ସିଂହଦ୍ୱାରା ଆଗରେ ସୁରକ୍ଷା ଦଉଛି। ହେଲେ ଏହାର ପ୍ରତିବାଦ କେହି ଜଣେ ବି କରୁନାହାନ୍ତି। ଏଥିସହିତ ମନ୍ଦିର ପରିସରକୁ ଗାଡ଼ି ନିଷେଧ ରହିଥିବା ବେଳେ ଏବେ ଧାଡ଼ି ଧାଡ଼ି ହୋଇ ଦୁଇ ଚକିଆ ପାର୍କିଂ ହଉଛି। ଫଳରେ ଏହି ସବୁକୁ ଦେଖି ସ୍ଥାନୀୟ ଲୋକଙ୍କ ସମେତ ଶ୍ରଦ୍ଧାଳୁମାନେ କ୍ଷୋଭ ପ୍ରକାଶ କରିଛନ୍ତି।



ଲିଙ୍ଗରାଜ ମନ୍ଦିରରେ ଶୃଙ୍ଖଳା ବ୍ୟବସ୍ଥିତ ଓ ସୌନ୍ଦର୍ଯ୍ୟକରଣ ନେଇ ଏକାମ୍ର ଐତିହ୍ୟ ପ୍ରକଳ୍ପର ପରିତକଳ୍ପନା କରାଯାଇଥିଲା। ଏହି ପ୍ରକଳ୍ପ ମଧ୍ୟରେ ମନ୍ଦିର ଆଗରେ ସୌନ୍ଦର୍ଯ୍ୟ କରଣ ସହିତ ପିଇବା ପାଣି ସୁବିଧା, ଶୌଚାଳୟ, ଗାଡ଼ି ପାର୍କିଂ ଆଦିର ବ୍ୟବସ୍ଥା କରାଯାଇଥିଲା। ହେଲେ ଏହି ପ୍ରକଳ୍ପ କିଛି ମାତ୍ରାରେ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଅନେକ କାମ ମଧ୍ୟ ଏବେବି ବାକି ରହିଛି। ଯାହାଫଳରେ ଦିନକୁ ଦିନ ମନ୍ଦିର ଆଗ ବିକୃତ ଦେଖାଯାଉଛି। ନା ମନ୍ଦିର ପ୍ରଶାସନ ନା ଅଧିକାରୀ ନା ସରକାର କାହାର ବି ଏଥିପ୍ରତି ନିଘା ନାହିଁ। ଏନେଇ ରାଜସ୍ଥାନରୁ ଆସିଥିବା ଜଣେ ଶ୍ରଦ୍ଧାଳୁ କୁହନ୍ତି ଅନ୍ୟ ରାଜ୍ୟମାନଙ୍କରେ ଶୈବପୀଠ ଗୁଡ଼ିକରେ ଅନେକ କଟକଣା ରହିଛି। ହେଲେ ଏଠାରେ ସେମିତି କିଛି ଦେଖିବାକୁ ମିଳୁନାହିଁ। ବଦ୍ରିନାଥ ହଉ ବା ମହାକାଳେଶ୍ୱର କିମ୍ବା ସୋମନାଥ, କେଦାରନାଥ ସବୁଠି କଡ଼ା କଟକଣା ରହିଛି। ଏତ ଲିଙ୍ଗ ମାନଙ୍କ ଉପରେ ରାଜା ହେଲେ ଏଠାରେ ସେମିତି କାଇଁ କିଛି ଦେଖିବାକୁ ମିଳୁନାହିଁ।

ଏ ଦିଗରେ ସମେସ୍ତ ଚିନ୍ତା କରିବା ଦରକାର ବୋଲି ସେ କହିଛନ୍ତି। ଏହିପରି ପୁରୁଣା ଭୁବନେଶ୍ୱରର ଜଣେ ସ୍ଥାନୀୟ ଲୋକ କୁହନ୍ତି ମନ୍ଦିର ଆଗରେ ସମସ୍ତେ ଚପଲ ରଖିବା ସହିତ ମୋବାଇଲ ନେଇ ଅବାଧରେ ମନ୍ଦିର ଭିତରେ ପ୍ରବେଶ କରୁଛନ୍ତି। ଏସବୁ ପାଇଁ ମେଟାଲ ଡ଼ିକ୍ଟେଟର ରହି କି ଯାହା ନ ରହି କି ମଧ୍ୟ ସେୟା। ଏଥିସହିତ ଏହିସବୁ ଭିତରେ ବଳି ଯାଉଛି ସେବାୟତଙ୍କ ବିବାଦ ଯାହାକୁ ନେଇ ଦିନ ଦିନ ଖାଡ଼ା ଉପବାସ ରହୁଛନ୍ତି ପ୍ରଭୁ ଲିଙ୍ଗରାଜ। ନା ସେମାନଙ୍କୁ କିଛି କହି ହଉଛି ନା ଏସବୁ ଅବ୍ୟବସ୍ଥା ଦେଖି ହଉଛି ବୋଲି ସେ କହିଛନ୍ତି।

## ଆମେରିକାରେ ଓଡ଼ିଆ ଛାତ୍ରଙ୍କ ସଫଳତା

### ଇଣ୍ଟରନ୍ୟାସନାଲ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଫେୟାରରେ ଡିଏଭି ଛାତ୍ରଙ୍କ ସଫଳତା



ଭୁବନେଶ୍ୱର, ୧୯ ।୫(ସମିସ): ଆମେରିକାର ଫିନିକ୍ସ ସହରରେ ଅନୁଷ୍ଠିତ ବିଶ୍ୱର ସର୍ବବୃହତ ପ୍ରି-କଲେଜ ସାଇନ୍ସ ଏଣ୍ଡ ଇଞ୍ଜିନିୟରିଂ ପ୍ରତିଯୋଗିତା ରିଜେନେରନ୍ ଇଣ୍ଟରନ୍ୟାଶନାଲ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଫେୟାର-୨୦୨୬ରେ ଚମକିଛନ୍ତି ଓଡ଼ିଶାର ଛାତ୍ରଛାତ୍ରୀ। ୟୁନିଟ୍-୮ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଦୁଇ ମେଧାବୀ ଛାତ୍ର ସୂର୍ଯ୍ୟକାନ୍ତ ଲେଙ୍କା ଓ ତ୍ରିପାଠୀ ଦିବ୍ୟଜ୍ୟୋତି ସେନାପତି ଭାରତର ପ୍ରତିନିଧିତ୍ୱ କରି ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ୭୦ରୁ ଅଧିକ ଦେଶର ପ୍ରାୟ ୧୮୦୦ ଯୁବବିଜ୍ଞାନୀ ଓ ନବୋନ୍ମେଷୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାର ଏହି ପ୍ରତିଭା ଦ୍ୱୟ ନିଜର ଅଭିନବ ଗବେଷଣା ପ୍ରତିଭା ପ୍ରଦର୍ଶନ କରି ସମ୍ମାନଜନକ 'ସ୍ପେଆଲ୍ ପୁରସ୍କାର' ଜିତିବାରେ ସକ୍ଷମ ହୋଇଛନ୍ତି। ଏହାସହ ୭୫୦ ଡଲାର ନଗଦ ପୁରସ୍କାର ଅର୍ଜନ କରି ଦେଶ, ରାଜ୍ୟ ଓ ବିଦ୍ୟାଳୟକୁ ବିଶ୍ୱରେ ଗର୍ବିତ କରିଛନ୍ତି। ଜାତୀୟସ୍ତରରେ ଆୟୋଜିତ ଆଇରିସ୍ ଫେୟାର ଚୟନ ପ୍ରକ୍ରିୟାରେ ସଫଳତାର ସହ ଯୋଗ୍ୟତା ଅର୍ଜନ କରିବା ପରେ ସେମାନେ ଆଇଏସ୍ଇଏଫ୍‌ରେ ଅଂଶଗ୍ରହଣର ସୁଯୋଗ ପାଇଥିଲେ। ସେମାନଙ୍କ ପ୍ରକଳ୍ପ 'ସେରିସ୍କୋପ୍ - ଟସର ରେଶମ କୀଟର ପେବ୍ରିନ୍ ରୋଗର ବୁଦ୍ଧିମାନ ଚିହ୍ନଟ ପ୍ରଣାଳୀ' ଦେଶର ଶ୍ରେଷ୍ଠ ଗବେଷଣା ପ୍ରକଳ୍ପ ମଧ୍ୟରେ ସ୍ଥାନ ପାଇ ଆମେରେକାରେ ଅନୁଷ୍ଠିତ ବିଜ୍ଞାନ ମଞ୍ଚରେ ଭାରତର ପ୍ରତିନିଧିତ୍ୱ ପାଇଁ ଚୟନ ହୋଇଥିଲେ। ଉଭୟ ଛାତ୍ରଙ୍କ ସ୍ୱର୍ଣ୍ଣିମ ସଫଳତାକୁ ଐତିହାସିକ ଦର୍ଶାଇ ବିଦ୍ୟାଳୟର ସଭାପତି ସନ୍ତୋଷ ଉପାଧ୍ୟାୟ, ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେସି ଶତପଥି ଓ ଅଧ୍ୟକ୍ଷା ଇପ୍‌ସିତା ଦାସ ପ୍ରମୁଖ ଦୁଇ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଓଡ଼ିଶା କ୍ୟାଡର୍ ଆଇଏଏସ୍ ପ୍ରଶିକ୍ଷାର୍ଥୀଙ୍କ ଏସ୍ଏସ୍ଇପିଡି ବିଭାଗ ପରିଦର୍ଶନ



ଭୁବନେଶ୍ୱର, ୧୯।୫(ସମିସ): ଓଡ଼ିଶା କ୍ୟାଡରର ଏକ ଆଇ.ଏ.ଏସ୍. ପ୍ରଶିକ୍ଷାର୍ଥୀ ଦଳ ଆଜି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସଏସଇପିଡି) ବିଭାଗ ପରିଦର୍ଶନ କରିଛନ୍ତି। ଏଥିରେ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଭାଗର ବିଭିନ୍ନ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନା ଓ ସାଂସ୍ଥାନିକ ଭିତ୍ତିଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ମଧୁବାବୁ ପେନସନ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନା ସହ ସମାଜର ପଛୁଆ ଏବଂ ଅବହେଳିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଶେଷ କରି କିନ୍ନର ମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ତଥା ସମାନତା ପାଇଁ ଉଦ୍ଦିଷ୍ଟ 'ସ୍ୱୀକୃତି' ଯୋଜନା ସମେତ ବରିଷ୍ଠ ନାଗରିକ, ଭିକ୍ଷୁକ ଏବଂ ନିରାଶ୍ରୟମାନଙ୍କ ପାଇଁ ଥିବା ପୁନର୍ବାସ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ।ଉପଖଣ୍ଡ ସ୍ତରରେ ଏହିସବୁ ଯୋଜନାର ସଫଳ ରୂପାୟନ ଓ ତଦାରଖ କ୍ଷେତ୍ରରେ ଉପଜିଲ୍ଲାପାଳ ମାନଙ୍କର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେ ବାବଦରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଯାଇଥିଲା। କେବଳ ଆନୁଷ୍ଠାନିକ ପରିଦର୍ଶନ ମଧ୍ୟରେ ସୀମିତ ନ ରହି, ବିଭିନ୍ନ ସରକାରୀ ଶାଖାର ବରିଷ୍ଠ ଓ କନିଷ୍ଠ ପଦାଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା ପୂର୍ବକ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟପଦ୍ଧତିର ଗଭୀର ସମୀକ୍ଷା କରିବାକୁ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମୁଖ ଶାସନ ସଚିବ ଶ୍ରୀ ବଶିଷ୍ଠ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ବରିଷ୍ଠ ଅଧିକାରୀମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ରାଜ୍ୟ ସ୍ତରରୁ ଆରମ୍ଭ କରି ବ୍ଲକ ଏବଂ କ୍ଷେତ୍ର ସ୍ତର ପର୍ଯ୍ୟନ୍ତ ବିଭାଗର କାର୍ଯ୍ୟଶୈଳୀ ସମ୍ପର୍କରେ ଧାରଣା ଦେଇଥିଲେ।

## ଏମ୍ସରେ ଡେଙ୍ଗୁ ନିବାରଣ, ଚିକିତ୍ସା ଓ ନିୟନ୍ତ୍ରଣ ରଣନୀତି ସଂକ୍ରାନ୍ତ ଆଲୋଚନା

ଭୁବନେଶ୍ୱର, ୧୯।୫ (ସମିସ): ଜାତୀୟ ଡେଙ୍ଗୁ ଦିବସ ୨୦୨୬ ପାଳନ ଅବସରରେ, ଏମ୍ସ ଭୁବନେଶ୍ୱରର ଜେନେରାଲ ମେଡିସିନ ବିଭାଗ ପକ୍ଷରୁ ଡେଙ୍ଗୁ ଅପଡେଟ୍ ୨୦୨୬: କ୍ଲିନିକାଲ୍ ଇନସାଇଟ୍ ଏବଂ ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣ ଉପରେ ଜାତୀୟ ସିଏମ୍ଇ ଆୟୋଜନ ଅବସରରେ ଉପସ୍ଥିତ ଦେଶର ପ୍ରମୁଖ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଶିକ୍ଷାବିତମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏହି ଦିନିକିଆ ଆଲୋଚନାଚକ୍ରରେ ଡେଙ୍ଗୁ ନିବାରଣ, ନିର୍ଣ୍ଣୟ, ଚିକିତ୍ସା ଏବଂ ନିୟନ୍ତ୍ରଣ ରଣନୀତି ଉପରେ ବ୍ୟାପକ ବୈଜ୍ଞାନିକ ଆଲୋଚନା ହୋଇଥିଲା।

ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ଭାରତରେ ଡେଙ୍ଗୁର ବର୍ଦ୍ଧିତ ବୋଝକୁ ମୁକାବିଲା କରିବା ପାଇଁ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଗବେଷକ, ପ୍ରଶାସକ ଏବଂ ସମାଜକୁ ସାମିଲ ପୂର୍ବକ ସମନ୍ୱିତ ପଦ୍ଧତିର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏମ୍ସ ଭୁବନେଶ୍ୱର ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡ଼ା, ଏବଂ ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ମାର୍ଗଦର୍ଶନ କରିଥିଲେ। ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ପ୍ରଫେସର ତଥା ଆୟୋଜନ କମିଟି ଅଧ୍ୟକ୍ଷ ଡ. ରଶ୍ମି ରଞ୍ଜନ ମହାନ୍ତି, ଆୟୋଜନ କମିଟି ସଂଗଠନ ସମ୍ପାଦକ ତଥା ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ସହଯୋଗୀ ପ୍ରଫେସର ଡ. ଦେବାନନ୍ଦ ସାହ ପ୍ରମୁଖ କାର୍ଯ୍ୟକ୍ରମରେ ଭାଗ ନେଇ ମତ ଦେଇଥିଲେ। ଉଦଘାଟନୀ ସମାରୋହରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ପୂର୍ବତନ ଆଞ୍ଚଳିକ ପରାମର୍ଶଦାତା ଡ. ଏ. ପି. ଦାଶ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଏମଆରସି, ଭୁବନେଶ୍ୱର ନିର୍ଦ୍ଦେଶକ ଏବଂ ଆଇସିଏମ୍ଆର, ନୂଆଦିଲ୍ଲୀର ଏଡିଜି, ଡ. ସଂଘମିତ୍ରା ପତି, ସ୍ୱାସ୍ଥ୍ୟ ସେବା ଅତିରିକ୍ତ ନିର୍ଦ୍ଦେଶକ ଏବଂ ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ, ଜାତୀୟ ଭେକ୍ଟର-ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଓଡ଼ିଶା, ଡ. ଶୁଭାଶିଷ ମହାନ୍ତି ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## 'ମୋ ଓଡ଼ିଶା କାହାଣୀ' ସାମୂହିକ ଗଳ୍ପ କଥନ କର୍ମଶାଳା

ଭୁବନେଶ୍ୱର, ୧୯।୫(ସମିସ):ବିକଶିତ ଓଡ଼ିଶାର ସ୍ୱର ସମଗ୍ର ଦେଶରେ ପ୍ରତିଧ୍ୱନିତ ହେବା ପାଇଁ ପ୍ରତି ଓଡ଼ିଆର ଦାୟିତ୍ୱ ଅଛି। ଏହି ଦାୟୀତ୍ୱବୋଧକୁ କିପରି ପାଳନ କରାଯିବା, ବ୍ୟକ୍ତିଗତ ଉପଲବ୍ଧିର ଗାଥାକୁ କିପରି ସାମଗ୍ରିକ ବିକାଶର ସୂତ୍ରରେ ବାନ୍ଧି ସମଗ୍ର ବିଶ୍ୱ ଆଗରେ ଚୁମ୍ବକୀୟ କାହାଣୀ ମାଧ୍ୟମରେ ଉପସ୍ଥାପନ କରିବା, ଗ୍ରାହକ ରୁଚି ଅନୁସାରେ ନିଜର ଉତ୍ପାଦକୁ କିପରି ସିଧାସଳଖ ବଜାରରେ ବିକ୍ରି କରି ରାଷ୍ଟ୍ରୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଆଦି ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ସ୍ଥିତ ପ୍ଳକ୍ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କର ମିଳିତ ସହଯୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟଅଧିନ ଏମବିଏ ବିଭାଗ ପରିସରରେ ଆୟୋଜିତ ଏହି ଏକଦିବସୀୟ କର୍ମଶାଳାରେ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା କହିଥିଲେ, ଆଜିର ଓଡ଼ିଶା ଏକ ଆଦର୍ଶ ପ୍ରଦେଶ। ସଂସ୍କୃତି, ପର୍ଯ୍ୟଟନ, କୃଷି, ବୟନ ଶିଳ୍ପ, ହସ୍ତଶିଳ୍ପ, ସୌରଶକ୍ତି, କ୍ରୀଡ଼ା, ବିପର୍ଯ୍ୟୟ ପରିଚାଳନା ସବୁ କ୍ଷେତ୍ରରେ ଆଜି ଓଡ଼ିଶାର ଉଦାହରଣ ଆସେ ବୋଲି ସେ କହିଥିଲେ। ଆମ ରାଜ୍ୟର ପ୍ରତି ବିଭବ ପଛରେ ଅଛି ଅନେକ ସୁନ୍ଦର କାହାଣୀ। ଏହି ସବୁ କାହାଣୀ ମାଧ୍ୟମରେ ଆମର ବିକଶିତ ପ୍ରତିଭା ଓ ଲୁକାୟିତ ଉତ୍ପାଦକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପନ କରିବାକୁ ହେବ। ଫଳରେ ଓଡ଼ିଶା ଯେ ସେହି ଉତ୍କଳ ଯାହାର କଳା ସର୍ବଦା ଉତ୍କର୍ଷ ବୋଲି ସମସ୍ତେ ଜାଣିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପର୍କର ସଧାରଣ ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ପ୍ଳକର ସହଯୋଗୀ ନିର୍ଦ୍ଦେଶକ ଅଭିଷେକ ରାଜ ସିହ୍ନା, ରଶ୍ମିତା ସିଂହ, ଅଭିନାଶ ଦାସ ଯୋଗଦେଇ ଉତ୍ପାଦ ସମୂହର ଉପଯୁକ୍ତ ଉପସ୍ଥାପନା, ଉପଯୁକ୍ତ ବଜାର ସୃଷ୍ଟିର ଯୋଜନା ଏବଂ ନିଜ ଦକ୍ଷତାର ସୁନ୍ଦର ଉପସ୍ଥାପନା ସମ୍ପର୍କରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. ଅଂଶୁମାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ପଲ୍ଲବୀ ମିଶ୍ର, ଡ. ଅଜିତ୍ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସମ୍ପର୍କର ଅର୍ଥସଚିବ ରାକେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



## ମୋକ୍ଷର ଓଡ଼ିଶୀ ନୃତ୍ୟକଳା 'କଳ୍ପନା'

● ତ୍ରୟମ୍ବକମ୍‌ରୁ ଆରମ୍ଭ ନମଃଶିବାୟରେ ଶେଷ



ଭୁବନେଶ୍ୱର, ୧୯।୫ (ସମିସ): ଓଡ଼ିଶୀ ନୃତ୍ୟାନୁଷ୍ଠାନ 'ମୋକ୍ଷ' ପକ୍ଷରୁ ଦ୍ୱିତୀୟ ଓଡ଼ିଶୀ ନୃତ୍ୟକଳା ଉତ୍ସବ 'କଳ୍ପନା' ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଭାଗ୍ୟଲିପି ମଲ୍ଲ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଶରତ କୁମାର ଦାସ, ପରିଚୟ ଫାଉଣ୍ଡେସନ୍ ପ୍ରତିଷ୍ଠାତ୍ରୀ ଡ. ରୋଜାଲିନ୍ ପାଟଶାଣୀ ମିଶ୍ର, ବିଶ୍ୱସ୍ତରୀୟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଶାଶ୍ୱତ ଯୋଶୀ ପ୍ରମୁଖ ଯୋଗଦେଇ ନୂତନ ନୃତ୍ୟଶିଳ୍ପୀଙ୍କ ସ୍ୱପ୍ନକୁ ସାକାର କରିବାକୁ ଅନୁଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଶିଳ୍ପୀ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୁରୁ ସୁଜାତା ମିଶ୍ରଙ୍କ ଦ୍ୱାରା ତ୍ରୟମ୍ବକମ୍ ଶ୍ଳୋକ, ଶାଗରିକା ମହାନ୍ତିଙ୍କ ଦ୍ୱାରା ରସ ପଞ୍ଚକ, ଗୋକୁଳଶ୍ରୀ ଦାଶଙ୍କ ସୂର୍ଯ୍ୟାଷ୍ଟକମ୍, ଉପାସନା ମହାନ୍ତିଙ୍କ ମଧୁର ବଚନ, ସମୀର କୁମାର ପାଣିଗ୍ରାହୀଙ୍କ ସୁପଣଖା, ଆକାଂକ୍ଷା ଦାଶଙ୍କ ଦେଶପଲ୍ଲଭୀ, ନିଳାଦ୍ରୀ ମହାନ୍ତିଙ୍କ ଅନିଳ ତରଳ, ଅଙ୍କିତା ବେହେରାଙ୍କ କଲ୍ୟାଣ ପଲ୍ଲବୀ ଓ ଅଭିନୟ, ଶେଖର ସୁମନ ମାଝିଙ୍କ ବରଷାକାଳ ହୋଇଲା ଏବଂ ସ୍ୱର୍ଣ୍ଣାଙ୍କି ଦାସଙ୍କ ନୃତ୍ୟ ନରସିଂହ-ବିଳାସମ୍ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ଗୁରୁ ଡ. ସୁଜାତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଚନ୍ଦନ କୁମାର ନାୟକ ଓ ଶୋଭନା ମିଶ୍ର ସଂଯୋଜନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ସୁଜାତା ମିଶ୍ର।

## ବଇଁଚୁଆ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ



ବାଲିଅନ୍ତା, ୧୯।୫(ସମିସ): ବଇଁଚୁଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଜନିତ ଶିବିର 'ପଲ୍ଲୀରେ ପ୍ରଶାସନ' ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ବିଡ଼ିଓ ରଶ୍ମିତା ନାଥ, ସାଂସଦ ପ୍ରତିନିଧି ବିଜୟ ମହାରଣା, ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣୀ ଭୂଷଣ ବାରିକ, ପଞ୍ଚାୟତ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ସର୍ବମୋଟ ୪ ଗୋଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧ ଗୋଟି, ଖାଉଟି କାର୍ଡ ସମ୍ବନ୍ଧୀୟ ୨ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୧ଟି ଅଭିଯୋଗ ହସ୍ତଗତ ହୋଇଥିଲା।

## 'ଶବ୍ଦସୁଧା' ଓ 'ଖାଣ୍ଟି କଥା' ଲୋକାର୍ପିତ



ଭୁବନେଶ୍ୱର, ୧୯।୫(ସମିସ): ତୀରତରଙ୍ଗ ପବ୍ଲିକେଶନ ପକ୍ଷରୁ ସାମ୍ବାଦିକ ତଥା ସାହିତ୍ୟିକ ଧୃତିକାମ ମହାନ୍ତିଙ୍କ ଦୁଇଟି ପୁସ୍ତକ ତଥା ଅନୂଦିତ ଗଳ୍ପ ସଂକଳନ 'ଶବ୍ଦସୁଧା' ଏବଂ ରମ୍ୟ କଥନ 'ଖାଣ୍ଟି କଥା' ମଙ୍ଗଳବାର ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷଠାରେ ଲୋକାର୍ପିତ ହୋଇଛି। ଏହି ଅବସରରେ ସଭାରେ ଅତିଥି ଭାବେ ବରିଷ୍ଠ ସମ୍ବାଦିକ ଗୋପାଳକୃଷ୍ଣ ମହାପାତ୍ର, ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ, ସମ୍ବାଦିକ ନୀଳାମ୍ବର ରଥ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ସୁଭାଷ ଶତପଥୀ ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ବିଷୟରେ ଆଲୋଚନା କରିଥିଲେ। ଧୃତିକାମ ମହାନ୍ତିଙ୍କ ପୁସ୍ତକକୁ ସୁବାଷ ଶତପଥୀ ସମୀକ୍ଷା କରିଥିଲେ। ବିଘ୍ନେଶ୍ୱର ସାହୁ ସଭା ପରିଚାଳନା କରିଥିଲାବେଳେ ପ୍ରକାଶିକା ବନ୍ଦନା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଓଡ଼ିଶାରେ ସହରାଞ୍ଚଳ ପରିବହନର କ୍ଷେତ୍ର ବଢ଼ାଇଲା କ୍ରୁଟ୍

ଭୁବନେଶ୍ୱର, ୧୯ ।୫(ସମିସ)

### ଇମୋବିଲିଟି, ସଡ଼କ ସୁରକ୍ଷା ଓ ଆର୍ଥିକ ସ୍ଥିରତା ଉପରେ ଗୁରୁତ୍ୱ



ଓଡ଼ିଶା ସହରାଞ୍ଚଳରେ ଗମନାଗମନର ସମ୍ପ୍ରସାରଣ, ଭିତ୍ତିଭୂମି ବିକାଶ, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ସାଂସ୍ଥାନିକ ସୁଦୃଢ଼ୀକରଣ କାର୍ଯ୍ୟର ଅଗ୍ରଗତିର ଆକଳନ କରିବା ପାଇଁ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ 'କ୍ୟାପିଟାଲ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ' (କ୍ରୁଟ) ର ଚାଲୁ ରହିଥିବା ଏବଂ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ତ୍ରୀ କେନ୍ଦୁଝର, ବାରିପଦା, ଅନୁଗୋଳ, ଝାରସୁଗୁଡ଼ା ଏବଂ ବାଲେଶ୍ୱରକୁ ଅନ୍ତର୍ଭୁକ୍ତ କରୁଥିବା କ୍ରୁଟର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହ ଯାଜପୁର, ରାୟଗଡ଼ା, କୋରାପୁଟ, ଭଦ୍ରକ ଏବଂ ବଲାଙ୍ଗୀରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣର ରୋଡମ୍ୟାପ୍ ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ ସୂଚନା ଦିଆଯାଇଥିଲା ଯେ କେନ୍ଦୁଝରରେ ନୂତନ ଭାବେ ଆରମ୍ଭ ହୋଇଥିବା ବୈଦ୍ୟୁତିକ ବସ୍ ସେବାରେ ଯାତ୍ରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ବର୍ତ୍ତମାନ ଏହା ଦୈନିକ ପ୍ରାୟ ୧, ୩୦୦ ଯାତ୍ରୀରେ ପହଞ୍ଚିଛି। ଏହି ସମୀକ୍ଷାରେ 'ପିଏମ୍ ଇ-ବସ୍ ସେବା'ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ଉପରେ ମଧ୍ୟ ବ୍ୟାପକ ଆଲୋଚନା କରାଯାଇଛି। ରାଜ୍ୟରେ ଆଗାମୀ ଡିପୋ ଏବଂ ବୈଦ୍ୟୁତିକ ପରିବହନ ଭିତ୍ତିଭୂମିକୁ ସମୟାନୁବନ୍ଧିତ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବାକି ଥିବା ଭିତ୍ତିଭୂମି ଏବଂ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍, ବସ୍ କ୍ୟୁ ସେଲ୍ଟର, ବସ୍ ପୋଲ୍ ଏବଂ ଡିପୋ-ସଂଯୁକ୍ତ ବାଣିଜ୍ୟକ ଭିତ୍ତିଭୂମି ଉପରେ ବିଜ୍ଞାପନ ଅଧିକାର ସମ୍ବନ୍ଧୀୟ ଚାଲୁ ରହିଥିବା ପ୍ରୟାସଗୁଡ଼ିକର ଶ୍ରଯୁକ୍ତ ମନ୍ତ୍ରୀ ସମୀକ୍ଷା କରିଥିଲେ। ବୈଠକରେ ସୂଚନା ଦିଆଯାଇଛି ଯେ ବ୍ୟବସ୍ଥିତ ବାଣିଜ୍ୟକ ପଦକ୍ଷେପ ଯୋଗୁଁ ୨୦୨୫ ମସିହାରେ କ୍ରୁଟର ଅଣ-ଭଡ଼ା ବାକ୍ସ ରାଜସ୍ୱ ଅବଦାନ ୨୨.୦୫ଧ କୁ ବୃଦ୍ଧି ପାଇଛି। ସହରାଞ୍ଚଳ ପରିବହନ ସେବା ପାଇଁ ସ୍ଥାୟୀ ରାଜସ୍ୱ ଉତ୍ସ ସୃଷ୍ଟି କରିବାକୁ ଆଗାମୀ ସମସ୍ତ ଡିପୋ ଏବଂ ପରିବହନ ଭିତ୍ତିଭୂମିକୁ ସମନ୍ୱିତ ବାଣିଜ୍ୟକ ବ୍ୟବହାର ମଡେଲ ସହିତ ବିକଶିତ କରାଯିବା ଉଚିତ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ସମୟରେ ସଡ଼କ ସୁରକ୍ଷା ଅନ୍ୟ ଏକ ପ୍ରମୁଖ କ୍ଷେତ୍ର ଭାବେ ଉଭା ହୋଇଥିଲା। କ୍ରୁଟ ଦ୍ୱାରା ଇତି ମଧ୍ୟରେ ଗ୍ରହଣ କରାଯାଇଥିବା ସୁରକ୍ଷା ବ୍ୟବସ୍ଥାକୁ ମାନ୍ୟବର ମନ୍ତ୍ରୀ ପ୍ରଶଂସା କରିବା ସହ ବିଦ୍ୟମାନ ବସ୍ ଗୁଡ଼ିକରେ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍, ଡ୍ରାଇଭର୍ ଫାଟିଗ୍ ଆଣ୍ଡ ମନିଟରିଂ ସିଷ୍ଟମ୍‌ର ମୁତୟନକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦୁଝରରେ ବୈଦ୍ୟୁତିକ ବସ୍ ଚାଳନାରେ ମହିଳା ଡ୍ରାଇଭରମାନଙ୍କ ନିୟୋଜନକୁ ବିଶେଷ ଭାବେ ସ୍ୱୀକୃତି ଦେଇଛନ୍ତି। କ୍ରୁଟର ପରିଚାଳନା ନିର୍ଦ୍ଦେଶକ ସିଦ୍ଦିକ ଆଲାମ ରିପୋର୍ଟ ଉପସ୍ଥାପନ କରିବା ସହ ଓଡ଼ିଶାରେ କ୍ରୁଟ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ଷମ, ଭିତ୍ତିଭୂମି ଏବଂ ସାଂସ୍ଥାନିକ ପଦକ୍ଷେପ ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଓଡ଼ିଶାରେ ନାଗରିକ-କୈନ୍ଦ୍ରିକ, ସ୍ଥାୟୀ ତଥା ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ସହରାଞ୍ଚଳ ପରିବହନ ସେବା ଉପରେ ନିରନ୍ତର ଧ୍ୟାନ ଦେବା ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



# ଭୁବନେଶ୍ୱର ସିଟି

# ରାଜଧାନୀରେ ହିଟ୍ ଆଣ୍ଡ ରନ୍; ଯୁବକ ମୃତ

## ଫର୍ଚୁନର୍ ଛାଡ଼ି ଡ୍ରାଇଭର ଫେରାର୍

ଭୁବନେଶ୍ୱର, ୧୯।୫(ସମିସ): କିଛିଦିନର ବ୍ୟବଧାନ ପରେ ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍ ଘଟଣା ସାମ୍ନାକୁ ଆସିଛି। ଫର୍ଚୁନର୍ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନନ୍ଦନକାନନ ରୋଡରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଘଟାଇଥିବା କାର୍‌କୁ ପୁଲିସ ମଙ୍ଗଳବାର ପଟିଆ ଶ୍ରୀବିହାର ଅଞ୍ଚଳର ଏକ ପରିତ୍ୟକ୍ତ ସ୍ଥାନରୁ ଜବତ କରିଛି। ହେଲେ କାର୍ ଥୋଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୁଲିସ ତାଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ମୃତ ଯୁବକ ହେଲେ କୁମାର ନାଥ। ତାଙ୍କ ସ୍ତ୍ରୀ ଲୋହାରାଣୀ ନାଥ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି। ପୁଲିସ ତାଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ପୁଲିସ ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ କୁମାର ନାଥ ବାଇକ ନେଇ ପଟିଆ ପାର୍ଶ୍ୱରୁ ଜୟଦେବ ଆଡ଼କୁ ଯାଉଥିଲେ। ସେହିପରି ପଟିଆ ପାର୍ଶ୍ୱରୁ ନାଲକୋ ଛକ ଆଡ଼କୁ କାରଟି ଯାଉଥିଲା। ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ପାଖରେ ବାଇକକୁ ଧକ୍କା ଦେଇଥିଲା। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବାଇକକୁ କାରଟି ପ୍ରାୟ ୫୦ମିଟର ଘୋଷାଡି ନେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର କାର୍ ନେଇ ଫେରାର ମାରିଥିଲା। ଅପରପକ୍ଷରେ ଗୁରୁତର ହୋଇଥିବା କୁମାର ନାଥଙ୍କୁ ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଜରିଆରେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ହେଲେ ଗତକାଲି (ସୋମବାର) କୁମାର ନାଥଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଘଟଣା ପରେ ଉକ୍ତ କାରକୁ ଆମେ ଠାବ କରିଥିଲୁ। ତେବେ ଫେରାର ହୋଇଯାଇଥିବା ଚାଳକଙ୍କୁ ଚିହ୍ନଟ କରି ତାକୁ ଧରିବାକୁ ପ୍ରୟାସ ଜାରି ରହିଛି।

---

**ଉଠାଦୋକାନ ଉଚ୍ଛେଦର ପ୍ରତିବାଦ**

# ୨୬ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର, ୧୯।୫(ସମିସ): ଉଠାଦୋକାନୀ ଆଇନକୁ ବେଖାତିର କରି ବିଏମ୍‌ସି କର୍ମଚାରୀମାନେ ଯେଉଁଭଳି ଭାବରେ ଉଠାଦୋକାନ ଉଚ୍ଛେଦ ଚାଲିଛନ୍ତି ତାହାର ପ୍ରତିବାଦରେ ଆସନ୍ତା ମେ ୨୬ ତାରିଖ ଆନ୍ତର୍ଜାତିକ ଉଠାଦୋକାନୀ ବିରୋଧୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମର ତିନୋଟି ଜୋନ୍ ଓ ମୁଖ୍ୟ କାର୍ଯ୍ୟାଳୟକୁ ଘେରାଉ କରିବେ ୧୫ ହଜାରରୁ ଅଧିକ ଉଠାଦୋକାନୀ। ଏଥିସହିତ ସାରା ଭୁବନେଶ୍ୱରକୁ ଅଚଳ କର ଦିଆଯିବ ବୋଲି ମଙ୍ଗଳବାର ନୂଆପଲ୍ଲୀଠାରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନର ଏକ ମିଳିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।



ନିଷ୍ପତ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ୟୁନିଟ୍-୧ ଏବଂ ୟୁନିଟ୍-୨ରୁ ୨ ହଜାର ଉଠାଦୋକାନୀ, ଗୋପବନ୍ଧୁ ଛକରୁ ୧ ହଜାର ଏବଂ ପାୱାର ହାଉସ ଛକରୁ ୧୫ଶହ ଉଠାଦୋକାନୀ ଆସି ସକାଳ ୯ ଘଟିକାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ। ଏହି କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହସଂଘର ସଭାପତି ପ୍ରତାପ କୁମାର ସାହୁ ଦାୟିତ୍ୱରେ ରହିବେ ଏବଂ ପୁରୀ କଟକରୁ ଆସୁଥିବା ଦୋକାନୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବେ।

ରେଣ୍ଟାଲ ବିଏମ୍‌ସି କାର୍ଯ୍ୟାଳୟକୁ ସିଆରପି ଛକରୁ ୫୦୦ ମହିଳା, ପୁରୁଷ ଓ କିନ୍ନର ଉଠାଦୋକାନୀ ଏବଂ ଫାୟାର ଷ୍ଟେସନ ଛକରୁ ୧ ହଜାର ଉଠାଦୋକାନୀ ଆସି ଘେରାଉ କରିବେ। ସେଠାରେ ନସ୍କ ବିଜିଏମ୍‌ର କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ସହ ଅନ୍ୟ କମିଟିର ସଦସ୍ୟମାନେ ଦାୟିତ୍ୱରେ ରହି କାର୍ଯ୍ୟକ୍ରମ ସମ୍ପାଦନ କରିବେ।

କଳ୍ପନା ବିଏମ୍‌ସି କାର୍ଯ୍ୟାଳୟକୁ କଳ୍ପନା ଫାୟାର ଷ୍ଟେସନ ଛକରୁ ୮୦୦ ଦୋକାନୀ, ରବି ଟକିଜ ଛକରୁ ୧ ହଜାର ଦୋକାନୀ, ମାଉସୀ ମା' ମନ୍ଦିର ଛକରୁ ୫୦୦ ଦୋକାନୀ ଘେରାଉ କରିବେ। ସେଠାରେ ମହାସଂଘର କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟମଣି ସାହୁ, ମଞ୍ଜୁ ନାୟକ ଏବଂ ସଭାପତି ନିରଞ୍ଜନ ପାଣ୍ଡେ ଦାୟିତ୍ୱରେ ରହି କାର୍ଯ୍ୟକ୍ରମ ସମ୍ପାଦନ କରିବେ। ବିଏମ୍‌ସିର ମୁଖ୍ୟ କାର୍ଯ୍ୟାଳୟ ଘେରାଉ ସମୟରେ ସାଧାରଣ ସମ୍ପାଦକ ଦୀପକ ମହାପାତ୍ର ଦାୟିତ୍ୱରେ ରହିବେ। ଏହି ବୈଠକରେ ଶରତ ସାହୁ, ସତ୍ୟବ୍ରତ ରାଉତ, ରଶ୍ମିତା ପାତ୍ର, ରମେଶ ଚନ୍ଦ୍ର ବାରିକ, ଏମ୍‌ଡ଼ି ଗୁଜୁରାଲ, ଲକ୍ଷ୍ମୀଧର ପ୍ରଧାନ, ସୁନିଲ୍, ବାରିକ ବାବୁଙ୍କ ସମେତ ବହୁ ଉଠାଦୋକାନୀ ସଂଘର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

---

■ ଏକାମ୍ର ନିର୍ବାଚନୀ ମାମଲା

# ଦସ୍ତାବିଜ୍ ଦାଖଲ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୯।୫(ସମିସ): ଏକାମ୍ର ବିଧାନସଭା ନିର୍ବାଚନୀ ମାମଲାରେ ନିର୍ବାଚନ ସଂପର୍କିତ ଦସ୍ତାବିଜ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଦାଖଲ କରିବାକୁ ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଦା ଲଫାପାରେ ଜିଲ୍ଲାପାଳ ଦସ୍ତାବିଜ ହାଇକୋର୍ଟ ରେଜିଷ୍ଟ୍ରି ନିକଟରେ ଦାଖଲ କରିବେ। ଅଶୋକ ଚନ୍ଦ୍ର ପଣ୍ଡାଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିର୍ବାଚନୀ ମକଦ୍ଦମାର ଉପଯୁକ୍ତ ବିଚାର ଓ ରାୟ ପ୍ରକାଶ ପାଇଁ ନିର୍ଦ୍ଦିଷ୍ଟ ଦସ୍ତାବିଜ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରୁ ତଲବ କରାଯାଉ ବୋଲି ଦର୍ଶାଇ ଅନ୍ତରୀଣ ଆବେଦନ ଦାୟର କରାଯାଇଥିଲା। ମୂଳ ନିର୍ବାଚନୀ ମକଦ୍ଦମାର ଜୁଲାଇ ୧କୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ଏକାମ୍ର ଆସନରୁ ବିଜେପି ପ୍ରାର୍ଥୀ ଶ୍ରୀ ସିଂହଙ୍କ ବିଧାୟକ ଭାବେ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ୨୦୨୪ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୨୦୨୪ ସେପ୍ଟେମ୍ବର ୧୨ରେ ଶ୍ରୀ ପଣ୍ଡାଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ପ୍ରତିପକ୍ଷ ତଥା ବିଧାୟକ ଶ୍ରୀ ସିଂହଙ୍କୁ ନୋଟିସ୍ ଜାରି କରିଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ପଣ୍ଡାଙ୍କ ନିର୍ବାଚନୀ ମୋକଦ୍ଦମାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରିବାକୁ ଶ୍ରୀ ସିଂହ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଗତ ଫେବ୍ରୁଆରି ୯ ରେ ଶ୍ରୀ ସିଂହଙ୍କ ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ଏହାପରେ ନିର୍ବାଚନୀ ମକଦ୍ଦମାର ହାଇକୋର୍ଟରେ ଶୁଣାଣି ଜାରି ରହିଛି।

# ମ୍ୟୁଜିକ ସର୍କଲ ପକ୍ଷରୁ ହିନ୍ଦୁସ୍ତାନୀ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର, ୧୯।୫(ସମିସ): ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଏକ ସ୍ମରଣୀୟ ହିନ୍ଦୁସ୍ତାନୀ ସଙ୍ଗୀତ ସନ୍ଧ୍ୟା ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ସ୍ଥାନରୁ ସଙ୍ଗୀତପ୍ରେମୀ, କଳାକାର ଓ ସଂସ୍କୃତିପ୍ରେମୀମାନଙ୍କର ସମାଗମ ଦେଖିବାକୁ ମିଳିଥିଲା। ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ପ୍ରସିଦ୍ଧ କଣ୍ଠଶିଳ୍ପୀ ସଙ୍ଗୀତା ଚାମୁଆ। ସେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଭକ୍ତିମୟ ଗୀତ ଏବଂ ପାରମ୍ପରିକ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କର ପରିବେଷଣରେ ପ୍ରାୟୋଗିକ ପାରଦର୍ଶିତା, ଭାବନାର ଗଭୀରତା ଏବଂ ଆଧ୍ୟାତ୍ମିକତାର ସମନ୍ୱୟ ସ୍ପଷ୍ଟ ଭାବେ ପ୍ରକାଶ ପାଇଥିଲା। ତାଙ୍କୁ ତବଲାରେ ପ୍ରସିଦ୍ଧ କଳାକାର ତାପସ ପାଳ ଏବଂ ହାର୍ମୋନିୟମରେ ମିତା ପଟ୍ଟନାୟକ ସହଯୋଗ କରିଥିଲେ। ଶେଷରେ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବା ପାଇଁ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମସ୍ତ କଳାକାର ଓ ଦର୍ଶକମାନଙ୍କୁ ଧନ୍ୟବାଦ ଜଣାଯାଇଥିଲା।

# ରାଜ୍ୟ ସଂଗ୍ରହାଳୟରେ ବିଶ୍ୱ ସଂଗ୍ରହାଳୟ ଦିବସ

ଭୁବନେଶ୍ୱର, ୧୯।୫(ସମିସ): ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଲିଙ୍ଗରାଜ କମିଟି ଅଧ୍ୟକ୍ଷ ଡ. ଜଷ୍ଟିସ୍ ଦୁର୍ଗାପ୍ରସନ୍ନ ଚୌଧୁରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନସଚିବ ଦେବପ୍ରସାଦ ଦାସ ଯୋଗଦେଇ ସାଂସ୍କୃତିକ, ସାମାଜିକ, ଭୌଗୋଳିକ ସୀମା ଅତିକ୍ରମ କରି ଲୋକମାନଙ୍କୁ ଏକତ୍ର କରିବାରେ ସଂଗ୍ରହାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନ, ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ସଂଗ୍ରହାଳୟଗୁଡ଼ିକର ମୁଖ୍ୟତଃ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଗ୍ରହାଳୟ ପକ୍ଷରୁ 'ଓଏଚ୍‌ଆରଜେ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ମଧୁସୂଦନ ରାଓଙ୍କ ବ୍ୟବହୃତ ସାମଗ୍ରୀର ଏକ ପ୍ରଦର୍ଶନୀ, ବିଭିନ୍ନ ସ୍ଥାନରୁ ସଂଗୃହୀତ ତାଳପତ୍ର ପ୍ରଦର୍ଶନୀ ସମେତ ସଂଗ୍ରହାଳୟକୁ ପୋଥି ଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରୁ ଆସିଥିବା ଶିକ୍ଷନବିସମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପରିଚାଳନା କରିଥିଲେ।

# ପୂଜ୍ୟପୂଜା ସଂସ୍କୃତିର ମାସିକ ଆଲୋଚନା



ଭୁବନେଶ୍ୱର, ୧୯।୫(ସମିସ): ସୋମବାର ପୂଜ୍ୟପୂଜାର ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ସତ୍ୟ ରଞ୍ଜନ ପାଢ଼ୀ ବିଭିନ୍ନ ପୂଜ୍ୟ ପୂଜା ଉତ୍କଳୀୟ ସଂସ୍କୃତିର ମହାନ୍ ପରମ୍ପରା ଓ ପାତାଳ ଭେଦୀ ସଂସ୍କୃତି ଅଟେ ବୋଲି କହିବା ସହ ଏଥିପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ମୌଲାନା ମୁସ୍ତକମ ଖାଁଙ୍କ ଜୀବନ ଦର୍ଶନ ଓ ତାଙ୍କ ଗ୍ରନ୍ଥାବଳୀରେ କିପରି ଦେବାଦେବୀଙ୍କ ଭଜନ ଜଣାଣ ସ୍ଥାନ ପାଇଛି ତାହା ବର୍ଣ୍ଣନା କରିଥିଲେ। ଇଂ ଗଣେଶ ଚନ୍ଦ୍ର ପଣ୍ଡା ଭକ୍ତ ସାଲବେଗଙ୍କ ଭଜନ ଗାନ କରିବା ସହ ସାଲବେଗଙ୍କ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଅନୁଷ୍ଠାନ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୀତାବଲ୍ଲଭ ମହାପାତ୍ର, ଲଡ୍ଡୁକିଶୋର ପଡ଼ିଆରୀ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସତ୍ୟନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

---

# ରହସ୍ୟ, ନୀରବତା ଏବଂ ଛାୟା: 'ଦି ମିଡନାଇଟ୍ ଥେରାପିଷ୍ଟ'

ଭୁବନେଶ୍ୱର, ୧୯ ।୫(ସମିସ): ଆଗାମୀ ସର୍ଟ ଫିଲ୍ମ 'ଦି ମିଡନାଇଟ୍ ଥେରାପିଷ୍ଟ'ର ଫର୍ଷ୍ଟ ଲୁକ୍ ପୋଷ୍ଟର ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଆଡ଼ସଚି ମିଡ଼ିଆ ଏବଂ ଏଡ଼ୱାଲ୍ଡ ଇନ୍ସ ପ୍ରଯୋଜିତ ଏହି ଫିଲ୍ମରେ ଟାଇଟସ୍ ଉପ୍ପୁତୁରୁ ଓ କେଶବ ଭାରଦ୍ୱାଜ ମୁଖ୍ୟ ଭୂମିକାରେ ଅଛନ୍ତି। ପୋଷ୍ଟରର ଅନ୍ଧାରମୟ ଭିଜୁଆଲ୍, କୃଷକ ରୂପରେ ଟାଇଟସ୍‌ଙ୍କ ଲୁକ୍ ଏବଂ "ଦ ନାଇଟ ଲିଷ୍ଟିନ୍ ଟୁ ଏଭ୍ରିଥିଙ୍ଗ୍' ଟ୍ୟାଗ୍ଲାଇନ୍ ଦର୍ଶକଙ୍କ ମଧ୍ୟରେ ଭାରି କୌତୁହଳ ସୃଷ୍ଟି କରିଛି। ଫିଲ୍ମଟି ମାନସିକ ଥ୍ରିଲର୍ ଓ ଭାବପୂର୍ଣ୍ଣ ଡ୍ରାମା ହେବ ବୋଲି ଅନୁମାନ କରାଯାଉଛି। 'ନିପ୍ ଇନ୍ ଦ ବୁଡ଼' ଓ 'ପାସେଲ୍‌ଫ' ପରି କାମ ପାଇଁ ପରିଚିତ ଟାଇଟସ୍ ଏଥରେ ନୂତନ ଶୈଳୀରେ ଦେଖାଯାଉଛନ୍ତି। କେବଳ ଗୋଟିଏ ପୋଷ୍ଟର ମାଧ୍ୟମରେ 'ଦି ମିଡନାଇଟ୍ ଥେରାପିଷ୍ଟ' ଏବେ ବର୍ଷର ସବୁଠାରୁ ଚର୍ଚ୍ଚିତ ସର୍ଟ ଫିଲ୍ମମାନଙ୍କ ମଧ୍ୟରେ ସ୍ଥାନ ନେଇଛି।

---

**ବିଏମ୍‌ସି ହସ୍ପିଟାଲରେ ନାହାନ୍ତି ଆବଶ୍ୟକ ଡାକ୍ତର**

# ଚିକିତ୍ସା ବ୍ୟବସ୍ଥାର ସୁଧାର ପାଇଁ ଧାରଣାରେ ୪୪ ମାସ

ଭୁବନେଶ୍ୱର, ୧୯।୫(ସମିସ): ରାଜଧାନୀର ପୁରାତନ ପୌର ଚିକିତ୍ସାଳୟ ୧୯୪୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଆରଟିଆଇ ତଥ୍ୟ ଅନୁସାରେ ବର୍ତ୍ତମାନ ୪୧ ଡାକ୍ତରରୁ ୯ ଜଣ ଡାକ୍ତର ଡାକ୍ତରଖାନାରେ ଚିକିତ୍ସା କରୁଛନ୍ତି। ଏହାର ପ୍ରତିକାର ପାଇଁ ଜନସାଧାରଣଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ୪୪ ମାସ ଶାନ୍ତି ପୂର୍ଣ୍ଣ ଧାରଣା ଦିଆଚାଲିଛି। ପୌର କମିଶନରଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଥରକୁ ଥର ଅବଗତ କରାଇଥିଲେ ମଧ୍ୟ ତାହା ସୁଧୁରୁ ନାହିଁ। ଜନସାଧାରଣ ଚିକିତ୍ସା ପାଇଁ ବାର ଦୁଆର ହେଉଛନ୍ତି। ଅନ୍ୟପଟେ ୧୨୫ ଜଣ ପିଜି ଡାକ୍ତର ଦୀର୍ଘ ପାଞ୍ଚ ମାସ ହେବ ସ୍ୱାସ୍ଥ୍ୟ ବିଭାଗରୁ ଦରମା ପାଇ ହାତଗୋଡ଼ ବାନ୍ଧି ପଡ଼ି ରହିଛନ୍ତି। ନିଯୁକ୍ତି ନୁହେଁ, ସ୍ୱାସ୍ଥ୍ୟ ବିଭାଗ କେବଳ ପୋଷ୍ଟିଙ୍ଗ କରିବେ। ବରିଷ୍ଠ ଡାକ୍ତରଙ୍କ ଭାଷାରେ ମାସେ ଭିତରେ ପୋଷ୍ଟିଙ୍ଗ କରିବା କଥା। ଅଥଚ ପାଞ୍ଚ ମାସ ହେବ ପଡ଼ିରହିଛନ୍ତି ୧୨୫ ପିଜି ଡାକ୍ତର। ଜନସାଧାରଣଙ୍କ ଠାରୁ ଆଦାୟ କରାଯାଉଥିବା ବିଭିନ୍ନ ପ୍ରକାର ଟିକସର ଅର୍ଥ ଆଖି ଆଗରେ ବାଟ ମାରଣା କରାଯାଉଅଛି। ଏହି ସମସ୍ୟା ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ନିଳମଣି ମିଶ୍ର ନିବେଦନ କରିଛନ୍ତି। ଆଜିର ଏହି ଧାରଣାରେ ଉଲ୍ଲାସ ଚନ୍ଦ୍ର ମହାପାତ୍ର, ଗିରିଜା ଶଙ୍କର ମହାପାତ୍ର, ତାରା ଚରଣ ଆଚାର୍ଯ୍ୟ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।




# ପିଏମ୍‌ଶ୍ରୀ କେଭିରେ ଗ୍ରୀଷ୍ମକାଳୀନ କର୍ମଶାଳା

ଭୁବନେଶ୍ୱର, ୧୯।୫(ସମିସ): ପିଏମ୍‌ଶ୍ରୀ କେଭି ନଂ-୧ ଭୁବନେଶ୍ୱରରେ ପିଏମ୍‌ଶ୍ରୀ ଯୋଜନା ଅଧୀନରେ ୪ ମେ'ରୁ ୧୮ ମେ' ପର୍ଯ୍ୟନ୍ତ ୧୫ ଦିନିଆ ଏଆଇ ଓ ଆନିମେସନ୍ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପ୍ରିନ୍ସପାଲ୍ ଆଦିତ୍ୟ କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶିକ୍ଷା ଓ ସୃଜନଶୀଳ କାର୍ଯ୍ୟ ପାଇଁ ଦାୟିତ୍ୱବାନ ଭାବରେ ଏଆଇ ବ୍ୟବହାର କରିବାକୁ ପ୍ରେରିତ କରିଥିଲେ। ଏଥିରେ ୩ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତ ସରକାରଙ୍କ ଏହି ନୂତନ ଶିକ୍ଷାମୂଳକ ପଦକ୍ଷେପରୁ ଲାଭାନ୍ୱିତ ହୋଇଥିଲେ। ଏଥିରେ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଆନିମେସନ୍, ଡିଜିଟାଲ୍ ଡିଜାଇନିଂ, ପ୍ରମ୍ପ୍ଟ ଇଞ୍ଜିନିୟରିଂ, ପୋଷ୍ଟର ପ୍ରସ୍ତୁତି, ଇ-ବୁକ୍ ପ୍ରକାଶନ ଓ ଭିଡିଓ ଏଡିଟିଂର ବ୍ୟବହାରିକ ଦିଗ ସମ୍ପର୍କରେ ପରିଚିତ କରାଯାଇଥିଲା। ସୃଜନଶୀଳତା ଓ ଦଳୀୟ କାର୍ଯ୍ୟଭାବନାକୁ ପ୍ରୋତ୍ସାହନ ଦେବା ପାଇଁ ବିଦ୍ୟାଳୟ ପକ୍ଷରୁ ଶିକ୍ଷାମୂଳକ ଚାର୍ଟ ଡିଜାଇନିଂ ଓ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ଏବଂ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଶାଳାର ସମାପନୀ ଅବସରରେ ପ୍ରକଳ୍ପ ମୂଲ୍ୟାଙ୍କନ, ଚାର୍ଟ ପ୍ରଦର୍ଶନୀ, ଗ୍ରୁପ୍ ଫଟୋ, ସର୍ଟିଫିକେଟ୍ ବିତରଣ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରିନ୍ସପାଲ୍ ଆଦିତ୍ୟ କୁମାର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଓ ସୃଜନଶୀଳ କାର୍ଯ୍ୟ ପାଇଁ ଦାୟିତ୍ୱବାନ ଭାବରେ ଏଆଇ ବ୍ୟବହାର କରିବାକୁ ପ୍ରେରିତ କରିଥିଲେ। ଭାଇସ୍-ପ୍ରିନ୍ସପାଲ୍ ଭୂପେନ୍ଦ୍ର ସିଂହ ଏଆଇର ନୈତିକ ଓ ଦାୟିତ୍ୱଶୀଳ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି କର୍ମଶାଳାକୁ ଡକ୍ଟର ରବୀନ୍ଦ୍ର କୁମାର ଦୁବେ, ଶିକ୍ଷୟିତ୍ରୀ ରୀନା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ବିଶୋୟୀ, ମାନସ ରଞ୍ଜନ ଶତପଥୀ ଓ ପ୍ରଫୁଲ୍ଲ କୁମାର ସାହୁ ସଫଳତାର ସହ ପରିଚାଳନା କରିଥିଲେ।



---

# ଛାତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ଏମ୍‌ଟେକ୍ ଛାତ୍ର ଗିରଫ

ଭୁବନେଶ୍ୱର, ୧୯ ।୫(ସମିସ): ଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ଏମ୍‌ଟେକ୍ ଛାତ୍ରକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ କୋଲଥିଆର ମିଲନ ରାୟ(୨୯)। ପୁଲିସ ସୂଚନା ଅନୁସାରେ, ମିଲନ ଏମ୍‌ଟେକ୍ ପଢୁଥିବା ବେଳେ ଛାତ୍ରୀ ଜଣକ ମାଇକ୍ରୋ ବାୟୋଲୋଜି (କ୍ଷୁଦ୍ରଜୀବ ବିଜ୍ଞାନ)ରେ ପଢୁଛନ୍ତି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ ମାଧ୍ୟମରେ ଉଭୟଙ୍କ ପରିଚୟ ହେବାପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମିଲନ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ରାଜଧାନୀର ବିଭିନ୍ନ ସ୍ଥାନକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲା। ନିକଟରେ ଛାତ୍ରୀ ବିବାହ କରିବାକୁ କହିବାରୁ ମିଲନ ଧରାଛୁଆଁ ଦେଇନଥିଲା। ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ମିଲନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଏକାମ୍ର ବରିଷ୍ଠ ନାଗରିକ ସଂଘର ଚନ୍ଦନ ମହୋତ୍ସବ



ଭୁବନେଶ୍ୱର, ୧୯।୫(ସମିସ): ଏକାମ୍ର ବରିଷ୍ଠ ନାଗରିକ ସଂଘର ଚନ୍ଦନ ମହୋତ୍ସବ ଯାଇଛି। ଅନୁଷ୍ଠାନର ଏହି ଖୋଲା ଅଧିବେଶନରେ ସଂଗଠନର ସଭାପତି ହୃଷୀକେଶ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଧିରେନ ପଟ୍ଟନାୟକ ଚନ୍ଦନ ଉତ୍ସବର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟଅତିଥି ଏକାମ୍ର ବିଧାୟକ ବାବୁ ସିଂ, ଅନ୍ୟତମ ଅତିଥି ହାଥ ଔଯେର, ପୂର୍ବ ଭାରତର ଉପ ସଭାପତି ବୈଦ୍ୟନାଥ ଦାସ, ବରିଷ୍ଠ ନାଗରିକ ମହାସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକାରୀ ସଭାପତି ଗିରିଜା ନନ୍ଦନ ମହାନ୍ତି, ଜୟ ଓଡ଼ିଶାର ଅଧ୍ୟକ୍ଷ ରୁଦ୍ର ପ୍ରସାଦ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଖଦିବୋର୍ଡର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ସମାଜସେବୀ ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଡା. ପ୍ରଦୀପ କୁମାର ଆଚାର୍ଯ୍ୟ ବରିଷ୍ଠ ନାଗରିକ ମାନେ ନିଜର ସ୍ୱାସ୍ଥ୍ୟ ପାଇଁ ସଚେତନ ରହିବା ଦରକାର ବୋଲି କହିଥିଲେ। ଏହି ଉତ୍ସବରେ ଜନାର୍ଦ୍ଦନ ମେମୋରିଆଲ ଟ୍ରଷ୍ଟ ତରଫରୁ ୬ ଜଣ ବୟୋଜ୍ୟେଷ୍ଠ ସଦସ୍ୟଙ୍କୁ 'ଏକାମ୍ର ଚନ୍ଦନ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଆଜିର ଉତ୍ସବରେ ମୟୂର ଆର୍ଟ ସେଣ୍ଟରର ସହଯୋଗୀ ଅନୁଷ୍ଠାନ ଛାତ୍ରୀମାନଙ୍କ ତରଫରୁ ସମ୍ବଲପୁରୀ ନୃତ୍ୟ ପୂଜାଥାଳି ଓ ରସରକେଲୀ ପରିବେଷଣ କରାଯାଇଥିଲା। ଶେଷରେ ଉପସଭାପତି ଅଶୋକ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

---

# ଦୁଇଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

■ ଲୋକଭବନ ପେଟ୍ରୋଲ ପମ୍ପରୁ ଗଙ୍ଗନଗର ଛକ ରାସ୍ତା ହେବ ପ୍ରଶସ୍ତୀକରଣ

■ କ୍ୟାପିଟାଲ ହସ୍ପିଟାଲଠାରୁ ବନଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ

ଭୁବନେଶ୍ୱର, ୧୯।୫(ସମିସ)

ଲୋକଭବନ ପେଟ୍ରୋଲ ପମ୍ପରୁ ଗଙ୍ଗନଗର ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ ହେବ। ଏବାବଦରେ ୫. ୯୬ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ୟୁନିଟ୍-୬ ର ଆଭ୍ୟନ୍ତରୀଣ ରାସ୍ତା ଯଥା କ୍ୟାପିଟାଲ ହସ୍ପିଟାଲଠାରୁ ବନଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ କରାଯିବ। ଏଥିପାଇଁ ୩. ୯୩ କୋଟି ଟଙ୍କା ଖର୍ଚ୍ଚ ହେବ। ମଙ୍ଗଳବାର ରାଜଧାନୀର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏହି ରାସ୍ତାର ଉନ୍ନତିକରଣ ଦ୍ୱାରା ଏଲ୍‌ଆଇସି ଛକରୁ ଗଙ୍ଗନଗର ଛକ ଏବଂ କ୍ୟାପିଟାଲ ହସ୍ପିଟାଲ ଅଞ୍ଚଳରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ଦୂର ହେବା ସହ ଯାନବାହାନ ପରିବହନ ସହଜ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଭୁବନେଶ୍ୱରରେ ସହରୀ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ରାସ୍ତା ସଂଯୋଗୀ କରଣରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଓ ଏଥିନିମିତ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ୩୭ଟି ରାସ୍ତା ପାଇଁ ପ୍ରାୟ ୭୮୨୬.୧୫ କୋଟି ଟଙ୍କାର ବ୍ୟୟଅଟକଳକୁ ମଞ୍ଜୁରୀ ମିଳିଛି। ରାଜଧାନୀକୁ ଭିଡ଼ ମୁକ୍ତ କରିବା ନେଇ ଥିବା ଲକ୍ଷ୍ୟ ଖୁବ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି ଓ ତନ୍ମଧ୍ୟରୁ ଆଜି ୨ଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।



ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ସହରର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଧୁନିକ ତଥା ସ୍ଥାୟୀ ସଡ଼କ ଭିତ୍ତିଭୂମି ବିକାଶର ଗୁରୁତ୍ୱକୁ ଉପଲବ୍ଧି କରି, ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ବାସିନ୍ଦା ମାନେ ବିଶେଷ ଭାବରେ ଉପକୃତ ହେବେ ବୋଲି ସେ ଆଶା ପ୍ରକଟ କରିଥିଲେ। ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ୪୬ ନମ୍ବର ୱାର୍ଡ କର୍ପୋରେଟର ପୁଷ୍ପା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।





## କଟକ ଶିଶୁ ଭବନରେ ପ୍ରଶାସନିକ ଅବ୍ୟବସ୍ଥା

# ଜଣେ କର୍ମଚାରୀଙ୍କ ହାତରେ ୧୦ରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

କଟକ, ୧୯।୫(ସମିସ)

ଓଡ଼ିଶାର ଅଗ୍ରଣୀ ଶିଶୁ ଚିକିତ୍ସାଳୟ କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁ ଭବନ)ରେ ବ୍ୟାପକ ଅବ୍ୟବସ୍ଥା ଓ ଆର୍ଥିକ ଦୁର୍ନୀତି ଚାଲିଥିବା ନେଇ କର୍ମଚାରୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ହସ୍ପିଟାଲ କର୍ତ୍ତୃପକ୍ଷ ଜଣେ ସିନିଅର ଆସିଷ୍ଟାଣ୍ଟଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଏବଂ ତାଙ୍କ ପାଇଁ ସମଗ୍ର ସରକାରୀ ନିୟମକୁ ଜଳାଞ୍ଜଳି ଦିଆଯାଉଥିବା ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ କର୍ତ୍ତୃପକ୍ଷଙ୍କ ଭୂମିକା ଏବେ ସନ୍ଦେହଘେରକୁ ଆସିଛି।

ମିଳିଥିବା ସୂଚନା ଅନୁଯାୟୀ, ଶିଶୁ ଭବନ ପରିସରରେ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ୩ଟି ସରକାରୀ କ୍ୱାର୍ଟର୍ସ ସମ୍ପୂର୍ଣ୍ଣ ଖାଲି ପଡ଼ିଛି। ସରକାରୀ ନିୟମ ଅନୁସାରେ ସିନିଅର ଆସିଷ୍ଟାଣ୍ଟଙ୍କୁ ସେହି କ୍ୱାର୍ଟର୍ସ ମଧ୍ୟରୁ ଗୋଟିଏ କ୍ୱାର୍ଟର୍ସ ଆବଣ୍ଟନ କରାଯିବା କଥା। ମାତ୍ର କର୍ତ୍ତୃପକ୍ଷ ସମସ୍ତ ନୀତିନିୟମକୁ ଆଖିଠାର ମାରି ଉକ୍ତ ପ୍ରଭାବଶାଳୀ କର୍ମଚାରୀଙ୍କୁ ଡାକ୍ତରମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ସ୍ୱତନ୍ତ୍ର କ୍ୱାର୍ଟର୍ସ ଆବଣ୍ଟନ କରିଛନ୍ତି। ଏହି ବେଆଇନ କ୍ୱାର୍ଟର୍ସ ଆଲଟମେଣ୍ଟକୁ ନେଇ ହସ୍ପିଟାଲର ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେବଳ ରହୁଥିବା କ୍ୱାର୍ଟର୍ସ ନୁହେଁ, ଶିଶୁ ଭବନର ସମସ୍ତ ଆଭ୍ୟନ୍ତରୀଣ ତଥା ଆର୍ଥିକ କାରବାରର ଚାବିକାଠି ମଧ୍ୟ ସେହି ଜଣେ ମାତ୍ର କର୍ମଚାରୀଙ୍କ ହାତରେ କେନ୍ଦ୍ରୀଭୂତ କରି ରଖାଯାଇଛି। ପ୍ରଶାସନିକ ସ୍ୱଚ୍ଛତା ଓ ସମତା ରକ୍ଷା କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଏକାଧିକ କର୍ମଚାରୀଙ୍କ ମଧ୍ୟରେ ବଣ୍ଟନ କରାଯିବା ନିୟମ ରହିଛି। ମାତ୍ର ଏଠାରେ ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି। ଉକ୍ତ ସିନିଅର ଆସିଷ୍ଟାଣ୍ଟ ଏକାକୀ କ୍ୱାର୍ଟର୍ସ ଆଲଟମେଣ୍ଟ, ଟେଣ୍ଡର୍ ଫାଇଲ୍, ଆଉଟସୋର୍ସିଂ, ସିକ୍ୟୁରିଟି, ସାନିଟେସନ୍, ଗୋପନୀୟ ଫାଇଲ୍, ବିଭାଗୀୟ ପଦୋନ୍ନତି ଫାଇଲ୍ ସମେତ ମୋଟ ୧୦ରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି। ଜଣେ ସାଧାରଣ କର୍ମଚାରୀଙ୍କ ହାତରେ ଏତେ ସଂଖ୍ୟକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିବା ଫଳରେ ଶିଶୁଭବନରେ ଦୁର୍ନୀତି ଏବଂ ମନମୁଖୀ କାର୍ଯ୍ୟକଳାପ ଚରମ ସୀମାରେ ପହଞ୍ଚିଛି। ଟେଣ୍ଡର ପ୍ରକ୍ରିୟାଠାରୁ ଆରମ୍ଭ କରି ଆଉଟସୋର୍ସିଂ ନିଯୁକ୍ତି ଏବଂ ବିଭିନ୍ନ ସେବା ଯୋଗାଉଥିବା ସଂସ୍ଥା ଚୟନରେ ବ୍ୟାପକ ପିସି ବା ଲାଞ୍ଚ କାରବାର ଚାଲିଥିବା ନେଇ ସାଙ୍ଘାତିକ ଅଭିଯୋଗ ଉଠିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଶିଶୁ ଭବନର କର୍ତ୍ତୃପକ୍ଷ ସବୁ କିଛି ଜାଣିଶୁଣି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଆଖି ବୁଜି ଦେଇଥିବା ନେଇ କର୍ମଚାରୀ ମହଲରେ ଚର୍ଚ୍ଚା ଜୋର ଧରିଛି ହେଲେ ଚାକିରୀ ଭୟରେ ସେମାନେ ମୁହଁ ଖୋଲୁ ନାହାଁନ୍ତି। ଗରିବ ରୋଗୀଙ୍କ ସେବା ପାଇଁ ଉଦ୍ଦିଷ୍ଟ ଏହି ପବିତ୍ର ଅନୁଷ୍ଠାନର ସୁନାମ ହାନି ହେଉଥିବାରୁ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି। ଶିଶୁ ଭବନରେ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥା ଫେରାଇ ଆଣିବା ପାଇଁ ତୁରନ୍ତ ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ମଚାରୀ ମହଲରେ ଦାବି ଜୋର ଧରିଛି।




**କର୍ମଚାରୀ କ୍ୱାର୍ଟର୍ସ ଥାଉ ଥାଉ ସିନିଅର ଆସିଷ୍ଟାଣ୍ଟଙ୍କୁ ଡାକ୍ତରୀ କ୍ୱାର୍ଟର୍ସ**

**ଟେଣ୍ଡର ଓ ଆଉଟସୋର୍ସିଂ ଫାଇଲରେ ମନମୁଖୀ କାର୍ଯ୍ୟ ଅଭିଯୋଗ**

**ତେଜୁଛି ଅସନ୍ତୋଷ; ଉଚ୍ଚସ୍ତରୀୟ ତଦନ୍ତ ଦାବି**

## ଜମିକ୍ରେତାଙ୍କୁ ହଇରାଣ କରୁଛି ପି.ପି କନଷ୍ଟ୍ରକସନ



**କଟକ, ୧୯।୫(ସମିସ):** ବିଦ୍ୟାଧରପୁର ବାରଙ୍ଗ ଅଞ୍ଚଳରେ ପି.ପି କନଷ୍ଟ୍ରକସନ ବିରୋଧରେ ଜମିକ୍ରେତାମାନଙ୍କ ଗୁରୁତର ଅଭିଯୋଗ ପରେ ଆଜି ଡିସିପି ହସ୍ତକ୍ଷେପ ଦେଖିବାକୁ ମିଳିଛି। ଜମି କ୍ରେତାଙ୍କୁ ବିଭିନ୍ନ ପ୍ରକାର ହଇରାଣ ହରକତ କରୁଥିବାରୁ ସୋସାଇଟି ଚେଞ୍ଜର୍ସ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଗ୍ରହଣ କରି ଡିସିପି ବାରଙ୍ଗ ଥାନା ଆଇଆଇସିଙ୍କୁ ତୁରନ୍ତ ଫୋନ ଯୋଗେ ଆଇନ ଭିତ୍ତିରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ ଅଭିଯୁକ୍ତଙ୍କ ବିରୋଧରେ କଡ଼ା ପଦକ୍ଷେପ, ସହିତ ଗିରଫ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଡିସିପି ଜମି କ୍ରେତାମାନଙ୍କୁ ବାରଙ୍ଗ ଥାନାକୁ ଯାଇ ଆବଶ୍ୟକ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ସୋସାଇଟି ଚେଞ୍ଜର୍ସ ରାଜ୍ୟ ସଭାପତି ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ଜମିକ୍ରେତାମାନେ ଡିସିପିଙ୍କୁ ଭେଟି ଦୀର୍ଘଦିନ ଧରି ପୋଜେସନ ନ ମିଳିବା, ରାସ୍ତା ବନ୍ଦ, ଧମକ ଓ ଅବୈଧ ଟଙ୍କା ଦାବି ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ଅବସରରେ ଜମିକ୍ରେତାଙ୍କ ମଧ୍ୟରୁ ଅଜଟରାଏ ରୁଦ୍ରପ୍ରସାଦ ଭୂୟାଁ, ଜୟଗୁରୁ ଦାସ, ବିଷ୍ଣୁପ୍ରିୟା ସାମଲ, ସୂର୍ଯ୍ୟମଣି ନାୟକ, ମାନସ ବଳବନ୍ତରାଏ, ସ୍ୱର୍ଣ୍ଣପ୍ରକାଶ ବେହେରା, ନରେନ୍ଦ୍ର ନାୟକ, ରଘୁନାଥ କର୍ମକାର, ବିନୋଦ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜମିକ୍ରେତାମାନେ କହିଛନ୍ତି ଯେ, ଯଦି ଶୀଘ୍ର ସମାଧାନ ନ ହୁଏ, ତେବେ ସେମାନେ ଆଗାମୀ ଦିନରେ ଜିଲ୍ଲାପାଳ, ରାଜସ୍ୱମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିବେ।

**ଡିସିପିଙ୍କ ହସ୍ତକ୍ଷେପ, ବାରଙ୍ଗ ଥାନାକୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

## ପୁଲିସର ଇଦ୍ ଉଲ ଜୁହା ପ୍ରସ୍ତୁତି

**କଟକ, ୧୯।୫(ସମିସ):** ଆସନ୍ତା ୨୮ ତାରିଖରେ ମୁସଲିମ ଧର୍ମାବଲମ୍ବୀଙ୍କ ପବିତ୍ର ଇଦ-ଉଲ-ଜୁହା ପର୍ବ ପାଳନ କରିବେ। ଏହାକୁ ଦୃଷ୍ଟିରେ ରଖି କଟକ ପୁଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓ ସୁରକ୍ଷା ଏବଂ ଟ୍ରାଫିକ ବ୍ୟବସ୍ଥାର ସମୀକ୍ଷା କରିଥିଲେ। କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତିକୁ ଏଡାଇବା ଲାଗି କଡା ସୁରକ୍ଷା ବନ୍ଦୋବସ୍ତ ସହ ପାଟ୍ରୋଲିଂକୁ କଡାକଡି କରିବାକୁ ଡିସିପି ସମସ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ଶୃଙ୍ଖଳା ପାଇଁ ସହରରେ ୮ ପ୍ଲାଟୁନ ଫୋର୍ସ ମୁତୟନ ହେବ। ସହରର ସମସ୍ତ ମସଜିଦରେ ସଶସ୍ତ୍ର ଫୋର୍ସ ସହିତ ୧୪ ଜଣ ଏସଆଇ, ୨ ଜଣ ହାବିଲଦାର, ୩୨ କନଷ୍ଟେବଲ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ହେବେ। ପିସିଆର, ବାଇକ ଓ ଫୁଟ ପାଟ୍ରୋଲିଂକୁ ଜୋରଦାର କରାଯିବ। ନମାଜ ପାଠ ସମୟରେ ଭିଡକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ମଧ୍ୟ କରାଯିବ। ସେହିପରି କୌଣସି ପ୍ରକାର ବିଶୃଙ୍ଖଳା ଏଡାଇବା ପାଇଁ ଥାନାୱାରୀ ଫ୍ଲାଗମାର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ସମସ୍ତ ଜୋନ ଏସିପି, ଇନ୍ସପେକ୍ଟରଙ୍କୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି।

## ୪୬ ନଂ ୱାର୍ଡରେ ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ



**କଟକ, ୧୯।୫(ସମିସ):** କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟକ ମହାନଗର ନିଗମ (ସିଏମସି) ର ୪୬ ନମ୍ବର ୱାର୍ଡ ସ୍ଥାନୀୟ ଶିଖରପୁରଠାରେ ଓଡ଼ିଶା ଜନତା କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ କର୍ମୀ ସମ୍ମିଳନୀ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ପରିଡ଼ାଙ୍କ ପରିଚାଳନା ଏବଂ ଅଜୟ ଗୋଛାୟତଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ପୌର ନିର୍ବାଚନକୁ ଆଖିରେ ରଖି ଦଳକୁ ତୃଣମୂଳସ୍ତରରୁ କିପରି ଅଧିକ ସଂଗଠିତ କରାଯିବ ଏବଂ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଯାଇପାରିବ, ସେ ନେଇ ସେ କର୍ମୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହାସହ ୱାର୍ଡର ବିଭିନ୍ନ ସ୍ଥାନୀୟ ସମସ୍ୟାକୁ ସାମ୍ନାକୁ ଆଣି ଦଳ ଓ କର୍ମୀମାନେ ସର୍ବଦା ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ଶ୍ରୀ ମୋକିମ୍ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ବରିଷ୍ଠ ନେତା ନିକୁଞ୍ଜ ପଶାୟତ, ବୀରେନ୍ଦ୍ର ଦାସ ଏବଂ ସେକ ଲିଆକତ୍ ଉଦ୍ଦିନ ଅହମ୍ମଦ ଯୋଗଦେଇ ୱାର୍ଡରେ ଓଡ଼ିଶା ଜନତା କଂଗ୍ରେସକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସ୍ଥାନୀୟ ନେତା ଅଜୟ ଗୋଛାୟତ ଧନ୍ୟବାଦ ଦେଇଥିଲେ। ଶିଖରପୁର-ଗଣ୍ଡରପୁର ମହାନଦୀ ବିହାର ପୂଜା କମିଟି ସଭାପତି ଜୟନ୍ତ ପ୍ରଧାନ, କୋଷାଧ୍ୟକ୍ଷ ନଗେଶ ସ୍ୱାଇଁ, ବରିଷ୍ଠ ମୁରବୀ ଅଜୟ ମହାନ୍ତି, ହାଡିବନ୍ଧୁ ମହାନ୍ତି, ଶରତ ଜେନା, ମୀନକେତନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ନାରୀ ନେତ୍ରୀ ସିପ୍ରା ଗୋଛାୟତ, ଅଲିଭା ଗୋଛାୟତ, ରିଙ୍କି ମହାରଣା, ମଧୁସ୍ମିତା ଦାସ, ରାଜଲକ୍ଷ୍ମୀ ମହାରଣା ଓ ଶାରଦା ନାୟକଙ୍କ ସମେତ ବହୁ ସଂଖ୍ୟାରେ ମହିଳା କର୍ମୀ ଓ ସ୍ଥାନୀୟ ଜନସାଧାରଣ ବୈଠକକୁ ସଫଳ କରାଇଥିଲେ।

## ମଦ ଜବତ: ବେପାରୀ ଗିରଫ

**କଟକ, ୧୯ ।୫(ସମିସ):** ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଆଜି ଜଣେ ନିଶା ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଭୁବନେଶ୍ୱର ଗଙ୍ଗନଗର ଅଞ୍ଚଳର ପ୍ରଣବ ନାୟକ(୨୩)। ତା' ପାଖରୁ ୯ ଶହ ଲିଟର ଦେଶୀ ମଦ ଜବତ ହୋଇଛି। ପ୍ରଣବ ଏକ କାରରେ ଚନ୍ଦକା ପଟୁ ନିଶାଦ୍ରବ୍ୟ ନେଇ ଭୁବନେଶ୍ୱର ଆଡକୁ ଯାଉଥିଲା। ଅବକାରୀ ଟିମ ନନ୍ଦନକାନନ ଛକ ନିକଟରେ ଗାଡିକୁ ଅଟକାଇଥିଲା। କାର ଭିତରୁ ୪ଟି ବସ୍ତାରେ ଥିବା ୯ ଶହ ଲିଟର ଦେଶୀ ମଦ ମିଳିଥିଲା। ଯାହାର ମୂଲ୍ୟ ପ୍ରାୟ ୧ ଲକ୍ଷ ୮୦ ହଜାର ଟଙ୍କା ହେବ। ଏହି ମାମଲାରେ ମଦ ସହିତ ଚାଲାଣରେ ବ୍ୟବହୃତ କାରକୁ ମଧ୍ୟ ଜବତ କରାଯାଇଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତକୁ ଜେଲ ପଠାଇ ଦିଆଯାଇଛି।

## ବକେୟା ଦରମା ଦାବିରେ ଠିକା କର୍ମଚାରୀଙ୍କ ଧାରଣା

**କଟକ, ୧୯।୫(ସମିସ):** ବାକି ଦରମା ପ୍ରଦାନ ଦାବିରେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ 'କ୍ୟୁଏସ୍' ନାମକ ଘରୋଇ ଠିକା ସଂସ୍ଥାର ପ୍ରାୟ ୪ଶହ କର୍ମଚାରୀ ମଙ୍ଗଳବାର ସକାଳୁ ଗଣଧାରଣା ଦେଇଥିଲେ। ମେଡିକାଲ ପରିସରରେ ଥିବା ସହାୟତା କେନ୍ଦ୍ର ନିକଟରେ ଆଟେଣ୍ଡାଣ୍ଟ, ଟେକ୍ନିସିଆନ୍, ସୁଇପର ଏବଂ ହାଉସକିପିଂ କର୍ମଚାରୀମାନେ ଦେଢ଼ ମାସ ହେବ ଦରମା ପାଇ ନ ଥିବାରୁ ଏହି ଆନ୍ଦୋଳନକୁ ଓହ୍ଲାଇଥିଲେ। ସାଧାରଣତଃ ମାସର ପ୍ରଥମ ସପ୍ତାହରେ ଦରମା ମିଳୁଥିବା ବେଳେ ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଏହା ନ ମିଳିବାରୁ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଆକସ୍ମିକ ଆନ୍ଦୋଳନ ଯୋଗୁଁ ମେଡିକାଲର ଦୈନନ୍ଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ସହ କର୍କଟ ରୋଗୀଙ୍କ ସେବାରେ ନାହିଁ ନ ଥିବା ଅସୁବିଧା ଉପୁଜିଥିଲା। ଦୀର୍ଘ ୮ ଘଣ୍ଟା ଧରି ଚାଲିଥିବା ଏହି ଧାରଣା ପରେ ଠିକା ସଂସ୍ଥାର ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନେ ଆସନ୍ତା ବୁଧବାର ସୁଦ୍ଧା ସମସ୍ତ ବାକି ଦରମା ପୈଠ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଶ୍ୱାସନା ପରେ କର୍ମଚାରୀମାନେ ସାମୟିକ ଭାବେ ଆନ୍ଦୋଳନ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗଦେଇଛନ୍ତି। ତେବେ ବୁଧବାର ସୁଦ୍ଧା ଯଦି ଆକାଉଣ୍ଟକୁ ଦରମା ନ ଆସେ, ତେବେ ପୁନର୍ବାର କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଧାରଣା ଦିଆଯିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ରୋଗୀସେବା ବାଧାପ୍ରାପ୍ତ**



## ଏସ୍‌ଟିଏ ଟଙ୍କା ଚଳୁ ମାମଲା: ଡାଟା ଏଣ୍ଟ୍ରି ଅପରେଟର ଗିରଫ

**କଟକ, ୧୯।୫(ସମିସ):** ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ଗାଡ଼ି ମାଲିକଙ୍କ ଦାଖଲ କରିଥିବା ଟିକସ ଓ ପରମିଟ୍ ଟଙ୍କା କମ୍ପ୍ୟୁଟରରେ ଅପଲୋଡ୍ ନ କରି ଆତ୍ମସାତ୍ କରିବା ଅଭିଯୋଗରେ ଲାଲବାଗ ଥାନା ପୁଲିସ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପ୍ରୀତିରଞ୍ଜନ ସ୍ୱାଇଁ, ଯିଏ ଏକ ଠିକା ସଂସ୍ଥା ଜରିଆରେ ଏସଟିଏ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ଜଣେ ଗାଡ଼ି ମାଲିକ ପରମିଟ୍ ବାବଦରେ ୪୦ ହଜାର ଟଙ୍କା ଜମା କରିଥିଲେ ମଧ୍ୟ ପ୍ରୀତିରଞ୍ଜନ ତାହାକୁ ସରକାରୀ ଖାତାରେ ଚଢ଼ାଇ ନ ଥିଲେ। ପରବର୍ତ୍ତୀ ସମୟରେ ଗାଡ଼ି ମାଲିକ ଜଣକ ଏ ବିଷୟରେ ଜାଣିବା ପରେ ଅତିରିକ୍ତ ପରିବହନ ଆୟୁକ୍ତ ସମରେନ୍ଦ୍ର ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସଂଘାତିକ ହେରଫେର ସମ୍ପର୍କରେ ସୁରାକ୍ ପାଇବା ପରେ ଶ୍ରୀ ପଟ୍ଟନାୟକ ଥାନାରେ ଲିଖିତ ଏତଲା ଦେଇଥିଲେ। ପୁଲିସ ଅଭିଯୋଗ ଆଧାରରେ ତଦନ୍ତ କରି ପ୍ରୀତିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଏବଂ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଜଣକ କେବଳ ଜଣଙ୍କର ନୁହେଁ, ବରଂ ଅନେକ ଗାଡ଼ି ମାଲିକଙ୍କ ଟିକସ ଟଙ୍କା ଏଭଳି ଭାବେ ଆତ୍ମସାତ୍ କରିଛନ୍ତି। ଏହି ବ୍ୟାପକ ଦୁର୍ନୀତି ସମ୍ପର୍କରେ ଅତିରିକ୍ତ ପରିବହନ ଆୟୁକ୍ତଙ୍କୁ ଅବଗତ କରାଯାଇଥିବା ନେଇ ଲାଲବାଗ ଥାନା ଅଧିକାରୀ ଶ୍ରୀ ଭୂତିଆ ସୂଚନା ଦେଇଛନ୍ତି।

## କଟକରେ ୧୩ତମ 'ଆର୍ଟ ଅଫ୍ ଗିଭିଂ' ଦିବସ



**କଟକ, ୧୯।୫(ସମିସ):** କଟକ ସହର ସମେତ ସମଗ୍ର ଜିଲ୍ଲାରେ ବେଶ୍ ଉତ୍ସାହର ସହିତ 'ଆର୍ଟ ଅଫ୍ ଗିଭିଂ' ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ ଏହି ଆନ୍ତର୍ଜାତୀୟ ଦିବସର ୧୩ ତମ ସଂସ୍କରଣ 'ସେୟାର୍ ଟୁ ସାଇନ୍' ଥିମ୍‌କୁ ନେଇ ବିଶ୍ୱବ୍ୟାପୀ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ, ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ଓ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନ କ୍ରମେ ରବିବାର ସନ୍ଧ୍ୟାରେ କଟକ ଶତାବ୍ଦୀ ଭବନଠାରେ ଏକ ଜିଲ୍ଲାସ୍ତରୀୟ ସାଧାରଣ ସଭାରେ ସହରର ଶତାଧିକ ବୁଦ୍ଧିଜୀବୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ସାଧାରଣ ଜନତା ସାମିଲ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ଲଲାଟେନ୍ଦୁ ସାମନ୍ତରାୟ, ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ଦ୍ୱିବେଦୀ, ବିଶିଷ୍ଟ ଚିକିତ୍ସକ ଡାକ୍ତର ଜୟନ୍ତ ପଣ୍ଡା ଏବଂ ସମାଜସେବୀ ଅଭିମନ୍ୟୁ ଦାସ ଯୋଗଦେଇଥିଲେ। ଆର୍ଟ ଅଫ୍ ଗିଭିଂର କଟକ ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମଗ୍ର କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। କଳିଙ୍ଗ ଟିଭିର ଜୋନାଲ ହେଡ୍ ବିଭୂତି ଭୂଷଣ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଆୟୁଷି ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ ପକ୍ଷରୁ 'ସମ୍ଭାବନା' ଦିବସ



**କଟକ, ୧୯।୫(ସମିସ):** ଶିକ୍ଷାବିତ୍ ତଥା ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ପ୍ରଭୁଚରଣ ମହାନ୍ତିଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ବିଭିନ୍ନ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲର ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ। ଏହି ଦିବସକୁ ଏକ ସମ୍ଭାବନାର ଦିବସ ରୂପେ ପାଳନ କରିଛନ୍ତି ସେମାନେ। ସ୍କୁଲର ଅନ୍ୟତମ ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ଭାବନା ଦିବସରେ ଉଦଘାଟକ୍ ଭାବେ କଟକ ମେୟର ସୁବାସ ସିଂ, ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବିଶିଷ୍ଟ ଅତିଥି ଭାବେ ଡ. ହରେକୃଷ୍ଣ ଶତପଥୀ, ଅନ୍ୟତମ ଅତିଥି ଭାବେ ସମାଜର ପ୍ରକାଶକ ରାଜେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଡ. ମହାନ୍ତି ଚିଲଡ୍ରେନ୍ସ ଅନାଥ ଆଶ୍ରମର ପିଲାମାନଙ୍କ ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ନୂଆବଜାର ଏବଂ ଭଦିମୂଳ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ହାଇସ୍କୁଲର ବରିଷ୍ଠ ଅଧ୍ୟକ୍ଷ ତଥା ଏକାଡେମିକ୍ ମୁଖ୍ୟ ପ୍ରଦୀପ କୁମାର ତ୍ରିପାଠୀ, କ୍ରିଷ୍ଟାମୂର୍ତ୍ତୀ ୱାର୍ଲ୍ଡ ସ୍କୁଲର ବରିଷ୍ଠ ଅଧ୍ୟକ୍ଷ ପ୍ରଶାନ୍ତ ଦାସ, ମିଶନ ରୋଡ୍ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୁପା ମିଶ୍ର, ଆଠଗଡ଼ ସିନିୟର ସେକେଣ୍ଡାରୀ ହାଇସ୍କୁଲର ଅଧ୍ୟକ୍ଷ ତଥା ପ୍ରଶାସନିକ ମୁଖ୍ୟ ଅନୀଲ ମହାନ୍ତି ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷା ମିନାକ୍ଷୀ ସାହୁ, କଲେଜ ଛକ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷା ମୌସୁମୀ ଦାସ ଏବଂ ପ୍ରଧାନ ଶିକ୍ଷକ ଦ୍ୱାରିକା ଦାସ, ବାରବାଟୀ ଷ୍ଟାଡିୟମ୍ ସ୍ଥିତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ମିଶ୍ର, ପଟିଆ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷା ପିଏସ୍ ପ୍ରିୟଦର୍ଶିନୀ, ବେଲେଶ୍ୱର ଜାଭିୟର୍ସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋଗନ୍ ଜୁଡେ ମୋସେସ୍ ଏବଂ ବୁର୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ଏତଦ୍ ବ୍ୟତୀତ କର୍ପୋରେଟର ଗଗନ ଓଝା, ଜନାର୍ଦ୍ଦନ ପରିଡ଼ା, ପ୍ରତାପ ନଗରୀ ସଭାପତି ପ୍ରମୋଦ ସ୍ୱାଇଁ, ପ୍ରତାପ ନଗରୀ ଆଞ୍ଚଳିକ କମିଟିର ସଭ୍ୟବୃନ୍ଦ, ଜରିପଡ଼ା ଗ୍ରାମ୍ୟ କମିଟି ସଭ୍ୟବୃନ୍ଦ, ଯୁବ ପରିଷଦ ସଭାପତି ମନୋଜ ସ୍ୱାଇଁ, ସମାଜସେବୀ କୃଷ୍ଣ ମଲ୍ଲିକ, ଶୁଭେନ୍ଦୁ ମହାନ୍ତି, ଅଶୋକ ସାହୁ, ପାଣ୍ଡା କବସର ପ୍ରତିଷ୍ଠାତା ସମର୍ଥ ମହାନ୍ତି, ସ୍ନିଗ୍ଧା ମହାନ୍ତି ଓ ଆୟେଶା ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ପ୍ରମୁଖ ଉପସ୍ଥିତ ରହି ଡ. ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ସର୍ବଦଳୀୟ ବୈଠକ

# ୩୦ରୁ ଘରକୁ ଘର ବୁଲି ସର୍ଭେ କରିବେ ଅଧିକାରୀ

କଟକ, ୧୯ ।୫(ସମିସ)



ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କଟକ ଜିଲ୍ଲାରେ ହେବାକୁ ଯାଉଥିବା ବେଳେ ଆଜି ଏ ସମ୍ପର୍କରେ ଆଲୋଚନା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ୩୦ ମେରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ। ଏହା ସହିତ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯିବ। ଖସଡା ଭୋଟର ତାଲିକା ୫ ଜୁଲାଇରେ ପ୍ରକାଶ ପାଇବାକୁ ଥିବା ବେଳେ, ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ୨ ସେପ୍ଟେମ୍ବର ସୁଦ୍ଧା କରାଯିବା ପରେ ୬ ସେପ୍ଟେମ୍ବର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ। ରାଜନୈତିକ ଦଳ ପକ୍ଷରୁ ଭାରତୀୟ ଜନତା ପାର୍ଟୀ କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଜେଡି କଟକ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, କଂଗ୍ରେସ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ସମେତ ଆମ ଆଦମି ପାର୍ଟି ତଥା ଅନ୍ୟାନ୍ୟ ଦଳର ଅନ୍ୟ ପ୍ରତିନିଧିମାନେ ଆଲୋଚନାରେ ଉପସ୍ଥିତ ଥିଲେ। ବୈଠକରେ ପ୍ରଶାସନିକ ପ୍ରସ୍ତୁତି ସମ୍ବନ୍ଧରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଳଜିତ୍ ଦାସ ଆଲୋଚନା କରିଥିଲେ। ସାଲେପୁର ପାଇଁ ନିୟୋଜିତ ହୋଇଥିବା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟଲୋଚନ ମହାନ୍ତ, ଚୌଦ୍ୱାର କଟକ ପାଇଁ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ, ବାରବାଟୀ-କଟକ ପାଇଁ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆଠଗଡ଼ ପାଇଁ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ପାଇଁ ମନସ୍ୱିନୀ ଦାଶ, ନିଆଳି ପାଇଁ ଅତିରିକ୍ତ ଉପଜିଲ୍ଲାପାଳ, ଦେବାଶିଷ ମହାପାତ୍ର, ମାହାଙ୍ଗା ପାଇଁ କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ଏବଂ ବଡ଼ମ୍ବା ପାଇଁ ମହାନଗର ନିଗମର ଯୁଗ୍ମ ଆୟୁକ୍ତ, ବରେନ୍ଦୁ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଶେଷରେ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଧନ୍ୟବାଦ ଦେଇଥିଲେ। ଡେପୁଟୀ କଲେକ୍ଟର, ନିର୍ବାଚନ ଅମ୍ଳାନ ଅପରାଜିତା ଦାସ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସମେତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଭାବେ ନିୟୋଜିତ ହୋଇଥିବା ସମସ୍ତ ବିଡିଓ, ତହସିଲଦାର, ମହାନଗର ନିଗମର ଡେପୁଟୀ କମିସନର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

# ଦହିବରା ଖାଇ ୧୫ରୁ ଊର୍ଦ୍ଧ୍ୱ ମହିଳା ଡାଇରିଆରେ ଆକ୍ରାନ୍ତ

ତିଗିରିଆ,୧୯।୫(ସମିସ): କଟକ ଜିଲ୍ଲା ତିଗିରିଆ ବ୍ଲକ ଅଧୀନ ଗଦାଧରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମର "ମା' ଗଜଲକ୍ଷ୍ମୀ ଡବ୍ଲ୍ୟୁସିଏସ୍' ପକ୍ଷରୁ ଚାଲିଥିବା ଏକ ବୟନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିରରେ ଦହିବରା ଖାଇ ୧୫ ଜଣରୁ ଊର୍ଦ୍ଧ୍ୱ ମହିଳା ଡାଇରିଆ (ଝାଡ଼ାବାନ୍ତି)ରେ ଆକ୍ରାନ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ଆଠଗଡ଼ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନଲାଇନ୍‌ରେ ପଞ୍ଜିକୃତ ହୋଇଥିବା ୨୦ ଜଣ ମହିଳାଙ୍କୁ ନେଇ ଏହି ୬ ମାସିଆ ତାଲିମ ଶିବିର ଚାଲିଛି, ଯେଉଁଠାରେ ପ୍ରତି ମହିଳାଙ୍କୁ ଦୈନିକ ୨୦୦ ଟଙ୍କା ହିସାବରେ ଭତ୍ତା ପ୍ରଦାନ କରାଯାଉଛି। ଗତ ରବିବାର ତାଲିମ ନେଉଥିବା ଜଣେ ମହିଳା ନିଜ ଘରୁ ପ୍ରସ୍ତୁତ କରି ଆଣିଥିବା ଦହିବରାକୁ ଶିବିରର ସମସ୍ତ ମହିଳା ଖାଇଥିଲେ। ଏହାକୁ ଖାଇବା ପରେ ମହିଳାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲା। ରବିବାର ୩ ଜଣ, ସୋମବାର ୧୦ରୁ ଊର୍ଦ୍ଧ୍ୱ ଏବଂ ଆଜି ମଙ୍ଗଳବାର ଆଉ ୩ ଜଣ ମହିଳା କ୍ରମାଗତ ଭାବେ ଡାଇରିଆରେ ଆକ୍ରାନ୍ତ ହୋଇଥିଲେ। ଆକ୍ରମଣର ଶିକାର ହୋଇଥିବା ଆକ୍ରାନ୍ତ ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ତିଗିରିଆ ଓ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ବେଳେ କେତେକ ମହିଳାଙ୍କୁ ଅଧିକ ଚିକିତ୍ସା ପାଇଁ ଆଠଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି।

# ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ଦୁଇ ଗିରଫ



ନିଶ୍ଚିନ୍ତକୋଇଲି, ୧୯।୫ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ବାଲିଆପଦା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଏକ ସଂଘର୍ଷ ଘଟିଯାଇଛି। ଗ୍ରାମର ଗିରିଧାରୀ ସାମଲ ଏବଂ ଗୋଲଖ ବେହେରାଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନର ବିବାଦ ଗତ ୧୪ ତାରିଖରେ ଉଗ୍ରରୂପ ନେଇଥିଲା। ଉଭୟ ପକ୍ଷ ମଧ୍ୟରେ ହୋଇଥିବା ମାଡ଼ପିଟ୍‌ରେ ଗିରିଧାରୀ ସାମଲ ଗୁରୁତର ଆହତ ହୋଇ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି। ଏହି ଘଟଣାରେ ଗିରିଧାରୀଙ୍କ ପକ୍ଷରୁ ବାସନ୍ତୀ ସାମଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ ୧୭୯/୨୦୨୬ ମୁତାବକ ମାମଲା ରୁଜୁ କରି ଆକ୍ରମଣ ଅଭିଯୋଗରେ ଗୋଲଖ ବେହେରା ଓ ତାଙ୍କ ପୁତ୍ର ସୁଜିତ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷଙ୍କ ପାଲଟା ଅଭିଯୋଗ ଆଧାରରେ ପୁଲିସ ୧୮୦/୨୦୨୬ ନମ୍ବରରେ ଆଉ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ମୁଖ୍ୟ ଆସାମୀ ଖୋଲା ବୁଲୁଥିବା ଅଭିଯୋଗ



ନିଶ୍ଚିନ୍ତକୋଇଲି, ୧୯।୫ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଞ୍ଚାୟତ ଜଳଦିଆ ଗ୍ରାମରେ ଗତ ଏପ୍ରିଲ ୧୭ ତାରିଖରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ମାୟାଧର ମହାପାତ୍ର ଓ ତାଙ୍କ ପତ୍ନୀ ଝିଲ୍ଲୀ ମହାପାତ୍ରଙ୍କୁ ପଡ଼ୋଶୀମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ସଂଘାତିକ ଆକ୍ରମଣରେ ଗୁରୁତର ମାୟାଧରଙ୍କ ଗୋଟିଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଘଟଣା ସମ୍ପର୍କରେ ନେମାଳ ଥାନାରେ ମାମଲା (ନଂ-୧୦/୨୦୨୬) ରୁଜୁ ହେବା ପରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ହେଁ ମୁଖ୍ୟ ଆସାମୀକୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ମୁଖ୍ୟ ଆସାମୀ ମୁଣ୍ଡ ଉପରେ ସ୍ଥାନୀୟ ସଦର ନିର୍ବାଚନମଣ୍ଡଳୀର ଜଣେ ପ୍ରଭାବଶାଳୀ ନେତାଙ୍କ ହାତ ଥିବାରୁ ପୁଲିସ ତାଙ୍କୁ ଧରୁ ନ ଥିବା ଏବଂ ସେ ଖୋଲା ଆକାଶ ତଳେ ବୁଲୁଥିବା ନେଇ ପୀଡ଼ିତ ଦମ୍ପତି ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ନେମାଳ ଥାନା ଅଧିକାରୀ ମାମଲାର ବିଧିବଦ୍ଧ ତଦନ୍ତ ଜାରି ରହିଛି ଏବଂ ସମସ୍ତ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ପଦାରେ ପଡ଼ିଲା ପ୍ରଶାସନର ଅପାରଗତା

# ଟୋପାଏ ପାଣି ପାଇଁ ଗରା ବାଲ୍‌ଟି ଧରି ରାସ୍ତାରୋକ

### ଉଦ୍‌ଘାଟନର ୫ ଦିନ ପରେ ବି ଶୁଖିଲା ପାଇପ୍

### ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକ



ଭଦ୍ରେଶ୍ୱର,୧୯।୫(ସମିସ): ମାହାଙ୍ଗା ବ୍ଲକ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗର ଚରମ ଅବହେଳା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ପାନୀୟଜଳ ସଙ୍କଟ ଉଗ୍ର ରୂପ ଧାରଣ କରିଛି। ଗ୍ରାମାଞ୍ଚଳରେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଟଙ୍କାର ଅନୁଦାନ ଦେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଲୋକେ ବୁନ୍ଦାଏ ପାଣି ପାଇଁ ତହଲବିକଳ ହେଉଛନ୍ତି। ଏହାର ପ୍ରତିବାଦରେ କୁହୁଣ୍ଡା ଗ୍ରାମପଞ୍ଚାୟତ ଅମିନାବାଦ ୮ନମ୍ବର ୱାର୍ଡର ଶତାଧିକ ଉତ୍ତ୍ୟକ୍ତ ମହିଳା ଓ ପୁରୁଷ ଗରା ବାଲଟି ଧରି କୁଆଁପାଳ-ବରଅଠା ରାସ୍ତାର ଅମିନାବାଦଠାରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁସାରେ, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ୪୪ଟି ପଞ୍ଚାୟତକୁ ଜଳ ଯୋଗାଇବା ପାଇଁ ବିଗତ ସରକାରଙ୍କ ସମୟରେ ୨୯୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମେଗା ପ୍ରକଳ୍ପ ମଞ୍ଜୁର ହୋଇଥିଲା। ମାତ୍ର ପ୍ରକଳ୍ପର ଅବଧି ଶେଷ ହେବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ବିବାଦ ଘେରରେ ଥାଇ ମଧ୍ୟ ଗତ ୧୪ ତାରିଖ ଦିନ ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ଏହି ଅର୍ଦ୍ଧନିର୍ମିତ ପ୍ରକଳ୍ପକୁ ତରବରିଆ ଭାବେ ଉଦଘାଟନ କରିଥିଲେ। ମାତ୍ର ଉଦଘାଟନର ୫ ଦିନ ପରେ ବି ପ୍ରକଳ୍ପ ନିକଟରେ ଥିବା ଅମିନାବାଦ ଗ୍ରାମକୁ ଟୋପାଏ ପାଣି ମିଳିନାହିଁ। ଏଥିସହ ଠିକାଦାର ବେପରୁଆ ଭାବେ ରାସ୍ତା ଖୋଳି ଛାଡ଼ି ଦେଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ସହ ସ୍ଥାନୀୟ ଅଞ୍ଚଳର ପୋଖରୀ ଓ ନଦୀନାଳ ଶୁଖିଗଲାଣି। ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁଁ ସାଧାରଣ ଜନତାଙ୍କ ସହ ପଶୁପକ୍ଷୀ ମଧ୍ୟ ହାହାକାର ହେଉଛନ୍ତି। ଏହି ସମସ୍ୟା ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀ ଓ ବିଧାୟକଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ଏହାର ପ୍ରତିବାଦରେ ଆଜି ପ୍ରଚଣ୍ଡ ଖରାରେ ଦିନତମାମ ଜନସାଧାରଣ ରାସ୍ତାରୋକ ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ବିଳମ୍ବରେ ପ୍ରଶାସନିକ ଅଧିକାରୀ ଲୋକଙ୍କୁ ବୁଝାସୁଝା କରିବା ସହ ଖୁବ୍ ଶୀଘ୍ର ପାନୀୟ ଜଳ ଯୋଗାଇଦେବାକୁ ନିର୍ଭର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ଟାଙ୍ଗୀ-ଚୌଦ୍ୱାର ବିଚାର ବିଭାଗୀୟ ଅଦାଲତ ଆରମ୍ଭ

# ପ୍ରଥମ ଦିନରେ ୫ ଅଭିଯୁକ୍ତଙ୍କୁ ଜେଲ୍ ଦଣ୍ଡାଦେଶ



ଟାଙ୍ଗୀ,୧୯।୫(ସମିସ): ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକର ୨୪ଟି ପଞ୍ଚାୟତ ଏବଂ ଚୌଦ୍ୱାର ପୌରପାଳିକାର ୧୯ଟି ୱାର୍ଡର ଜନସାଧାରଣଙ୍କୁ ସହଜରେ ନ୍ୟାୟିକ ସେବା ଯୋଗାଇବା ନିମନ୍ତେ ପ୍ରସ୍ତାବିତ ଦିୱାନୀ ବିଚାରପତି (କନିଷ୍ଠ ଶ୍ରେଣୀ) ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ମଙ୍ଗଳବାର ପୂର୍ବାହ୍ନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ଥାପିତ ଏହି ନୂତନ କୋର୍ଟକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଜିଲ୍ଲା ଆଡ଼ମିନିଷ୍ଟ୍ରେଟିଭ ଜଜ୍ ମାନସ ରଞ୍ଜନ ପାଠକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ସ୍ମରଣୀୟ ଉତ୍ସବରେ ଜିଲ୍ଲା ଜଜ୍ ମାନସ ବାରିକଙ୍କ ସମେତ କଟକ ଜିଲ୍ଲା ଦିୱାନୀ ଅଦାଲତର ରେଜିଷ୍ଟ୍ରାର ଓ ମ୍ୟାନେଜର ଉପସ୍ଥିତ ଥିଲେ। ଏଥିସହ କ୍ରିମିନାଲ କୋର୍ଟ ବାର ଆସୋସିଏସନ୍ ସଭାପତି ବାଦଲ ରାୟ, ଉପ-ସଭାପତି ତାପସ କୁମାର ନାୟକ, ସମ୍ପାଦକ ଗଦାଧର ସାହୁ ଏବଂ ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ପ୍ରହରାଜଙ୍କ ସମେତ ବିଭାଗୀୟ ବହୁ ଉଚ୍ଚପଦସ୍ଥ ଅଧିକାରୀ ଓ ଆଇନଜୀବୀ ଯୋଗଦେଇଥିଲେ। ଏହି ଅଦାଲତ ପ୍ରତିଷ୍ଠା ହେବା ଫଳରେ ସ୍ଥାନୀୟ ଲୋକଙ୍କୁ ଆଉ ଛୋଟ ବଡ଼ କୋର୍ଟ କାମ ପାଇଁ କଟକ ଦୌଡ଼ିବାକୁ ପଡ଼ିବ ନାହିଁ, ଯାହାକୁ ନେଇ ସବୁ ମହଲରେ ଖୁସିର ଲହରୀ ଖେଳିଯାଇଛି। କୋର୍ଟ କାର୍ଯ୍ୟର ପ୍ରଥମ ଦିବସରେ ହିଁ ଦୁଇଟି ଭିନ୍ନ ମାମଲାରେ ମୋଟ ୫ ଜଣ ଅଭିଯୁକ୍ତଙ୍କୁ ଅଦାଲତରେ ହାଜର କରାଯାଇଥିଲା। ତେବେ ଅଭିଯୁକ୍ତମାନଙ୍କ ଜାମିନ ଆବେଦନକୁ ବିଚାରପତି ପ୍ରଜ୍ଞା ସୁମନ ମହାପାତ୍ର ନାକଚ କରିଦେବାରୁ ସମସ୍ତ ୫ ଜଣଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଟାଙ୍ଗୀ ଥାନା ପକ୍ଷରୁ ଗିରଫ ହୋଇଥିବା ଭଟିମୁଣ୍ଡା ଅଞ୍ଚଳର ଦୁଇ ଜଣ ୱାରେଣ୍ଟି ସଞ୍ଜୟ ସାହୁ ଓ ସୁରେଶ ସାହୁ ଥିବା ବେଳେ, ଚୌଦ୍ୱାର ଅବକାରୀ ପୁଲିସ ଦ୍ୱାରା ବେଆଇନ ମଦ କାରବାର ଅଭିଯୋଗରେ ଗିରଫ ବାଣୀପଦାର ବେଲ ରାଉତ, ଟାଙ୍ଗୀ କୋଟସାହିର ଭକ୍ତ ଚରଣ ବରାଳ ଏବଂ ମହିଁଷାଲଣ୍ଡାର ପବିତ୍ର ବେହେରା ସାମିଲ ଅଛନ୍ତି। ଆଗାମୀ ଦିନରେ ଟାଙ୍ଗୀ ଓ ଚୌଦ୍ୱାର ଥାନାର ସମସ୍ତ ମାମଲା ଏହି ଅଦାଲତ ମାଧ୍ୟମରେ ପରିଚାଳିତ ହେବ।

# ତହସିଲ ସମ୍ମୁଖରେ ସିପିଆଇର ଗଣବିକ୍ଷୋଭ




ସାଲେପୁର,୧୯।୫(ସମିସ): ସାଲେପୁର ବ୍ଲକ ଅନ୍ତର୍ଗତ ସିଂହସାହି ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ, ଭୂମିହୀନଙ୍କୁ ଥଇଥାନ କରିବା ଏବଂ ଚୁଡ଼ାଖିଆ ମଶାଣି ସୁରକ୍ଷା ସମେତ ବିଭିନ୍ନ ପ୍ରମୁଖ ଦାବି ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସାଲେପୁର ତହସିଲ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସିପିଆଇ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ମୁତାରିଫା ଓ ମଧ୍ୟକଚ୍ଛ ପଞ୍ଚାୟତର ମିଳନ ସ୍ଥଳରେ ଥିବା ସିଂହସାହିର ପ୍ରଚଳିତ ସରକାରୀ ରାସ୍ତାକୁ ସ୍ଥାନୀୟ ଜଣେ ବ୍ୟକ୍ତି ମାଡ଼ିବସିବାକୁ ଉଦ୍ୟମ କରୁଥିବା ବେଳେ ତହସିଲ ପ୍ରଶାସନ ମୂଳ ସମସ୍ୟାର ସମାଧାନ ନକରି ଅଯଥା ହସ୍ତକ୍ଷେପ କରୁଛି। ଯେଉଁ ପ୍ଲଟ୍ ନଂ-୧୮ କୁ ମାପିବାକୁ ପ୍ରଶାସନ ଉଦ୍ୟମ କରୁଛି, ତାହାର ସଂଲଗ୍ନ ପ୍ଲଟ୍ ନଂ-୨୦ ଉପରେ ଅଦାଲତଙ୍କ ସ୍ଥିତାବସ୍ଥା ଜାରି ରହିଛି। ତେଣୁ ଏହି ବେଆଇନ ମାପଚୁପ ବନ୍ଦ କରି ନକ୍ସା ସଂଶୋଧନ ପୂର୍ବକ ସ୍ଥାୟୀ ସମାଧାନ ପାଇଁ ଦଳ ଦାବି କରିଛି। ଏହି ଗଣ ଆନ୍ଦୋଳନରେ ସାଲେପୁର ଜୋନାଲ ସମ୍ପାଦକ ସୁନାକର ବରାଳ, ପୂର୍ବତନ ସମିତିସଭ୍ୟ ଉଦୟ କେଶରୀ ବର୍ମା, ଯୁବନେତା ରମେଶ ନାୟକ, ସେକ୍ ରିଜୁଆନ୍, ଶ୍ରମିକ ନେତା ତ୍ରୈଲୋକ୍ୟ ନାଥ ଏବଂ ନାରୀ ନେତ୍ରୀ ପୂର୍ଣ୍ଣିମା ମହାନ୍ତିଙ୍କ ସମେତ ଶତାଧିକ ବିକ୍ଷୋଭକାରୀ ସାମିଲ ହୋଇଥିଲେ। ବିକ୍ଷୋଭ ଶେଷରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ନିଶ୍ଚିନ୍ତକୋଇଲି,୧୯।୫(ସମିସ): ମାହାଙ୍ଗା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ଛକଠାରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ଏକ ଦୃଢ଼ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ କମିଟି ସଭାପତି ସେକ୍ ସଦ୍ଦାମଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଥାନା ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରୁ ଏକ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାର ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ନାରାବାଜି କରି ବଜାର ପରିକ୍ରମା କରିଥିଲେ। ପରେ ବ୍ଲକ ଫାଟକ ସମ୍ମୁଖରେ କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ଦେଶର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ଏବଂ ଏହି ଘଟଣାର ଉପଯୁକ୍ତ ବିଧିବଦ୍ଧ ତଦନ୍ତ କରାଯାଉ ବୋଲି କଂଗ୍ରେସ ନେତୃବୃନ୍ଦ ଦାବି କରିଛନ୍ତି। ଏହି ଆନ୍ଦୋଳନରେ ସେକ୍ ତାରିକ୍ ଅକ୍ତର, ଧରଣୀଧର ଚାନ୍ଦ, ସୁବ୍ରତ ଦାସ, ଗୋପାଳ ସେଠୀ, ପ୍ରଶାନ୍ତ ସାମଲ ଓ ରାକେଶ ଦାସଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନଦୀରୁ ନିଖୋଜ ଛାତ୍ର ଶୁଭମ୍‌ଙ୍କ ମୃତଦେହ ଉଦ୍ଧାର

ସାଲେପୁର,୧୯।୫(ସମିସ): ଗତକାଲି ବିରୂପା ନଦୀର ଭଟିମୁଣ୍ଡା ବ୍ୟାରେଜ୍ ନିକଟରେ ଗାଧୋଇବା ବେଳେ ପାଣି ସ୍ରୋତରେ ଭାସିଯାଇ ନିଖୋଜ ଥିବା ସୌରୀ ଗ୍ରାମର ଯୁକ୍ତ ଦୁଇ ଛାତ୍ର ଶୁଭମ୍ ସାହୁ (୧୮)ଙ୍କ ମୃତଦେହ ଆଜି ସକାଳେ ଉଦ୍ଧାର କରାଯାଇଛି। ଗତକାଲିଠାରୁ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଶୁଭମ୍‌ଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଆଜି ସକାଳୁ ଘଟଣାସ୍ଥଳରୁ କିଛି ଦୂରରେ ନଦୀର ବିପରୀତ ପାର୍ଶ୍ୱରେ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ସାଲେପୁର ପୁଲିସ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ପରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# କଲମ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ; ଆଜିଠୁ କାର୍ଯ୍ୟ ଆରମ୍ଭ



ଟାଙ୍ଗୀ,୧୯।୫(ସମିସ): ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡ଼ିଓ)ଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡ଼ିଓ)ଙ୍କୁ ବିଜେପି ନେତା ଅରିନ୍ଦମ୍ ରାୟ ଓ ଅଭୟ ବାରିକ ନାଲିଆଖି ଦେଖାଇବା ଏବଂ ଧମକ ଦେବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ବିଜେଡ଼ି ପକ୍ଷରୁ ପ୍ରତିବାଦ ସଭା କରାଯିବା ସହ ବ୍ଲକ କର୍ମଚାରୀ ସଂଘ ପକ୍ଷରୁ "କଲମ ଛାଡ଼' ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଏହି ଆନ୍ଦୋଳନ ଯୋଗୁଁ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଥିଲା, ଯାହାଦ୍ୱାରା ସାଧାରଣ ଜନତା ପ୍ରବଳ ହନ୍ତସନ୍ତ ହେଉଥିଲେ। ସାଧାରଣ ଲୋକଙ୍କ ଅସୁବିଧା ଓ ବ୍ଲକର ଜରୁରିକାଳୀନ କାର୍ଯ୍ୟକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ଏହି କଲମ ଛାଡ଼ ଆନ୍ଦୋଳନକୁ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୁଧବାରଠାରୁ ବ୍ଲକ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ପୂର୍ବଭଳି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବ ବୋଲି ଅତିରିକ୍ତ ବିଡ଼ିଓ ଶାଶ୍ୱତ ଜେନା ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ କାମକୁ ଫେରିବା ପାଇଁ ନିଷ୍ପତ୍ତି ହେବା ପରେ ସ୍ଥାନୀୟ ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# ୨୪ରୁ ମା' ରାଉତାଣୀଙ୍କ ଯାତ୍ରା ମହୋତ୍ସବ

ଫୁଲନଖରା,୧୯।୫(ସମିସ): କଟକ ମହାନଗର ନିଗମର ୫୯ ନଂ ୱାର୍ଡ ଅନ୍ତର୍ଗତ ନୂଆ କାଚରାମାଳ ଗ୍ରାମର ଆରାଧ୍ୟା ଦେବୀ ମା' ରାଉତାଣୀଙ୍କ ବାର୍ଷିକ ଯାତ୍ରା ମହୋତ୍ସବ ପାଇଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଗୁଣନିଧି ପଟ୍ଟନାୟକଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ସମ୍ପନ୍ନ ହୋଇଯାଇଛି। ଆସନ୍ତା ମେ ୨୪ ତାରିଖରୁ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଚଳିତ ବର୍ଷ "ରଙ୍ଗମହଲ ଅପେରା' ଦ୍ୱାରା ଭବ୍ୟ ଯାତ୍ରା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବୈଠକରେ ଗ୍ରାମର ମର୍ଯ୍ୟାଦା ରକ୍ଷା ତଥା ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ ଠାକୁର ପ୍ରସାଦ ଦାସ, ରଜନୀକାନ୍ତ ପଟ୍ଟନାୟକ ଓ ସ୍ୱାଧୀନଚେତା ମହାନ୍ତି ପ୍ରମୁଖ ଯୁବଗୋଷ୍ଠୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ଯାତ୍ରା ଦେଖିବାକୁ ଆସୁଥିବା ଦର୍ଶକଙ୍କ ଯାନବାହନ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ସହ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ତୁରନ୍ତ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ହୋଇଛି। ମହୋତ୍ସବକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ "ଲକ୍ଷେଶ୍ୱର ଯୁବକ ସଂଘ'ର ସଭାପତି, ସମ୍ପାଦକ ଏବଂ ସମସ୍ତ ସଦସ୍ୟଙ୍କୁ ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଅର୍ପଣ କରାଯାଇଛି। ଏହି କାର୍ଯ୍ୟରେ ସମସ୍ତ ଗ୍ରାମବାସୀ ଯୁବଗୋଷ୍ଠୀଙ୍କୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିଶୋର ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ପବିତ୍ର ବେହେରା ଓ ଲକ୍ଷ୍ମଣ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିବା ବେଳେ ଶେଷରେ ଗ୍ରାମ୍ୟ ଉନ୍ନୟନ କମିଟିର ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



## ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱହୀନତା

# ୮ ନମ୍ବର କେନାଲ ବନ୍ଧ ରାସ୍ତା କାର୍ଯ୍ୟ ଅଧପନ୍ତରିଆ

ନିଶ୍ଚିନ୍ତକୋଇଲି,୧୯।୫(ସମିସ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱହୀନତା ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ବିଭାଗ ଅଧୀନରେ ଥିବା ୮ ନମ୍ବର କେନାଲ ବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘ ୮ ମାସ ହେବ ଅଧପନ୍ତରିଆ ଭାବେ ପଡ଼ିରହିଛି। ଠିକାଦାର ରାସ୍ତାକୁ ବିଭିନ୍ନ ସ୍ଥାନରେ ଖୋଳି ଛାଡ଼ି ଦେଇଥିବା ବେଳେ ପିଚୁ କରାଯାଉ ନ ଥିବାରୁ ଏବେ ପଥଚାରୀମାନେ ଚିପ୍ସ ଓ କ୍ରସର ଗୁଣ୍ଡର ଧୂଳିଝଡ଼ରେ ପୋତି ହୋଇ ଯାତାୟାତ କରୁଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୧୮.୧୦.୨୦୨୫ରେ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନରେ ନିଶ୍ଚିନ୍ତକୋଇଲି-ଢିହୀଗୋପ ଭାୟା ବାଲିପଡ଼ା ରାସ୍ତାର ଉନ୍ନତିକରଣ ପାଇଁ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୂର୍ବର ୧୨ ଫୁଟ ଓସାରର ଏହି ପିଚୁ ରାସ୍ତାକୁ ୧୮ ଫୁଟକୁ ପ୍ରଶସ୍ତୀକରଣ କରି ସମ୍ପୂର୍ଣ୍ଣ ନୂଆ କରିବାକୁ ଆକଳନ ହୋଇଥିଲା। ମାତ୍ର ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ସରକାରୀ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇ ନିମ୍ନମାନର କାମ ଚାଲିଥିବା ଅଭିଯୋଗ ହୋଇଛି। ନିୟମ ଅନୁସାରେ ରାସ୍ତାର ଦୁଇ ପାର୍ଶ୍ୱରେ ୩ ଫୁଟ ଓସାର ଓ ଦେଢ ଫୁଟ ଗଭୀର ଖୋଳାଯିବା କଥା, କିନ୍ତୁ ଠିକାଦାର ମନମୁଖୀ ଭାବେ ମାତ୍ର ୧ ଫୁଟ ଗଭୀର ଖୋଳି କ୍ରସର ଗୁଣ୍ଡ ଭର୍ତ୍ତି କରିଛନ୍ତି। ଅନେକ ସ୍ଥାନରେ ପୁରୁଣା ପିଚୁ ନ ଉଠାଇ ତା' ଉପରେ କ୍ରସର ଗୁଣ୍ଡ ଢଳାଯାଇଛି ଏବଂ କେନାଲ ପାର୍ଶ୍ୱର୍ ସୁରକ୍ଷା ପାଚେରି କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଜଣାପଡ଼ିଛି। ରାସ୍ତାରେ କ୍ରସର ଗୁଣ୍ଡ ପଡ଼ି ରହିଥିଲେ ମଧ୍ୟ ତୁରନ୍ତ ପିଚୁ କରାଯାଉ ନାହିଁ। ଫଳରେ ଗାଡ଼ି ମୋଟର ଯିବା ସମୟରେ ଗୋଡ଼ି ଛିଟିକି ପଥଚାରୀଙ୍କ ଦେହରେ ବାଜିବା ସହ ରାସ୍ତା କଡ଼ରେ ଥିବା ଦୋକାନ ବଜାର କ୍ଷତିଗ୍ରସ୍ତ ହେଉଛି। ଚାରିଚକିଆ କିମ୍ବା ଦୁଇଚକିଆ ଯାନ ଗଲା ବେଳେ ପ୍ରବଳ ଧୂଳି ଉଡୁଥିବାରୁ ପଛରେ ଯାଉଥିବା ଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ନିୟମ ଅନୁସାରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ରାସ୍ତାରେ ପାଣି ସିଞ୍ଚନ କରିବାର ବ୍ୟବସ୍ଥା ଥିଲେ ହେଁ ଠିକାଦାର ଆଦୌ ପାଣି ପକାଉ ନାହାନ୍ତି। ଠିକାଦାରଙ୍କ ଏଭଳି ବେପରୁଆ କାର୍ଯ୍ୟ ପ୍ରତି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ କୋହଳ ମନୋଭାବ ପୋଷଣ କରୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପିଚୁ କାମ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣରେ ଦୃଢ଼ ଦାବି ହୋଇଛି।



ଧୂଳିଗୁଣ୍ଡରେ ଅଣନିଶ୍ୱାସୀ ପଥଚାରୀ

### ଡବଲ ଇଞ୍ଜିନ ସରକାରରେ ଫେଲ୍ ମାରୁଛି କେନ୍ଦ୍ରୀୟ ଯୋଜନା

# ରେଳ ଷ୍ଟେସନ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ରରେ ତାଲା

ବ୍ରହ୍ମପୁର,୧୯ ।୫(ସମିସ)




ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସେବାର ଉନ୍ନତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ରରେ ଶସ୍ତା ମୂଲ୍ୟରେ ଉଚ୍ଚ ଗୁଣବତ୍ତାର ଔଷଧ ଓ ଉପକରଣ ଯୋଗାଇ ଦିଆଯାଉଛି। ଏହି କେନ୍ଦ୍ରରେ ବଜାର ଦର ତୁଳଣାରୁ ୫୦ରୁ ୯୦ପ୍ରତିଶତ ଶସ୍ତା ଦରରେ ଔଷଧ ମିଳୁଛି। ସେହିକ୍ରମେ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ କେନ୍ଦ୍ର ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଛି।

ସେହିପରି ବ୍ରହ୍ମପୁର ରେଳ ଷ୍ଟେସନର ୪ନମ୍ବର ପ୍ଲାଟ ଫର୍ମ ନିକଟରେ ଏକ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ର ରହିଛି। କିନ୍ତୁ ସେଥିରେ କିଛି ମାସ ହେବ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପିର ସରକାର ତଥା ଡ଼ବଲ ଇଞ୍ଜିନ ସରକାର ଚାଲିଛି। ଇତିମଧ୍ୟରେ ବିଜେପି ଶାସିତ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଯୋଜନା କାର୍ଯ୍ୟକରୁ ନାହିଁ। ଯାହା ଷ୍ଟେସନ ପରିସରରେ ଥିବା ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ କେନ୍ଦ୍ରରେ ଝୁଲୁଥିବା ତାଲାରୁ ସ୍ପଷ୍ଟ ଅନୁମେୟ। ଶସ୍ତା ମୂଲ୍ୟରେ ଔଷଧ କ୍ରୟ କରିବାକୁ ବହୁ ରେଳ ଯାତ୍ରୀ କେନ୍ଦ୍ର ନିକଟକୁ ଯାଇଥିବା ବେଳେ ଉକ୍ତ କେନ୍ଦ୍ରରେ ତାଲା ପଡ଼ିଥିବା ଦେଖି ଫେରିଯାନ୍ତି। ବିଭିନ୍ନ ସମୟରେ ବିଜେପି ନେତା ଓ କର୍ମୀ ସ୍ୱାସ୍ଥ୍ୟ ସେବାର ଉନ୍ନତି କ୍ଷେତ୍ରରେ ମୋଦୀଙ୍କ ଗ୍ୟାରେଣ୍ଟି ବୋଲି ନାରା ଦେଉଛନ୍ତି। କିନ୍ତୁ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ କେନ୍ଦ୍ରରେ ମାସ ମାସ ଧରି ତାଲା ଝୁଲିବା ଘଟଣାକୁ ନେଇ ବହୁ ଯାତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟିକୁ ନେଇ ବଡ଼ ପ୍ରଶ୍ନ ଉଠାଇଛନ୍ତି।

ବ୍ରହ୍ମପୁର ରେଳ ଷ୍ଟେସନ ଉପରେ ଗଞ୍ଜାମ ଜିଲ୍ଲା ସମେତ ପ୍ରାୟ ଉପାନ୍ତ ଅଞ୍ଚଳ ଜିଲ୍ଲାଗୁଡ଼ିକ ନିର୍ଭର କରିଥାନ୍ତି। ଫଳରେ ପ୍ରତ୍ୟେକ ଦିନ ବ୍ରହ୍ମପୁର ରେଳ ଷ୍ଟେସନ ଦେଇ ବହୁ ଟ୍ରେନ ଯାତାୟତ କରିଥାନ୍ତି। ଏହି ଟ୍ରେନ ଜରିଆରେ ବିଭିନ୍ନ ଜିଲ୍ଲା ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ହଜାର ହଜାର ଯାତ୍ରୀ ନିଜ ଯାତ୍ରା କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି କିଛି ମାସ ପୂର୍ବେ ବ୍ରହ୍ମପୁର ରେଳ ଷ୍ଟେସନର ୪ନମ୍ବର ପ୍ଲାଟ ଫର୍ମ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ର ନିର୍ମଣା କରାଯାଇଛି। ଏହି କେନ୍ଦ୍ରରେ ଯାତ୍ରୀଙ୍କ ନିମନ୍ତେ ୨୪ଘଣ୍ଟିଆ ସେବା ପ୍ରଦାନ ସମେତ ଏଠାରେ ବିଭିନ୍ନ ପ୍ରକାରର ଶସ୍ତା ମୂଲ୍ୟରେ ଉଚ୍ଚ ଗୁଣବତ୍ତାର ଔଷଧ ଓ ଉପକରଣ ଯୋଗାଇ ଦିଆଯିବାର ନିଷ୍ପତ୍ତି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ପରିଚାଳନା ନିମନ୍ତେ ରେଳ ବିଭାଗ ପକ୍ଷରୁ ଟେଣ୍ଡର ଜରିଆରେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ଏଥି ମଧ୍ୟରେ ଦୀର୍ଘ ମାସ ସମୟ ବିତିଯାଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଯାତ୍ରୀଙ୍କ ନିମନ୍ତେ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଫଳରେ ବିଭିନ୍ନ ସମୟରେ ବହୁ ଯାତ୍ରୀ ଔଷଧ ନିମନ୍ତେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲାପ୍ରଶାସନ ଓ ରେଳ ବିଭାଗ ପକ୍ଷରୁ ଦୃଷ୍ଟି ଦେବା ସହ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ରକୁ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ■ ଜୋର୍ ଧରିଲା ବ୍ରହ୍ମପୁର ବିମାନବନ୍ଦର ଦାବି

## କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟିଲେ ସାଂସଦ ସସ୍ମିତ ପାତ୍ର



ବ୍ରହ୍ମପୁର,୧୯ ।୫(ସମିସ): ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ ଡ଼. ସସ୍ମିତ ପାତ୍ର ଆଜି ନୂଆଦିଲ୍ଲୀରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁଙ୍କୁ ସାକ୍ଷାତ କରିଛନ୍ତି। ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ଏକ ପୂର୍ଣ୍ଣାଙ୍ଗ ବାଣିଜ୍ୟିକ ବିମାନବନ୍ଦରରେ ଉନ୍ନତ କରି ବ୍ରହ୍ମପୁର ବିମାନବନ୍ଦର ଭାବେ ବିକଶିତ କରିବା ପାଇଁ ଦାବି ଜଣାଇଛନ୍ତି। ଏନେଇ ଡ଼. ପାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଏକ ବିସ୍ତୃତ ପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ପତ୍ରରେ ସେ ଦକ୍ଷିଣ ଓଡ଼ିଶାରେ ଦୀର୍ଘଦିନ ଧରି ବିମାନ ସେବା ଅଭାବ ଓ ଯାତାୟାତ ସଂଯୋଗର ସମସ୍ୟା ଉଲ୍ଲେଖ କରିଛନ୍ତି। ବ୍ରହ୍ମପୁର ଏବଂ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଭଳି ଜିଲ୍ଲାଗୁଡ଼ିକ ଆର୍ଥିକ, ଶିକ୍ଷା, ପର୍ଯ୍ୟଟନ ଓ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଯଥେଷ୍ଟ ବିମାନ ସଂଯୋଗରୁ ବଞ୍ଚିତ ରହିଛନ୍ତି ବୋଲି ଡ଼. ପାତ୍ର କହିଛନ୍ତି। ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ଉଡାନ ଯୋଜନା ଅଧୀନରେ ପୂର୍ବରୁ ଚିହ୍ନଟ କରାଯାଇଥିଲା ଏବଂ ୨୦୨୩ ମସିହାରେ ଏଠାରୁ ଆଞ୍ଚଳିକ ବିମାନ ସେବା ମଧ୍ୟ ଆରମ୍ଭ ହୋଇଥିଲା। ସେ ଏହି ପ୍ରସଙ୍ଗକୁ ରାଜ୍ୟସଭାରେ ଏକାଧିକ ଥର ଉଠାଇଥିବା ସହିତ ଦକ୍ଷିଣ ଓଡ଼ିଶାର ଦୀର୍ଘମିଆଦୀ ଉନ୍ନତି ପାଇଁ ଏହାର ଗୁରୁତ୍ୱ ଉଲ୍ଲେଖ କରିଥିଲା। ଏକ ପୂର୍ଣ୍ଣାଙ୍ଗ ବ୍ରହ୍ମପୁର ବିମାନବନ୍ଦର ସ୍ଥାପିତ ହେଲେ ଦକ୍ଷିଣ ଓଡ଼ିଶାରେ ପର୍ଯ୍ୟଟନ, ଶିଳ୍ପ, ଏମଏସଏମଇ, ସାମୁଦ୍ରିକ ରପ୍ତାନି, ଚିକିତ୍ସା ସେବା ଓ ବିପଦ ପରିଚାଳନା କ୍ଷେତ୍ରରେ ବ୍ୟାପକ ଉନ୍ନତି ହେବ। ବିଶେଷ କରି ଗୋପାଳପୁର ସମୁଦ୍ରତଟ ଓ ସମଗ୍ର ଦକ୍ଷିଣ ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନା ଏହା ମାଧ୍ୟମରେ ଅଧିକ ଗତି ପାଇବ। ଉକ୍ତ ଦାବି ପରେ କେନ୍ଦ୍ରମନ୍ତ୍ରୀ ଡ଼. ପାତ୍ରଙ୍କ ପ୍ରସ୍ତାବକୁ ଗୁରୁତ୍ୱ ସହ ଶୁଣିଥିବା ସହ ଏହାକୁ ସକାରାତ୍ମକ ଭାବେ ବିଚାର କରାଯିବ ବୋଲି ଆଶ୍ୱାସନ ଦେଇଥିବା ସୂଚନା ମିଳିଛି।

## ଏସ୍‌ଆଇଆର୍ ସମ୍ପର୍କିତ ସର୍ବଦଳୀୟ ବୈଠକ

ଛତ୍ରପୁର,୧୯ ।୫(ସମିସ): ସାରା ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର.) ଲାଗୁ କରାଯାଇଅଛି। ଗଞ୍ଜାମଜିଲ୍ଲାରେହେବାକୁଯାଉଥିବାଏସଆଇଆର-୨୦୨୬ ସମ୍ପର୍କରେ ଆଲୋଚନା ନିମନ୍ତେ ମଙ୍ଗଳବାର ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇଆରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା। ଏଥିରୁ ମୃତବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡିକୁ ଚିହ୍ନଟ କରାଯାଇ ତାଲିକାରୁ ବାଦ ଦିଆଯିବ। ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ନୂଆ ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜର ନିଯୁକ୍ତି ପାଇଁ ବ୍ଲକ୍ ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ବୁଥସ୍ତରୀୟ ଏଜେଣ୍ଟଙ୍କ ତାଲିକା ପ୍ରଦାନ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳଙ୍କୁ ଅନୁରୋଧ କରାଯାଇଛି। ଜୁଲାଇ ୧କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ୨୦ ମେ'ରୁ ୨୯ ମେ' ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହେବ। ୩୦ ମେ'ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ। ଏହା ସହିତ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯିବ। ଖସଡ଼ା ଭୋଟର ତାଲିକା ୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇବାକୁ ଥିବାବେଳେ, ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ୦୨ ସେପ୍ଟେମ୍ବର ସୁଦ୍ଧା କରାଯିବା ପରେ ୦୬ ସେପ୍ଟେମ୍ବର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା କହିଥିଲେ ଯେ, ବୁଥ ସ୍ତରୀୟ ଅଧିକାରୀ, ବୁଥ ସ୍ତରୀୟ ଏଜେଣ୍ଟ ଓ ସମସ୍ତ ରାଜନୈତିକ ଦଳର ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବ।

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବିଷମକଟକ,୧୯।୫(ସମିସ): ବିଷମକଟକ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସିଦ୍ଧାର୍ଥ ସାହୁ ଏକ ହତ୍ୟାକାଣ୍ଡ ଘଟଣାର ବିଚାର କରି ସୋମବାର ଦିନ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୩ ମସିହାରେ ମୁନିଗୁଡା ଥାନା ଅନ୍ତର୍ଗତ ହଟାମୁନିଗୁଡା ସଦର ପଞ୍ଚାୟତର ରାମକୃଷ ମିଶନ ପଡିସାରେ ଥିବା ଏକ ଘରେ ନନ୍ଦିନୀ ନାଏକ ନାମକ ମହିଳା ଶୋଇଥିବା ଅବସ୍ଥାରେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସ୍ୱାମୀ ରଂଜିତ ନୟାକଙ୍କ ଏତଲା ଆନୁଯାୟୀ ଏ.ଚନ୍ଦ୍ର ଙ୍କୁ ମୁନିଗୁଡା ପୁଲିସ ଗିରଫ କରିଥିଲା। ଏହି ମାମଲାର ଶୁଣାଣୀ କରି ୨୨ଜଣ ସାକ୍ଷୀଙ୍କ ସାକ୍ଷ ପ୍ରମାଣ ଆଧାରରେ ଆଜି ବିଷମକଟକ ଅତିରିକ୍ତ ଜିଲ୍ଲା ଦୌରା ଜଜ୍, ଚନ୍ଦ୍ର ଆରେକେନ୍ଦ୍ରାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦେୟ ଅତିରିକ୍ତ ଏକବର୍ଷ ଜେଲଦଣ୍ଡ ଭୋଗିବେ।

### ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ




ବ୍ରହ୍ମପୁର,୧୯ ।୫(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର ପରିସରରେ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷ ବିଦ୍ୟାଳୟର ସ୍ୱତନ୍ତ୍ର ସଫଳତାର ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଗଞ୍ଜାମ ଡଃ. ପ୍ରଭାତୀ ମହାପାତ୍ର ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ସଫଳତା ପାଇଁ ଅଭିନନ୍ଦନ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବେ ଚିକିଟି ନିର୍ବାଚନ ମଣ୍ଡଳୀର ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଅନୁଷ୍ଠାନର ଫଳାଫଳ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାରୁ ତା'ର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ଜୀବନରେ ସମସ୍ତ ପ୍ରକାରର କୁଅଭ୍ୟାସଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଭବିଷ୍ୟତରେ ସମସ୍ତେ ଭାରତମାତାର ସୁଯୋଗ୍ୟ ସନ୍ତାନ ହୋଇ ନିଜ ସାହି, ଗାଁ, ସହର, ଜିଲ୍ଲା, ରାଜ୍ୟ, ଦେଶ, ବାପା, ମା, ଓ ବିଦ୍ୟାଳୟ ପାଇଁ ସାମାଜିକ କାର୍ଯ୍ୟ ମାଧ୍ୟମରେ ଗୌରବ ଆଣିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟାମନ୍ଦିରର ବରିଷ୍ଠ ଆଚାର୍ଯ୍ୟା ପ୍ରିୟଦର୍ଶିନୀ ସାହୁଙ୍କ ସଂଯୋଜନାରେ ଚଳିତ ଶିକ୍ଷାବର୍ଷ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରଥମ ଦଶଟି ସ୍ଥାନରେ ରହିଥିବା ମୋଟ ୧୪ଜଣ ଛାତ୍ରଛାତ୍ରୀ ସୁମିତ କୁମାର ଦାଶ, ଅଙ୍କିତା ସାହୁ, ଏ. ଆଶୁତୋଷ ସରାବ, ଅର୍ଚ୍ଚିତା ଆଚାର୍ଯ୍ୟ, ଶ୍ରୀୟା ଜ୍ୟୋର୍ତିମୟୀ ପାଢ଼ୀ, ପ୍ରିୟଦର୍ଶିନୀ ଗୌଡ଼, ସ୍ମୃତି ରଂଜନ ତ୍ରିପାଠୀ, ସୌରଭ ଗୌଡ଼, ଆଦ୍ୟାଶା ଦାଶ, ଅଭିଳାଷ ପାତ୍ର, ଶୁଭଶ୍ରୀ ନାହକ, ଆଦ୍ୟାଶା ନାୟକ, ଶ୍ରେୟାଶ୍ରୀ ସାହୁ ଓ ଅଭିଷେକ ପଟ୍ଟନାୟକ ଏବଂ ସେମାନଙ୍କ ପିତା, ମାତାଙ୍କୁ ମାନପତ୍ର, ସ୍ମୃତି ଚିହ୍ନ, ଉପଢ଼ୌøକନ, ବୃକ୍ଷ ଏବଂ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ସଙ୍ଗେ ସଙ୍ଗେ ମୋଟ ୮୪ ଜଣ ଏ ୱାନ୍ ଗ୍ରେଡ୍‌ରେ ଉତିନ୍ନ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ସ୍ମୃତି ଚିହ୍ନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ବିଭିନ୍ନ ଉଦାହରଣ ଦେଇ ଏକ ସମାଜ ଉପଯୋଗୀ ମଣିଷ ହେବା ପାଇଁ ଉପଦେଶ ଦେବା ସଙ୍ଗେ ସଙ୍ଗେ ଶପଥ ପାଠ କରାଇଥିଲେ। ପରିଶେଷରେ ବିଦ୍ୟା ମନ୍ଦିରର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର ଉପସ୍ଥିତ ଅତିଥି ଓ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ଉପଦେଷ୍ଟା ସୁଦର୍ଶନ ପାଢ଼ୀ, ହରେକୃଷ୍ଣ ପାଢ଼ୀ, ଧର୍ମରାଜ ସାହୁ, ଇଂ. ମମତା ପାଣିଗ୍ରାହୀ, ନରସିଂହ ଚୌଧୁରୀ, କେ. ଭେଙ୍କଟ ରାଓ, ରାଜେନ୍ଦ୍ର ଡାକୁଆ, +୩ ଅଧ୍ୟକ୍ଷ ଡଃ. ସୁବ୍ରତ ପାଣିଗ୍ରାହୀ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ଡଃ. ପ୍ରସନ୍ନ କର, ଶରତ ଚନ୍ଦ୍ର ମୁନୀ, ପ୍ରସାଦ ଦାସ, ପ୍ରକାଶଚନ୍ଦ୍ର ପାତ୍ର, ଦଣ୍ଡପାଣି ସାହୁ, ଉପେନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପାଢ଼ୀ, ସୁବାଷ ଚନ୍ଦ୍ର ପ୍ରଧାନ ତଥା ପ୍ରାରମ୍ଭ ଶ୍ରେଣୀରୁ +୨ ପର୍ଯ୍ୟନ୍ତ ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ଉପସ୍ଥିତ ଥିଲେ।

## ମୌସୁମୀକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

ବ୍ରହ୍ମପୁର,୧୯ ।୫(ସମିସ): ଭୟାବହ ଅଗ୍ନିକାଣ୍ଡ ବେଳେ ଧନ ଜୀବନର ସୁରକ୍ଷା ସହ ପରିସ୍ଥିତିର ମୁକାବିଲା ଲାଗି ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ ଡ୍ରିଲ୍ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନ କରାଯାଇଛି। ଆଉ ଏବେ ବେଳେ ବେଳେ କାଳ ବୈଶାଖୀର କରାଳରୂପ ସହ ଆଗକୁ ମୌସୁମୀ ବର୍ଷା, ଝଡ଼ ବାତ୍ୟା ଭଳି ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ରହିଛି ଅଗ୍ନିଶମ ବିଭାଗ। ଏଥିଲାଗି ଆଜି ଅଗ୍ନିଶମ ବିଭାଗର ଦକ୍ଷିଣାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ମକ୍ ଡ୍ରିଲ୍। ବିପର୍ଯ୍ୟୟ ପରିସ୍ଥିତିର



ମୁକାବିଲା ଲାଗି ସରକାର ଯୋଗାଇ ଦେଇଥିବା ଅତ୍ୟାଧୁନିକ ସାମଗ୍ରୀ ଓ ଯନ୍ତ୍ରପାତିକୁ ଏଠାରେ ପ୍ରଦର୍ଶିତ କରାଯାଇଛି। ମାତ୍ରାଧିକ ବର୍ଷାରେ ଭୁଶୁଡ଼ି ପଡ଼ିଥିବା କୋଠା ଓ ଗଛ ପଡ଼ି ଥିବା ସମୟରେ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ଲାଗି ପ୍ଲାଜମା କଟର, କମ୍ବି ଷ୍ଟୁଲ, ନିମାଟିକ ବ୍ୟାଗ୍, କେମିକାଲ ସଟ୍, ରୋବୋଟିକ ମୋଟର ଭଳି ଆଧୁନିକ ଯନ୍ତ୍ରପାତିର ବ୍ୟବହାରକୁ ପ୍ରଦର୍ଶିତ କରାଯାଇଛି। ସବୁଠାରୁ ବଡ କଥା ହେଲା ଦେଶର ପ୍ରଥମ ୟୁନିକ ଏଆର୍‌ଟି ଭ୍ୟାନ୍ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଯାହାକି ଆଗୁଆ ଉଦ୍ଧାର କାର୍ଯ୍ୟରେ ବ୍ୟବହାର ହୋଇପାରିବ। ଅନ୍ୟପକ୍ଷେ ପୂର୍ବ ଅପେକ୍ଷା ଉନ୍ନତ ମାନର ଯନ୍ତ୍ରପାତି ଥିବା ଲାଗି ବିପର୍ଯ୍ୟୟ ମୁକାବିଲା ସହଜ ଓ ସରଳ ତାହା ବି ଅତିକମ୍ ସମୟ ମଧ୍ୟରେ ସମ୍ଭବ ହୋଇପାରିବ। ଏହାସହ ବିଭାଗୀୟ ଅଧିକାରୀ, ଲିଡିଙ୍ଗ ଫାୟାର ଫାଇଟରଙ୍କ ସମେତ ୪୦ଜଣ ଫାୟାର ମ୍ୟାନ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଓ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। ଆଗକୁ ଯେତେ ବଡ ବିପର୍ଯ୍ୟୟ ପରିସ୍ଥିତି ଆସିଲେ ମଧ୍ୟ ମୁକାବିଲା ପାଇଁ ସହ ଜିରୋ କାଜୁଆଲିଟି ଲକ୍ଷ୍ୟରେ ଜନସାଧାରଣ ସେବା ଯୋଗାଇବା ଲାଗି ପ୍ରସ୍ତୁତ ଥିବା ଫାୟାର ଫାଇଟର କହିଛନ୍ତି। ଏହି ମକ୍ ଡ୍ରିଲରେ ଏଏଫଓ ଶିଶିର କାନ୍ତ ସିଂ, ଏଏସଓ ଗୋପୀନାଥ ନାୟକ, ସନ୍ତୋଷ ଗୌଡ଼, ତାରାକାନ୍ତ ମହାପାତ୍ରଙ୍କ ସମେତ ଲିଡିଙ୍ଗ ଫାୟାର ଫାଇଟର କ୍ଷୀରୋଦ କୁମାର ମହାନ୍ତି, ଲୋକନାଥ ଜେନା ସମେତଙ୍କ ସମେତ ବହୁ ଫାଇଟର ଉପସ୍ଥିତ ଥିଲେ।

## ବ୍ରହ୍ମାକୁମାରୀସ୍, ଶାନ୍ତିକୁଣ୍ଡ ସେବାକେନ୍ଦ୍ରର ସ୍ୱନକ୍ଷତ୍ର ଉତ୍ସବ




ବ୍ରହ୍ମପୁର,୧୯ ।୫(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିକୁଣ୍ଡ ପ୍ରାଙ୍ଗଣରେ ସେବାକେନ୍ଦ୍ରର ୪୮ ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଚଳିତବର୍ଷରମୁଖ୍ୟବିଷୟ-'ଆଧାତ୍ମିକ ଜାଗରଣ ଦ୍ୱାରା ବିଶ୍ୱ ନବନିର୍ମାଣ" ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ରହ୍ମାକୁମାରୀସ୍ ସବଜୋନ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗିନୀ ମାଳା ଆମନ୍ତ୍ରିତ ବ୍ୟକ୍ତି ବିଶେଷଙ୍କୁ ୪୮ତମ ସ୍ୱନକ୍ଷତ୍ର ଦିବସ ପାଳନର ଶୁଭାଭିନନ୍ଦନ ଜ୍ଞାପନ ସହ ଆଲୋଚ୍ୟ ବିଷୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ରହ୍ମାକୁମାରୀ ସୁଜାତା ପରମାତାଙ୍କ ଯଥାର୍ଥ ପରିଚୟ ପ୍ରଦାନ କରିଥିବା ବେଳେ ବ୍ରହ୍ମାକୁମାରୀ କସ୍ତୁରୀ ରାଜଯୋଗ ଅଭ୍ୟାସ ଦ୍ୱାରା ପବିତ୍ରତା, ସୁଖ ଶାନ୍ତିର ଗହନ ଅନୁଭୂତି କରାଇଥିଲେ। ପରିଶେଷରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶୁଭଙ୍କାକ୍ଷୀ ତଥା ସହଯୋଗୀ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଭ୍ରାତା ଅଜିତ କୁମାର ମହାପାତ୍ର ଏବଂ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ପ୍ରବନ୍ଧକ ଭ୍ରାତା ପ୍ରଫୁଲ୍ଲ ଦାଶ ନିଜ ଶୁଭକାମନାରେ କାମ, କ୍ରୋଧାଦି ପାଞ୍ଚବିକାରକୁ ପରିତ୍ୟାଗ ପୂର୍ବକ ଆଧ୍ୟାତ୍ମିକ ଚିନ୍ତାଧାରା ସମ୍ପନ୍ନ ହେବା ସକାଶେ ପ୍ରେରଣାପ୍ରଦାନ ସହ ଉକ୍ତ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏହିପରି ଉଚ୍ଚସ୍ତରୀୟ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହରର ସମସ୍ତ ଆଧ୍ୟାତ୍ମିକ ପୀଠ, ମଠ, ମନ୍ଦିରର ଟ୍ରଷ୍ଟି, ପୂଜକ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସଭାପତି ତଥା ସମ୍ପାଦକ ଏବଂ ସମସ୍ତ ଗଣମାଧ୍ୟମ ପ୍ରତିନିଧିଗଣ ଅଂଶଗ୍ରହଣ କରିଥିଲେ।

### ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ ଅଭିଯାନର ଶୁଭାରମ୍ଭ

## ପ୍ରତି ମଙ୍ଗଳବାର ଗାଁ ପାଇଁ ସମୟ ଦିଅନ୍ତୁ: ଜିଲ୍ଲାପାଳ

ବ୍ରହ୍ମପୁର,୧୯ ।୫(ସମିସ)

ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ "ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ" ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି "ମିଶନ୍ ଜିରୋ ପ୍ଲାଷ୍ଟିକ ଭିଜିବିଲିଟି'। ଜିଲ୍ଲାରେ ପ୍ଲାଷ୍ଟିକ୍ ବ୍ୟବହାର

**ପ୍ଲାଷ୍ଟିକ ବ୍ୟବହାର କମାଇବା ଓ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ**

କମାଇବା ଓ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା। ବିଶେଷ କରି ଗ୍ରାମାଞ୍ଚଳରେ ସ୍ୱଚ୍ଛତା ନେଇ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ପ୍ରଶାସନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଘର, ଦୋକାନ, ରାସ୍ତାଘାଟ ଓ ସାର୍ବଜନୀନ ସ୍ଥାନରେ ପ୍ଲାଷ୍ଟିକ ଜିନିଷ ଫିଙ୍ଗିବାକୁ ବାରଣ କରାଯିବା ସହ କପଡା ତିଆରି ବ୍ୟାଗ୍ ଓ ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀ ବ୍ୟବହାର ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ପ୍ଲାଷ୍ଟିକ ପ୍ରଦୂଷଣରୁ ପରିବେଶର ସୁରକ୍ଷା ସହ ପଶୁପକ୍ଷୀଙ୍କ ସୁରକ୍ଷାଲାଗି ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହି ସ୍ୱଚ୍ଛତା ଅଭିଯାନରେ ଜନସାଧାରଣ, ଯୁବବର୍ଗ, ଛାତ୍ରଛାତ୍ରୀ ମାନଙ୍କୁ ସାମିଲ କରାଯାଇଛି। ଆଜି ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏହି ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିୱାସନ୍ ରଙ୍ଗେଇଲୁଣ୍ଡା ବ୍ଲକର ଭାବିନିପୁର ପଞ୍ଚାୟତରେ ଏହି ଅଭିଯାନର ଶୁଭାରମ୍ଭ କରିବା ସହିତ ପ୍ରତ୍ୟେକ ମଙ୍ଗଳବାର ଆମ ଗାଁ ଅର୍ଥାତ ନିଜ ନିଜ ଗାଁ ପାଇଁ ସ୍ୱେଚ୍ଛାକୃତ ଭାବରେ ସମୟ ଦେବା ପାଇଁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି।




ଜିଲ୍ଲାପାଳଙ୍କ ସହିତ ମହାରାଜା କୃଷ୍ଣଚନ୍ଦ୍ରେ ଗଜପତି ଭେଷଜ ମହାବିଦ୍ୟାଳୟର ରେଜିଷ୍ଟ୍ରାର ଡ ଶ୍ୱେତ କୁମାର ଦାଶ, ରଙ୍ଗେଇଲୁଣ୍ଡା ବ୍ଲକର ବ୍ଲକ୍ ଉନ୍ନୟନ ଅଧିକାରୀ ବିଶ୍ୱଜିତ୍ ରାୟ, ଭାବିନିପୁର ପଞ୍ଚାୟତର ସରପଞ୍ଚ ରଞ୍ଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀ, ଗ୍ରାମବାସୀ, ବ୍ରହ୍ମପୁର ମହାନଗର ନିଗମର କର୍ମଚାରୀମାନେ ମଧ୍ୟ ସାମିଲ ହୋଇଥିଲେ।

# ‘ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ’ର ଶୁଭାରମ୍ଭ





ଶେରଗଡ,୧୯ ।୫(ସମିସ)

ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଶେରଗଡ ବ୍ଲକ ମୁଖ୍ୟାଳୟରେ ପରିବେଶକୁ ସ୍ୱଚ୍ଛ କରିବା ସହ ଘର, ଦୋକାନ, ରାସ୍ତା ଘାଟ ଓ ସାର୍ବଜନୀନ ସ୍ଥାନରେ ପ୍ଲାଷ୍ଟିକ ପଦାର୍ଥ ଫୋପାଡିବାକୁ ବାରଣ କରାଯିବା ସହ କପଡା ତିଆରି ବ୍ୟାଗ ଓ ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀ ବ୍ୟବହାର ଲାଗି ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । କାର୍ଯ୍ୟକ୍ରମରେ ପାନୀୟ ଜଳ ଓ ପରିମଳ ବିଭାଗର ସୁପରିଟେଣ୍ଡିଙ୍ଗ ଇଞ୍ଜିନିୟର ସୀମାଞ୍ଚଳ ବେହେରା, ସ୍ଥାନୀୟ ସରପଞ୍ଚ ରଞ୍ଜିତା ବେହେରା, ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶଙ୍କର ସାବତ ସଂଯୋଜନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଇ.ଚିନ୍ମୟ କୁମାର ପାତ୍ର, ମହେଶ୍ୱର ରାଉତ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସ୍ଥାନୀୟ ଜନସାଧାରଣ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇଥିଲା ।

**ଛତ୍ରପୁର:** ଛତ୍ରପୁରକୁ ସ୍ୱଚ୍ଛ, ସୁସ୍ଥ, ସବୁଜ ଓ ସୁନ୍ଦର କରିବା ନିମନ୍ତେ ଆଜି ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ପରିବେଶ ସୁରକ୍ଷା, ପ୍ରକୃତିକୁ ବଞ୍ଚାଇବା ଏବଂ ପ୍ଲାଷ୍ଟିକ ଓ ପଲିଥିନକୁ ବର୍ଜନ କରିବା ଲକ୍ଷ୍ୟ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ରିଡିଙ୍ଗ ରୁମର ସମ୍ପାଦକ ତଥା ଆଇନଜୀବୀ ବି. ଶ୍ରୀନିବାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ସଚ୍ଚିଦାନନ୍ଦ ନାୟକ, ମୁଖ୍ୟବକ୍ତା ଭାବେ ପରିବେଶବିତ ସୁଧୀର ରାଉତ, ସମ୍ମାନିତ ଅତିଥି ଭାବେ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, କ୍ୟୁୟର୍ସ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ଶତପଥି ଓ ଛତ୍ରପୁର ପୌରପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ଯୋଗଦେଇଥିଲେ । କାଉନସିଲର ଦେବାଶିଷ ମିଶ୍ର, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ଼ଃ ଅଜିତ କୁମାର ସେଠି, ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି ଓ ଡ଼ଃ ରାଜେନ୍ଦ୍ର ଦାଶ, ପ୍ରଧାପକ ଭି. ରାଜେନ୍ଦ୍ର ରାଜୁ , ଅଟଳ ବିହାରୀ ପଟ୍ଟନାୟକ, ସୁଧୀର ରଥ, ଏ. ରାବଣା ରାଓ, ଜି. ମଙ୍ଗେଶ୍ୱର ରାଓଙ୍କ ସମେତ ବହୁ କାଉନସିଲର, ବୁଦ୍ଧିଜୀବୀ, ସ୍ୱଚ୍ଛସାଥି, ସାନିଟାଇଜର ୱାର୍କର ଓ ବହୁ ଜନସାଧାରଣ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଅରୁଣ ଶତପଥି ସଂଯୋଜନା କରିଥିବା ବେଳେ ସୀମାଞ୍ଚଳ ନାହାକ, ବି. ଶ୍ରୀନିବାସ, ଏ. ରାବଣା ରାଓ, କାଉନସିଲର ଦେବାଶିଷ ମିଶ୍ର ଓ ସାମ୍ବାଦିକ ପ୍ରଶାନ୍ତ କୁମାର ମହାରଣା ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ଅଜିତ କୁମାର ସେଠୀ ପରିବେଶ ସୁରକ୍ଷା ନିମନ୍ତେ ଏକ ସଂଗୀତ ଗାନ କରିଥିଲେ ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ପକ୍ଷରୁ ମଙ୍ଗଳବାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମମାଟି କୁଳାଡ ସମେତ ସମସ୍ତ ୨୨ଟି ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା । କୁଳାଡରେ ଅନୁଷ୍ଠିତ ସଫେଇ କାର୍ଯ୍ୟକ୍ରମରେ ଉପଜିଲାପାଳ ଉମା ଶଙ୍କର ବେହେରା, ବିଡିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅବିନାଶ ମହାର ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିସହ ବ୍ଲକର ଅନ୍ୟାନ୍ୟ ସ୍ଥାନରେ ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର, ସହକାରୀ ଯନ୍ତ୍ରୀ ରବିନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା ।





**ଭଞ୍ଜନଗର:** ଭଞ୍ଜନଗର ବ୍ଲକ ପ୍ରଶାସନ ବ୍ଲକର ଆଠଗଡ଼ ପାଟଣା ଜଗନ୍ନାଥ ମନ୍ଦିର ପରିସର ଓ ରାସ୍ତାର ସଫେଇ କାର୍ଯ୍ୟ କରିବା ସହ ଏହି ଅଭିଯାନରେ ଯୁବପିଢ଼ି ଓ ଛାତ୍ରଛାତ୍ରୀ ଯୋଡି ହୋଇ ସ୍ୱଚ୍ଛତାର ସନ୍ଦେଶ ଘରକୁଘରପହଞ୍ଚାଇବାପାଇଁଉଦ୍ୟମଏଠାରୁବ୍ଲକପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ବିଡ଼ିଓ ରାଜେନ୍ଦ୍ର କୁମାର ନାୟକ, ଏବିଡ଼ିଓ ନାରାୟଣ ବେହେରା,ଜେଇ ତନ୍ମୟ କୁମାର ଦାସ, ଭିଲଡବ୍ଲୁ ରବୀନ୍ଦ୍ର ବିଷୋୟୀ, ସରପଞ୍ଚ ଛବିରାଣୀ ତ୍ରିପାଠୀ, ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

**ଖଲ୍ଲିକୋଟ:** ଖଲ୍ଲିକୋଟ ବ୍ଲକର ଡିମିରିଆ ପଞ୍ଚାୟତରୁ ଏହି ଅଭିଯାନ ଆରମ୍ଭ ହୋଇଛି । ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ପିଡି ସମିର କୁମାର ଜେନା, ବିଡ଼ିଓ ଦେବାଶିଷ ସାମଲ,ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ରିତେଶ ମିଶ୍ର, ବିପିଏମ କାଦମ୍ବିନୀ ନାୟକ, ପୂର୍ବତନ ସରପଞ୍ଚ ମନୋଜ କୁମାର ଗୌଡଙ୍କ ସମେତ ଅନ୍ୟାନ୍ୟ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ । ଡିମିରିଆ ଗ୍ରାମର ରାସ୍ତା ଘାଟ, ନାଳ ଓ ପୋଖରୀ ହୁଡା ସଫା କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କୁ ଖାତା, ପେନ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା ।

# ପୋଲସରାରେ କୁମ୍ଭୀର ଆତଙ୍କ

ପୋଲସରା,୧୯ ।୫(ସମିସ): ପୋଲସରା ବନଖଣ୍ଡ ଅଧୀନ ବାଲିଘାଇ ସ୍ଥିତ ରାମେଶ୍ୱର ମନ୍ଦିର ପଛପଟେ କୁମ୍ଭୀର ରହିଥିବା ନେଇ ଆତଙ୍କ ସୃଷ୍ଟି ହୋଇଛି । ଧନେଇ ନଦୀ ପାର୍ଶ୍ୱରେ ପନିପରିବା ଚାଷ କରାଯାଉଥିବା ଏକ ଚାଷ ଜମି ରହିଛି । ଯେଉଁଠି ୧୨ ଘଣ୍ଟିଆ ଉଦୁଉଦିଆ ଖରାରେ ସେହି କୁମ୍ଭୀର ଆକୃତିର ଶୋଇ ରହିଥିବା ଏକ ସଠିକ୍ ସୂଚନା ମିଳିନଥିଲା । ଯେଉଁଠି ଜମି ମାଲିକ ସଞ୍ଜୟ ପ୍ରଥମ ଲୋକ ଯିଏ ସେହି ହିଂସ୍ର ଜନ୍ତୁର ଫୋଟ ନିଜ ମୋବାଇଲରେ ଉଠାଇଥିଲେ । ଆଉ ସେହି ମୋବାଇଲ ଫୋନ୍‌ରୁ ସ୍ୱଷ୍ଟ ବାରି କିଛି କହିବା କାହା ପାଇଁ ସମ୍ଭବପର ନଥିଲା । ସେହି ମୋବାଇଲ ଫୋଟକୁ ନେଇ ସ୍ଥାନୀୟ ଅଞ୍ଚଳର କିଛି ଲୋକଙ୍କ କହିବା ପ୍ରକାରେ ସେଇଟା କୁମ୍ଭୀର




ହିଂସ୍ରଜନ୍ତୁକୁ ପ୍ରଥମେ ଜମି ମାଲିକ ସଞ୍ଜୟ ସାହୁ ଦେଖିଥିଲେ । ଘଟଣାର ଗୁରୁତ୍ୱକୁ ନେଇ ଗଣମାଧ୍ୟମ ପ୍ରତିନିଧି ପୋଲସରା ବନାଞ୍ଚଳ ଅଧିକାରୀ ଅନିଲ କୁମାର ପଣ୍ଡାଙ୍କୁ ସେହି ସ୍ଥାନର ଉଠା ଯାଇଥିବା ଫୋଟ ପଠାଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ । ଘଟଣାର ସତ୍ୟାସତ୍ୟ ସନ୍ଧାନରେ ବନାଞ୍ଚଳ କର୍ମଚାରୀ ମୁନା ଦାଶଙ୍କ ନେତୃତ୍ୱରେ ଏକ ଟିମ ଏବଂ ସ୍ଥାନୀୟ କିଛି ଯୁବକ ରାତି ଅନ୍ଧାରରେ ସେହି ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ସେଠାରେ ସେହି ହିଂସ୍ର ଜନ୍ତୁର କୌଣସି ନୁହେଁ ଗୋଧି ହୋଇଥିବା ସନ୍ଦେହକୁ ଆହୁରି ଆତଙ୍କିତ କରିଛି । ତେବେ ବନବିଭାଗ ପକ୍ଷରୁ ସେହି କୁମ୍ଭୀର ପରି ଦେଖାଯାଉଥିବା ହିଂସ୍ର ଜନ୍ତୁକୁ ଧରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବର ପ୍ରସ୍ତୁତି ଜୋରଦାର କରାଯାଇଛି । କିଛି ଟ୍ରାପ୍ କ୍ୟାମେରା ଲଗାଇବା ସହିତ ବିହିତ ପଦକ୍ଷେପ ଗ୍ରହଣ କରାଯିବା ବୋଲି ସ୍ୱଷ୍ଟ ସୂଚନା ପ୍ରଦାନ କରିଛନ୍ତି ବନବିଭାଗର କର୍ମକର୍ତ୍ତା । ଅନ୍ୟପଟେ ଉକ୍ତ ଅଞ୍ଚଳରେ ଗାଧୋଇବାକୁ ଆସୁଥିବା ଜନସାଧାରଣଙ୍କୁ କିଛିଦିନ ପାଇଁ ବନ୍ଦ କରାଯାଇଛି ।

# ଯୌତୁକ ନିର୍ଯାତନାରୁ ବିଷ ପିଇଲେ ମହିଳା!

ଦିଗପହଣ୍ଡି,୧୯ ।୫(ସମିସ): ଦିଗପହଣ୍ଡି ଏନଏସି ୧୦ନଂ ୱାର୍ଡ ଆନନ୍ଦ ନଗରର ବିଶ୍ୱନାଥ ମହାରଣାଙ୍କ ଝିଅ ଉଷାରାଣୀ ମହାରଣା ୨୦୨୦ ଡିସେମ୍ବର ୮ ତାରିଖରେ ଗୋଳନ୍ଥରା ଥାନା ବିଶ୍ୱନାଥପୁର ଗ୍ରାମର ଉଦୟନାଥ ମହାରଣାଙ୍କ ବଡ଼ପୁଅ ପ୍ରଶାନ୍ତ ମହାରଣାଙ୍କୁ ବିବାହ କରିଥିଲେ । ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା । ବିବାହର କିଛିଦିନ ହସଖୁସିରେ କଟିବା ପରେ ଉଭୟଙ୍କ ଔରସରୁ ଏକ ପୁଅ ଜନ୍ମ ହୋଇଥିଲା । ପରେ ଅଧିକା ଯୌତୁକ ପାଇଁ ଉଷାରାଣୀଙ୍କୁ ଶଶୁର ଘର ଲୋକେ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ । ନିର୍ଯାତନା ଅସହ୍ୟ ହେବାରୁ ଗତ ୨୦୨୧ ଜୁନ ୧୬ ତାରିଖରେ ଉଷାରାଣୀ ବାପଘର ଦିଗପହଣ୍ଡି ଚାଲି ଆସିଥିଲେ । ଶ୍ୱଶୁର ଘରୁ ଆସିବା ଦିନଠାରୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ତାଙ୍କୁ ଫୋନ କରି ଗାଳି ଗୁଲଜ କରି ଧମକ ଦେଉଥିଲେ । ଏଥିରେ ମାନସିକ ଭାରସାମ୍ୟ ହରାଇ ସୋମବାର ଉଷାରାଣୀ କୌଣସି କୀଟନାଶକ ଖାଇ ଦେଇଥିଲେ । ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଉଷାରାଣୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ମକଦ୍ଦମା ରୁଜୁ କରିଥିଲେ । ପୁଲିସ ଟିମ୍ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ମଙ୍ଗଳବାର ସକାଳେ ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।

# ଦୁଇ ହତ୍ୟାକାରୀଙ୍କୁ ଆଜୀବନ

ବ୍ରହ୍ମପୁର,୧୯।୫(ସମିସ): ଗଞ୍ଜାମ ଜିଲ୍ଲା ଦୌରାଜଜ ଅଶାନ୍ତ କୁମାର ଦାସ ମଙ୍ଗଳବାର ଏକ ହତ୍ୟା ମାମଲାର ଶୁଣାଣି କରି ଗୋପାଳପୁର ଥାନା ଅନ୍ତର୍ଗତ ତେରଗୌଞ୍ଜି ଗ୍ରାମର ପ୍ରଦୀପ ଦାସ (୨୮) ଓ ନାରାୟଣ ଦାସ(୪୦)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେହିପରି ପ୍ରତ୍ୟେକ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ପ୍ରତ୍ୟେକ ଅତିରିକ୍ତ ୧ବର୍ଷ ସଶ୍ରମ କାରାଦଣ୍ଡର ନିର୍ଦ୍ଦେଶ ଦେଇଥିବା ରାୟରେ ଉଲ୍ଲେଖ ରହିଛି ।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୪ ମାର୍ଚ୍ଚ ୧୩ରେ ଉକ୍ତ ଗ୍ରାମର ମୁନା ଦାସ ଗାଁ’ମୁଣ୍ଡରେ ଥିବା ଏକ ମଦ ଦୋକାନକୁ ଯାଇଥିଲେ । ସେଠାରେ ପ୍ରଦୀପ ଦାସ ଓ ଭିକାରୀ ଦାସଙ୍କ ମଧ୍ୟରେ ଝଗଡ଼ା ଚାଲିଥିଲା । ମୁନା ପ୍ରଦୀପଙ୍କୁ ଝଗଡ଼ା ନ କରିବାକୁ ବୁଝାସୁଝା କରୁଥିବାବେଳେ ଉତ୍କ୍ଷିପ୍ତ ହୋଇ ସେ ନିକଟରେ ଥିବା ଏକ ଲୁହା ଛଡ଼ ଆଣି ମୁନାଙ୍କ ମୁଣ୍ଡରେ ଆକ୍ରମଣ କରିଥିଲେ । ସେଠାରେ ଥିବା ତାଙ୍କ ସହଯୋଗୀ ନାରାୟଣ ଦାସ ମଧ୍ୟ ତାଙ୍କୁ ଆକ୍ରମଣ କରିଥିଲେ । ଆହତ ମୁନା ଦାସଙ୍କୁ ଉଦ୍ଧାର କରାଯାଇ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମୁନାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ପ୍ରଦୀପ ଦାସ ଓ ନାରାୟଣ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସ୍ଆଇ ଲିସାରାଣୀ ସେଠୀ ଉଭୟଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ମାମଲାର ବିଚାରଣା ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଦୁଇ ଅଭିଯୁକ୍ତଙ୍କୁ ବିଚାରପତି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ କ୍ୟାଉର ପିପି ବିଶ୍ୱଜିତ ବରାଳ ମୋକଦ୍ଦମା ପରିଚାଳନା କରିଥିଲେ ।

■ ଯୁକ୍ତ ତିନି ପାଠ୍ୟକ୍ରମରେ ଯୋଡ଼ି ହେଲା ନୂଆ ଅଧ୍ୟାୟ

# ବାଧ୍ୟତାମୂଳକ ହେଲା ‘ପ୍ରାୟୋଗିକ ଅଭିଜ୍ଞତା’



ନନ୍ଦପୁର, ୧୯।୫(ସମିସ): ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବଡ଼ଧରଣର ସଂସ୍କାର ଆସିବାକୁ ପ୍ରୟୋଗିକ ଅଭିଜ୍ଞତା ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି । ଯୁକ୍ତ ତିନି (+୩) ପାଠ୍ୟକ୍ରମରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି । ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ର ମୂଳ ଲକ୍ଷ୍ୟ ଅନୁସାରେ, ବର୍ତ୍ତମାନଠାରୁ “ପ୍ରାୟୋଗିକ ଅଭିଜ୍ଞତା’ ବା ଇଣ୍ଟର୍ନସିପ୍‌କୁ ପାଠ୍ୟକ୍ରମର ଏକ ଅଂଶବିଶେଷ କରାଯାଇଛି । ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷରୁ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ନିଜ ନିଜ ପାଠ୍ୟକ୍ରମରେ ଏହି ବ୍ୟବସ୍ଥାକୁ ସାମିଲ କରିଛନ୍ତି । ଏହି ନୂତନ ନିୟମ ଅନୁଯାୟୀ, ଯୁକ୍ତ ତିନି ଚତୁର୍ଥ (୪ର୍ଥ) ସେମିଷ୍ଟାରରେ ପଢୁଥିବା ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ପ୍ରାୟୋଗିକ ଅଧ୍ୟୟନ ବାଧ୍ୟତାମୂଳକ ହେବ । ନୂଆ ନିୟମ ଅନୁସାରେ ଶିକ୍ଷାର୍ଥୀମାନଙ୍କୁ ସର୍ବନିମ୍ନ ୩୫ ଦିନର ପ୍ରାୟୋଗିକ କାର୍ଯ୍ୟ କରିବାକୁ ପଡ଼ିବ । ପିଲାମାନେ ବିଭିନ୍ନ ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନ/ଉଦ୍ୟୋଗ ସହିତ ଜଡ଼ିତ ହୋଇ ଏହି ଅଭିଜ୍ଞତା ହାସଲ କରିପାରିବେ । ଶ୍ରେଣୀଗୃହର ପାଠପଢ଼ାକୁ ବାସ୍ତବ ଦୁନିଆର କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବା ଶିଖିବେ । ଏହି କ୍ରମରେ ଆଜି ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ନନ୍ଦପୁର ସିଦ୍ଧେଦେବୀ ମହାବିଦ୍ୟାଳୟ ତରଫରୁ ପାଠ୍ୟକ୍ରମ ଅନୁଯାୟୀ ଶିକ୍ଷାର୍ଥୀ ମାନେ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟାଳୟରେ ନିଜକୁ ୩୫ ଦିନ ଲାଗି ପଞ୍ଜୀକୃତ କରିଥିବା ସୂଚନା ରହିଛି । ବିଦ୍ୟାର୍ଥୀ ମାନେ ଉକ୍ତ ପାଠ୍ୟକ୍ରମ ମାଧ୍ୟମରେ ପଞ୍ଚାୟତି ରାଜ ବିଭାଗ ଅଧିନସ୍ଥ ବିଭିନ୍ନ ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ବିଭାଗରେ ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବେ । ଯାହା ସେମାନଙ୍କ ପାଠ୍ୟକ୍ରମର ଏକ ଅଂଶ ବିଶେଷ ରହିବ । ଏହି ନିଷ୍ପତ୍ତି ଫଳରେ ଛାତ୍ରଛାତ୍ରୀ ମାନେ କେବଳ ପୁସ୍ତକଗତ ଜ୍ଞାନ ଭିତରେ ସୀମିତ ନ ରହି, ବଜାରର ଚାହିଦା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିପାରିବେ । ଫଳରେ ଭବିଷ୍ୟତରେ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ପ୍ରଶସ୍ତ ହେବ ବୋଲି ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି ।

■ ମାମୁର ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ଭଣଜା

ବ୍ରହ୍ମପୁର,୧୯।୫(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ବାସିନ୍ଦା ହନୁମନ୍ତ ରେଡ୍ଡିଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି । ତାଙ୍କୁ ଘର ଭିତରେ ହିଁ ହତ୍ୟା କରାଯାଇଥିବା ହନୁମନ୍ତଙ୍କ ଭଣଜା ସତ୍ୟନାରାୟଣ ରେଡ୍ଡି ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ହତ୍ୟା ପଛରେ ହନୁମନ୍ତଙ୍କ ସ୍ତ୍ରୀ ଓ ଝିଅର ଭୂମିକା ରହିଛି ବୋଲି ସେ ଦର୍ଶାଇଛନ୍ତି । ସୂଚନାଥାଉକି, ୧୮ ତାରିଖ ରାତିରେ ହନୁମନ୍ତଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ସମ୍ପର୍କରେ ସତ୍ୟନାରାୟଣଙ୍କୁ ତାଙ୍କ ମାଇଁ ତଥା ହନୁମନ୍ତଙ୍କ ସ୍ତ୍ରୀ ଫୋନ କରି ଜଣାଇଥିଲେ । ସତ୍ୟନାରାୟଣ ତୁରନ୍ତ ମାମୁଁଙ୍କ ଘରେ ପହଞ୍ଚିବା ପରେ ହନୁମନ୍ତ ଅଚେତ ଅବସ୍ଥାରେ ଖଟ ଉପରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ତାଙ୍କୁ ଡାକ୍ତରଖାନା ନେବା ପାଇଁ ସେ ମାଇଁ ଓ ଝିଅକୁ କହିଥିଲେ ମଧ୍ୟ ସେମାନେ ସହଯୋଗ କରିନଥିଲେ ଏବଂ ସନ୍ଦେହଜନକ କଥାବାର୍ତ୍ତା କରିଥିଲେ । ଏହାପରେ ସତ୍ୟନାରାୟଣ ବୈଦ୍ୟନାଥପୁର ଥାନା ପୁଲିସର ସହାୟତାରେ ହନୁମନ୍ତଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମାଇଁ ଓ ତାଙ୍କ ଝିଅ ଅନ୍ୟକିଛି ଜଣଙ୍କ ସହଯୋଗରେ ତାଙ୍କ ମାମୁଁକୁ ହତ୍ୟା କରିଥିବା ସତ୍ୟନାରାୟଣ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି ।

ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣାର ପର୍ଦ୍ଦାଫାସ

# ଦମ୍ପତିଙ୍କ ସମେତ ୩ ଗିରଫ; ସୁନା, ରୁପା ଗହଣା ଜବତ





ବୋରିଗୁମ୍ମା, ୧୯।୫(ସମିସ): ପତ୍ନୀକୁ ଲଗାଇ ମନ୍ଦିରରୁ ଚୋରି । କୁମୁଲି ଜଗନ୍ନାଥ ମନ୍ଦିର ଓ ବିଡିଗାଁ ଘର ଚୋରି ଘଟଣାର ଖୁଲାସା କରିଛି ବି ସିଂହପୁର ପୁଲିସ । ଏହି ଦୁଇ ଘଟଣାରେ ଦମ୍ପତିଙ୍କ ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଜି ଏକ ପ୍ରେସ ସମ୍ମିଳନୀରେ ବୋରିଗୁମ୍ମା ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଏ ସମ୍ପର୍କୀତ ସୂଚନା ଦେଇଛନ୍ତି । ଗତ ୨୦୨୬ ଏପ୍ରିଲ ୧୪ ତାରିଖ ବିଳମ୍ବିତ ରାତିରେ କୁମୁଲି ଗ୍ରାମର ନୂତନ ଜଗନ୍ନାଥ ମନ୍ଦିରରୁ ଦୁର୍ବୃତ୍ତ ହୁଣ୍ଡି ଭାଙ୍ଗି ନଗଦ ଲକ୍ଷାଧିକ ଟଙ୍କା ଏବଂ ଠାକୁରଙ୍କ ବ୍ୟବହାର ସୁନା ରୁପା ଅଳଙ୍କାର ଲୁଟି ନେଇଥିଲେ ଏବଂ ପ୍ରମାଣ ନଷ୍ଟ କରିବା ପାଇଁ ସିସିଟିଭି ହାର୍ଡ ଡିସ୍କକୁ ନେଇ ଯାଇଥିଲେ । ଏ ସମ୍ପର୍କରେ ବିସିଂପୁର ଥାନାରେ ଏତଲା ଦେଇଥିଲେ ଗ୍ରାମବାସୀ । ସେହିପରି ଚଳିତ ବର୍ଷ ଅପ୍ରେଲ ୨୩ ତାରିଖ ଦିନ ବୋଡିଗାଁରେ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତ ମାନେ ସୁନା ରୁପା ଗହଣା ସହ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ । ଏ ସମ୍ପର୍କରେ ମଧ୍ୟ ବିସିଂପୁର ଥାନାରେ ଅଭିଯୋଗ ହୋଇଥିଲା । କୋରାପୁଟ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଛାନ୍‌ଭିନ ଆରମ୍ଭ କରିଥିଲା । ଚଳିତ ମେ ମାସ ୧୮ ତାରିଖରେ ଲାଠିକଟା ଏବଂ ଭାଲୁମହଲ ଜଙ୍ଗଲ ମଧ୍ୟରେ କିଛି ଅଜଣା ବ୍ୟକ୍ତି ମାରଣାସ୍ତ୍ର ନେଇ ସନ୍ଦେହଜନକ ଭାବେ କିଛି ଲୋକ ବୁଲୁଥିବା ଖବର ପାଇ ସଙ୍ଗେ ସଙ୍ଗେ ବିସିଂପୁର ପୁଲିସ ଚଢ଼ଉ କରି ସ୍ୱାମୀ ସ୍ତ୍ରୀଙ୍କ ସହିତ ଜଣେ ଦୁର୍ବୃତ୍ତକୁ କାବୁ କରିଥିଲେ । ଅନ୍ୟମାନେ ଚମ୍ପଟ ମାରିଥିଲେ । ପଚରାଉଚରା ପରେ ମନ୍ଦିର ଚୋରି ଏବଂ ଘର ଚୋରି କରିଥିବା ପୁଲିସକୁ କହିଥିଲେ । ପୁଲିସ ସେମାନଙ୍କ ଠାରୁ ୫୦୦ ଗ୍ରାମ ରୁପା, ୧ ତୋଲା ସୁନା,୨୬୦ ଗ୍ରାମ ରୁପା, ଶାଳଗ୍ରାମ, ରୁଦ୍ରାକ୍ଷ, କିଛି ପୁରୁଣା କଏନ, ପୁରୁଣା ନୋଟ୍ ଚୋରି କରିବା ପାଇଁ ବ୍ୟବହାର କରୁଥିବା ତିନି ଗୋଟି ବାଇକ, ଖଣ୍ଡା, ଛୁରୀ, ଲୁହା ଛଡ଼, ଲଙ୍କା ଗୁଣ୍ଡ ଏବଂ ଦୁଇଟି ମୋବାଇଲ ଓ ୩ଟି ବାଇକ୍ ଜବତ କରିଛି ପୁଲିସ । ଗିରଫ ସ୍ୱାମୀ ସ୍ତ୍ରୀ ହେଲେ ନନ୍ଦିନୀ ଦାସ ଓରଫ ଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ସୁରେଶ ଦାସ । ଅନ୍ୟ ଜଣେ ଦୁର୍ବୃତ୍ତ ହେଲେ ହେବେଲ ଖୋସଲା । ଏହି ଚୋରି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡକୁ ଅତିଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ।

# ବୋଲେରୋ ଗାଡ଼ି ସହ ଗଞ୍ଜେଇ ଜବତ, ୩ ଗିରଫ



ଲମତାପୁଟ, ୧୯।୫(ସମିସ): କୋରାପୁଟ ଜିଲ୍ଲାରେ ପୁଣି ବଡ଼ ଧରଣର ଗଞ୍ଜେଇ ଜବତ ଘଟଣା ସାମ୍ନାକୁ ଆସିଛି । ମାଛକୁଣ୍ଡ ଡି ଡ୍ୟାମ ନିକଟରେ ପୁଲିସର ଚଢ଼ଉ ବେଳେ ଏକ ବୋଲେରୋ ଗାଡିରୁ ୧୬୧ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ମାଛକୁଣ୍ଡ ପୁଲିସ ଗିରଫ କରିଥିବା ବେଳେ ଗାଡିକୁ ମଧ୍ୟ ଜବତ କରାଯାଇଛି । ମାଛକୁଣ୍ଡ ପୁଲିସକୁ ମିଳିଥିବା ସୂଚନା ଆଧାରରେ ମାଛକୁଣ୍ଡ ଡି ଡ୍ୟାମ ନିକଟରେ ଯାନବାହନ କଡ଼ା ଯାଞ୍ଚ କରାଯାଉଥିଲା । ସନ୍ଦେହଜନକ ଭାବେ ଚିତ୍ରକୋଣ୍ଡା ଅଞ୍ଚଳରୁ ଆନ୍ଧ୍ର ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ସମୟରେ ବୋଲେରୋ ଗାଡିକୁ ପୁଲିସ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ଗାଡି ଭିତରୁ ୧୬୧ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା । ଘଟଣାସ୍ଥଳରୁ ପୁଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ବ୍ୟବହୃତ ବୋଲେରୋ ଗାଡିକୁ ମଧ୍ୟ ଜବତ କରିଛି । ଗିରଫ ଯୁବକମାନେ ହେଲେ ମାଲକାନଗିରି ଜିଲ୍ଲାର ହେମନ୍ତ ହନ୍ତାଲ, (ଫୁଲପଦର) ସନ୍ତୋଷ ଖରା,(ତୁମେଲମାମୁଡି), ପ୍ରଫୁଲ ଖିଲ (ରଙ୍ଗନୀଗୁଡା ) । ପ୍ରାଥମିକ ତଦନ୍ତରୁ ଜବତ ଗଞ୍ଜେଇକୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସମସ୍ତ ଜବତ ଗଞ୍ଜେଇ ଓଜନ କରାଯାଇଛି । ଏନେଇ ମାଛକୁଣ୍ଡ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

ସକାଳ THE SAKALA



## ଜନବସତି ଓ ପରିବେଶ ସୁରକ୍ଷା ପାଇଁ ୧୬ ଗ୍ରାମବାସୀ ଏକଜୁଟ୍

# ପ୍ରସ୍ତାବିତ କ୍ରୋମାଇଟ୍ ବେନିଫିକେସନ୍ ପ୍ଲାଣ୍ଟକୁ ବିରୋଧ

**ଦାନଗଦି, ୧୯।୫(ସମିସ)**



ଯାଜପୁର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ଦେଉଳକଣ ପଞ୍ଚାୟତର ପାର୍ଟବାଲି ମୌଜାରେ ପ୍ରସ୍ତାବିତ 'କ୍ରୋମାଇଟ୍ ବେନିଫିକେସନ୍ ପ୍ଲାଣ୍ଟ'କୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି କାରଖାନା ନିର୍ମାଣ ହେଲେ ସ୍ଥାନୀୟ ପରିବେଶ, ଜଳଉତ୍ସ ଓ ଜନଜୀବନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେବାର ଆଶଙ୍କା କରି ପାର୍ଟବାଲି ସମେତ ପାର୍ଶ୍ୱବର୍ତ୍ତୀ ପ୍ରାୟ ୧୬ଟି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଏହାର ଦୃଢ଼ ବିରୋଧ କରିଛନ୍ତି। ଏହି ସଂକ୍ରାନ୍ତରେ ଗ୍ରାମବାସୀ ଯାଜପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଟମକା ଥାନା ଅଧିକାରୀଙ୍କୁ ଭେଟି ଆପତ୍ତି ଜଣାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରସ୍ତାବିତ ପ୍ଲାଣ୍ଟଟି ଏକ ବେନିଫିକେସନ୍ ୟୁନିଟ୍ ହୋଇଥିବାରୁ ଏଥିରୁ ନିର୍ଗତ ହେବାକୁ ଥିବା ଦୂଷିତ ବର୍ଜ୍ୟଜଳ ଏବଂ ସେଥିରେ ରହିବାକୁ ଥିବା ଅତି ମାରାତ୍ମକ ଓ କର୍କଟ ରୋଗ ସଦୃଶ ବିଷାକ୍ତ କେମିକାଲ୍ 'ହେକ୍ସାଭାଲେଣ୍ଟ କ୍ରୋମିୟମ୍' ସ୍ଥାନୀୟ ଗଣ୍ଡାନାଳ ଜଳରେ ମିଶିବାର ସମ୍ପୂର୍ଣ୍ଣ ସମ୍ଭାବନା ରହିଛି। ଏହି ଗଣ୍ଡାନାଳ ଉପରେ ପାର୍ଟବାଲି ସମେତ ୧୬ଟି ଗ୍ରାମର ହଜାର ହଜାର ଜନସାଧାରଣ ଶୌଚଠାରୁ ଆରମ୍ଭ କରି ଗୃହପାଳିତ ପଶୁଙ୍କ ପାଇଁ ଏବଂ ଅନେକ ସମୟରେ ପାନୀୟ ଜଳ ଭାବେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ଗଣ୍ଡାନାଳର ଜଳ ବିଷାକ୍ତ ହେଲେ ସାରା ଅଞ୍ଚଳରେ ମହାମାରୀ ଓ ସ୍ୱାସ୍ଥ୍ୟ ସଂକଟ ଦେଖାଦେବ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ପ୍ରସ୍ତାବିତ କାରଖାନାଟି ଜନବସତିର ଅତି ନିକଟରେ ନିର୍ମାଣ ହେଉଥିବାରୁ ଏହା ନିକଟରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ପ୍ରଦୂଷଣର ଶିକାର ହେବେ। କାରଖାନାରୁ ନିର୍ଗତ ଦୂଷିତ ପାଣି ଚାଷଜମିକୁ ପ୍ରବେଶ କଲେ ଚାଷଜମି ଗୁଡ଼ିକ ଉର୍ବରତା ହରାଇ ଅନୁପଯୋଗୀ ହୋଇପଡ଼ିବ, ଯାହାଫଳରେ କୃଷି ଉପରେ ନିର୍ଭରଶୀଳ ସ୍ଥାନୀୟ ଚାଷୀ ନିଜର ଜୀବିକା ହରାଇବେ।

ଏଥିସହିତ, ଅଞ୍ଚଳରେ ପୂର୍ବରୁ ହିଁ ପାନୀୟ ଜଳର ସମସ୍ୟା ରହିଥିବା ବେଳେ, କାରଖାନା ପାଇଁ ବ୍ୟାପକ ପରିମାଣରେ ଗଭୀର ନଳକୂପ ଖନନ କରାଯିବାକୁ ଯୋଜନା ଚାଲିଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଭୂତଳ ଜଳସ୍ତର ଗଭୀରକୁ ଚାଲିଯିବ ଏବଂ ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ନଳକୂପ ଗୁଡ଼ିକ ଶୁଖିଯାଇ ପାନୀୟ ଜଳର ଏକ ଭୟଙ୍କର ସଙ୍କଟ ସୃଷ୍ଟି ହେବ। ତେଣୁ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେବାକୁ ଥିବା ପାର୍ଟବାଲି, ଆସନବନି, ଦେଉଳକାଣ, ଚକ୍ରଧରପୁର, ନୂଆସାହି, ଚନ୍ଦ୍ରୀସାହି, ମହୁଲଶୁଳା, ବିଗାତଳିଆ, କାଠଆଦିରବିଂଝାରି, ଓଗରପଡ଼ା, ଟିଙ୍ଗୁଡ଼ିପାଳ, ପଥରବନ୍ଧ, ଆମ୍ବନଜର, ଓସ୍ତପାଳ ଏବଂ ବଗପଡଟିଆ ଆଦି ଗ୍ରାମର ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କାରଖାନା ଦ୍ୱାରା ଜଳ, ପବନ ଓ ମାଟି ପ୍ରଦୂଷିତ ହେବା ସହ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ସ୍ଥାନୀୟ ଲୋକଙ୍କ ମୌଳିକ ଜୀବନ ଜୀବିକା ବିପନ୍ନ ହେବାକୁ ଯାଉଥିବାରୁ, ଏହି ପ୍ରସ୍ତାବିତ ପ୍ଲାଣ୍ଟକୁ ଜନବସତି ଅଞ୍ଚଳରୁ ହଟାଇ ଅନ୍ୟ କୌଣସି ଅଣ-ପ୍ରଭାବିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ହାତଯୋଡ଼ି ପ୍ରାର୍ଥନା କରିଛନ୍ତି। ଯଦି ପ୍ରଶାସନ ଏହି ଦିଗରେ ତୁରନ୍ତ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଏହି ଜନ-ଆନ୍ଦୋଳନ ଆହୁରି ବ୍ୟାପକ ରୂପ ନେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ମନ୍ତ୍ରୀ, ଏସପି, କଳିଙ୍ଗନଗର ଅତିରିକ୍ତ ଏସପି ଓ ଏଡିଏମ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ଦାନଗଦି ତହସିଲଦାର, ଟମକା ଥାନା ଅଧିକାରୀ ଏବଂ ଦେଉଳକଣ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।

# ପଛକୁ ପଛ ପିଟି ହେଲେ ତିନି କାର୍

**ପାଣିକୋଇଲି, ୧୯।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଯାଜପୁରରୋଡ ରାସ୍ତାର ଚାନ୍ଦପୁର ଗ୍ରାମ ନିକଟରେ ଆଜି ୩ଟି କାର୍ ସିରିଜ ଭାବେ ଦୁର୍ଘଟଣାର ଶିକାର ହୋଇଛି। ପ୍ରକାଶଯେ ପାଣିକୋଇଲି ପଟୁ ରାଜପଥରେ ଯାଜପୁରରୋଡ ଆଡକୁ ଗାଡି ଗୁଡିକ ଯାଉଥିଲା। ରାସ୍ତା ମଝିକୁ ଏକ ଗୋରୁ ହଠାତ ମାଡ଼ି ଆସିବାରୁ ଏକ ଟ୍ରକ୍ ବ୍ରେକ୍ ମାରିଥିଲା। ଏହାକୁ ଦେଖି ତା' ପଛରେ ଆସୁଥିବା ଏକ କାର୍ (ଓଡି୦୪ଏକ୍ସ ୬୫୫୫) ବ୍ରେକ ମାରିଥିଲା। ତା'ପଛରେ ଆସୁଥିବା ଅନ୍ୟ ଏକ କାର୍ (ଓଡି୦୨ଡିଏଚ ୭୬୬୨) ଆଗ କାର୍ ପଛରେ ମାଡ କରିଥିଲା। ସେହି ସମୟରେ ପଛରୁ ଆସୁଥିବା ଆଉ ଏକ କାର୍ (ଓଡି ୩୪ଏମ ୨୭୭୮) ତା' ପଛରେ ଧକ୍କା ଦେଇଥିଲା। ଫଳରେ ତିନୋଟି ଯାକ କାର୍ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ମଝି କାର ଆଗପଛ ଦୁର୍ଘଟଣାର ଶିକାର ହୋଇଥିଲା। ସୌଭାଗ୍ୟ ବଶତଃ କାର୍ ମଧ୍ୟରେ ଥିବା ଯାତ୍ରୀମାନେ ସୁରକ୍ଷିତ ରହିଥିଲେ। ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଞ୍ଚି ଗାଡି ତିନୋଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

# ବରିଷ୍ଠ ଆଇନଜୀବୀ ପ୍ରମୋଦ ମହାନ୍ତିଙ୍କ ସ୍ମୃତିସଭା



**ଯାଜପୁର, ୧୯।୫(ସମିସ):** ଯାଜପୁର ସହରର ବରିଷ୍ଠ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କର ଏକାଦଶାହ ଉପଲକ୍ଷେ ଗରିଆପୁରସ୍ଥିତ ଶାନ୍ତି ମଣ୍ଡପଠାରେ ସ୍ମୃତିସଭା ସମାଜସେବୀ ହୃଷୀକେଶ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବଂଗତ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ରାଜନେତା ତଥା ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ସରକାରୀ ଓକିଲ ଚନ୍ଦ୍ରଶେଖର ପଣ୍ଡା ଏବଂ ପବ୍ଲିକ ପ୍ରୋସିକ୍ୟୁଟର ପ୍ରତାପ କୁମାର ରାୟ ଏବଂ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ କଟକ ହାଇକୋର୍ଟର ଆଡ୍‌ଭୋକେଟ୍ ଭକ୍ତହରି ମହାନ୍ତି, ରମାକାନ୍ତ ଘଡ଼େଇ, ସତ୍ୟପ୍ରକାଶ ବେହୁରିଆ, ଡ. ଗିରିଶ ବିହାରୀ ମିଶ୍ର, ସୁବାସ ଚନ୍ଦ୍ର ମହାପାତ୍ର, ଅଧିକାରୀ ନବକିଶୋର ଦାସ, କ୍ଷୀରୋଦ ଚନ୍ଦ୍ର ପାଠୀ, ଅମୀୟ କୁମାର ମହାନ୍ତି, ରାଧାକୃଷ୍ଣ ମହାପାତ୍ର, ଯଯାତିକେଶରୀ ପଣ୍ଡା, ନିଶୀଥ ଦାସ, ନିତାଇ ନନ୍ଦ ମହାନ୍ତି, ବିରଜା ପ୍ରସାଦ କର, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଶୈଳେନ୍ଦ୍ର କୁମାର ଦାସ, ରାକେଶ ମିଶ୍ର, ଅମ୍ବିକା ପ୍ରସାଦ ମହାନ୍ତି, ଶିବ ପ୍ରସାଦ ମହାନ୍ତି, ଅଶୋକ ପାଇଲ, ଦିପ୍ତୀରଞ୍ଜନ ମହାନ୍ତି, ଅମୃତାଙ୍କ ଦାସ, ପୁତ୍ର ପ୍ରବୀର ମହାନ୍ତି, ସନ୍ତୋଷ ସାମଲ, ଗୋଲକ ଚନ୍ଦ୍ର ପଣ୍ଡା, ଅମୀୟ ନାୟକ, ସଂଘମିତ୍ରା ପଟ୍ଟନାୟକ, ପ୍ରଜ୍ଞା ସୁମନ ସାହୁ, ବାସୁଦେବ ପଣ୍ଡା, ଶ୍ରୀନିବାସ ସାମଲ, ସୁରେନ୍ଦ୍ର ଦାସ, ଦେବେନ୍ଦ୍ର ଜେନା, ପଦ୍ମନାଭ ବେହୁରିଆ ପ୍ରମୁଖ ଯୋଗଦେଇଥିଲେ। ଯାଜପୁରର ଜିଲ୍ଲାଜଜ୍ ଏବଂ ଅନ୍ୟାନ୍ୟ ଜଜ୍ ଏବଂ କୋର୍ଟ କର୍ମଚାରୀ ଏବଂ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍, ସିଭିଲ୍ ବାର ଆସୋସିଏସନ୍ ଏବଂ କ୍ରିମିନାଲ ବାର୍ ଆସୋସିଏସନ୍‌ର ବହୁ ଆଡ୍‌ଭୋକେଟ୍ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଗୋବର୍ଦ୍ଧନପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ



**ଦାନଗଦି, ୧୯।୫(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତର ମାନପୁରଠାରେ ଆଜି କଂଗ୍ରେସ ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଭାତୀ ବାଳ ସଭାପତିତ୍ୱ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ ଯୋଗଦେଇଥିଲେ। ଏଥିରେ ସୁକିନ୍ଦା କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁ ଭୂଷଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦଳୀୟ ସଂଗଠନକୁ ଗତିଶୀଳ କରିବା ପାଇଁ ଏହି ବୈଠକରେ ବହୁ ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ବିଏଲ୍‌ଆଇ ବ୍ଲକ ଦାୟିତ୍ୱରେ ଥିବା ମହେନ୍ଦ୍ର ଦାସ, ଜୋନ୍-୮ର ପୂର୍ବତନ ସଭାପତି ଦାମୋଦର ପ୍ରଧାନ, ଜୋନ୍-୮ ମହିଳା କଂଗ୍ରେସ ସଭାନେତ୍ରୀ ରଙ୍ଗଲତା ମହାନ୍ତ, ସୁକିନ୍ଦା ବ୍ଲକ ସଭାପତି ମଦନ ମୋହନ ଖୁଣ୍ଟିଆ ଏବଂ ଦାନଗଦି ବ୍ଲକ ସଭାପତି ଦୟାନିଧି ପଲ୍ଲାଇ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ସାଂଗଠନିକ ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ମତ ରଖିଥିଲେ। ଏଥିସହ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଜୟ ବେହେରା, ଦାନଗଦି ବ୍ଲକ ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମଣି, ଜୋନ୍-୮ ସଭାପତି ମୁରଲୀଧର ବାରିକ, ନଦିଆଭଙ୍ଗା ସଭାପତି ନିଲୁ ଦେଓ ଏବଂ ଗୋବର୍ଦ୍ଧନପୁର କଂଗ୍ରେସ କମିଟିର ସଭାପତି ଅମୂଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କଂଗ୍ରେସର ହାତ ମୁଠାକୁ ଅଧିକ ଶକ୍ତ କରିବା ପାଇଁ ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇ ସଂକଳ୍ପ ନେଇଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳର ଶତାଧିକ କଂଗ୍ରେସ କର୍ମୀ ଏହି ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ଏସ୍‌ପିଙ୍କ ଦ୍ୱାରସ୍ଥ

**ପାଣିକୋଇଲି, ୧୯।୫(ସମିସ):** କୋରେଇ ଥାନା ଅନ୍ତର୍ଗତ ତୁଳତୀ ପଞ୍ଚାୟତର ରହେମାନପୁର ଗ୍ରାମର ଜଣେ ଯୁବକକୁ ଆକ୍ରମଣ କରି ମାରିଦେବା ଘଟଣାରେ ପୁଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି। ମୃତ୍ୟୁର କାରଣ ବା ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଫଳରେ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହୋଇ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସ୍‌ପିଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରି କରିଛନ୍ତି। ପ୍ରକାଶଯେ ରହେମାନପୁର ଗ୍ରାମର ଜଳଧର ଯେନାଙ୍କ ଅଭିଯୋଗ ମୁତାବକ ଗତ ଏପ୍ରିଲ ୧୫ ତାରିଖ ତାଙ୍କ ପୁଅ ଜିତେନ୍ଦ୍ର ଜେନା ରାତି ୧୦ଟା ସମୟରେ ପାଲା ଦେଖିବାକୁ କୋଗାଁ ଗ୍ରାମକୁ ଯାଇଥିଲା। ରାତି ଅଢ଼େଇଟା ସମୟରେ ସେ ଖବର ପାଇଲେ ତାଙ୍କ ପୁଅକୁ କେହି ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେ ରଘୁନାଥପୁର ମଣିଛକ ନିକଟରେ ପକାଇଦେଇଛନ୍ତି। ଖବରପାଇ ସେ ସେଠାରେ ପହଞ୍ଚି ଜିତେନ୍ଦ୍ରକୁ ଗୁରୁତର ଅବସ୍ଥାରେ ପ୍ରଥମେ ଯାଜପୁରରୋଡ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରିଥିଲେ। ମାତ୍ର ୧୬ ତାରିଖ ଚିକିତ୍ସିତ ଅବସ୍ଥାରେ ଜିତେନ୍ଦ୍ରର ମୃତ୍ୟୁ ଘଟିଥିଲା। ସେଠାରେ ଶବ ବ୍ୟବଚ୍ଛେଦ କରି ଘରକୁ ଆଣି ସତ୍କାର କରିଥିଲେ। ଏନେଇ ୨୧ ତାରିଖ ଦିନ କୋରେଇ ଥାନାରେ ଜଳଧର ଲିଖିତ ଅଭିଯୋଗ କରିଥିଲେ। ଏହି ଅକ୍ରମଣ ଘଟଣାରେ ପିମ୍ପଳ ଗ୍ରାମର ରାକେଶ ବାରିକ ଓ ତପନ ଯେନା ସମ୍ପୃକ୍ତି ନେଇ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ୧୫୪/୨୬ ରୁଜୁ କରୁଥିଲା। ହେଲେ ଘଟଣାକୁ ମାସେ ହେବାକୁ ବସିଲାଣି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଆଜିକାଲି କହି ଚୁପ ବସିଛି। ଫଳରେ ପୁଅକୁ ହରାଇ ଜଳଧର ନ୍ୟାୟ ପାଉନାହିଁ। ତୁରନ୍ତ ଜିତେନ୍ଦ୍ରର ମୃତ୍ୟୁ ରହସ୍ୟର ପର୍ଦ୍ଦାଫାସ କରି ଅଭିଯୁକ୍ତଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଳଧର ଦାବି କରିଛନ୍ତି।



# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ବାଲିଚନ୍ଦ୍ରପୁର, ୧୯।୫(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପରିଚାଳନା ସମିତି ସଭାପତି ଶିକ୍ଷାବିତ ଅଜିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଉପସଭାପତି କମଳାକାନ୍ତ ମିଶ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁ ମନ୍ଦିରେ ବାର୍ଷିକ ମୁଖପତ୍ର 'ସଂସ୍କୃତି'କୁ ଅତିଥିମାନେ ଉନ୍ମୋଚିତ କରିବା ସହିତ ଡାକ୍ତରୀ ବିଦ୍ୟା ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଅନୁଷ୍ଠାନର ଦୁଇ ଛାତ୍ରଛାତ୍ରୀ ପ୍ରତୀକ୍ଷା ବଳ ଓ ଓମ ପ୍ରକାଶ ଜେନା, ଏ-୧ ପାଇଥିବା ଛାତ୍ରମାନଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ବିବରଣୀ ପାଠ କରିଥିଲେ ପ୍ରଧାନ ଆଚାର୍ଯ୍ୟ କୁଳମଣି ପ୍ରଧାନ। ସମିତି ସମ୍ପାଦକ ହିମାଂଶୁ ଶେଖର ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଗୁରୁଜୀ ରମେଶ ଚନ୍ଦ୍ର ବିଶ୍ୱାଳ। ସମିତି ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା, ବିପିନ ବଳ, ନିରଞ୍ଜନ ମହାନ୍ତି, ସଂକୁଳ ପ୍ରମୁଖ ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା ଓ ପ୍ରାଧ୍ୟାପକ ସତ୍ୟବ୍ରତ ପୃଷ୍ଟିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

**ବିଞ୍ଝାରପୁର, ୧୯।୫(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ପଞ୍ଚାୟତ ଗୌଡସାହି ଗ୍ରାମର ତୋଫାନ ବେହେରାଙ୍କ ପୁଅ ପୁଷ୍ପକାନ୍ତ ବେହେରା ଓରଫ(୨୪) ପାପୁନୁ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ କଲ୍ୟାଣେଶ୍ୱର କ୍ଲବ ଘରେ ଥିବା ଫ୍ୟାନରେ ନିଜ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳ ୯ଟା ସମୟରେ ନିଜ ଘରୁ ସ୍ଥାନୀୟ କ୍ଲବ ଘରକୁ ଯାଇଥିଲେ। ଏହାର କିଛି ସମୟ ପରେ ଅନ୍ୟ ସାଙ୍ଗସାଥି କ୍ଲବ ଘରକୁ ଯିବାରୁ ଫ୍ୟାନରେ ପୁଷ୍ପକାନ୍ତଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପରିବାର ଲୋକଙ୍କୁ ଡାକିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଚିକିତ୍ସକ ମୃତ ଘୋଷଣା କରିଥିଲେ। ଏହି ଘଟଣା ଖବର ପାଇ ବିଞ୍ଝାରପୁର ପୁଲିସ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା କେଶ ନଂ ୧୧/ ୨୬ ରୁଜ କରି ପୁଷ୍ପକାନ୍ତର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳକୁ ପଠାଇଥିଲେ।

## ଅଭିଯୁକ୍ତ ଗିରଫ

**କୟାଁଗୋଲା, ୧୯।୫(ସମିସ):** ପୁରୁଣା ୱାରେଣ୍ଟ ବଳରେ ଜଣେ ଅଭିଯୁକ୍ତକୁ ଗିରଫ କରି ଆଜି ମଙ୍ଗଳପୁର ପୁଲିସ କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ, ସିଟି (ଏସପିଏଲ) କେଶ୍ ନମ୍ବର ୮/୧୮ ମାମଲାରେ ଫେରାର ଥିବା ଅଭିଯୁକ୍ତକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଚଷାଖଣ୍ଡ ଗ୍ରାମର ମୁଲାର ଖଟୁଆ (୪୦)। ବହୁ ଦିନ ଧରି ତାଙ୍କ ନାମରେ କୋର୍ଟରୁ ୱାରେଣ୍ଟ ଜାରି ହୋଇଥିଲା। ଏ ନେଇ ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ସୂଚନା ଦେଇ କହିଛନ୍ତି ଯେ, ପୁରୁଣା ମାମଲାରେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲିଛି। ସେହି କ୍ରମରେ ଆଜି ଅଭିଯୁକ୍ତ ମୁଲାର ଖଟୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଜନ ଭାଗିଦାରୀ ଅଭିଯାନ ଆରମ୍ଭ



**ଯାଜପୁର, ୧୯।୫(ସମିସ):** ଅନୁସୂଚିତ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ଏକ କଲ୍ୟାଣକାରୀ ନୂତନ କାର୍ଯ୍ୟକ୍ରମ 'ଜନ ଭାଗିଦାରୀ ଅଭିଯାନ' ଆଜି ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମେ' ୧୮ ରୁ ୨୫ ତାରିଖ ଯାଏଁ ଚାଲିବ। ଯାଜପୁର ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର ପ୍ରସାର ସହ ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ଦ୍ୱାରା ହିତାଧିକାରୀ ସାଚୁରେଶନ କ୍ୟାମ୍ପ, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସିଧାସଳଖ ହିତାଧିକାରୀଙ୍କୁ ସମସ୍ତ ଯୋଜନାର ସୁଫଳ ଯୋଗାଇ ଦିଆଯିବ। ଏନେଇ ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଯାଜପୁର ଜିଲ୍ଲାର ୫ଟି ଅନୁସୂଚିତ ଜନଜାତି ବହୁଳ ବ୍ଲକ ଯଥା ସୁକିନ୍ଦା, ଦାନଗଦୀ, କୋରେଇ, ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ବିଶେଷ ଭାବେ ଉପକୃତ ହେବେ। ପ୍ରାୟ ୬୯ଟି ଜନଜାତି ବହୁଳ ଗ୍ରାମରେ ଏହି ଅଭିଯାନ ବ୍ୟାପକ ଭାବେ ଅନୁଷ୍ଠିତ ହେବ। ବିଶେଷ କରି ପିଏମ୍ ଜନମନ୍ ଏବଂ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାର ସଫଳ ରୂପାୟନ କରାଯିବ। ଜନଜାତି ଗ୍ରାମଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପୋଷଣ, ପାନୀୟ ଜଳ ଭଳି ସୁବିଧା ସୁନିଶ୍ଚିତ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଶେଷରେ ଜିଲ୍ଲାରେ ଜନଜାତି ଗୋଷ୍ଠୀଙ୍କ ବିକାଶକୁ ନେଇ ସାମ୍ବାଦିକମାନେ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗେଲିକା ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବକ୍ରିଦ୍ ପର୍ବ ପାଇଁ ମଙ୍ଗଳପୁର ଥାନାରେ ଶାନ୍ତି ବୈଠକ



**ମଙ୍ଗଳପୁର/କୟାଁଗୋଲା, ୧୯।୫(ସମିସ):** ଆସନ୍ତା ମେ' ୨୭ ତାରିଖରେ ପାଳିତ ହେବାକୁ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବକ୍ରିଦ୍ ପର୍ବ ଉପଲକ୍ଷେ ମଙ୍ଗଳପୁର ଥାନା ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଥାଲୁକୁଡ଼ି ଓ ମଲ୍ଲିକାପୁର ପଞ୍ଚାୟତ ଅଞ୍ଚଳର ମୁସଲିମ୍ ଭାଇମାନେ ଉପସ୍ଥିତ ଥିଲେ। ବୈଠକରେ ବକ୍ରିଦ୍ ପର୍ବକୁ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଶୃଙ୍ଖଳାର ସହ ପାଳନ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଥାନା ଅଧିକାରୀ ଶ୍ରୀ ବେହେରା କହିଥିଲେ ଯେ ସମସ୍ତ ସମ୍ପ୍ରଦାୟର ଲୋକେ ମିଳିମିଶି ଏହି ପର୍ବକୁ ପାଳନ କରିବା ଆମ ପରମ୍ପରା। ବୈଠକରେ ଉପସ୍ଥିତ ଥିବା ମୁସଲିମ୍ ପ୍ରତିନିଧିମାନେ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପର୍ବ ସମୟରେ କୌଣସି ଅପ୍ରୀତିକର ଘଟଣା ନ ଘଟିବା ପାଇଁ ସମସ୍ତେ ସଚେତନ ରହିବେ ବୋଲି ସେମାନେ କହିଥିଲେ। ପୁଲିସ୍ ପକ୍ଷରୁ ମଧ୍ୟ ପର୍ବ ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ଉଭୟ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ବଜାୟ ରଖି ବକ୍ରୀଦ୍ ପର୍ବକୁ ଉତ୍ସାହର ସହ ପାଳନ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଏସ୍‌ଆଇ ଅନିତା ପ୍ରଧାନ ଏଏସଆଇ ଜଟାଧାରୀ ଦାସ, ପ୍ଲାବନ ମହାପାତ୍ର, ଯୁବ ନେତା ଦୀପକ ବାରିକ ଉପସ୍ଥିତ ଥିଲେ।

# ବିଜେପି ହାରୁ ନେତାଙ୍କ ଉପଦ୍ରବରେ ତ୍ରାହି ତ୍ରାହି ଡାକୁଛନ୍ତି ଅଫିସର

**ଯାଜପୁର, ୧୯।୫(ସମିସ)**

ଗତ ସାଧାରଣ ନିର୍ବାଚନରେ ଯାଜପୁର ଜିଲ୍ଲାର ୭ଟି ବିଧାନସଭା ଆସନ ମଧ୍ୟରୁ ୩ଟି ଆସନ ବିଜେପି ଦଖଲ କରିଥିଲା। ଗୋଟିଏ ଆସନ ସ୍ୱାଧୀନ ବିଧାୟକ ଏବଂ ଅନ୍ୟ ୩ଟି ଆସନ ବିଜେଡି ବଜାୟ ରଖିଥିଲା। ପରବର୍ତ୍ତୀ ସମୟରେ ଧର୍ମଶାଳାର ସ୍ୱାଧୀନ ବିଧାୟକ ବିଜେପିକୁ ସମର୍ଥନ ଦେବା ଫଳରେ ଏବେ ୪ଟି ଆସନରେ ବିଜେପି ବିଧାୟକ ରହିଥିବା କୁହାଯାଇପାରିବ। ବାକି ଯାଜପୁର, ବିଞ୍ଝାରପୁର ଏବଂ ବରୀ ବିଧାନସଭା ଆସନରେ ବିଜେଡି ବିଧାୟକ ଓ ବିଧାୟିକା ଅଛନ୍ତି। ରାଜ୍ୟରେ ବିଜେପି ସରକାର ଥିବା ବେଳେ ବିଜେଡି ହାତରେ ଥିବା ଏହି ୩ଟି ବିଧାନସଭା ଆସନରେ ହାରୁ ନେତା ମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଯାହାର ପ୍ରଭାବ ସାଧାରଣ ପ୍ରଶାସନ ଉପରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ନିକଟରେ କଟକ ଟାଙ୍ଗୀ ବ୍ଲକ ଭିତରେ ପଶି ବିଜେପି ନେତା ଅରିନ୍ଦମ ଅଫିସରଙ୍କୁ କରିଥିବା ଦୁର୍ବ୍ୟବହାର ଘଟଣାକୁ ନେଇ ସରକାର ବ୍ୟାକ ଫୁଟ୍‌କୁ ଚାଲିଯାଇଛନ୍ତି। ଅରିନ୍ଦମଙ୍କ ବିରୋଧରେ ଏତଲା ହେବା ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ମାନେ କଲମଛାଡ଼ ଆନ୍ଦୋଳନ କଲେଣି ଯେଉଁ ଯେଉଁ ବିଧାନସଭା ଆସନରେ ବିଜେପି ବିଜୟ ଲାଭ କରିଛି ସେଠାରେ ଅଫିସର ବିଧାୟକମାନଙ୍କ କଥାରେ ଏକ ପ୍ରକାର ଚାଲିଥିବା ବେଳେ ଯେଉଁ ଯେଉଁ ଆସନରେ ବିଜେପି ପରାଜିତ ହୋଇଛି ସେଠାରେ ହାରୁନେତା ମାନେ ନିଜର ପାରିବା ପଣିଆ ଜାହିର କରିବାକୁ ଯାଇ ଅଫସରଙ୍କ ଉପରେ ରାଗ ସୁଝାଉଛନ୍ତି। ବିଧି ବ୍ୟବସ୍ଥା ମୁତାବକ କୌଣସି ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ହେଲେ ପ୍ରଥମେ ଲୋକ ପ୍ରତିନିଧି ହେବାକୁ ପଡ଼ିବ। କିନ୍ତୁ ରାଜ୍ୟରେ ବିଜେପି ସରକାର ଥିବା ଦର୍ଶାଇ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି ହାରୁ ବିଜେପି ନେତା। କେବଳ ହାରୁ ବିଜେପି ପ୍ରାର୍ଥୀ ନୁହେଁ ତାଙ୍କ ସମର୍ଥକ ମାନେ ସରକାରୀ ଅଫିସକୁ ଯାଇ ସେଠାରେ ଚେୟାରରେ ବସି ନିଜର ସରକାରୀ କ୍ଷମତାର ଦୁରୁପଯୋଗ କରୁଥିବା ଦେଖିବାକୁ ମିଳିଛି। ଆଇନର ପାଠ ପଢ଼ାଉଥିବା ଅଧିକାରୀଙ୍କୁ ବଦଳିର ଧମକ ମଧ୍ୟ ଦେଉଛନ୍ତି ଏହି ହାରୁନେତା ଓ ତାଙ୍କ ସମର୍ଥକ। ନିକଟରେ ବରୀ ବିଡିଓଙ୍କୁ ଏଭଳି କାରଣରୁ ରାତି ଅଧିଆ ବଦଳି କରାଯାଇଥିବା ଚର୍ଚ୍ଚା ହେଉଛି। ସେହିପରି ଯାଜପୁର ଏବଂ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ରହିଥିବା ଅଫିସର ମାନେ ତ୍ରାହି ତ୍ରାହି ଡାକିଲେଣି। ପ୍ରତ୍ୟେକ ସରକାରୀ କାର୍ଯ୍ୟକ୍ରମରେ ସେମାନଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ କରିବା ଏବଂ ଚେୟାର ଦେବାକୁ ବାଧ୍ୟ କରାଯାଉଛି। ସରକାରୀ ବ୍ୟବସ୍ଥା ନଥାଇ ମଧ୍ୟ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରି ହାରୁ ବିଜେପି ନେତା ଓ ସେମାନଙ୍କ ସମର୍ଥକଙ୍କୁ ନିମନ୍ତ୍ରଣ କରିବାକୁ ବାଧ୍ୟ ହେଉଛୁ ବୋଲି କେତେକ ଅଧିକାରୀ ନିଜ ନାମକୁ ଗୋପନ ରଖି ସୂଚନା ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁଠି ବିଜେପି ବିଧାୟକ ନାହାଁନ୍ତି ସେଠାରେ ଏକାଧିକ ବିଜେପି ନେତା ବାହାରିବା ଏବଂ ଭିନ୍ନ ଭିନ୍ନ ମତ ପୋଷଣ କରି ସରକାରୀ ଅଧିକାରୀଙ୍କ ଚାପ ପକାଇବା ଫଳରେ ସରକାରୀ କାର୍ଯ୍ୟ ପଛେଇ ଯାଇଛି। ସରକାରୀ ଅଧିକାରୀ ମାନେ କେଉଁ ନେତାଙ୍କ କଥା ଶୁଣିବେ କେଉଁ ନେତାଙ୍କ କଥା ଶୁଣିବେ ନାହିଁ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ତେଣୁ ବିଜେପି ହାରିଥିବା ବିଧାନସଭା ଆସନରେ କୌଣସି ସରକାରୀ ଅଧିକାରୀ ରହିବାକୁ ଆଉ ଇଚ୍ଛା ପ୍ରକାଶ ନ କରିବା ଫଳରେ ସାଧାରଣ ଜନତା ମଧ୍ୟ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଯାଜପୁର,୧୯।୫(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପଣସା ଉପ୍ରା ବିଦ୍ୟାଳୟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ୱେଷଣ ଥିଏଟର ଗ୍ରୁପର ସମ୍ପାଦକ ଅଭିମନ୍ୟୁ ମିଶ୍ରଙ୍କ ଜନ୍ମ ଦିନ ଅବସରରେ ଗ୍ରୀଷ୍ମ ଋତୁରେ ରକ୍ତଭଣ୍ଡାରରେ ରକ୍ତ ଅଭାବ ଦୂର କରିବା ଉଦ୍ଦେଶ୍ୟରେ ଅନ୍ୱେଷଣ ପରିବାର ସଦସ୍ୟ ସଦସ୍ୟାମାନଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଓ ଯାଜପୁର ପଣସା ପଞ୍ଚାୟତ ଓ ଯାଜପୁର ସହର ନିକଟସ୍ଥ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ୍ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଭୂଲେଖ ବନ୍ଦୋବସ୍ତ ଆୟୁକ୍ତ ଯାଜପୁର ରୋଡ଼ର ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନ୍‌ଗୋ, ଯାଜପୁର ଥାନା ଅଧିକାରୀ ଶରତ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାପକ ଦାମୋଦର ବେହେରା, ବରିଷ୍ଠ ବିଜେପି ଯୁବ ନେତା ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଶିଶିର କୁମାର ନାୟକ, ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ବରିଷ୍ଠ ସମାଜସେବୀ ନିଶିଥ୍ କୁମାର ଦାସ ଓ ପଣ୍ଡିତ ବିଜୟ ଭୂଷଣ ନନ୍ଦ ଯୋଗଦାନକରି ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ସୁବାସ ଚନ୍ଦ୍ର ଦେବତା, କୋର କମିଟି ଅଧକ୍ଷ ସେକ୍ ଅବ୍‌ଦୁଲ୍ ସାଜିଦ୍, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସହ ସମ୍ପାଦିକା ସକୁନ୍ତଳା ବେହେରା ପ୍ରମୁଖ ସହଯୋଗ କରିଥିଲେ।

● କଙ୍ଗାରୁ କୋର୍ଟ ଫଇସଲା ମାନିଲେନି

## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ; ୧୧ଗିରଫ

**ଧର୍ମଶାଳା,୧୯।୫(ସମିସ):** ଧର୍ମଶାଳା ଥାନା ହରିଦାସପୁର ପଞ୍ଚାୟତ ଭଡ଼ଙ୍ଗା ନିକଟସ୍ଥ ଆଳିଜଙ୍ଗା ଗ୍ରାମରେ କଙ୍ଗାରୁ କୋର୍ଟ ଫଇସଲା ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ଗୋଷ୍ଠୀରୁ ୧୩ ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ ଆଳିଜଙ୍ଗା ଗ୍ରାମର ଜନୈକ ବ୍ୟକ୍ତିଙ୍କ ସାନ ଝିଅ ବିଭିନ୍ନ ଶୋଭାଯାତ୍ରାରେ ନୃତ୍ୟ ପରିବେଷଣ କରିଥାଏ। ଏହାକୁ ଗ୍ରାମବାସୀ ବାରଣ କରିବାରୁ ସଂପୃକ୍ତ ବ୍ୟକ୍ତି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲା। ଏହାକୁ ନେଇ ଗ୍ରାମବାସୀ ସଂପୃକ୍ତ ବ୍ୟକ୍ତିଙ୍କ ଉପରେ ୫ ହଜାର ଟଙ୍କା ଜୋରିମାନା କରିଥିଲେ। ଏହି ନିଷ୍ପତି ଉପରେ ସେ ନ ମାନିବାରୁ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଏହି ମାରପିଟ ଘଟଣାରେ ଉଭୟ ଗୋଷ୍ଠୀର ୧୩ଜଣ ଆହତ ହୋଇଛନ୍ତି। ଏନେଇ ଉଭୟ ଗୋଷ୍ଠୀରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୨୦୩/୨୬ ଓ ୨୦୪/୨୬ରେ ୨ଟି ମାମଲା ରୁଜୁ କରିବା ସହିତ ୨୦୩ ମାମଲାରେ ଗୋଟିଏ ପକ୍ଷରୁ କାହ୍ନୁ ମଳିକ, କାଳନ୍ଦୀ ମଳିକ, ଜଗା ମଳିକ, ଚନ୍ଦ୍ରମଣି ମଳିକ ଓ ସୁଦାମ ମଳିକଙ୍କୁ ଗିରଫ କରିଥିବା ବେଳେ ୨୦୪ ମାମଲାରେ ରବୀନ୍ଦ୍ର ଯେନା, ମୋହନ ମଳିକ, ମଣ୍ଟୁ ମଳିକ, ଅକ୍ଷୟ ମଳିକ, ସୁଶାନ୍ତ ମଳିକ, ଲିପୁକାନ୍ତ ମଳିକଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି ବୋଲି ଧର୍ମଶାଳା ଥାନାଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଜଳିଗଲା ଡମ୍ଫର, ସ୍କୁଟି ଓ ବାଇକ୍



**କବାଟବନ୍ଧ,୧୯।୫(ସମିସ):** ମଙ୍ଗଳବାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନରେ ରହିଥିବା ଏକ ମୋଟର ଗ୍ୟାରେଜରେ ଅଗ୍ନିକାଣ୍ଡ ଘଟି ଏକ ୬ ଚକିଆ ଡମ୍ଫର ସମେତ ଏକ ବାଇକ ଓ ସ୍କୁଟିରେ ନିଆଁ ଲାଗିଥିବା ଜଣାପଡ଼ିଛି। ଅଗ୍ନିଶମ ବାହିନୀ ଦ୍ୱାରା ନିଆଁକୁ ନିୟନ୍ତ୍ରଣ ପାଇଁ ଉଦ୍ୟମ କରା ଯାଇଥିଲେ ମଧ୍ୟ ଡମ୍ଫରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ମିଳିଥିବା ସୂଚନା ଅନୁସାରେ ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ଜଣେ ଗାଡି ମାଲିକ ତାଙ୍କ ଡମ୍ଫର (୬ ଚକିଆ) ଗାଡ଼ିର ମରାମତି ପାଇଁ ଗ୍ୟାରେଜକୁ ନେଇଥିଲେ। ଚଣ୍ଡିଖୋଲ- ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବଳରାମପୁର କନ୍ତପଡ଼ା ଛକ ନିକଟରେ ଥିବା ଗ୍ୟାରେଜରେ କୌଣସି କାରଣରୁ ସଟ୍‌ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଗାଡ଼ିଟି ହୁତୁ ହୁତୁ ହୋଇ ଜଳିଯାଇଥିଲା। ଯାହା ଦ୍ୱାରା ସେଠାରେ ଥିବା ଲୋକମାନେ ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇ ଥିଲେ। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ମାତ୍ର ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ସାରିଥିଲା। ଏହା ସହିତ ଉକ୍ତ ଗାଡ଼ି ନିକଟରେ ଥିବା ଅନ୍ୟ ଦୁଇଟି ବାଇକ୍ ଏବଂ ସ୍କୁଟି ମଧ୍ୟ ଏହି ଅଗ୍ନିକାଣ୍ଡରେ ଆଂଶିକ ଭାବେ କ୍ଷତି ହୋଇଛନ୍ତି।

ଗାଁ ମଝିରେ ଚୋରା ମଦ ବ୍ୟବସାୟକୁ ନେଇ ତାତିଲେ ମହିଳା

# ଥାନାରେ ଧାରଣା; ମଦ ବ୍ୟବସାୟୀ ଗିରଫ

**ମଙ୍ଗଳପୁର/ଦଶରଥପୁର, ୧୯।୫(ସମିସ):**



ମଙ୍ଗଳପୁର ଥାନା ପାଳଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ଗ୍ରାମ ମଝିରେ ଚୋରା ମଦ ବ୍ୟବସାୟକୁ ଗିରଫ ଦାବିରେ ଗ୍ରାମବାସୀ ଆଜି ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ମଙ୍ଗଳପୁର ଆଇଆଇସି ରଞ୍ଜନ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ସଂଯୁକ୍ତା ପଣ୍ଡା, ଏସ୍‌କେ ମଳିକ ଚଢ଼ଉ କରି ଚୋରା ମଦ ବ୍ୟବସାୟୀ ସୁରଥ କୁମାର ସାମଲଙ୍କୁ ଗିରଫ କରିବା ପରେ ମହିଳାମାନେ ଧାରଣରୁ ଉଠିଥିଲେ। ସୂଚନା ଅନୁସାରେ ଏଥିନେଇ ଗାଁର ମହିଳାମାନେ ଏକାଠି ହୋଇ ମଙ୍ଗଳପୁର ଥାନାରେ ଗତ ୯ ତାରିଖରେ ଚୋରା ମଦ ବ୍ୟବସାୟୀ ଅତୁଳ ସାମଲ ଏବଂ ପୁଅ ସୁରଥ ସାମଲଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୁଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଏଣୁ ବିନ୍ଧାନନ୍ଦିପୁର ଗ୍ରାମର ମହିଳା ଏବଂ ପୁରୁଷମାନେ ଏକାଠି ହୋଇ ଗାଁକୁ ମଦ ପିଇବାକୁ ଆସିବା ଲୋକଙ୍କୁ ଅଟକ ରଖାଯିବା ସହିତ ଚୋରା ବ୍ୟବସାୟ ବନ୍ଦ କରିବାକୁ ନିଷ୍ପତି ନିଆଯାଇଥିଲା। ଅଭିଯୋଗ ଅନୁସାରେ ଏହି ବାପା ପୁଅ ଗାଁ ମଝିରେ ବ୍ୟବସାୟ କରିବାରୁ ମଦ୍ୟପମାନେ ଗାଁରେ ଗାଳି ଗୁଲଜ ଦେବା, ଅଶ୍ଲୀଳ ଭାଷାରେ କଥା ହେବା, ମାଡ଼ ଗୋଳ ହେବା, ହତ୍ୟା ଧମକ ଦେବା, ଚୋରି ହେବା ଭଳି କାର୍ଯ୍ୟ ଅତିସହ୍ୟ ହୋଇଗଲଣି ବୋଲି ଅଭିଯୋଗ କରାଯାଇଥିଲା। ଅନନ୍ତ କୁମାର ଜେନା, ନିରଞ୍ଜନ ଜେନା, ୱାର୍ଡ ସଭ୍ୟ କବିତା ମଲିକ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଗୁରୁବାରୀ ପରାମନିକ, ଅଖନ ପରାମନିକ, ସୁକାନ୍ତି ମହାପାତ୍ର, ହେମଲତା ମହାପାତ୍ର, ମଞ୍ଜୁଲତା ବାରିକ, ଲିପିକା ସାମଲ, ଅମ୍ବିକା ସାହୁ, ନିରୁପମା ସାହୁ, ସାବିତ୍ରି ସାହୁ, ସାବିତ୍ରୀ ଦାସ, ଚଗୁଲୁ ବାରିକଙ୍କ ସମେତ ବହୁତ ମହିଳା ସାମିଲ ଥିଲେ।

## ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଆଲୋଚନାଚକ୍ର

**ଧର୍ମଶାଳା,୧୯।୫(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଶାନ୍ତବଜାରସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସାରସ୍ୱତ କୃତି ଉପରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅବସରପ୍ରାପ୍ତ ପ୍ରାଧାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ତୁହିନାଂଶୁ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସାରସ୍ୱତ କୃତି ଉପରେ ଆଲୋକପାତ କରିବା ସହ ବିବେକ ହେଉଛି ସ୍ୱଚ୍ଛ ଝରଣାଟିଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ଗୋବିନ୍ଦ ଚନ୍ଦ୍ର ସାହୁ, ଗାଳ୍ପିକ ଅର୍ଜୁନ ପୃଷ୍ଟି ଓ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଯୋଗଦେଇ ଲେଖକଟିଏ ସଂକୀର୍ଣ୍ଣତା ଛାଡ଼ିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାହିତ୍ୟିକ ପ୍ରଫୁଲ୍ଲ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ସଭାପତି କାହ୍ନୁଚରଣ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। କବି ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।



## ଜଳଛତ୍ର ଖୋଲିବା ପାଇଁ ପ୍ରଶାସନକୁ ଦାବି

**ବିଞ୍ଝାରପୁର,୧୯।୫(ସମିସ):** ସାରା ରାଜ୍ୟ ଗ୍ରୀଷ୍ମ ପ୍ରଭାବରେ କବଳିତ ହୋଇ ରହିଥିବା ବେଳେ ବିଞ୍ଝାରପୁର ଅଞ୍ଚଳରେ ଅସହ୍ୟ ତାତି ଏବେ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ପଶୁ ପକ୍ଷୀ ଠାରୁ ଆରମ୍ଭ କରି ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତେ ତୀବ୍ର ଗ୍ରୀଷ୍ମ ପ୍ରବାହରେ ସିଝୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଞ୍ଚାୟତରେ ସ୍ଥାୟୀ ଜଳଛତ୍ର ବ୍ୟବସ୍ଥା ନଥିବା ଅଭିଯୋଗ ହେଉଛି। କେତେକ ସମାଜସେବୀ ଓ ସଂଗଠନ ପକ୍ଷରୁ ଜଳଛତ୍ର ଖୋଲାଯାଉଥିଲେ ମଧ୍ୟ ତାହା କେବଳ ଦୁଇ ଚାରି ଦିନରେ ସୀମିତ ହୋଇଯାଉଥିବାରୁ ସାଧାରଣ ଲୋକଙ୍କୁ ଆଶ୍ୱାସନ ଛଡ଼ା ବିଶେଷ ସୁବିଧା ମିଳୁନାହିଁ। ତୀବ୍ର ଖରା କାରଣରୁ ନଈ, ପୋଖରୀ ଓ ଜଳାଶୟ ଶୁଖିବାକୁ ବସିଥିବା ବେଳେ ବିଲ ଭିତରେ ଥିବା ଗାଈ, ଗୋରୁ, ଛେଳି, ମେଣ୍ଢା ଭଳି ତୃଣଭୋଜୀ ପ୍ରାଣୀମାନେ ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି। ଅନ୍ୟପଟେ ଖରାବେଳ ସମୟରେ ଦୋକାନ ବଜାର ବନ୍ଦ ରହୁଥିବାରୁ ପଥଚାରୀ ଓ ଗାଡ଼ି ମୋଟର ଚାଳକମାନେ ମଧ୍ୟ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଦାବି ଅନୁସାରେ, ପ୍ରଶାସନ ପକ୍ଷରୁ ପ୍ରମୁଖ ଛକ, ହାଟବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ତୁରନ୍ତ ଜଳଛତ୍ର ଖୋଲାଯିବା ସହ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାଣି ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସାଧାରଣରେ ଦାବି ଜୋର ଧରିଛି।

● ଘର ଉଜାଡ଼ି ଦେଲା କାଳବୈଶାଖୀ

## ମୁଣ୍ଡ ଗୋଞ୍ଜିବାକୁ ନାହିଁ ଛାତ



**ଯଖପୁରା,୧୯।୫(ସମିସ):** କାଳବୈଶାଖୀର ଉଗ୍ରରୂପ ଦେଖିବାକୁ ମିଳିଛି ପଙ୍କପାଳ ଗ୍ରାମରେ। ଏହି ଗ୍ରାମର ଗରିବ କାଳନ୍ଦୀ ସ୍ୱାଇଁ (୩୨)ଙ୍କ ମାଟି ଓ ଚାଳ ଛପର ଘର କାଳବୈଶାଖୀରେ ଉଡ଼ିଯାଇଛି। କାଳନ୍ଦୀ ପାଖରେ ଥିବା ଏକ କାରଖାନାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରିଥାନ୍ତି। ସ୍ତ୍ରୀ, ଗୋଟିଏ ଝିଅ ଓ ଗୋଟିଏ ପୁଅକୁ ନେଇ କୁ ନେଇ ତାଙ୍କ ପରିବାର ଯେନେତେନେ ଚଳିଯାଆନ୍ତି। ନିଜର ଗୋଟିଏ ପକ୍କା ଘର ତୋଳିବା କାଳନ୍ଦୀ ପାଇଁ ସାତସପନ। ବହୁ କଷ୍ଟରେ କାଳନ୍ଦୀ ସେଇ ମାଟି ଚାଳ ଛପର ଘରେ ନିଜ ପରିବାରକୁ ନେଇ ରହି ଆସୁଥିଲେ। ମାତ୍ର କାଳବୈଶାଖୀ କାଳନ୍ଦୀ ମୁଣ୍ଡ ଉପରୁ ସେହି ଚାଳ ଛପର ଘରଟି ମଧ୍ୟ ନେଇଗଲା। ଏବେ ପରିବାରକୁ ନେଇ କୁଆଡେ ଯିବ ଭାବି ସେଇ ଭଙ୍ଗା ଘର ପାଖରେ ଜରିପାଲ ଟାଙ୍ଗି ରାତ୍ରୀଯାପନ କରୁଛନ୍ତି।

ପୂର୍ବରୁ ପ୍ରଶାସନକୁ ବହୁବାର ଘର ଖଣ୍ଡେ ପାଇଁ ଜଣାଇଥିଲେ ମଧ୍ୟ ଏଯାଏଁ ମିଳିନାହିଁ। ପଞ୍ଚାୟତରେ କାଳନ୍ଦୀଠାରୁ ଭଲରେ ଥିବା ଲୋକ ଘର ପାଇସାରିଛନ୍ତି। କାଳନ୍ଦୀ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି କି ଯାହାର ପୂର୍ବରୁ ପକ୍କା ଘର ଅଛି, ସେ ମଧ୍ୟ ପ୍ରଶାସନ ତରଫରୁ ଘର ପାଇପାରୁଛି। କିନ୍ତୁ ମୋର ମାଟି ଚାଳ ଘର ଗୋଟେ ଥିଲା ତାକୁ ବି ଦଇବ ଭାଙ୍ଗିଦେଲା। ଏବେ ମୋ ପରିବାରକୁ ନେଇ କୁଆଡେ ଯିବି ବୋଲି କହିଛନ୍ତି କାଳନ୍ଦୀ। ଘରଟି ଭାଙ୍ଗି ଯିବା ପରେ କାଳନ୍ଦୀର ଦୁଃଖ ଦ୍ୱିଗୁଣିତ ହୋଇଛି। ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି କି ବିଡିଓଙ୍କ ମାଧ୍ୟମରେ ତୁରନ୍ତ ଏକ ପକ୍କା ଘର କାଳନ୍ଦୀକୁ ପ୍ରଦାନ କରନ୍ତୁ। କାରଣ ଯେଉଁଠି ଦୁଇ ପିଲାଙ୍କ ପାଠ ପଢ଼ା ସହ ପରିବାର ପ୍ରତିପୋଷଣ କରିବା କାଳନ୍ଦୀ ପକ୍ଷରେ କଷ୍ଟକର ହେଉଛି ସେଠାରେ ସେ କିପରି ଏକ ଘର ତୋଳିପରିବ। ପ୍ରଶାସନ ଏହାକୁ ଗୁରୁତ୍ୱ ସହ ନେଇ ତୁରନ୍ତ କାଳନ୍ଦୀକୁ ଏକ ପକ୍କା ଘର ଯୋଗାଇ ଦେବାର ବ୍ୟବସ୍ଥା କରାନ୍ତୁ।

## ସନଭିରା କାରଖାନା କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ଦାନଗଦି,୧୯।୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ସନଭିରା କାରଖାନାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କର ଗତକାଲି ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ମୃତ କର୍ମଚାରୀ ଜଣକ ହେଲେ ସୁମନ ଗଡ଼ନାୟକ (୩୫) ଓ ତାଙ୍କ ଘର ଭୁବନେଶ୍ୱର ଅଞ୍ଚଳରେ। ସେ କାରଖାନାରେ ଇଲେକ୍ଟ୍ରିକାଲ ଇଞ୍ଜିନିଅର ଭାବେ କାମ କରନ୍ତି। ଗତକାଲି ସେ ଯାଜପୁର ରୋଡରୁ କାରଖାନାକୁ ଡିୟୁଟି କରିବା ପାଇଁ ଆସିଥିଲେ।

ପ୍ରାୟ ୪ଟା ସମୟରେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। କମ୍ପାନୀ ଗାଡ଼ିରେ ତାଙ୍କୁ ତୁରନ୍ତ ଦାନଗଦି ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ଅବସ୍ଥା ସଂକଟାପନ୍ନ ଥିବା ଦେଖି କଟକ ପଠାଇ ଦେଇଥିଲେ। ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏ ସମ୍ପର୍କରେ ଯଖପୁରା ଥାନାରେ କୌଣସି ଖବର ନ ଥିବା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କ ଶହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ବ୍ରାଉନସୁଗର ଜବତ, ଜଣେ ଗିରଫ

**ଯାଜପୁର,୧୯।୫(ସମିସ):** ଯାଜପୁର ସହରର ଯୋଡିକୁଅ ନିକଟରେ ଯାଜପୁର ରେଞ୍ଜ ଅବକାରୀ ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇଛି। ଏଥିରେ ୨୧ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଗଣପତିପୁର ଅଞ୍ଚଳର ରୋନିତ ଧଳ। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୨ଲକ୍ଷ ୭୦ ହଜାର। ଅବକାରୀ ଅଧିକ୍ଷକ ଅଜୟ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା।



## କଳା ସଙ୍ଗୀତ ବିଦ୍ୟାଳୟ ଉଦ୍‌ଘାଟିତ

**ଜେନାପୁର,୧୯।୫(ସମିସ):** କଳା ଓ ସଙ୍ଗୀତ ବିନା ମଣିଷ ଜୀବନ ଏକ ପ୍ରକାର ଅସମ୍ପୂର୍ଣ୍ଣ। ଏହା ମାନବ ଜୀବନର ଅବସର ଚିତ୍ତ ବିନୋଦନର ବଳିଷ୍ଠ ମାଧ୍ୟମ ହେବା ସହିତ ସାମାଜିକ ଶୃଙ୍ଖଳା ତଥା ସଂସ୍କୃତି ଓ ପରମ୍ପରା ଉଜାଗରରେ ସହାୟକ ହୋଇଥାଏ। ଯାହାକୁ ଦୃଷ୍ଟିରେ ରଖି ସଚେତନ ନାଗରିକ ମଞ୍ଚ ବେଢ଼ା ପକ୍ଷରୁ ବରଡ଼ା ଛକ ନିକଟରେ ଥିବା ବେହେରା କମ୍ପ୍ଲେକ୍ସରେ ସ୍ଥାନୀୟ ଅଞ୍ଚଳରେ ନୃତ୍ୟ ସଙ୍ଗୀତର ବିକାଶ ପାଇଁ ଏକ ନୂତନ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଉଦ୍‌ଘାଟିତ ହୋଇଥିବା ଉକ୍ତ ବିଦ୍ୟାଳୟରେ ସ୍ଥାନୀୟ ତଥା ଦୂର ଦୂରାନ୍ତରେ ଏହି ସୁଯୋଗ ପାଇ ପାରୁନଥିବା ପିଲା ଓ ଅଭିଭାବକ ମାନଙ୍କ ପାଇଁ ଏକ ସୁଯୋଗ ଭାବେ ବିବେଚନା କରାଯାଇ ପାରିବ। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସାମାଜିକ ସଂଗଠନ ସଚେତନ ନାଗରିକ ମଞ୍ଚ ବେଢ଼ାର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦୀୟମାନ ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦକ ଅନିଲ କୁମାର ଦାସ ଭଗବତୀ କଳା ବିକାଶ କେନ୍ଦ୍ରକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ ଯେ ଏଠାରେ ଏହି ଆସ୍ୱରୀୟ କଳାର ଶିକ୍ଷା ନିମନ୍ତେ କୌଣସି ଅନୁଷ୍ଠାନ ନଥିବା ବେଳେ ଏହା ଅଞ୍ଚଳର ଆର୍ଥିକ ଅନଗ୍ରସର ପିଲା ମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା। ସକାଳ ୭ରୁ ଏହା ଆରମ୍ଭ ହୋଇ ୧୦ ଘଟିକା ପର୍ଯ୍ୟନ୍ତ ଚାଲିବ। ୧୯ ତାରିଖ ଠାରୁ ନାମଲେଖା ଆରମ୍ଭ ହୋଇଥିବାରୁ ଆଗ୍ରହୀ ଅଭିଭାବକ ମାନେ ଏହାର ସୁଯୋଗ ନେଇ ପାରିବେ ବୋଲି ସଭାପତି ଉଦ୍‌ଘାଟନ ଅବସରରେ କହିଛନ୍ତି।



## ମାଟ୍ରିକ ଜିଲ୍ଲା ଟପ୍ପର ଶୁଭମ୍‌ଙ୍କୁ ସମ୍ବର୍ଦ୍ଧନା



**ଯାଜପୁର,୧୯।୫(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ୨୦୨୬ ମସିହା ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ୯୫.୦୫ ପ୍ରତିଶତ ରଖି ଜିଲ୍ଲାର ଗୌରବ ମଣ୍ଡନ କରିଥିବା ଶୁଭମ ସାହୁଙ୍କୁ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଓ ଜିଲ୍ଲାପାଳ ଅମ୍ବର କୁମାର କର ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୁଭମଙ୍କ ମା' ସୁମିତ୍ରା ସାହୁ ଉପସ୍ଥିତ ରହିଥିଲେ। ଶୁଭମ୍ ସାହୁଙ୍କ ଘର କାକୁଡିକୁଦ ଗ୍ରାମର ଓ ସେ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଶୁଭମ ୨୦୨୩ ମସିହାରେ ତାଙ୍କ ପିତାଙ୍କୁ ହରାଇଥିଲେ। ବହୁ ଅଭାବ ଅସୁବିଧାରେ ଥାଇ ମଧ୍ୟ ପାଠ ପଢ଼ାରେ ଧ୍ୟାନ ଦେଇ ଆଜି ସଫଳତା ପାଇଛନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି କହିଥିଲେ। ତାଙ୍କ ମାତା ସୁମିତ୍ରା ସାହୁ ଏବେ ସ୍କୁଲରେ ପାଚିକା ସହାୟିକା ରୂପେ କାର୍ଯ୍ୟ କରୁଛନ୍ତି। ଶୁଭମର ପାଠପଢ଼ାରେ ଜିଲ୍ଲା ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ। ଏ ସମ୍ପର୍କରେ ଶିଶୁ ସୁରକ୍ଷା ୟୁନିଟକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଦିବ୍ୟଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଯାଜପୁର ଆଇଟିଆଇ ଅଧକ୍ଷ ପ୍ରଭାତ କୁମାର ମଲ୍ଲିକ, ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କୁଳମଣି ନାୟକ, ସ୍ୱେଚ୍ଛାସେବୀ ଅଶୋକ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

ପଙ୍କପାଳ ପଞ୍ଚାୟତ ମନରେଗା କାମରେ ଅନିୟମିତତା

# ଶ୍ରମିକ ବଦଳରେ ମେସିନ୍ କରୁଛି କାର୍ଯ୍ୟ

**ଯାଖପୁର,୧୯।୫(ସମିସ):**



ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଶ୍ରମିକ ମାନଙ୍କୁ ମଜୁରି ଉପଲବ୍ଧ କରିବା ପାଇଁ ପଞ୍ଚାୟତ ସ୍ତରରେ ଅନେକ ପ୍ରକାରର ବ୍ୟବସ୍ଥା କରାଯାଇଛି। ସାଧାରଣ ଜନତା ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟ ହେବା ସହ ଗରିବ ଶ୍ରମିକ ମାନଙ୍କୁ ମଜୁରି ଉପଲବ୍ଧ ରହୁଛି। ଯେଉଁଠି ମନରେଗା ଯୋଜନାର ସମ୍ପୂର୍ଣ୍ଣ କାର୍ଯ୍ୟ ଶ୍ରମିକ ଦ୍ୱାରା କରାଯିବାର ବ୍ୟବସ୍ଥା ରହିଛି ମାତ୍ର ସେଠାରେ ଏହାକୁ ଅଣଦେଖା କରି ମେସିନ୍ ସାହାଯ୍ୟରେ କରାଯାଉଛି। ସେମିତି ଏକ କାର୍ଯ୍ୟ ଦାନଗଦି ବ୍ଲକ୍ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତରେ ଦେଖିବାକୁ ମିଳିଛି। ପଙ୍କପାଳ ପଞ୍ଚାୟତରେ ଥିବା ବସୁମତୀ ବନ୍ଧର ପୁନରାଦ୍ଧାର କାର୍ଯ୍ୟ ହେଉଛି। ଏହି କାର୍ଯ୍ୟ ୨୦୨୫- ୨୬ ମସିହାରେ ହେବାକୁ ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟର ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିଛି। ମୋଟ ବ୍ୟୟ ହେବାକୁ ଥିବା ଟଙ୍କାର ୬ ଲକ୍ଷ ୪୦ ହଜାର ଟଙ୍କା ଶ୍ରମିକ ମାନଙ୍କ ମଜୁରି ବାବଦରେ ଖର୍ଚ୍ଚ ହେବାକୁ ଥିବା ବେଳେ ସହିତ ବଳକା ୩ ଲକ୍ଷ ୬୦ ହଜାର ଟଙ୍କା ସାମଗ୍ରୀ ପାଇଁ ରହିଛି। ଯେଉଁ କାର୍ଯ୍ୟ ମନରେଗା କାର୍ଯ୍ୟ ଅଧୀନରେ ହେଉଛି। ଯାହା ସମ୍ପୂର୍ଣ୍ଣ ଭାବରେ ଶ୍ରମିକମାନେ କରିବା କଥା। ମନରେଗା କାର୍ଯ୍ୟ କୌଣସି ମେସିନ ଦ୍ୱାରା କରାଯାଇପାରିବ ନାହିଁ ବୋଲି ପ୍ରାବଧାନ ରହିଛି। ମାତ୍ର ବାସୁମତୀ ବନ୍ଧ ମନରେଗା କାର୍ଯ୍ୟ ଅଧୀନରେ ହେଉଥିବା ସତ୍ତ୍ୱେ ଉକ୍ତ କାର୍ଯ୍ୟକୁ ଜଣେ ହେଲେ ଶ୍ରମିକଙ୍କ ହାତରେ କରାଯାଇନାହିଁ। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଦର୍ଶାଯାଇଛି। ଯେତିକି କାର୍ଯ୍ୟ ହୋଇଛି ତାହା ମେସିନ ଦ୍ୱାରା କରାଯାଇଥିବାର ଅଭିଯୋଗ ହେଉଛି। ଉକ୍ତ କାର୍ଯ୍ୟରେ ଜଣେ ହେଲେ ଶ୍ରମିକ ନିଜ ଜବ୍‌କାର୍ଡରେ କାମ କରି ନାହାଁନ୍ତି। ଯେଉଁ ଜବକାର୍ଡ ଅଧିକାରୀଙ୍କ ନାମରେ କାର୍ଯ୍ୟ ହେଉଛି ସେମାନଙ୍କ ଭିତରୁ ଅନେକ ଶ୍ରମିକ ନୁହଁନ୍ତି। ବିଭାଗୀୟ ଅଧିକାରୀଙ୍କୁ ଭୁଆଁ ବୁଲାଇ ଭୁଲ ଲୋକଙ୍କୁ ଜବକାର୍ଡରେ ଅନ୍ତର୍ଭୁକ୍ତ କରି ସେମାନଙ୍କ ନାମରେ ମିଛ ବିଲ୍ କରାଯାଇ ଟଙ୍କା ଉଠାଣ କରାଯାଉଛି। ଯାହାର ତଦନ୍ତ କରିଲେ ସମ୍ପୂର୍ଣ୍ଣ ସତ୍ୟ ପଦାକୁ ଆସି ପାରନ୍ତା। ମାତ୍ର ଏଠାରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି। ତୁରନ୍ତ ଏହାର ତଦନ୍ତ କରି ସତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ମାଣିକାଗୋଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ



ଖାଲି ପଡ଼ିଛି ଡାକ୍ତର ଓ ଫାର୍ମାସିଷ୍ଟ ପଦ

ଖୋର୍ଦ୍ଧା/ବୋଲଗଡ଼, ୧୯।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଏବଂ ଫାର୍ମାସିଷ୍ଟ ପଦବୀ ଉଭୟ ପଦବୀ ଖାଲିଥିବା ଯୋଗୁଁ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଏଠାରେ କେବଳ ଜଣେ ଆୟୁଷ ଡାକ୍ତର ରୋଗୀ ସେବା ପାଇଁ ଅଛନ୍ତି । ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଜଣେ ଆସିଷ୍ଟାଣ୍ଟ ସର୍ଜନ, ଜଣେ ଆୟୁଷ ଡାକ୍ତର ୩ଜଣ ନର୍ସିଂ ଅଫିସର, ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ, ଜଣେ ଆଟେଣ୍ଡାଣ୍ଟ ଏବଂ ଜଣେ ସୁଇପର ପାଇଁ ମଞ୍ଜୁରୀ ପ୍ରାପ୍ତ ପଦବୀ ଥିବା ସ୍ଥଳେ କେବଳ ଅଛନ୍ତି ଜଣେ ଆୟୁଷ ଡାକ୍ତର, ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ସୁଇପର। ଏଲୋପାଥିକ ଡାକ୍ତର, ଫାର୍ମାସିଷ୍ଟ, ନରସିଂ ଷ୍ଟାଫ ଏବଂ ଆଟେଣ୍ଡାଣ୍ଟ ଷ୍ଟାଫ ପଦବୀ ଖଲି ପଡିଛି । ଏଲୋପାଥିକ ଡାକ୍ତର ପଦବୀ ଟି ବର୍ଷ ବର୍ଷ ଦିନ ଧରି ଖାଲିପଡିଥିବା ବେଳେ ଫାର୍ମାସିଷ୍ଟ ପଦବୀଟି ପ୍ରାୟ ପଞ୍ଚ ମାସ ଖଲି ପଡିଛି । ଆଟେଣ୍ଡାଣ୍ଟ ପଦବୀ ଟି ମଧ୍ୟ ଖଲି ପଡିଛି । ଏଭଳି ପରିସ୍ଥିତିରେ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କିପରି ରୋଗୀ ସେବା ଏବଂ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ବ୍ୟାହତ ହେଉଛି । ତେଣୁ ସ୍ଥାନୀୟ ଜନ ସାଧାରଣ ଙ୍କ ସ୍ୱାସ୍ଥ୍ୟ ସେବା ର ଆବଶ୍ୟକତା କୁ ଦୃଷ୍ଟିରେ ରଖି ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଖାଲିପଡ଼ିଥିବା ଡାକ୍ତର ପଦବୀ ସହିତ ଅନ୍ୟ ପଦବୀ ଗୁଡିକୁ ତୁରନ୍ତ ପୁରଣ କରିବାକୁ ସ୍ଥାନୀୟ ଜନ ସାଧାରଣ ଓ ପଞ୍ଚାୟତ ପ୍ରତିନିଧି ମାନେ ଏଥିନେଇ ବିଭାଗୀୟ ଅଧିକାରୀ, ସାଂସଦ ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନି । ଉଲ୍ଲେଖ ଯୋଗ୍ୟଯେ, ସ୍ଥାନୀୟ ବ୍ଲକ ଅଞ୍ଚଳର ଦଳେଇସାହି, କଳାଙ୍ଗ ଫାସିଓଦା, କଳାଙ୍ଗ ପଞ୍ଚାୟତ ଅଞ୍ଚଳ ସମେତ ପଡୋଶୀ ଖଣ୍ଡପଡା ବ୍ଲକ ଜଗନ୍ନାଥ ପ୍ରସାଦ ପଞ୍ଚାୟତ ଅଞ୍ଚଳର ଗ୍ରାମ ଗୁଡିକର ଜନ ସାଧାରଣ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପାଇଁ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ମାତ୍ର ଡାକ୍ତର, ଫାର୍ମାସିଷ୍ଟ ଓ ନର୍ସିଂ ଷ୍ଟାଫ ପଦବୀ ଖଲି ପଡିଥିବାରୁ ଅନ୍ୟତ୍ର ସ୍ୱାସ୍ଥ୍ୟ ସେବା ପାଇଁ ବାଧ ହୋଇ ନିର୍ଭର କରୁଛନ୍ତି । ଏଥି ନେଇ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଖଲି ପଡ଼ିଥିବା ଡାକ୍ତର ଏବଂ ଫାର୍ମାସିଷ୍ଟ ପଦବୀ ସହିତ ଅନ୍ୟ ପଦବୀ ଗୁଡିକୁ ପୁରଣ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ଏବଂ ସରକାର ତଥା ଲୋକପ୍ରତିନିଧି ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଟ୍ରେନ୍‌ରୁ ଖସିପଡ଼ି ଯାତ୍ରୀଙ୍କ ମୃତ୍ୟୁ

ନିରାକାରପୁର/ବାଲୁଗାଁ, ୧୯।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ବାଲୁଗାଁ ଓ ଗଙ୍ଗାଧରପୁର ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ରେଳଧାରଣା କଡ଼ରୁ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର କରାଯାଇଛି। କୌଣସି ଏକ ଚଳନ୍ତା ଟ୍ରେନରୁ ଖସିପଡ଼ିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ମିଳିଥିବା ସୂଚନା ମୁତାବକ, ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ। ଆଜି ରେଳଧାରଣା କଡ଼ରେ ଶବ ପଡ଼ିଥିବା ଦେଖିବାକୁ ମିଳିବା ପରେ ଖୋର୍ଦ୍ଧାରୋଡ୍ ରେଳବାଇ ପୁଲିସକୁ ସୂଚନା ଦିଆଯାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।ମୃତକଙ୍କ ନିକଟରୁ କୌଣସି ପରିଚୟ ପତ୍ର ମିଳିନଥିବା ବେଳେ ତାଙ୍କ ପ୍ୟାଣ୍ଟ ପକେଟରୁ ଏକ ଟ୍ରେନ ଟିକେଟ ଜବତ କରାଯାଇଛି। ଉକ୍ତ ଟିକେଟଟି 'ମାଲଦା ଟାଉନ୍‌ରୁ ସିକନ୍ଦରାବାଦ' ଯାତ୍ରା ପାଇଁ ଉଦ୍ଦିଷ୍ଟ ଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ଜଣକ କେଉଁ ଅଞ୍ଚଳର ଏବଂ ତାଙ୍କର ପରିଚୟ କ'ଣ, ସେ ନେଇ ଜି.ଆର.ପି. ପୋଲିସ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି। ଯଦି କୌଣସି ବ୍ୟକ୍ତି ଏହି ସୂଚନା ଆଧାରରେ ମୃତକଙ୍କୁ ଚିହ୍ନଟ କରିପାରନ୍ତି, ତେବେ ଖୋର୍ଦ୍ଧାରୋଡ୍ ରେଳବାଇ ପୁଲିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଜାତୀୟ ରାଜପଥ ଅବସ୍ଥା ବିପଦଜନକ



ଟାଙ୍ଗୀ,୧୯।୫ (ସମିସ): ୧୬ ନମ୍ବର ଜାତୀୟ ରାଜପଥ ର ବିଭିନ୍ନ ସ୍ଥାନରେ ମରାମତି ନାମରେ ରାସ୍ତାର ଉପରିଭାଗ ପିଚୁ କୁ ମେସିନ ସାହାଯ୍ୟରେ ଖୋଳି ଦିଆଯାଇ ଜରୁରୀ ମରାମତି ପରିବର୍ତ୍ତେ ଅହେତୁକ ବିଳମ୍ବ କରାଯାଉଥିବାରୁ ଛୋଟ ବଡ ଦୁର୍ଘଟଣା ଏବେ ସମସ୍ତଙ୍କର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏ ହେଉଛି ମା' ଉଗ୍ରତାରା ମନ୍ଦିର ଗେଟ ଓଭରବ୍ରିଜ ଦୃଶ୍ୟ। ଦୁର୍ଭାଗ୍ୟର ବିଷୟ, ଖୋଳାଯାଇଥିବା ରାସ୍ତାରେ ପିଚୁ ପକାଯାଉ ନାହିଁ। ବହୁ ଦିନ ଧରି ରାସ୍ତା ଏପରି ବିପଜ୍ଜନକ ଅବସ୍ଥାରେ ଛାଡି ଦିଆଯାଉଛି। ଫଳରେ ଗାଡି ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖାଲଖମା ଯୋଗୁଁ ବିଶେଷ କରି ଦୁଇ ଚକିଆ ଯାନଗୁଡିକ ସନ୍ତୁଳନ ହରାଇ ଦୂର୍ଘଟଣା ର ସମ୍ମୁଖିନ ହେଉଛନ୍ତି। ଖୋଳା ଯାଇଥିବା ରାସ୍ତାରୁ ପ୍ରବଳ ଧୂଳି ଉଡ଼ିବା ଫଳରେ ପଛରେ ଆସୁଥିବା ଗାଡି ଚାଳକଙ୍କୁ ରାସ୍ତା ସ୍ପଷ୍ଟ ଦେଖାଯାଉ ନାହିଁ। ରାତି ସମୟରେ ଏହି ଖାଲୁଆ ରାସ୍ତା ସଠିକ୍ ଭାବେ ବାରି ହେଉ ନଥିବାରୁ ବଡ଼ ଧରଣର ଦୁର୍ଘଟଣା ଘଟିବାର ସମ୍ଭାବନା କୁ ଏଡାଇଦିଆଯାଇନପାରେ। ଯଦି ଏହି ମରାମତି କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରାନଯାଏ, ତେବେ ଆଗକୁ ଅନେକ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ପ୍ରଶାସନ ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ଠିକାଦାରଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ ଦେବା ପାଇଁ ଜନସାଧାରଣରେ ଦାବି ହେଉଛି।

# କଏଦୀଙ୍କୁ ସାକ୍ଷାତ କରିବାକୁ ଆସିଥିବା ସମ୍ପର୍କୀୟ ବେହୋସ




ବାଣପୁର,୧୯।୫(ସମିସ) : ବାଣପୁର ଉପ କାରାଗାରରେ ଜଣେ ବିଚାରଧୀନ କଏଦୀଙ୍କୁ ମଙ୍ଗଳବାର ସକାଳ ୧୦ଘଟିକା ସମୟରେ ତାଙ୍କର ସମ୍ପର୍କୀୟ ସାକ୍ଷାତ କରିବାକୁ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ସମ୍ପର୍କୀୟ ପ୍ରଚଣ୍ଡ ଖରାରେ ଅପେକ୍ଷା କରି ବେହୋସ ହୋଇଯାଇଥିବା ଦେଖିବାକୁ ମିଳିଛି। ବାଣପୁର ଉପକାରାଗାରର କଏଦୀ ମାନଙ୍କୁ ଭେଟିବାକୁ ଆସୁଥିବା ବ୍ୟକ୍ତି ମାନଙ୍କୁ ଏହାର ସାକ୍ଷାତ କାର ଗୃହରେ ଅପେକ୍ଷା କରିବାକୁ ପଡିଥାଏ କିନ୍ତୁ ଏହି ଗୃହଟି ପରିଷ୍କାର କରାଯାଉ ନଥିବାରୁ ଗୃହଟି ବର୍ତ୍ତମାନ ପୁତିଗନ୍ଧମୟ ତଥା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବ୍ୟବହାର ଅନୁପୋଯୋଗୀ ହୋଇ ପଡିଥିବାରୁ କୌଣସି ବ୍ୟକ୍ତି କଏଦୀଙ୍କୁ ଭେଟିବାକୁ ଯାଇ ସେଠାରେ ଅପେକ୍ଷା କରି ନପାରି ବାହାରକୁ ପଳାଇ ଆସନ୍ତି। ଏହାର ଅଭ୍ୟର୍ଥନା କକ୍ଷଟି ଅପରିଷ୍କାର ତଥା ପ୍ରବଳ ଦୁର୍ଗନ୍ଧ ପରିବେଶ ଯୋଗୁଁ ସମ୍ପର୍କୀୟ ଏବଂ ଓକିଲ ମାନେ ନାକରେ ରୁମାଲ ଦେଇ ବାଧ୍ୟ ବାଧକତା ମଧ୍ୟରେ କଏଦୀ ମାନଙ୍କୁ ସାକ୍ଷାତ କରନ୍ତି। ହେଲେ ବର୍ତ୍ତମାନ କିଛିଦିନ ହେବ ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁଁ ବହୁ ଲୋକ ଭିତରକୁ ନଯାଇ ଜେଲ ବାହାର ଫାଟକ ନିକଟରେ ଖୋଲା ମେଲାରେ ଛିଡା ହୋଇ ଅସୁସ୍ଥ ହେବାର ଘଟଣା ମାନ ଘଟୁ ଥିବାର ବହୁ ନଜିର ରହିଛି। ଏପରିସ୍ଥଳେ ମଙ୍ଗଳବାର ସକାଳେ ବାଣପୁର ଉପ କାରାଗାରକୁ କିଛି କାଇଦୀଙ୍କୁ ଦେଖା କରିବାକୁ ନିଜ ପରିବାର ଲୋକେ ଯାଇ କାରାଗାର ବାହାରେ ଖରାରେ ଦୀର୍ଘ ସମୟ ଛିଡା ହୋଇ ଚେତା ଶୂନ୍ୟ ହୋଇ ଅସୁସ୍ଥ ହୋଇ ପଡି ଥିବା ଘଟଣା ଘଟି ଥିବାର ନଜରକୁ ଆସିଛି। ରୀମାର କୁମାର ବେହେରା, ରାମ ଚନ୍ଦ୍ର ଦାସ, କୃଷ୍ଣ ବେହେରା, ମହାବୀର ବେହେରା ପ୍ରମୁଖ ନିଜ ସମ୍ପର୍କୀୟଙ୍କୁ ସାକ୍ଷାତ କରିବାକୁ ଆସି ଅଭ୍ୟର୍ଥନା ଗୃହରେ ଅସ୍ୱାସ୍ଥ୍ୟକର ପରିବେଶରେ ଦୁର୍ଗନ୍ଧ ଯୋଗୁଁ ସେଠାରେ ରହି ନ ପାରି ଜେଲ ବାହାର ଫାଟକ ନିକଟରେ ପ୍ରବଳ ଖରାରେ ବାଧ ହୋଇ ନିଜ ପାଳିକୁ ଅପେକ୍ଷା କରିଥିବା ବେଳେ ଏମାନଙ୍କ ମଧ୍ୟରୁ ରାମ ଚନ୍ଦ୍ର ଦାସ ଚେତାଶୂନ୍ୟ ହୋଇ ପଡିଥିଲେ। ପଖରେ ଥିବା ଲୋକେ ପାଣି ଛିଞ୍ଚି ବାରେ ତାଙ୍କର ଚେତା ଫେରାଇ ଆସିଥିଲା। ବନ୍ଦୀଙ୍କୁ ସାକ୍ଷାତ କରିବାକୁ ଆସି ଥିବା ବ୍ୟକ୍ତି, ଓକିଲ ମାନଙ୍କୁ ସାକ୍ଷାତ ଗୃହର ଅବ୍ୟବସ୍ଥା ଯୋଗୁଁ ବାହାରେ ଅପେକ୍ଷା କରିବାକୁ ପଡୁ ଥିବାରୁ ଏବଂ ବାହାରେ ଖରାରୁ ତ୍ରାହି ପାଇବା ପାଇଁ ସେଭଳି କିଛି ବ୍ୟବସ୍ଥା ନ ଥିବାରୁ ଏପରି ଘଟଣା ଘଟିଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି। କୌଣସି ବ୍ୟକ୍ତି, ଓକିଲ ମାନେ ଏପରି ପରିବେଶରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା କେତେ କଷ୍ଟ ଦାୟକ ନିଜେ ଜେଲ କର୍ତ୍ତୃପକ୍ଷ ଅନୁଭବ କରିବା କଥା। ନିଜ ମହକିଲଙ୍କୁ ସାକ୍ଷାତ କରିବାକୁ ଆସିଥିବା ରଣପୁର ଏବଂ ବାଣପୁର ର ଓକିଲ ତାପସ କୁମାର ଚକ୍ରବର୍ତ୍ତୀ ଏବଂ ଭିକାମେଶ୍ୱର ଅଚାରୀ ପ୍ରମୁଖ ଉପ କାରାଗାରର ଏଭଳି ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କାରାଗାର କର୍ତ୍ତୃପକ୍ଷ ତୁରନ୍ତ ସାକ୍ଷାତ କାର ପ୍ରକୋଷ୍ଠକୁ ବ୍ୟବହାର ଉପଯୋଗୀ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବ୍ରାଉନସୁଗର ସହ ମୋବାଇଲ ଓ ସ୍କୁଟି ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ



ବେଗୁନିଆ,୧୯।୫ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ପରିଛଳ ଗ୍ରାମର ଛକ ନିକଟରେ ଥିବା ଏକ କାଜୁ ଜଙ୍ଗଲ ମଧ୍ୟରେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଗ୍ରାମର ଅକ୍ଷୟ କୁମାର ପଟ୍ଟନାୟକ (୨୬) ବର୍ଷୀୟ ଯୁବକଙ୍କ ଠାରୁ ୩୪.୧୦ ଗ୍ରାମ ବ୍ରାଉନ ସୁଗର, ନଗଦ ୭ ଶହ ଟଙ୍କା, ଆଧାର କାର୍ଡ,ଏକ ସ୍କୁଟି ଓ ମୋବାଇଲ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ ସଦର ରେଞ୍ଜ ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିହାର ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ବେଗୁନିଆ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଥାନା ଉପନୀରିକ୍ଷକ ଉଷାରାଣୀ ଦାଶ, ସହାୟକ ଉପନୀରିକ୍ଷକ ମଙ୍ଗୁଳି ବେହେରା, ସିପାହୀ ପବନ ରାଉତରାୟ, ପ୍ରଦୀପ କୁମାର ବେହେରା ଓ ରାଇଟର ଶ୍ରୀ ନିବାସ ବାରିକ୍ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଚଢାଉ କାର୍ଯ୍ୟରେ ସାମିଲ ହୋଇଥିଲେ।

# ପୁସ୍ତକ 'ସିକୋ ଇତିହାସ'ର ଲୋକାର୍ପଣ ଉତ୍ସବ




ବେଗୁନିଆ,୧୯।୫ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମର ଲେଖକ ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା 'ସିକୋ ଇତିହାସ' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାପ୍ରେମୀ ଯୋଗେଶ୍ୱର ଛୋଟରାୟଙ୍କ ସଭାପତିତ୍ୱରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟବକ୍ତା, ଶିକ୍ଷାପ୍ରେମୀ ସତ୍ୟବାଦୀ ବଳିଆରସିଂହ, ଓଡିଶା ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ଜ୍ୟୋତିର୍ବିଦ ସୁଚିତ୍ରା ଗୁପ୍ତା, ସମାଜସେବୀ ଅରବିନ୍ଦ ରାୟ, ସମିତିସଭ୍ୟା ଅଞ୍ଜଳି ସାହୁ ଓ ଶିକ୍ଷାପ୍ରେମୀ ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଗାମୀ ପିଢ଼ି ପାଇଁ ସ୍ଥାନୀୟ ଗ୍ରାମର ଇତିହାସ ପୁସ୍ତକଟି ସମସ୍ତଙ୍କ ମଧ୍ୟରେ ଗ୍ରହଣୀୟ ହୋଇ ସ୍ମୃତି ସ୍ୱରୂପ ହୋଇ ରହି ପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିବା ସହ ପୁସ୍ତକ ଉନ୍ମୋଚିତ କରିଥିଲେ। ସଭାର ପ୍ରାରମ୍ଭରେ ଶିକ୍ଷକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶନାରେ କବି ଦାଶରଥୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ପୂର୍ବତନ ଶିକ୍ଷକ ଡ଼ମ୍ବରୁଧର ହରଣସିଂହ ସ୍ୱାଗତ ଭାଷଣ ଓ କବି ଗୋବିନ୍ଦ ମଙ୍ଗରାଜ ସିକୋ ଇତିହାସ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ସରପଞ୍ଚ ଲିଲା ସ୍ୱାଇଁ ଓ ସରପଞ୍ଚ ଦମୟନ୍ତୀ ବଡ଼ଜେନାଙ୍କୁ କୁଳ ତିଳକ, ସରପଞ୍ଚ ପ୍ରମୋଦ ଦଳେଇ, ସରପଞ୍ଚ ଆରତ ଚନ୍ଦ୍ର ମାଝୀଙ୍କୁ ଗାଁ ଗୌରବ, ଅରବିନ୍ଦ ରାୟ ରଣଜିତ ପଟ୍ଟନାୟକଙ୍କୁ ସେବା ଗୌରବ, ପୂର୍ବତନ ସମିତିସଭ୍ୟ ଦେବେନ୍ଦ୍ର ରଣସିଂହ ଓ ମନ୍ମଥ ଚମ୍ପତିଙ୍କୁ ସେବା ଗୌରବ, ଯଜ୍ଞପୁରୁଷ ଭାବଗ୍ରାହୀ ଗୋଛାୟତଙ୍କୁ 'ପୁଣ୍ୟଶ୍ଳୋକ' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଶେଷରେ ସାମ୍ବାଦିକ ସଞ୍ଜୟ କୁମାର ବାହୁବଳେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଖୋର୍ଦ୍ଧା ବାଲିପାଟଣା ଗ୍ରାମର ମା' ମହାଲକ୍ଷ୍ମୀ ଅନୁଷ୍ଠାନର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ।

# ବାଣିଜ୍ୟକ ପ୍ରତିଷ୍ଠାନରେ ବଢୁଛି ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର

ଖୋର୍ଦ୍ଧା,୧୯।୫(ସମିସ): ବାଣିଜ୍ୟ ପ୍ରତିଷ୍ଠାନଗୁଡିକ ସରକାରଙ୍କୁ ଟିକସ ଫାଙ୍କିବା ପାଇଁ ବହୁଳ ଭାବରେ ଘରୋଇ ଗ୍ୟାସର ବ୍ୟବହାର କରିଥିବା ଦେଖିବାକୁ ମିଳୁଛି। ବ୍ୟବସାୟିକ ଗ୍ୟାସ ସିଲିଣ୍ଡରକୁ ବ୍ୟବହାର ନକରି ନାମକୁ ମାତ୍ର କିଛି ବ୍ୟବସାୟୀ ପ୍ରଶାସନକୁ ଭୁଁଆ ବୁଲାଇବା ପାଇଁ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ରଖି ଦେଖାଉଥିବା ବେଳେ ଭିତରେ କିନ୍ତୁ ଘରୋଇ ଗ୍ୟାସର ବ୍ୟବହାର କରୁଛନ୍ତି। ଏପରିକି ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନରେ ବେଧଡକ ଭାବେ ବ୍ୟବହାର ହେଉଛି ଘରୋଇ ଗ୍ୟାସ। ଏହା ଜିଲ୍ଲା ପ୍ରଶାସନର ନାକ ନିଶ ତଳେ ଏଭଳି କାର୍ଯ୍ୟ ଚାଲିଥିବାବେଳେ କିପରି ପ୍ରଶାସନିକ ଅଧିକାରୀ ଜାଣି ପାରୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘରୋଇ ଲୋକଙ୍କୁ ଅନଲାଇନରେ ଗ୍ୟାସ ବୁକିଂ ନକଲେ ଗ୍ୟାସ ପାଇବା ମୁସ୍କିଲ ହେଉଥିବା ବେଳେ ବିଭିନ୍ନ ବାଣିଜ୍ୟକ ପ୍ରତିଷ୍ଠାନ ଗୁଡିକ କିପରି ଘରୋଇ ଗ୍ୟାସ ସହଜରେ ପାଇ ପାରୁଛନ୍ତି ତାହା ଚର୍ଚ୍ଚା ର ବିଷୟ ପାଲଟିଛି। ଚୋରା ବାଟ ଦେଇ ବ୍ୟବସାୟୀ ମାନେ ଘରୋଇ ଗ୍ୟାସ ବ୍ୟବହାର କରୁଥିବାବେଳେ ଜିଲ୍ଲା ପ୍ରଶାସନର ଯୋଗାଣ ବିଭାଗ ସବୁ ଜାଣି କିପରି ଅଣଦେଖା କରୁଛି ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଖୋର୍ଦ୍ଧା ସହର ସମେତ ଏହାର ଉପକଣ୍ଠରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ଘରୋଇ ଗ୍ୟାସ ବ୍ୟବହାର ଦିନକୁ ଦିନ ବଢି ଚାଲିଛି। ଛୋଟ ଦୋକାନୀ ଠାରୁ ଆରମ୍ଭ କରି ବଡ଼ ବଡ଼ ହୋଟେଲ ଗୁଡିକରେ ମଧ୍ୟ ଏହି ଘରୋଇ ଗ୍ୟାସ ବ୍ୟବହାର କରି ବାର୍ଷିକ କୋଟି କୋଟି ଟଙ୍କାର ଟିକସ ଠକୁଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ଯେତିକି ଘରୋଇ କଲେଜ ବା ସ୍କୁଲ ରହିଛି ସେଥି ମଧ୍ୟରୁ ହଷ୍ଟେଲ ରେ ରହି ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଖାଇବା ଏବଂ ରହିବା ବାବଦକୁ କୋଟି କୋଟି ଟଙ୍କା କଲେଜ କର୍ତ୍ତୃପକ୍ଷ ନେଉଥିବାବେଳେ ସରକାରଙ୍କୁ ରାଜସ୍ୱ ଠକିବା ପାଇଁ ପଛାଉନାହାଁନ୍ତି ।ଯଦି ଗୋଟିଏ ଘରୋଇ ଶିକ୍ଷାନୁଷ୍ଠାନରେ ଦୈନିକ ଦୁଇଟି ଗ୍ୟାସ ବ୍ୟବହାର ହୋଇଥାଏ ତେବେ ଜିଲ୍ଲାରେ ପ୍ରତିଦିନ ୨ଶହ ରୁ ଉଦ୍ଧ୍ୱର୍ ଗ୍ୟାସ ଆବଶ୍ୟକ ହେଉଥିବ। ପ୍ରତିଦିନ ଏ ବାବଦକୁ ପାଖାପାଖି ୩୦ହଜାରରୁଅଧିକ ଟଙ୍କାର ରାଜସ୍ୱ ହରାଉଥିବା ଚର୍ଚ୍ଚା ହେଉଛି। ସେହିପରି ବ୍ୟବସାୟ କ୍ଷେତ୍ରରେ ଦୈନିକ ଶହ ଶହ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଛି। ସରକାର ଏହା ବାବଦକୁ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବାବେଳେ ଯୋଗାଣ ବିଭାଗ କିନ୍ତୁ ନିଘୋଡ଼ ନିଦରେ ସୋଇଛି। କମର୍ସିୟାଲ ଗ୍ୟାସ ୧୯ କିଲୋ କୁ ୩୨୫୦ ଟଙ୍କାରେ ବ୍ୟବସାୟୀ ମାନେ କିଣିବା ପରିବର୍ତ୍ତେ ଉକ୍ତ ଟଙ୍କାରେ ୩ଟି ଘରୋଇ ଗ୍ୟାସ ପାଇଯାଉଛନ୍ତି ତାହା ପୁଣି ୪୨କିଲୋ। ଯାହାର ଫାଇଦା ଗ୍ୟାସ ଡିଲର ଓ ବ୍ୟବସାୟୀମାନେ ଉଠାଉଛନ୍ତି। ଜିଲ୍ଲାରେ କେତେ ବ୍ୟବସାୟିକ ପ୍ରତିଷ୍ଠାନରେ କମର୍ସିଆଲ ଗ୍ୟାସ ବ୍ୟବହାର ହେଉଛି ତାହାର ସଠିକ ତଥ୍ୟ ଯୋଗାଣ ବିଭାଗ ପାଖରେ ନଥିବା ବେଳେ ଦୀର୍ଘ ବର୍ଷ ଧରି ଏହାର ଯାଂଚ ଖୋର୍ଦ୍ଧା ଜିଲ୍ଲାରେ ହୋଇନଥିବା ଖୋଦ ଯୋଗାଣ ବିଭାଗ ଅଧିକାରୀ ଡ. ଜ୍ଞାନେନ୍ଦ୍ରିୟ ମିଶ୍ର ସ୍ୱୀକାର କରିଛନ୍ତି।

# ଅସହ୍ୟ ଗ୍ରୀଷ୍ମ ଓ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଜନଜୀବନ ଅସ୍ତବ୍ୟସ୍ତ

ବେଗୁନିଆ, ୧୯।୫ (ସମିସ): ମେ ମାସ ସରିବାକୁ ଦଶ ଦିନ ଥିବା ବେଳେ ବେଗୁନିଆରେ ଗ୍ରୀଷ୍ମ ଉତ୍ତାପ ଅପ୍ରେଲକୁ ବି ବଳିଗଲାଣି। ତାପମାତ୍ରା ୪୦ ଡିଗ୍ରୀ ଉପରେ, ଗୁଳୁଗୁଳି ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପ ଲୋକଙ୍କୁ କଲବଲ କରୁଛି। ସକାଳ ୮ ଟାରୁ ସନ୍ଧ୍ୟା ୬ ଯାଏଁ ଗ୍ରୀଷ୍ମ ପ୍ରବାହ ଜାରି। ସନ୍ଧ୍ୟା ପରେ ବି ଗୁଳୁଗୁଳି ଯୋଗୁଁ ଝାଳ ବନ୍ଦ ହେଉନି। ଘର ଛାତ, କାନ୍ଥ, ଚଟାଣ ତାତି ରହୁଥିବାରୁ ଘରେ ପଶି ହେଉନି, ବାହାରେ ବି ନିସ୍ତାର ନାହିଁ।ଏଇ ଅତ୍ୟଧିକ ଗରମ ବେଳେ ବେଗୁନିଆ ଟିପିସିଓଡିଏଲ ଉପଖଣ୍ଡ କଳାପଥର ସେକସନ୍ ଅଘୋଷିତ ବିଦ୍ୟୁତ୍ କାଟ କରି ଦାଉ ସାଧୁଛି। ଲୋକଙ୍କ ସରକାର ଖରା ଦିନେ ଅଘୋଷିତ କାଟ ବନ୍ଦ ଘୋଷଣା କରିଥିଲେ ବି ବିଦ୍ୟୁତ୍ ବିଭାଗ "ଧର୍ମକୁ ଆଖି ଠାର" ନ୍ୟାୟରେ ବର୍ଷା-ପବନ ନ ହେଲେ ବି ବିଜୁଳି କାଟୁଛି।ଲୋକେ ଫ୍ୟାନ, ଏସି, କୁଲାର ତଳେ ଶ୍ରମ ଜନିତ କ୍ଲାନ୍ତ ମେଣ୍ଟାଇବାକୁ ଚାହୁଁଥିବା ବେଳେ ବିଜୁଳି ନ ଥିବାରୁ ଗଛ ଛାଇ ଭରସା। ତା ଉପରେ ବିଦ୍ୟୁତ୍ ସରବରାହରେ ଲୋ ଭୋଲଟେଜ ସମସ୍ୟା "ବୋଝ ଉପରେ ନଳିତା ବିଡ଼ା ସଦୃଶ" ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଗୁଳୁଗୁଳିଆହୁରିଦ୍ୱିଗୁଣିତକରିଦେଉଛି।କେବେକେମିତିକାଳବୈଶାଖୀବର୍ଷାଆଶ୍ୱସ୍ତିଦେଉଛି, ହେଲେସପ୍ତାହେହେଲାପୁଣିଅସହ୍ୟଖରା।ଯଦି ଏମିତି ଆଉ କିଛି ଦିନ ଚାଲେ, ଜୀବନଶୈଳୀ ବଦଳିଯିବ। ହେଲେ ଲୋକଙ୍କ ସଚେତନତା ଯୋଗୁଁ ଅଂଶୁଘାତ ପୂର୍ବାପେକ୍ଷା କମି ଅଛି।

# ପରିଚୟ ଖୋଜୁଛି ଐତିହାସିକ 'ଖଜୁରୀ ପୋଖରୀ'



ନିରାକାରପୁର,୧୯।୫ (ସମିସ): ରାଜ୍ୟ ସରକାର ପୁରାତନ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ 'ଅମୃତ ସରୋବର' ଓ 'ମୋ ପୋଖରୀ' ଭଳି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ବାସ୍ତବ ଚିତ୍ର କିନ୍ତୁ କିଛି ଅଲଗା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଜିଲ୍ଲା ନୂଆ ଜଗନ୍ନାଥ ସଡ଼କ ରାମେଶ୍ୱରଠାରେ ଥିବା ସର୍ବପୁରାତନ 'ଖଜୁରି ପୋଖରୀ' ପ୍ରଶାସନିକ ଅବହେଳାର ଚରମ ସୀମାରେ। ପୋଖରୀଟି ଏବେ ପରିଚୟ ଖୋଜୁଥିବା ବେଳେ ଏହାର ଜଳ ଏବେ ଜହର ପାଲଟିଛି। ନୂଆ ଜଗନ୍ନାଥ ସଡ଼କ କଡ଼ରେ ଅବସ୍ଥିତ ଏହି ପୁରାତନ ପୋଖରୀଟି ଦିନେ ସ୍ଥାନୀୟ ଲୋକଙ୍କ ସମେତ ପଥିକମାନଙ୍କର ପ୍ରଧାନ ଭରସା ଥିଲା। ମାତ୍ର ଦୀର୍ଘ ଦିନ ଧରି ଏହାର ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ଏହା ଏବେ ନର୍ଦ୍ଦମାର ଭ୍ରମ ସୃଷ୍ଟି କରୁଛି। ପୋଖରୀଟି ସମ୍ପୂର୍ଣ୍ଣ ଭାବେ ଦଳ ଓ ଜଙ୍ଗଲରେ ଭର୍ତ୍ତି ହୋଇଯାଇଛି।ଏହି ପାଇଁ ଏହି ପୋଖରୀ ଉପରେ ନିର୍ଭର କରୁଥିଲେ। ଯାତାୟାତ କରିଥିବା ଯାନବାହନ ବାହକ, ଯାତ୍ରୀ ମାନେ ଏହାର ଜଳକୁ ବ୍ୟବହାର କରୁଥିଲେ। ଗ୍ରାମବାସୀ ଏହି ପୋଖରୀରେ ସ୍ନାନ ଶୌଚ ହେବାକୁ ବେଶ୍ ପସନ୍ଦ କରୁଥିଲେ। କିନ୍ତୁ ଆଜି ଏହି ପୁରାତନ ସମ୍ପତ୍ତିଟି ସମ୍ପୂର୍ଣ୍ଣ

## ପ୍ରଶାସନିକ ଅବହେଳାରୁ ପାଲଟିଛି ନର୍ଦ୍ଦମା

ଦୂଷିତ ଜଳ ବ୍ୟବହାର କରିବା ଦ୍ୱାରା ଲୋକମାନେ ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ପଚା ସଢ଼ା ପରିବେଶ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଦୁର୍ଗନ୍ଧ ବ୍ୟାପିବା ସହ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ପୂର୍ବେ ନିରାକାରପୁର ହାଟକୁ ପନିପରିବା ବିକ୍ରି କରିବାକୁ ଆସୁଥିବା ଚାଷୀ ଏବଂ ଶଗଡ଼ିଆମାନେ ଏଠାରେ ବିଶ୍ରାମ ନେଉଥିଲେ। ଶଗଡ଼ ଫିଟାଇବା ସହ ନିଜେ ସ୍ନାନ ଶୌଚ ହେବା ଏବଂ ବଳଦଙ୍କୁ ପାଣି ପିଆଇବା ପରିତ୍ୟକ୍ତ ଅବସ୍ଥାରେ ରହିଛି। ରାମେଶ୍ୱର ଛକ ନିକଟରେ ଥିବାରୁ ଏହି ପୋଖରୀର ସୌନ୍ଦର୍ଯ୍ୟକରଣ କରାଗଲେ ଏହା ପରିବେଶ ପାଇଁ ମଧ୍ୟ ଲାଭଦାୟକ ହେବ। ବର୍ଷ ବର୍ଷ ଧରି ସ୍ଥାନୀୟ ବାସିନ୍ଦା ଏହାର ପୁନରୁଦ୍ଧାର ପାଇଁ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ଏହି ପୋଖରୀକୁ ସଫା କରି ଏହାର ପୁନରୁଦ୍ଧାର କରିବାକୁ ଅଞ୍ଚଳବାସୀ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

୧୯/୫/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୯୫,୨୩୭/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





### ଆଶ୍ୱାସନା ପରେ ଭଣ୍ଡାଇ ଦେଇଛନ୍ତି ସରକାର

# ସ୍ୱତନ୍ତ୍ର ଦର୍ଶନ ପଦଯାତ୍ରାକୁ ଆଜି ପୂରିବ ୫୦ ଦିନ



ପୁରୀ,୧୯।୫(ସମିସ): ପୁରୀ ସହର ଏବଂ ସଦରବାସୀଙ୍କ ପାଇଁ କେବେ ହେବ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା? ଯଦିଓ ଏ ନେଇ କିଛି ସ୍ପଷ୍ଟତା ଆସିନାହିଁ ତଥାପି ପୁରୀବାସୀଙ୍କ ବିଶ୍ୱାସ ରହିଛି ସେମାନେ ତାଙ୍କ ହକ୍ ପାଇଁ ଜାରି ରଖିଥିବା ଲଢ଼େଇରେ ସଫଳତା ପାଇବେ। କାରଣ ସେମାନଙ୍କ ଦାବି ଜିଲ୍ଲା ମୁଖିଆଙ୍କଠାରୁ ଆରମ୍ଭ କରି ରାଜ୍ୟ ମୁଖିଆଙ୍କ ପର୍ଯ୍ୟନ୍ତ ସମସ୍ତେ ଅବଗତ ଅଛନ୍ତି। ପ୍ରାୟ ବର୍ଷେ ହେବ ପୁରୀବାସୀ ଶ୍ରୀମନ୍ଦିରରେ ସେମାନଙ୍କ ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି। ମଝିରେ ରାଜ୍ୟ ମୁଖିଆଙ୍କୁ ଫେରାଦ ହୋଇଥିଲେ ପୁରୀବାସୀ। ସେମାନଙ୍କୁ ସ୍ୱତନ୍ତ୍ର ଦର୍ଶନ ସୁବିଧା ନେଇ ଆଶ୍ୱାସନା ମିଳିଥିଲା। ଯେଉଁ ଅବଧି ଦିଆଯାଇଥିଲା ତାହା ବହୁ ଦିନ ପୂର୍ବରୁ ପୂରିଯାଇଛି। ହେଲେ ସରକାର ତାଙ୍କ କଥା ରଖିପାରି ନାହାନ୍ତି। ପୁରୀବାସୀଙ୍କୁ ଏକପ୍ରକାର ଭଣ୍ଡାଇ ଦେଇଛନ୍ତି। ପରବର୍ତ୍ତୀ ସମୟରେ ସରକାର ଏବଂ ପ୍ରଶାସନକୁ ଚେତାଇବା ପାଇଁ ଆରମ୍ଭ ହୋଇଥିଲା ସଚେତନତା ପଦଯାତ୍ରା। ବୁଧବାର ଏହି ପଦଯାତ୍ରାକୁ ୫୦ ଦିନ ପୂରିବ। ଏଠାରେ ପ୍ରଶ୍ନଉଠୁଛି ନିଜର ହକ୍ ପାଇଁ ଆଉ କେତେଦିନ ଏମିତି ଚାଲିବେ ପୁରୀବାସୀ?

ସମୟ ଥିଲା ପୁରୀ ସହର ଏପରି କି ସଦରର କିଛି ଅଞ୍ଚଳର ଅନେକ ଲୋକ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ସେବନ କରିବା ସହ ପରିବାର ପାଇଁ ଧରିଆସୁଥିଲେ। ହେଲେ କିଛିବର୍ଷ ହେବ ଏହି ସୁଯୋଗ ଆଉ ନାହିଁ। ପ୍ରଶାସନିକ କଟକଣାରେ ରୁନ୍ଧି ହୋଇଯାଉଛନ୍ତି ପୁରୀବାସୀ। ହେଲେ କଟକଣା ଲଗାଉଥିବା ବାବୁମାନେ ଜାଣିବା ଦରକାର ପୁରୀବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତଃପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତି ସ୍ୱପ୍ନ ପାଲଟି ଯାଇଛି। ଅନ୍ୟମାନେ ଇଚ୍ଛା କଲେ ବି ଘଣ୍ଟା ଘଣ୍ଟା ଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ତେଣୁ ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି। ପୁରୀବାସୀଙ୍କ ଏହି ଦାବି ଭୁବନେଶ୍ୱରଠାରୁ ଆରମ୍ଭ କରି ଦିଲ୍ଲୀରେ ବି ଉଠିଛି। ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରବର୍ତ୍ତୀ ସମୟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ନୂଆବର୍ଷ ପରେ ପୁରୀବାସୀଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ହେଲେ ଇତିମଧ୍ୟରେ ୫ ମାସ ବିତିଗଲାଣି, ହେଲେ ଏ ପର୍ଯ୍ୟନ୍ତ କିଛି ବ୍ୟବସ୍ଥା ହେଲା ନାହିଁ। କିନ୍ତୁ ଭିଭିଆଇପିଙ୍କୁ କିପରି ପ୍ରୋଟୋକଲ ଦର୍ଶନ ମିଳିବ ସେ ନେଇ ପ୍ରଶାସନ ବ୍ୟଗ୍ରତା ଦେଖାଉଛି।

### ନିଜର ହକ୍ ପାଇଁ ଆଉ କେତେଦିନ ଏମିତି ଚାଲିବେ ପୁରୀବାସୀ?

ଅନ୍ୟପକ୍ଷରେ ରାଜ୍ୟ ସରକାର 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା' ଆରମ୍ଭ କରି ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକଙ୍କୁ ଶ୍ରୀକ୍ଷେତ୍ର ଆଣି ମହାପ୍ରଭୁଙ୍କ ଦର୍ଶନ କରାଉଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ସମସ୍ତେ ପ୍ରଶଂସା ଏବଂ ସ୍ୱାଗତ କରୁଛନ୍ତି। କିନ୍ତୁ ପାଖାପାଖି ବର୍ଷେ ହେବ ପୁରବାସୀ ଯେଉଁ ପ୍ରାସଙ୍ଗିକ ଦାବି କରିଆସୁଛନ୍ତି ତାହାକୁ ଅଣଦେଖା କରିବାକୁ ନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ନିଜର ହକ୍ ପାଇଁ ଏପ୍ରିଲ ପହିଲାରୁ ସାଲବେଗ ସମାଧି ପୀଠରୁ ସିଂହଦ୍ୱାର ପର୍ଯ୍ୟନ୍ତ ଯେଉଁ ସଚେତନତା ପଦଯାତ୍ରା ଚାଲିଛି ବୁଧବାର ଏହାକୁ ୫୦ ଦିନ ପୂରିବ। ସରକାର ତୁରନ୍ତ ଦାବି ପୂରଣ କରିବାକୁ ମଙ୍ଗଳବାର ପଦଯାତ୍ରାରେ ସାମିଲ୍ ଥିବା ସ୍ୱାଧୀନ ପଣ୍ଡା, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ମିନାକ୍ଷୀ ଦାସ, ସନ୍ଧ୍ୟାରାଣୀ ମିଶ୍ର, ନିହାରିକା ତ୍ରିପାଠୀ, ମମତା ଦାସ, ଅରୁଣା ପଟ୍ଟନାୟକ, ମନୋରଞ୍ଜନ ରଣସିଂହ, ବିଶ୍ୱନାଥ ମିଶ୍ର, ସନ୍ତୋଷ ସେନାପତି, ଯାଦବାନନ୍ଦ ରାୟ, ପ୍ରଣତୀ ରାୟ, ପ୍ରଫୁଲ୍ଲ ସାହୁ, ନୃସିଂହନାଥ ନାୟକ, ଅଭିମନ୍ୟୁ ପ୍ରଧାନ, ରାଜା ମହାନ୍ତି, ଦିନେଶ ମହାନ୍ତ, କିଶୋର ଚନ୍ଦ୍ର ଦାସ, ଶିଶିରକାନ୍ତ ଶତପଥୀ, ସୁରେନ୍ଦ୍ର ନାଥ ରାଉତରାୟ, ଇଚ୍ଛା ଦାସ, ରୂପା ବେହେରା, ନେହା ଦାସ, ସଲିନି ପ୍ରଧାନ, ବବି ଚୌଧୁରୀ, ଶୁଭଶ୍ରୀ ମହାରଣା, ବର୍ଷା ସାହୁ, ରୀତିକା ପ୍ରଧାନ, ଜଗନ୍ନାଥ ମହାନ୍ତି, ଲିଙ୍ଗରାଜ ସାହୁ ପ୍ରମୁଖ ଦାବି କରିଛନ୍ତି।

### ଆଜି ମହାପ୍ରଭୁଙ୍କ ବନକଲାଗି

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୯।୫(ସମିସ): ଜ୍ୟେଷ୍ଠ କୃଷ୍ଣ ମାସ ଚତୁର୍ଥ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ରୁ ରାତି ୧୦ଟା ଅର୍ଥାତ୍ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

● ଲକ୍ଷ୍ମୀ ବସ୍‌ରୁ ଧୂଆଁ

# ବଡ଼ ଅଘଟଣରୁ ବର୍ତ୍ତିଲେ ଯାତ୍ରୀ



ପୁରୀ,୧୯।୫(ସମିସ): ପୁରୀ-ସାତପଡ଼ା ଜାତୀୟ ରାଜପଥ ମଙ୍ଗଳାହାଟ ଛକ ନିକଟରେ ମଙ୍ଗଳବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାତ୍ରୀଙ୍କୁ ଧରି ଯାତ୍ରା କରୁଥିବା ଲକ୍ଷ୍ମୀ ବସ୍‌ରୁ ହଠାତ୍ ଧୂଆଁ ବାହାରିଥିଲା। ଏହାଦେଖି ଲୋକେ ଚାଳକଙ୍କୁ କହିଥିଲେ। ସଙ୍ଗେ ସଙ୍ଗେ ବସ୍ ଚାଳକ ଗାଡ଼ିଟିକୁ ଅଟକାଇଥିଲେ। ଯାତ୍ରୀମାନେ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ଖବର ପାଇବା ମାତ୍ରେ ବାସେଳିସାହି ଥାନା ପୁଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପରବର୍ତ୍ତୀ ଯାଞ୍ଚରେ ବସ୍‌ରୁ ଧୂଆଁ ବାହାରିବାର କାରଣ ଜଣାପଡ଼ିଥିଲା। କୌଣସି ଯାତ୍ରୀ ଆହତ ହୋଇନାହାନ୍ତି। କିନ୍ତୁ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଥିଲେ ଯାତ୍ରୀ। ଏହାପରେ ବସ୍‌କୁ ଷ୍ଟାଣ୍ଡକୁ ଫେରାଇ ନିଆଯାଇଥିଲା। ପୁଲିସ ଓ ଅଗ୍ନିଶମ ବାହିନୀର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଛି ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

### ଆର୍ଥିକ ଠକେଇ ମାମଲା

# ଅଭିଯୁକ୍ତକୁ ୭ ବର୍ଷ ସଶ୍ରମ କାରାଦଣ୍ଡ

ପୁରୀ,୧୯।୫(ସମିସ): କୃଷ୍ଣପ୍ରସାଦ ଥାନା ମାମଲା ସମ୍ବନ୍ଧୀୟ ଏକ ଆର୍ଥିକ ଠକେଇ ମାମଲାରେ ମଙ୍ଗଳବାର ଏଏସ୍‌ଜି-ସିଜେଏମ୍ ପୁରୀଙ୍କ ଅଦାଲତ ଅଭିଯୁକ୍ତ ଅନିଲ୍ କୁମାର ସାବରଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ମାମଲାର ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଅନିଲ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମାଲୁଦ ଶାଖାରେ କାର୍ଯ୍ୟରତ ଥିବା ସମୟରେ ଗ୍ରାହକମାନଙ୍କ ଖାତାରୁ ଅନଧିକୃତ ଭାବେ ଟଙ୍କା ଡେବିଟ୍ କରି ଅନ୍ୟାନ୍ୟ ବ୍ୟାଙ୍କ ଖାତାକୁ ହସ୍ତାନ୍ତର କରିଥିଲେ। ଏଥିସହ ଗ୍ରାହକଙ୍କଠାରୁ ନଗଦ ଟଙ୍କା ଗ୍ରହଣ କରି ତାହାକୁ ସମ୍ବନ୍ଧିତ ଖାତାରେ ଜମା ନ କରି ଆତ୍ମସାତ୍ କରିଥିବା ଅଭିଯୋଗ ଥିଲା। ଆଭ୍ୟନ୍ତରୀଣ ତଦନ୍ତ ରିପୋର୍ଟ ଅନୁଯାୟୀ, ମୋଟ୍ ଠକେଇ ରାଶି ପ୍ରାୟ ୭୭ ଲକ୍ଷ ୧୮ ହଜାର ୭୬୨ ଟଙ୍କା ଥିବା ଜଣାପଡ଼ିଥିଲା। ମାମଲାର ତଦନ୍ତ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଚନ୍ଦ୍ରଶେଖର ନାୟକଙ୍କ ଦ୍ୱାରା ସଫଳତାର ସହ କରାଯାଇଥିଲା। ପୁରୀ ଏସ୍‌ପି ପ୍ରତୀକ୍ ସିଂ ଏହି ମାମଲାର ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ବିଶେଷ ଗୁରୁତ୍ୱ ଦେଇଥିଲେ। ତାଙ୍କ ନିର୍ଦ୍ଦେଶରେ ସମସ୍ତ ଆବଶ୍ୟକୀୟ ଦଲିଲ୍, ସାକ୍ଷ୍ୟ ଓ ପ୍ରମାଣକୁ ସୁସଂଗଠିତ ଭାବେ ଅଦାଲତରେ ଉପସ୍ଥାପନ କରାଯାଇଥିଲା, ଯାହାର ପରିଣାମ ସ୍ୱରୂପ ମଙ୍ଗଳବାର ଅଭିଯୁକ୍ତଙ୍କ ବିରୋଧରେ ଦୋଷୀ ସାବ୍ୟସ୍ତ ହୋଇପାରିଛି। ଏପିପି ସରକାରଙ୍କ ପକ୍ଷରୁ ସଫଳତାର ସହ ମୋକଦ୍ଦମା ପରିଚାଳନା କରିଥିଲେ। ସାକ୍ଷ୍ୟ ପ୍ରମାଣ ଓ ଦଲିଲ ଆଦିକୁ ଆଧାର କରି ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

# ସିଂହଦ୍ୱାର ଗୁମୁଟରେ ଚାଲିଲା ଡ୍ରିଲ୍ ମେସିନ

ପୁରୀ,୧୯।୫(ସମିସ): ସିଂହଦ୍ୱାର ଗୁମୁଟରେ ଚାଲିଲା ଡ୍ରିଲ୍ ମେସିନ। ଗୁମୁଟରେ ଥିବା ତୋରଣ ଲକ୍ଷ୍ମୀଙ୍କ ପାଖରେ ଡ୍ରିଲ୍ ମେସିନରେ



ପଥର କଣା କରାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଏଏସ୍‌ଆଇ ନା ଶ୍ରୀମନ୍ଦିର ପ୍ରଶାସନ କିଏ ଏହି କାମ କରିଥିଲା ତାହା ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ ଏହାଦ୍ୱାରା କୀର୍ତ୍ତିରାଜି ପ୍ରଭାବିତ ହେବା ନେଇ ଆଶଙ୍କା କରିଛନ୍ତି ବୁଦ୍ଧିଜୀବୀ।

ସୂଚନା ଅନୁଯାୟୀ, ସିଂହଦ୍ୱାର ଗୁମୁଟରେ ବିରାଜିତ ତୋରଣ ଲକ୍ଷ୍ମୀଙ୍କ ନିକଟରେ ଡ୍ରିଲ୍ ମେସିନରେ ବଡ଼ ବଡ଼ କଣା କରାଯାଇଥିଲା। ପରେ ସେଥିରେ ଲୁହାର କ୍ଲାମ୍ପ୍ ଲଗାଯାଇଥିଲା। ସିଡ଼ି ପକାଇ କିଛି ଲୋକ ଏହି କାମ କରୁଥିଲେ। ତେବେ ସେଠାରେ କ'ଣ ହେବ, କିଏ କରୁଛି ଏ ପ୍ରଶ୍ନର ଉତ୍ତର ଦେଇପାରି ନ ଥିଲେ କାମ କରୁଥିବା ଲୋକେ, ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ଶ୍ରୀମନ୍ଦିର ଭଳି ଐତିହ୍ୟ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ଦାୟିତ୍ୱ ହେଉଛି ଏଏସ୍‌ଆଇର। ମନ୍ଦିରରେ ପ୍ରାୟ କାମ ଏଏସ୍‌ଆଇ ହିଁ କରିଥାଏ। ଏ ସଂକ୍ରାନ୍ତରେ ଏଏସ୍‌ଆଇର କନିଷ୍ଠ ସଂରକ୍ଷଣ ସହାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଫଳରେ ଏହି କାମ କିଏ କରିଛି ତାହା ଜଣାପଡ଼ି ନ ଥିଲା। ସେହିପରି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କୁ ପଚାରିବାରେ, ସେଠାରେ କାମ ହୋଇଥିବା ଜାଣିଛି। କିନ୍ତୁ କ'ଣ ପାଇଁ ଡ୍ରିଲ୍ ମେସିନରେ କରାଯାଇଛି ତାହା ବୁଝିକି କହିବି ବୋଲି କହିଥିଲେ।

ଅନ୍ୟପକ୍ଷରେ ସିଂହଦ୍ୱାର ଗୁମୁଟରେ ଚଢ଼ି ତୋରଣ ମହାଲକ୍ଷ୍ମୀଙ୍କୁ ବେଶ, ଲୁଗା ପରିଧାନ କରିବାରେ ପୂଜାପଣ୍ଡା ସାମନ୍ତ ଏତେ ଉପରେ ମହାଲକ୍ଷ୍ମୀଙ୍କୁ ଲୁଗା ପରିଧାନ କରାଇବା କଷ୍ଟ ହୋଇଥାଏ। ତେଣୁ ସେଠାରେ ଡ୍ରିଲ୍ ମେସିନରେ କଣା କରାଯାଇ ୩ଟି ଷ୍ଟିଲ୍ କ୍ଲାମ୍ପ୍ ଲଗାଯାଇଛି। ଫଳରେ ପୂଜାପଣ୍ଡା ସେବକ ସେଠାରେ ଚଢ଼ିବା ସମୟରେ କ୍ଲାମ୍ପ୍ ଧରି ଲୁଗା ପରିଧାନ କରାଇପାରିବେ। ବେଶ ସମ୍ପନ୍ନ କରାଇବା ସମୟରେ ଯେପରି କୌଣସି ଅସୁବିଧା ହେବ ନାହିଁ ସେଭଳି ବ୍ୟବସ୍ଥା କରାଯାଇଛି ବୋଲି ଶୁଣିବାକୁ ମିଳୁଛି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଏଏସ୍‌ଆଇ ପକ୍ଷରୁ କିଛି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

# ସପରିବାର ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ର କୃଷିମନ୍ତ୍ରୀ



ପୁରୀ,୧୯।୫(ସମିସ): ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ। ମଙ୍ଗଳବାର ଶ୍ରୀ ଚୌହାନ ପରିବାର ସହ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଓ ପୁଲିସ ପ୍ରଶାସନ ସହ ସେବାୟତ ସ୍ୱାଗତ କରିଥିଲେ। ଏହାପରେ ତାଙ୍କୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ଶ୍ରୀ ଚୌହାନ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଭିତର ବେଢ଼ା ପରିକ୍ରମା କରି ପାଶ୍ୱର୍ ଦେବଦେବୀଙ୍କ ଦର୍ଶନ କରିଥିଲେ। ଫେରିବା ବେଳେ ସିଂହଦ୍ୱାରରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ପତିତପାବନ ବାନା, ଲାଗି ଖଣ୍ଡୁଆପାଟ, ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ର କୃଷି ମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ଦର୍ଶନ କରିବାର ଆଜି ସୌଭାଗ୍ୟ ମିଳିଲା। ସମସ୍ତଙ୍କର ମଙ୍ଗଳ ହେଉ। ସୁଖ, ଶାନ୍ତିରେ ରହନ୍ତୁ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ସମ୍ପ୍ରତି ଦେଖାଯାଇଥିବା ସଂକଟ ଶୀଘ୍ର ଦୂର ହେଉ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତ ଆହୁରି ଆଗକୁ ବଢୁ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି। ବିଶ୍ୱରେ ଶାନ୍ତି ଓ ଭାରତବାସୀ ଖୁସିରେ ରୁହନ୍ତୁ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ।

# ପାନ ଦୋକାନରେ ମଦ ବିକ୍ରି; ୩ ଗିରଫ

ପୁରୀ,୧୯।୫(ସମିସ): ଚନ୍ଦନପୁର ଥାନା ଅନ୍ତର୍ଗତ ଭାଇଲିପୁର ଛକ ନିକଟରେ ପାନ ଦୋକାନରେ ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଚଢ଼ଉ ବେଳେ ସେମାନଙ୍କ ନିକଟରୁ ମୋଟ୍ ୧୬ ଲିଟର ୪୬୦ ମିଲିଲିଟର ବିଦେଶୀ ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅରିହାଁ ଗ୍ରାମର ପ୍ରକାଶ ପରିଡ଼ା, ଦିବ୍ୟ ରଞ୍ଜନ ପ୍ରଧାନ ଓ ସମୀର ପ୍ରଧାନ। ସୂଚନା ଅନୁଯାୟୀ, ମଙ୍ଗଳବାର ଚନ୍ଦନପୁର ଥାନା ପୁଲିସ ନୂଆ ଜଗନ୍ନାଥ ସଡ଼କରେ ଦିବା ପାଟ୍ରୋଲିଂ କରୁଥିଲା। ଏହି ସମୟରେ ପାଟ୍ରୋଲିଂ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ ଯେ, ଭାଇଲିପୁର ଛକରେ ଥିବା ଏକ ପାନ ଦୋକାନ ଭିତରେ ଅଭିଯୁକ୍ତମାନେ ବେଆଇନ ଭାବେ ମଦ ବିକ୍ରି କରୁଛନ୍ତି। ତୁରନ୍ତ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ସମୁଦାୟ ୧୬ ଲିଟର ୪୬୦ ମିଲି ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୨୧/୨୬) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

# ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବିଚ୍ ପାଟ୍ରୋଲିଂ

ପୁରୀ,୧୯।୫(ସମିସ): ପର୍ଯ୍ୟଟକମାନଙ୍କ ସୁରକ୍ଷା, ଆଇନଶୃଙ୍ଖଳା ରକ୍ଷା ଏବଂ ପୁରୀ ବେଳାଭୂମିରେ ଶାନ୍ତିପୂର୍ଣ୍ଣ ପରିବେଶ ବଜାୟ ରଖିବା ଉଦ୍ଦେଶ୍ୟରେ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶରେ ବିଚ୍ ପାଟ୍ରୋଲିଂ ଅଭିଯାନ କରାଯାଇଥିଲା। ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏହି ପାଟ୍ରୋଲିଂ ଅଭିଯାନରେ ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର, ଟାଉନ ଥାନାଧିକାରୀ ଗୋକୁଳ ଦାସ, ଟ୍ରାଫିକ୍ ଆଇଆଇସି ସଙ୍ଗୀତା ଦାଶ, ବଳିଆପଣ୍ଡା ଥାନାଧିକାରୀ ସୁନୀଲ ଯାଦବ ଏବଂ ତାଳବଣିଆ ଥାନାଧିକାରୀ ଅଭିନବ ମିଶ୍ରଙ୍କ ସହ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ। ବେଳାଭୂମିକୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥା'ନ୍ତି। ସନ୍ଧ୍ୟା ଓ ରାତ୍ରି ସମୟରେ ବେଳାଭୂମିରେ ଗହଳି ହେଉଥିବାରୁ ସେଠାରେ ଅପରାଧମୂଳକ କାର୍ଯ୍ୟକଳାପ, ଅସାମାଜିକ କାର୍ଯ୍ୟର ଗତିବିଧି ଓ ଅନ୍ୟାନ୍ୟ ଅପ୍ରୀତିକର ଘଟଣାକୁ ରୋକିବା ନିମନ୍ତେ ଏହି ସ୍ୱତନ୍ତ୍ର ପାଟ୍ରୋଲିଂ କରାଯାଇଥିଲା। ଏହି ସମୟରେ ପୁଲିସ ଅଧିକାରୀମାନେ ବେଳାଭୂମିର ବିଭିନ୍ନ ସ୍ଥାନ ବୁଲିଥିଲେ। ପର୍ଯ୍ୟଟକମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ମତାମତ ଶୁଣିଥିଲେ। ସେମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତାମୂଳକ



ପରାମର୍ଶ ମଧ୍ୟ ଦିଆଯାଇଥିଲା। ବିଶେଷତଃ ରାତି ସମୟରେ ସତର୍କ ରହିବା, ଅଜଣା ବ୍ୟକ୍ତିଙ୍କ ସହ ଅତ୍ୟଧିକ ସମ୍ପର୍କ ନ ରଖିବା, ମୂଲ୍ୟବାନ ସାମଗ୍ରୀ ସୁରକ୍ଷିତ ରଖିବା ଓ ସମୁଦ୍ରରେ ବିପଜ୍ଜନକ ଅଞ୍ଚଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହାସହ ବେଳାଭୂମିରେ ଥିବା ଦୋକାନୀ, ହୋଟେଲ ବ୍ୟବସାୟୀ ଏବଂ ସ୍ଥାନୀୟ ଲୋକଙ୍କୁ ମଧ୍ୟ ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସାମାଜିକ ଗତିବିଧି ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଥିଲା। ପୁଲିସ ଦ୍ୱାରା ବେଳାଭୂମିରେ ନିୟମିତ ପାଟ୍ରୋଲିଂ, ମୋବାଇଲ୍ ଭ୍ୟାନ୍ ମୁତୟନ ଜାରି ରହିଛି। ପର୍ଯ୍ୟଟକମାନେ ପୁଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ପୁଲିସର ସକ୍ରିୟ ଉପସ୍ଥିତି ଦ୍ୱାରା ସେମାନେ ଅଧିକ ସୁରକ୍ଷିତ ଅନୁଭବ କରୁଥିବା କହିଥିଲେ।

### ମାତିଛନ୍ତି ବାଲି ମାଫିଆ

# ହଜିଗଲାଣି ସୁରକ୍ଷା କବଚ 'ବାଲିବନ୍ତ'

ପୁରୀ,୧୯।୫(ସମିସ): ପୁରୀ ଜିଲ୍ଲାରେ ମାତିଛନ୍ତି ବାଲି ମାଫିଆ। ଖୁଲମ୍‌ଖୁଲା ଲୁଟ୍ ହେଉଛି ବାଲି ଆଉ ମାଟି। କେଉଁଠି ନଦୀ ପଠା ତ ଅନ୍ୟ କେଉଁଠି ଅନାବାଦି ଗୋଚର ଜମି ଆଉ ପଡ଼ିଆକୁ ଛାଡୁନାହାନ୍ତି। ବେଧଡ଼କ ଭାବେ ହାଇୱା, ଟ୍ରାକ୍ଟର ଲଗାଇ ଲୁଟ୍ ହେଉଛି ବାଲି। ପୂର୍ବରୁ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ମାତ୍ରାରେ ବାଲିବନ୍ତ ଦେଖିବାକୁ ମିଳୁଥିଲା। ହେଲେ ୧୦/୧୨ ବର୍ଷ ହେବ ଉପକୂଳର ସୁରକ୍ଷା କବଚ କୁହାଯାଉଥିବା ଏହି ବାଲିବନ୍ତ ଆଉ ଦେଖିବାକୁ ମିଳୁନାହିଁ। ଏକପ୍ରକାର ନିଶ୍ଚିହ୍ନ ହୋଇଗଲାଣି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ କ୍ଷୟକ୍ଷତି ବଢୁଛି। ଏହା ଜାଣି ବି କେହି ସଚେତନ ହେଉନାହାନ୍ତି। ଫଳରେ ଏବେ ବାଲି ଲୁଟ୍ କରି ବଡ଼ ବଡ଼ ଗାତ ସୃଷ୍ଟି କରୁଛନ୍ତି।

ପୁରୀ ଜିଲ୍ଲାରେ କେବଳ ମାଟି କି ବାଲି ନୁହେଁ ମୋରମ୍ ଏବଂ ପଥର ମାହାଲକୁ ବି ଛାଡୁନାହାନ୍ତି ମାଫିଆ। ଏହାଦ୍ୱାରା ପ୍ରତିବର୍ଷ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର। ଅନ୍ୟପକ୍ଷରେ ସରକାରୀ ଖଣିଜ ଚୋରି କରି ମାଲେମାଲ୍ ହେଉଛନ୍ତି ମାଫିଆ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାଲି ଲୁଟ୍ ଯୋଗୁଁ ନଦୀବନ୍ଧଗୁଡ଼ିକ ଦୁର୍ବଳ ହେଉଛି। ଫଳରେ ନଦୀରେ ପାଣି ଆସିଲେ ଘାଇ ସୃଷ୍ଟି ହେବାର ଭୟ ବି ରହୁଛି। ଏହି ବାଲି ମାଫିଆଙ୍କ ଯୋଗୁଁ ଜନଜୀବନ ବିପଦରେ ପଡୁଥିଲେ ମଧ୍ୟ ଏଥିପ୍ରତି ଅଧିକାରୀଙ୍କ ନିଘା ନାହିଁ। ବରଂ ମାଫିଆଙ୍କ ସହ ହାତ ମିଳାଇ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ସରକାରୀ ଜମିକୁ ବି ବାଦ୍ ଦେଉନାହାନ୍ତି ମାଫିଆ। ଦିନକୁ ଦିନ ଜିଲ୍ଲାରେ ବାଲି ଚୋରାଚାଲାଣ ବଢ଼ିଥିଲେ ହେଁ ଶୁଣିବାକୁ କେହିନାହିଁ। ବରଂ ମାଫିଆମାନଙ୍କୁ ସ୍ଥାନୀୟ ରାଜସ୍ୱ ଅଧିକାରୀ ଏବଂ ପୁଲିସ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଫଳସ୍ୱରୂପ ସ୍ପଷ୍ଟ ଦିବାଲୋକରେ ବେଧଡ଼କ ଚୋରି ହେଉଛି ବାଲି। ସବୁଠୁ ବଡ଼ କଥା ହେଉଛି ଏହି ବାଲି ପାଇଁ ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ନିକଟରେ କଣାସରେ ଯେଉଁ ବର୍ବରତା ସମଗ୍ର ଓଡ଼ିଶାରେ ଚର୍ଚ୍ଚା ହୋଇଥିଲା ତା' ପଛରେ ବେଆଇନ ବାଲି କାରବାର ଥିବା ଅଭିଯୋଗ ରହିଛି। ବାଲିମାଫିଆଙ୍କ ପ୍ରରୋଚନାରେ ଜଣେ ଯୁବକଙ୍କୁ ସ୍ପଷ୍ଟ ଦିବାଲୋକରେ ମାଛକଟା ପନିକିରେ ହାଣି



ତା' ଉପରେ ବୁଲେଟ୍ ଚଢ଼ାଇଥିଲେ କିଛି ଦୁର୍ବୃତ୍ତ।

ଜିଲ୍ଲାର ପ୍ରତ୍ୟେକ ତହସିଲ୍ ଅଞ୍ଚଳରେ ବାଲି ଲୁଟ୍ ଏବେ ବଢ଼ିଯାଇଛି। ପୁରୀ ତହସିଲ୍ ଅଧୀନରେ ଥିବା ବଳିଆପଣ୍ଡା, ନୂଆନଈ ଓ ଚନ୍ଦନପୁର ଅଞ୍ଚଳରୁ ବାଲି ଚୋରି ହେଉଛି। ବାଲିପଡ଼ା ନିକଟ ଭାର୍ଗବୀ ଓ ନୂଆନଦୀ ପଠାରୁ ବର୍ଷ ବର୍ଷ ଧରି ବାଲି, ମାଟି ଚୋରାଚାଲାଣ ଚାଲିଛି। ପିପିଲି, କଣାସରେ ସବୁଠୁ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି ବାଲି ମାଫିଆ। ନିକଟରେ ବାଲିମାଫିଆଙ୍କ ପାଇଁ ଘଟିଛି ତୁମୁଳକାଣ୍ଡ। ଗୋପ ବ୍ଲକ୍ ଅନ୍ତର୍ଗତ କୁଶଭଦ୍ରା ନଦୀପଠା ସମେତ ବିଭିନ୍ନ ଅଞ୍ଚଳରୁ ବାଲି ଲୁଟ୍ ହେଉଛି। ବିଶେଷକରି କୁଶଭଦ୍ରା ନଦୀପଠା ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ରାତିଦିନ ଏଠାରୁ ଶହଶହ ଟ୍ରିପ୍ ବାଲି ଚୋରାଚାଲାଣ କରାଯାଉଛି। କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ସହ ହାତ ମିଳାଇ ମାଫିଆ ଲୁଟ୍ କରୁଥିବାବେଳେ ସରକାର ରାଜସ୍ୱ ହରାଉଛନ୍ତି। ସେହିପରି ସତ୍ୟବାଦୀ ତହସିଲ୍ ଅଧୀନ ବିଭିନ୍ନ ବାଲିଘାଟ ଏବଂ ନଦୀପଠାରୁ ବେଆଇନ ଭାବେ ବାଲିଚାଲାଣ କରାଯାଉଛି। କେତେକ ସ୍ଥାନରୁ ବାଲି ଉତ୍ତୋଳନ ଏବଂ ପରିବହନ ପାଇଁ ଅନୁମତି ଦିଆଯାଇଥିଲେ ହେଁ ନିର୍ଦ୍ଧାରିତ ପରିମାଣଠାରୁ ଯଥେଷ୍ଟ ଅଧିକ ବାଲି ଉତ୍ତୋଳନ କରାଯାଉଛି। ବାଲି ମାଫିଆଙ୍କ ଏହି ବେଆଇନ କାରବାର ଯୋଗୁଁ ଜିଲ୍ଲା ମଧ୍ୟ ଦେଇ ପ୍ରବାହିତ ଭର୍ଗବୀ, କୁଶଭଦ୍ରା, ଦୟା, ନୂଆନଈ, ପ୍ରାଚୀ ଆଦି ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବ୍ରହ୍ମଗିରି ବ୍ଲକ୍‌ର ଷଣ୍ଢପୁର, ଗୋପୀନାଥପୁର ଓ ସିପସରୁବାଲି ଅଞ୍ଚଳରୁ ବେଧଡ଼କ ବାଲି ଲୁଟୁଛନ୍ତି ମାଫିଆ। ବିଶେଷକରି ସିପସରୁବାଲି ଅଞ୍ଚଳରୁ ଅଧିକ ମାତ୍ରାରେ ବାଲି ଲୁଟ୍ ହେଉଛି। ସମୁଦ୍ରକୁ ଲାଗି ରହିଥିବା ଏହି ଅଞ୍ଚଳରେ ପୂର୍ବରୁ ଶହଶହ ସଂଖ୍ୟାରେ ବାଲିବନ୍ତ ଥିଲା, ଯାହାକି ପ୍ରାକୃତିକ ସୁରକ୍ଷା କବଚ ଭାବେ ଠିଆ ହୋଇ ରହିଥିଲା। ହେଲେ ମାଫିଆମାନେ ଶହଶହ ବାଲିବନ୍ତକୁ ଭାଙ୍ଗି ଲୁଟି ନେଇଛନ୍ତି। ଏବେ ଆଉ ବାଲିବନ୍ତ ଦେଖିବାକୁ ମିଳୁନାହିଁ। ପୂର୍ବରୁ ଝଡ଼ ବତାସ ହେଉ କି ସମୁଦ୍ର ଜୁଆର ମାଡ଼ି ଆସିଲେ ଏହି ବାଲିବନ୍ତ ହିଁ ଜନବସତିକୁ ସୁରକ୍ଷା ଦେଉଥିଲା। ଝଡ଼ ପବନକୁ ଅଟକାଉଥିଲା। ମାତ୍ର ଏବେ ବାଲିବନ୍ତ ଆଉ ନାହିଁ। ଫଳରେ ଏହାର ପ୍ରଭାବ ପଡୁଛି ଜନବସତି ଉପରେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ସାରା ରାଜ୍ୟରେ...

ବିଶେଷ କରି ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ, ଏବଂ କର୍କଟ ଭଳି ଗୁରୁତର ରୋଗରେ ପୀଡ଼ିତ ରୋଗୀମାନଙ୍କୁ ପୂର୍ବରୁ ଆଗୁଆ ଔଷଧ ସଂଗ୍ରହ କରି ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।

### ପୁଣି ବଢ଼ିଲା...

ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି । ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୧୧ ଆମେରିକୀୟ ଡଲାର ଏବଂ ଡବ୍ଲ୍ୟୁଟିଆଇ ୧୦୭ ଡଲାର ଅତିକ୍ରମ କରିଛି । ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତେଲ ଆମଦାନୀ କରୁଥିବାରୁ, ବିଶ୍ୱ ବଜାରର ଏହି ଅସ୍ଥିରତା ସିଧାସଳଖ ଭାରତୀୟ ବଜାର ଉପରେ ପ୍ରଭାବ ପକାଉଛି । ଭାରତ ବିଗତ ଦୁଇ ବର୍ଷ ହେବ ରଷିଆରୁ ଶସ୍ତାରେ ତେଲ ଆମଦାନୀ କରି ଘରୋଇ ବଜାର ସନ୍ତୁଳିତ ରଖିଥିଲା । ମାତ୍ର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପକ୍ଷରୁ ରଷିଆର ସାମୁଦ୍ରିକ ତେଲ ବାଣିଜ୍ୟ ଉପରେ ଲଗାଯାଇଥିବା କଟକଣାର କୋହଳ ଅବଧି ଗତ ଶନିବାର ସମାପ୍ତ ହୋଇଛି । ଏହି କାରଣରୁ ଭାରତୀୟ ତେଲ କମ୍ପାନୀଗୁଡ଼ିକ ଉପରେ ଆର୍ଥିକ ଚାପ ବଢ଼ିଛି । ଇନ୍ଧନ ଦର ବୃଦ୍ଧି ଯୋଗୁଁ ଆଗାମୀ ଦିନରେ ମାଲ୍ ପରିବହନ ଖର୍ଚ୍ଚ, ଖାଦ୍ୟ ସାମଗ୍ରୀର ମୂଲ୍ୟ ଏବଂ ବିମାନ ଯାତ୍ରା ଭଡ଼ା ବଢ଼ିବା ସହ ଦେଶରେ ମୁଦ୍ରାସ୍ଫୀତି (ମହଙ୍ଗା ଗତି) ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି । ଯଦି ପଶ୍ଚିମ ଏସିଆ ବିବାଦ ଶୀଘ୍ର ଶାନ୍ତ ନ ହୁଏ ଏବଂ ଅଶୋଧିତ ତେଲ ଦର ୧୧୧ ଡଲାର ଉପରେ ରହେ, ତେବେ ଭାରତୀୟ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଆହୁରି ଅଧିକ ମହଙ୍ଗା ହୋଇପାରେ ।

### ଇରାନ ଆକ୍ରମଣ...

ଅନ୍ୟପଟେ, ପାକିସ୍ତାନ ମାଧ୍ୟମରେ ଇରାନ ଏକ ଚଉଦ ସୂତ୍ରୀ ବିଶିଷ୍ଟ ନୂତନ ଶାନ୍ତି ପ୍ରସ୍ତାବ ଆମେରିକା ପାଖକୁ ପଠାଇଛି । ଇରାନର ବୈଦେଶିକ ମନ୍ତ୍ରାଳୟ ଏହି ପ୍ରସ୍ତାବ ପଠାଯାଇଥିବା ସ୍ୱୀକାର କରିଥିଲେ ମଧ୍ୟ ଏହାର ସବିଶେଷ ତଥ୍ୟ ପ୍ରକାଶ କରିନାହାଁନ୍ତି । ତେବେ ଆମେରିକାର କେତେକ ବରିଷ୍ଠ ଅଧିକାରୀଙ୍କ ମତରେ ଏହି ପ୍ରସ୍ତାବ ସନ୍ତୋଷଜନକ ନୁହେଁ । ଉଭୟ ଦେଶ ମଧ୍ୟରେ ଆଣବିକ ସମୃଦ୍ଧୀକରଣ, ଅର୍ଥନୈତିକ କଟକଣା କୋହଳ କରିବା ଏବଂ ସାମୁଦ୍ରିକ ସୀମାରେ ସୁରକ୍ଷାକୁ ନେଇ ମୁଖ୍ୟ ବିବାଦ ରହିଛି । ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ଏବଂ ତେଲ ରପ୍ତାନି ଉପରୁ କଟକଣା ହଟାଇବା ପାଇଁ ଜିଦ୍ ଧରିଛି । ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନ କହିଛନ୍ତି ଯେ ଆଲୋଚନା କରିବାର ଅର୍ଥ ଆତ୍ମସମର୍ପଣ କରିବା ନୁହେଁ । ଇରାନ ନିଜ ଦେଶର ସମ୍ମାନ ଏବଂ ସାର୍ବଭୌମତ୍ୱ ରକ୍ଷା କରି ସମ୍ମାନର ସହ ଆଲୋଚନା ପ୍ରକ୍ରିୟାରେ ଭାଗ ନେବ । ବର୍ତ୍ତମାନ ପାଇଁ ଆରବ ଦେଶଗୁଡ଼ିକର ମଧ୍ୟସ୍ଥତା ଯୋଗୁଁ ଏକ ବଡ଼ ଧରଣର ଯୁଦ୍ଧ ଟଳି ଯାଇଛି । ଟ୍ରମ୍ପ ଏହି କୂଟନୈତିକ ଆଲୋଚନାକୁ ଶେଷ ସୁଯୋଗ ବୋଲି କହିଛନ୍ତି । ଯଦି ଆଗାମୀ ଦିନରେ ଏହି ଶାନ୍ତି ଆଲୋଚନା କୌଣସି ସକାରାତ୍ମକ ନିଷ୍କର୍ଷରେ ନ ପହଞ୍ଚେ, ତେବେ ଏହି ଅଞ୍ଚଳରେ ପୁନର୍ବାର ସାମରିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିବା ଆଶଙ୍କା ପ୍ରକାଶ ପାଇଛି ।

### ଓଡ଼ିଶାରେ ବିଜେପି...

ପୁଲିସ ପ୍ରଶାସନ ଓ ଆଇନକାନୁନର ବ୍ୟବସ୍ଥା କୁଆଡ଼େ ଯାଉଛି ବୋଲି ପ୍ରଶ୍ନ କରିଛନ୍ତି ନବୀନ । ସେ କହିଛନ୍ତି ଯେ ବିଜେପି ସରକାର ଉତ୍ସବରେ ମାତି ସାଧାରଣ ଜନତାଙ୍କ ସୁରକ୍ଷାକୁ ଆଉ କେତେ ବିପନ୍ନ କରିବ? ଓଡ଼ିଶା କେତେ ଆଉ ଲଜ୍ଜିତ ହେବ? ମିଛ ବାହାସ୍ଫୋଟରେ ସରକାର ଚାଲେନି, ଲୋକଙ୍କୁ ସୁରକ୍ଷା ଦରକାର ବୋଲି ନବୀନ ସଫା ସଫା ଶୁଣାଇ ଦେଇଛନ୍ତି ।

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଗୁଣ୍ଡାରାଜ୍ ଶାସନ ପାଇଁ ଓଡ଼ିଶା ସାରା ଦେଶରେ ନିନ୍ଦିତ ହେଉଛି । ବିଜେପି ସରକାର ଅପରାଧୀଙ୍କୁ ସୁରକ୍ଷା ଦେବା ଛାଡୁ । ତୁରନ୍ତ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେଇ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି ।

### ସତ କହିଲେ...

ଥାନାରେ ଏ ସଂକ୍ରାନ୍ତରେ ଗତ ୩୦ ତାରିଖରେ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ଅନୁସନ୍ଧାନ କରିବା ସହ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଓ ସାଇବର ମାଫିଆଙ୍କ ଚେର ଖୋଜିଖୋଜି ବେଙ୍ଗାଲୁରୁରେ ପହଞ୍ଚିଥିଲା । ସେଠାରୁ ଦୁଇ ଅଭିଯୁକ୍ତ ନୟାଗଡ ରାଜବଗିଚା ଅଞ୍ଚଳର ଜିତେନ୍ଦ୍ର ସାହୁ ଏବଂ ଓଡଗାଁର ଶାନ୍ତନୁ ବିଶୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ମାତ୍ର ଲୋକଦଳ ଜିଲ୍ଲା ସଭାପତି କୁହାଯାଉଥିବା ଶାନ୍ତନୁ ବିଶୋଇଙ୍କ ଗିରଫଦାରୀ ପରେ ଅକସ୍ମାତ ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ କିଛି ସମର୍ଥକ ଓ ବିଜେପିର କିଛି କର୍ମକର୍ତ୍ତା ପ୍ରତିକ୍ରିୟାଶୀଳ ହୋଇ ଉଠିଥିଲେ । ଶାନ୍ତନୁ ବିଶୋୟୀଙ୍କ ଗିରଫଦାରୀ ପ୍ରତିବାଦରେ ଏମାନଙ୍କ ମଧ୍ୟରୁ କିଛି ଥାନା ଆଗରେ ଧାରଣା ଦେଲେ । ଅନ୍ୟପକ୍ଷରେ ଜଣେ ମହିଳାଙ୍କୁ ଲଗାଇ 'ସକାଳ'ର ଜିଲ୍ଲା ପ୍ରତିନିଧି ଅନୀଲ ପଣ୍ଡାଙ୍କ ନାମରେ ମିଛ ଓ ପରିକଳ୍ପିତ ମାମଲା ରୁଜୁ କରାଗଲା । ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ ଆଧାରରେ ଅନୀଲଙ୍କ ନାମରେ ନୟାଗଡ଼ ଥାନାରେ ଏକ ଅସଦାଚରଣ ମାମଲା ରୁଜୁ ହୋଇଛି ।

ଅନ୍ୟପକ୍ଷରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ଅନିଲଙ୍କୁ ଗିରଫ ଦାବିରେ ଥାନା ସାମ୍ନାରେ ଧାରଣା ଦେବା ପରେ ଆଜି ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ସମର୍ଥକମାନେ ନୟାଗଡ଼ରେ 'ସକାଳ' ଖବରକାଗଜ ପୋଡିଛନ୍ତି । ଯାହାକୁ ନେଇ ସାରା ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଅପରାଧୀ ଓ ମାଫିଆଙ୍କ ସମର୍ଥନରେ ସାଂସଦଙ୍କ ସମର୍ଥକମାନେ ପଦାକୁ ବାହାରିବାକୁ ନେଇ ବିଜେପି ନେତା ଓ କର୍ମକର୍ତ୍ତାଙ୍କ ଅଭିମୁଖ୍ୟକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି ।

### ଦିଲ୍ଲୀରେ ପ୍ରଚଣ୍ଡ...

ଡିଗ୍ରୀ ଏବଂ ପଞ୍ଜାବର ବାଥିଣ୍ଡାଠାରେ ସର୍ବାଧିକ ୪୭ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ଆଗାମୀ କିଛି ଦିନ ମଧ୍ୟରେ କାଳବୈଶାଖୀ କିମ୍ବା ପ୍ରାକ୍-ମୌସୁମୀ ବର୍ଷାର କୌଣସି ସମ୍ଭାବନା ନ ଥିବାରୁ ଏହି ପ୍ରଚଣ୍ଡ ଉତ୍ତାପରୁ ବର୍ତ୍ତମାନ ନିସ୍ତାର ମିଳିବା କଷ୍ଟକର ବୋଲି ଜଣାପଡ଼ିଛି । ଉତ୍ତର ଏବଂ କେନ୍ଦ୍ରୀୟ ଭାରତରେ ମୌସୁମୀ ବାୟୁର ଆଗମନ ବିଳମ୍ବ ହେଉଥିବାରୁ ଏହି ଅଞ୍ଚଳଗୁଡ଼ିକରେ ତାପମାତ୍ରା ଆହୁରି ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ସାଧାରଣ ଜୀବନଯାତ୍ରା ଏହା ଦ୍ୱାରା ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହରୁ କୌଣସି ଆଶ୍ୱସ୍ତି ମିଳିବାର ସଙ୍କେତ ନାହିଁ ।

### ଅସମ୍ଭାଳ ତାତି...

ତାହା ବର୍ଷା ପାଇଁ ଅନୁକୂଳ ହେଉନାହିଁ । ବର୍ତ୍ତମାନ ସ୍ଥିତିରେ ରାଜ୍ୟରେ ତାପମାତ୍ରା ଅଧିକ ରହିବା ସହ ବୁଧବାରଠାରୁ ତାପମାତ୍ରା ଆହୁରି ବଢିବାର ସମ୍ଭାବନା ରହିଛି । ଫଳରେ ଆଗାମୀ ଦିନରେ ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିପାରେ ବୋଲି ଡଃ ସାହୁ ପୂର୍ବାନୁମାନ କରିଛନ୍ତି ।

ପାଣିପାଗ କେନ୍ଦ୍ର ମଧ୍ୟ ଅନୁରୂପ ସୂଚନା ଦେଇଛି । ବୁଧବାର ଝାରସୁଗୁଡ଼ା, ବୌଦ୍ଧ ଓ ମୟୂରଭଞ୍ଜରେ ଗ୍ରୀଷ୍ମ ଲହରୀ ସ୍ଥିତି ଉପୁନ୍ନ ହେବାକୁ ଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ସହ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହୋଇପାରେ ବୋଲି କେନ୍ଦ୍ର କହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି । ଅନ୍ୟପଟେ ରାଜ୍ୟରେ ଜାରି ରହିଥିବା ତାତି ଓ ଗୁଳୁଗୁଳି ପରେ ଅପରାହ୍ଣରେ ଉପକୂଳ ଅଞ୍ଚଳରେ କାଳବୈଶାଖୀ ହୋଇପାରେ । ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରାଯାଇଛି । ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୫୦-୬୦ କିମି ପର୍ଯ୍ୟନ୍ତ ଆଶଙ୍କା କରି ପାଣିପାଗ କେନ୍ଦ୍ର ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ।

### ନକଲି ସାର...

କୃଷି କ୍ଷେତ୍ରର ଉନ୍ନତି ପାଇଁ ୫ଟି ମୁଖ୍ୟ ଲକ୍ଷ୍ୟ ଉପରେ ସରକାର କାମ କରୁଛନ୍ତି । ଖାଦ୍ୟ ସୁରକ୍ଷା ସହିତ ପୋଷଣ ସୁରକ୍ଷା, ଚାଷୀଙ୍କ ଆୟ ବୃଦ୍ଧି, ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ ଚାଷୀଙ୍କୁ ଉତ୍ପାଦର ସଠିକ ମୂଲ୍ୟ ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରାଯାଉଛି । ରାଜ୍ୟ-ରାଜ୍ୟ ଓ ଜିଲ୍ଲା-ଜିଲ୍ଲା ମଧ୍ୟରେ ଥିବା ଉତ୍ପାଦନ ଗତିର ଅସମାନତାକୁ ଦୂର କରିବା ପାଇଁ ଉନ୍ନତ ବିହନ ଏବଂ ଆଧୁନିକ କୃଷି ପ୍ରଣାଳୀ ଉପଯୋଗ ଉପରେ ଜୋର ଦିଆଯିବ । ପ୍ରତି ରାଜ୍ୟର ମାଟି ଓ ଜଳବାୟୁ ଅନୁସାରେ ସ୍ୱତନ୍ତ୍ର "କୃଷି ରୋଡମ୍ୟାପ୍' ପ୍ରସ୍ତୁତ କରାଯିବ । ଓଡ଼ିଶାରେ ଆମ୍ବ ଓ ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ନମ୍ବର-୧ ହେବା ପାଇଁ ଅପାର କ୍ଷମତା ରହିଥିବାବେଳେ ତଦନୁଯାୟୀ କାର୍ଯ୍ୟକ୍ରମ ହାତକୁ ନିଆଯିବ । ସେହିପରି ସ୍ଥାନୀୟ ଅଞ୍ଚଳରେ ଡାଲି ମିଲ୍ ପ୍ରତିଷ୍ଠା ପାଇଁ ୨୫ ଲକ୍ଷ ଟଙ୍କା ଏବଂ ତେଲ ମିଲ୍ ପାଇଁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ସମସ୍ତ ଚାଷୀଙ୍କୁ "ଡିଜିଟାଲ ପରିଚୟ ପତ୍ର' ପ୍ରଦାନ ପାଇଁ କୃଷକ ପଞ୍ଜିକରଣ କରାଯାଉଛି । ଯାହାଦ୍ୱାରା ଗୋଟିଏ ସ୍ଥାନରେ ଚାଷୀମାନେ ସମସ୍ତ ସୁଯୋଗ ପାଇପାରିବେ । ବର୍ତ୍ତମାନ ସୁଦ୍ଧା ଦେଶରେ ୧.୬୫ କୋଟି ପଞ୍ଜିକରଣ ସରିଥିବାବେଳେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ଏହା ଆରମ୍ଭ ହୋଇ ନ ଥିବା ମଧ୍ୟ ସେ କହିଛନ୍ତି ।

କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଖାଦ୍ୟ ଉତ୍ପାଦନ, ତୈଳ ଉତ୍ପାଦନରେ ଆତ୍ମନିର୍ଭର, ଫସଲ ବିବିଧୀକରଣ ଓ କୃଷି ବିସ୍ତାର ଉପରେ ଓଡ଼ିଶା ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଛନ୍ତି । ସେହିପରି ଅଧିକ ଜୈବିକ ଚାଷ ପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଛନ୍ତି । କୃଷି ସମ୍ମିଳନୀର ନିଷ୍କର୍ଷ ପୂର୍ବ ଭାରତର ସମସ୍ତ ରାଜ୍ୟକୁ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ସମ୍ମିଳନୀରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ବିହାର କୃଷିମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ଛତିଶଗଡ଼ କୃଷିମନ୍ତ୍ରୀ ରାମ ବିଚାର ନେତାମ, କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମ ନାଥ ଠାକୁର ଓ ଭାଗୀରଥ ଚୌଧୁରୀ, ପଶ୍ଚିମବଙ୍ଗର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅଶୋକ କୀର୍ତ୍ତନିଆ, କୃଷକ କଲ୍ୟାଣ ବିଭାଗର ସଚିବ ଅତିଶ ଚନ୍ଦ୍ର ଏବଂ କେନ୍ଦ୍ରୀୟ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ଡ. ମଙ୍ଗିଲାଲ୍ ଜାଟ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ବଢୁଛି ଭିଡ଼ ହିଂସା, ବର୍ଷିଲା କଂଗ୍ରେସ

# 'ଅପରାଧୀ ଦମନରେ ସରକାରଙ୍କ ଆନ୍ତରିକତା ନାହିଁ'

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟରେ ବିଜେପିର ମାତ୍ର ୨ ବର୍ଷର ଶାସନରେ ଅରାଜକତା ସବୁ ସୀମା ଟପି ଯାଇଛି । ଏବେ ରାଜ୍ୟର ଶାସନ ତାଲିବାନୀ-ଶାସନରେ ପରିଣତ ହୋଇଛି । ପୂର୍ବରୁ କୌଣସି ଶାସନରେ ବି ପୁଲିସକୁ ଶାସକ ଦଳର ନେତା ଓ କର୍ମୀ ଏପରି ଖୁଲମଖୁଲା ବ୍ୟବହାର କରିନଥିଲେ । ଏବେ ଶାସକ ଦଳର ଛତ୍ରଛାୟାରେ ରହି ଅପରାଧୀମାନେ ଖୁଲମଖୁଲା ହିଂସାକାଣ୍ଡ ଭିଆଉଛନ୍ତି ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ।

- ■ ପୂର୍ବରୁ ପୁଲିସକୁ କୌଣସି ଦଳ ଏପରି ବ୍ୟବହାର କରି ନ ଥିଲେ
- ■ ଶାସକ ଦଳର ଛତ୍ରଛାୟାରେ ଅପରାଧୀମାନେ ଭିଡ଼ହିଂସାରେ ଲିପ୍ତ ହେଉଛନ୍ତି

ମଙ୍ଗଳବାର ଏକ ପ୍ରେସ୍ ବିବୃତ୍ତିରେ ସେ କହିଛନ୍ତି, ରାଜ୍ୟରେ ଆଇନର ଶାସନ ବୋଲି ଆଉ କିଛି ନାହିଁ । ବର୍ବର ଭିଡ଼ ହିଂସା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି । ସ୍ପଷ୍ଟ ଦିବାଲୋକରେ ବହୁତ ଲୋକ ମିଶି ଜଣେ ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ଧାରା ପୂର୍ବରୁ ବିଜେପି ଉତ୍ତରପ୍ରଦେଶ, ରାଜସ୍ଥାନ, ହରିଆନା ଭଳି ରାଜ୍ୟଗୁଡ଼ିକରେ କରୁଥିଲା । ତା'ର ପ୍ରଭାବ ଏବେ ଓଡ଼ିଶାରେ ପଡ଼ିଛି । ନିକଟ ଅତୀତରେ ଓଡ଼ିଶାରେ ସଂଘଟିତ ଏପରି ହିଂସାକାଣ୍ଡରେ ଶାସକ ଦଳର ନେତାମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପୃକ୍ତି ରହୁଥିବାରୁ ସେଥିରେ କେହି ହାତ ମାରିବାକୁ ସାହସ କରୁନାହାନ୍ତି । ଆଇନ ତା' ବାଟରେ ଯାଉନାହିଁ । ଫଳରେ ବିଜେପି ନେତା ଓ କର୍ମୀମାନେ ପୁଲିସ ଅସହାୟତାର ସୁଯୋଗ ନେଇ ରକ୍ତମୁଖା ହୋଇଉଠିଛନ୍ତି ।

କଣାସ ଭିଡ଼ ହିଂସା ହତ୍ୟାରେ ବିଧାୟକଙ୍କ ଲୋକମାନେ ସଂପୃକ୍ତ ଥିବାରୁ ଆଇନ ତା' ବାଟରେ ଯିବା ଏକରକମ ଅସମ୍ଭବ ବୋଲି ସମସ୍ତେ ଜାଣନ୍ତି । ସେହିପରି, ବାଲିଅନ୍ତାରେ ସୌମ୍ୟରଂଜନଙ୍କୁ ପୁଲିସ ସହାୟତାରେ ପିଟିପିଟି ମାରିଦେବାର ଆସ୍ପର୍ଦ୍ଧା ପଛରେ ଜଣେ ଏଡିଜି ପାହ୍ୟାର ପୁଲିସ ଅଧିକାରୀଙ୍କ ପ୍ରଚ୍ଛନ୍ନ ସଂପୃକ୍ତି ଉକ୍ତ ଅଭାବନୀୟ ଘଟଣାକୁ ଆହୁରି ରହସ୍ୟାବୃତ କରି ପକାଇଛି । ବ୍ରହ୍ମପୁର ଗିରିରୋଡ୍ ଆକ୍ରମଣ ମୁଖ୍ୟ ଅଭିଯୁକ୍ତ ସନ୍ଦୀପ ସାହୁ ଓରଫ୍ ମୋଗ୍ଲୀ ସତ୍ତାଧାରୀ ବିଜେପି ବିଧାୟକ କେ. ଅନିଲ କୁମାରଙ୍କ ପାଖ ଲୋକ ବୋଲି ସମସ୍ତେ ଜାଣନ୍ତି । ସେମାନଙ୍କର ଘନିଷ୍ଠତାର ଏକାଧିକ ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ତେଣୁ, ପୁଲିସ ଏହି ଘଟଣାରେ ନିରପେକ୍ଷ ଭାବେ ତଦନ୍ତ କରିବା ନେଇ ସନ୍ଦେହ ଉପୁଜିଛି । ନେଡ଼ିଗୁଡ଼ କହୁଣୀକୁ ବହିଯିବା ପରେ ମୁଖ୍ୟମନ୍ତ୍ରୀ ଦୁଇଦୁଇ ଥର ସମୀକ୍ଷା ବୈଠକ କଲେ; ଅଥଚ ଫଳଘର ଶୂନ । ଏପରିକି, ବାଉଳାଚାଉଳା ହୋଇ କିଛି ସ୍ଥାନରେ ପୁରୁଣା ଦାଗୀଙ୍କୁ ଏନ୍‌କାଉଣ୍ଟର କରିବା କୌଶଳ ମଧ୍ୟ ଆଉ କାମ ଦେଉନାହିଁ । ଅପରାଧୀ ଦମନରେ ସରକାରଙ୍କ ଆନ୍ତରିକତା ନଥିବା ସ୍ପଷ୍ଟ ହୋଇଥିବାରୁ କେହି ଆଉ ପୁଲିସକୁ ଡରୁନାହାନ୍ତି ବୋଲି ସେ କହିଛନ୍ତି ।


**AFFIDAVIT**

I RASED JAMAL S/O SK NIZAMUDDIN RESIDNET OF VILL KAJIMOHALLA ,P.O . SORO , PS SORO , DIST. BALASORE ,ODISHA ,PIN. 756045 DECLARE BY THIS AFFIDAVIT NO 3251 DTD 18.05.2026 THAT NOW ONWARDS I SHALL BE KNOWN AS **RASHED JAMAL**, S/O - SK NEZAMUDDIN FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.No. 99, dated 19/05/2026, I **KARUNAKAR DHAL**, S/o Prasanna Kumar Dhal resident of At- Adibasigaon, Salia Sahi, Jaidev Vihar, PO: RRL, P.S: Nayapalli, Bhubaneswar, Dist: Khordha, Odisha, PIN: 751013, declare that I have changed my minor daughter name from **KKHUSI DHAL (Old Name)** to **SMRUTI PRANGYA DHAL (New Name)**. Henceforth, she shall be known as **SMRUTI PRANGYA DHAL** for all purposes.

Sd- **KARUNAKAR DHAL**

**AFFIDAVIT**

By virtue of an affidavit (CF No. 96, date: 14/05/2026) sworn before The Executive Magistrate, Gaisilet. I, **Isarani Purohit**, D/o- Niranjan Purohit, R/o- At/Po: Gaisilet, PS: Gaisilet, Dist: Bargarh, PIN: 768037, State: Odisha declare that I have changed my name from **Srabani Purohit** to **Isarani Purohit.** Henceforth, I shall be known as **Isarani Purohit** for all purposes.

**Isarani Purohit**

**AFFIDAVIT**

By virtue of an affidavit sworn before the Court of the Executive Magistrate Bhubaneswar, I **DR. PRACHISHRI MISHRA,** W/o.: Sri Lokanath Samantray, D/o.: Dr. Prafulla Kumar Mishra resident of At/PO.: LIG-212, Brit Colony, Nayapalli, P.S.: Nayapalli, Bhubaneswar, Dist.: Khordha, Odisha, Pin-751012, Aadhaar No.: 2222 1532 1406 do hereby declare vide Affidavit dated 18.05.2026 that my name reflected as Prachishri Mishra as per my Aadhaar card, PAN and other relevant documents. That in my HSC certificate as well as my Passport and some other documents my name has been reflected as Pranchishri Misra instead of Prachishri Mishra. That I do hereby declare that Prachishri Mishra and Prachisri Misra is one and same person who is my self. Hence forth I shall be known as **PRACHISHRI MISHRA** for all purposes.

**AFFIDAVIT**

By virtue of an affidavit Sl. No. 2226, dated 27.04.2026 in the court of the Executive Magistrate, Salipur, Cuttack, I, Sayed Mamurul Islam, aged 53 years, S/o- Sayed Moinul Islam, R/o- Shankarpur, Po- Chhanipur, Ps- Salipur, Dist.- Cuttack - 754202, have changed my name as well as my father's name from Syed Mamurul Islam and Moulana Syed Moinul Islam to Sayed Mamurul Islam and Sayed Moinul Islam respectively. Henceforth I shall be known as **Sayed Mamurul Islam, S/o- Sayed Moinul Islam** for all purposes.

**Sd/- Sayed Mamurul Islam.**

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER,**
**PURI (R&B) DIVISION, PURI**
**WORKS DEPARTMENT**
**Short Tender Call Notice**

34001/220/2627

E-mail: eerbpuri@yahoo.co.in

Bid Identification No. SE (R&B) Puri-07/2026-27

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double cover/ Single Cover system** in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Temporary fabricated shed works.
2. No of Work : 5 Nos
3. Tender Cost : Rs. 10,000/- (On-Line)
4. Class of bidders : B Class
5. Available of Bid document in the Website : From 10.00 AM of Dt.22.05.2026 to Dt.01.06.2026 up to 5.00 PM
6. Last Date of receipt of tender : Dt.01.06.2026 up to 05.00 PM
7. Date of opening of Bid : Dt.02.06.2026 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

**Superintending Engineer, Puri (R&B) Division, Puri**

OIPR-34001/34064/1/26-27/0006

**GOVERNMENT OF ODISHA**
**DEPARTMENT OF WATER RESOURCES**
Office of the Superintending Engineer,
Bhanjanagar Irrigation Division, Bhanjanagar.
Phone No. 06821-291004, e-mail ID:- bnjirrigation2010@gmail.com

32001/248/2627

**e-Procurement Notice No. e-BNID-01/2026-27**

| | | |
|---|---|---|
| 1. | Name of work | Canal Renovation works |
| 2. | Total No of works | 43 (Forty Three) only. |
| 3. | Estimated cost | Rs. 5.02 Lakhs to 18.00 Lakhs |
| 4. | Period of completion | 01 (One) calendar month. |
| 5. | Date & time of availability of Bid Document in the portal | 10.00 hours of 25.05.2026 to 5.00 hours 04.06.2026 |
| 6. | Last date/ Time for receipt of Bids in the Portal | 04.06.2026 upto 5.00 hours |
| 7. | Date and place of opening of Bid | 05.06.2026 at 11.00 Hours in the office of the Superintending Engineer, Bhanjanagar Irrigation Division, Bhanjanagar |
| 8. | Name and address of the O.I.T (Officer Inviting Tender) | Superintending Engineer, Bhanjanagar Irrigation Division, Bhanjanagar |

Further details can be seen from the e-Procurement Portal "https://tendersodisha.gov.in"

**Superintending Engineer**
**Bhanjanagar Irrigation Division**
**Bhanjanagar**

OIPR-32001/32010/1/26-27/0001

GOVERNMENT OF ODISHA
OFFICE OF THE SUPERINTENDING ENGINEER
POTTERU IRRIGATION DIVISION, AT/PO: BALIMELA
DIST: MALKANGIRI(ODISHA)
**e-mail Id: eepid78@gmail.com**

32001/240/2627

**e-Procurement Notice No.- SE-PID-BML-03/2026-27**

1. No. of works : 1 (One)
2. Approx. Estimated cost : Rs. 27.27 Lac
3. Eligibility of the bidders : Registered & licensed security service agencies for deployment of security personnel
4. Period of completion : 274 days
5. Date & time of availability of bid document in the portal : 21/05/2026 (10:00 A.M.) to 30/05/2026 (05:00 P.M.)
6. Last date/time for receipt of bid in the portal : 30/05/2026 (05:00 P.M.)
7. Date of opening of the bids on-line : 01/06/2026 (11:00 A.M.)
8. Name & address of the O.I.T. : Superintending Engineer, Potteru Irrigation Division, At/Po: Balimela, District: Malkangiri

Further details can be seen from the e-procurement portal http://tendersodisha.gov.in

Superintending Engineer
Potteru Irrigation Division
Balimela

OIPR-32001/32052/1/26-27/0003

**OFFICE OF THE COLLECTOR & DISTRICT MAGISTRATE: BOLANGIR**
**(ST & SC DEVELOPMENT SECTION)**
e-mail. dwo.balangir@gmail.com, Phone No. 06652-232745
No. 1364 Date 14.5.26

**SHORT TENDER NOTICE**

26001/18/2627

Bids in sealed cover are invited under Two Bid system from reputed and experienced man-power service providers for engagement 18 nos. of DEO-cum-Office Assistants of Legal Aid Cells engaged on outsourced basis under ST & SC Development M&BCW Deptt. in Balangir District. The details of the bidding process are as follows;

| Sl. No. | Bidding Schedule | Dateline |
|---|---|---|
| 1 | Date of Issue | 14-05-2026 |
| 2 | Last Date and Time of receipt of Bid | 26-05-2026, 1 P.M |
| 3 | Opening of Technical Bid | 28-05-2026, 8 A.M |
| 4 | Opening of Financial Bid | 28-05-2026, 11:30 A.M |

Bidders are required to submit the Technical and Financial bids separately. The bids in sealed cover-I containing "Technical Bid" and the sealed cover-II containing "Financial Bid" should be placed in a third sealed cover super-scribed "Bid for Engagement of the DEO-cum-Office Assistants of Legal Aid Cells Section engaged on outsourced basis under ST & SC Dev. M&BCW Deptt. in Balangir District" and must reach the O/O DWO Balangir on or before date 26-05-2026 by 1.00 PM by Speed Post/Registered Post only. The Bid documents containing eligibility criteria, scope of work, terms and conditions of the tender can be downloaded from the District website https://balangir.odisha.gov.in/en

**Complete Address for submission of Bid:**
**The DWO, Balangir,**
**At/Po/Dist:- Balangir**
**Pin Code: 767001**

**Collector & District Magistrate, Balangir**

OIPR-26001/26061/1/26-27/0001

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

24001/132/2627

No RDM-LAA-MBJ-0019-2024-**16644** R&DM **Dated: 05.05.2025**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ନଛିପୁରିଆ(ଅତିରିକ୍ତ)**, ଥାନା- ବୈଶିଙ୍ଗା ନଂ. ୧୩୩, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁପୁର ଡିଷ୍ଟ୍ରିବ୍ୟୁଟାରୀ ମାଇନର ଓ ନୁହୁରୁଦା ସବ୍-ମାଇନର ନଂ-୧ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୨୭୧୮ ତା. ୧୨.୦୭.୨୦୨୪ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ନଛିପୁରିଆ(ଅତିରିକ୍ତ)**, ଥାନା- ବୈଶିଙ୍ଗା ନଂ. ୧୩୩, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ,ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ- କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: - ବେତନଟୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନଛିପୁରିଆ(ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୦.୩୭ | ଏକର ୦.୦୫ | ଏଥି ସହିତ ସଂଲଗ୍ନ |

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)**

**ଜିଲ୍ଲା:- ମୟୂରଭଞ୍ଜ** **ତହସିଲ: - ବେତନଟୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ- ୦୧.୧୧.୨୦୨୪ ।**

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୧୩୯/୨୦୨୩
ଏ.୦.୦୫ଡି

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁପୁର ଡିଷ୍ଟ୍ରିବ୍ୟୁଟାରୀ ଓ ନୁହୁରୁଦା ସବ୍-ମାଇନର ନଂ-୧ ନିମନ୍ତେ ମୌଜା- ନଛିପୁରିଆ (ଅତିରିକ୍ତ) ଥାନା-ବୈଶିଙ୍ଗା, ନଂ-୧୩୩, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ. ଓ ସତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁସାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୬୦ | ୧୦୯ | ୦.୩୭ | ୦.୦୫ | ଘରବାରୀ | ଜସ୍ମିତା ରଣଜିତ, ସ୍ୱା- ନିହାର ରଞ୍ଜନ ରଣଜିତ, ଜା ଖଣ୍ଡାୟତ, ବା- ପୁଦାଳ, ଥାନା- ନିଳଗିରି, ଜି- ବାଲେଶ୍ୱର |
| ମୋଟ | ୧ ପ୍ଲଟକୁ | ଏ.୦.୩୭ ଡେ.ମି | ଏ.୦.୦୫ ଡେ.ମି | | |

Zone Officer-cum-L.A. Collector
S.I.P. Laxmiposi Zone

Spl. Land Acquisition Officer
SIP Baripada

OIPR-24001/24001/3/26-27/0031

# ଚାଷୀଙ୍କ ଦାବି ମାନିଲେ ସରକାର, ସ୍ୱାଭାବିକ ହେଲା ଧାନ ସଂଗ୍ରହ

## ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଆସିଲା, ବକେୟା ଆସିବା ନେଇ ପ୍ରତିଶ୍ରୁତି

ସମ୍ବଲପୁର,୧୯।୫(ସମିସ)



ସମ୍ବଲପୁରରେ ଚଳିତ ରବି ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇଛି। ଚାଷୀଙ୍କ ଦାବି ରଖି ସରକାର ସୋମବାର ଦ୍ୱିତୀୟ ଟୋକନ ଦେଇଛି। ମଙ୍ଗଳବାର ତ୍ରିପାକ୍ଷିକ ବୈଠକ ପରେ ଚାଷୀ ଧାନ ଦେବା ପାଇଁ ରାଜି ହୋଇଛନ୍ତି। ସୂଚନା ଅନୁସାରେ ଗତ ୧୫ ତାରିଖ ସମ୍ବଲପୁରରେ ରବିଧାନ ସଂଗ୍ରହ ଆରମ୍ଭ ହେବାର ଥିଲା। କିନ୍ତୁ ପର୍ଯ୍ୟାୟ କ୍ରମେ ଟୋକନ ସମସ୍ୟା ପାଇଁ ସମ୍ବଲପୁରର ଚାଷୀମାନେ ଧାନ ଦେଇନଥିଲେ। ଏପରି ୫୭ଟି ମଣ୍ଡିରେ ଜଣେ ହେଲେ ଚାଷୀ ବସ୍ତାଟିଏ ଧାନ ସରକାରଙ୍କୁ ବିକ୍ରି କରିନଥିଲେ। ତେଣୁ ଏହି କ୍ରମରେ ଚାଷୀ ସଂଗଠନ ଆହ୍ୱାନ କ୍ରମେ ମଙ୍ଗଳବାର ବରେଇପାଲି ମାର୍କେଟରେ ଗୁରୁତ୍ୱ ପୂର୍ଣ୍ଣ ବୈଠକ ହୋଇଥିଲା। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ନାଉରୀ ନାଏକ, ଯୋଗାଣ ଅଧିକାରୀ ସୁବୋଧ ହୋତା, ଡିଆରସିଏସ ଲକ୍ଷ୍ମୀଧର ରାଉତ, ଆରଏମ୍‌ସି ସମ୍ପାଦକ ସରୋଜ କୁମାର ମେହେରଙ୍କ ସମେତ ମିଲ ମାଲିକମାନେ ଓ ଚାଷୀମାନେ ଉପସ୍ଥିତ ଥିଲେ। ଗତ ଖରିଫ ଧାନ ସଂଗ୍ରହ ସମୟରେ ହୋଇଥିବା ସମସ୍ୟା ଉପରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଗତ ବର୍ଷ ଚାଷୀମାନେ ଧାନ ନେଇଥିବା ଗାଡ଼ି ଭଡ଼ା ଆଜି ପର୍ଯ୍ୟନ୍ତ ପାଇ ନ ଥିବା ଅଭିଯୋଗ କରିଥିଲେ। ଚାଷୀଙ୍କ ବାକି ଟୋକନ ଶୀଘ୍ର ଦେବା, ଭଡ଼ା ଟଙ୍କା ଦେବା, କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ବର୍ଷା ଓ ଝଡ଼ ତୋଫାନ ଫଳରେ ଧାନ ସଂଗ୍ରହ ପାଇଁ କମ ସମୟ ରହିଥାଏ ତେଣୁ ସମସ୍ତ ଧାନ ଶୀଘ୍ର କିଣିବା ଭଳି ଦାବି ଗୁଡିକ ମାନିବା ପରେ ଚାଷୀମାନେ ଧାନ ବିକିବାକୁ ରାଜି ହୋଇଥିଲେ। ଆଜି ପ୍ରଥମ କରି ଜିଲ୍ଲାରେ ଧାନ କିଣାବିକା ହୋଇଥିଲା। ଅନ୍ୟପଟେ ଚାଷୀ ଅଶୋକ ପ୍ରଧାନ କହିଛନ୍ତି ଯେ, ଚାଷୀ ଧାନ ସଂଗ୍ରହରେ ସହଯୋଗ କରିବ। ପ୍ରଶାସନ ଓ ମିଲ ମାଲିକ ମଧ ଚାଷୀଙ୍କୁ ସହଯୋଗ କରିବା ଦରକାର। ଆମର ପ୍ରାୟ ସମସ୍ତ ଦାବି ପୂରଣ ହୋଇଛି। ବାକି ଟୋକନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଯଦି ନ ଦେଲେ ପୁଣି ଚାଷୀ ମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଥିଲେ। ସୂଚନା ଯୋଗ୍ୟ ଯେ ମେ ୧୫ ତାରିଖ ଠାରୁ ଜିଲ୍ଲାରେ ଧାନ ସଂଗ୍ରହ କରିବାକୁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ଚାଷୀମାନେ ସବୁ ଟୋକନ ଆସିବା ପରେ ଧାନ ବିକ୍ରି କରିବେ ବୋଲି ଦାବି କରିଥିଲେ। ସୋମବାର ଚାଷୀଙ୍କୁ ଭୟ କରି ସରକାର ଦିଦ୍ୱୀୟ ଟୋକନ ଦେଇଥିଲେ। ପ୍ରତ୍ୟେକ୍ ଚାଷୀଙ୍କ ଏବେ ୧୫୦ କ୍ୱିଣ୍ଟାଲ ଲେଖାଏଁ ଆସିଛି। ଗତ ଖରିଫରେ ଚାଷୀଙ୍କୁ ସରକାର ଭଲ ଭାବେ ଠକୁଥିଲେ ଟୋକନ ଆସିବ ବୋଲି ଚାଷୀଙ୍କୁ ଶେଷ ଦିନ ପର୍ଯ୍ୟନ୍ତ କହୁଥିଲେ। ହେଲେ ଆସିଲା ନାହିଁ। ତେଣୁ ରବି ଧାନ ସଂଗ୍ରହ ବେଳେ ଶତାଧିକ ଚାଷୀ ଧାନ ବିକ୍ରି କରିନଥିଲେ। ଏହା ସହ ଭଡ଼ା ଓ ଅନ୍ୟାନ୍ୟ ସମସ୍ୟା ସମାଧାନ କରିବାକୁ ଚାଷୀ କହିଥିଲେ। ସମାଧାନ ନ କରି ଧାନ କିଣା ଆରମ୍ଭ କରିଥିଲେ। ଯୋଗାଣ ବିଭାଗର ସୂଚନା ଅନୁସାରେ, ରବି ଧାନ ପାଇଁ ଚଳିତ ବର୍ଷ ୧୮ ହଜାର ୮୧୨ ଚାଷୀ ରବି ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ୧୮ ତାରିଖରେ ୧୮ ହଜାର ୩୬୪ ଟୋକନ ପାଇଥିଲେ। ଗତକାଲି ଆସିବା ପରେ ଟୋକନ ସଂଖ୍ୟା ୨୫ ହଜାର ୦୬୪ ପହଞ୍ଚିଛି। ଆଜି ଧାନ ସଂଗ୍ରହ ସ୍ୱାଭାବିକ ହୋଇଛି। ମଣ୍ଡିରେ ପୂଜାର୍ଚ୍ଚନା ହୋଇଛି। ଆସନ୍ତାକାଲି (ବୁଧବାର) ଧାନ ସଂଗ୍ରହ କରାଯିବ ବୋଲି ସୂଚନା ରହିଛି।

### ପ୍ରଶାସନ ଉପରେ କୌଣସି ସୂଚନା ନାହିଁ

ଆଜିର ଚାଷୀ ବୈଠକରେ ପ୍ରଶାସନ ପକ୍ଷରୁ ଡିଆର୍‌ସିଏସ ଓ ଯୋଗାଣ ବିଭାଗ ଯୋଗ ଦେଇଥିଲେ। ହେଲେ ଚାଷୀ ପଚାରୁଥିବା ପ୍ରଶ୍ନର ଉତ୍ତର କୌଣସି ଅଧିକାରୀ ପାଖରେ ନଥିଲା। ଜଣେ ଚାଷୀ କେତେ ଧାନ ବିକ୍ରି କରିବ ସେ ସମ୍ପର୍କରେ ପଞ୍ଜୀକରଣ ସମୟରେ ସେ ତଥ୍ୟ ଦେଇଥାଏ। କିନ୍ତୁ ସରକାର ପକ୍ଷରୁ ଯାଞ୍ଚକରଣ ପ୍ରକ୍ରିୟା ସମାପ୍ତ ପରେ କେତେ ଧାନ ବିକ୍ରି କରିପାରିବ ତାର ଯବାବ ଡିଆର୍‌ସିଏସଙ୍କୁ ମଗାଯାଇଥିଲା। କିନ୍ତୁ ସେ ସୂଚନା ତାଙ୍କ ପାଖରେ ନାହି ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଯୋଗାଣ ଅଧିକାରୀ ପଞ୍ଜୀକରଣ ବେଳେ ଜମି ବଢିଥିବା କହିଥିଲେ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପଞ୍ଜୀକରଣ ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ପରିବାରର ଜଣେ ଚାଷୀ ଅନ୍ୟ ସଦସ୍ୟ ନାମରେ ମଧ ପଞ୍ଜିକରଣ କରୁଥିବା ହେତୁ ଏହି ସଂଖ୍ୟା ବଢିଥିବା କହିଥିଲେ। ଭିଟିଏସ, କଟନୀଛଟନୀ ଅନ୍ୟାନ ପ୍ରସଙ୍ଗରେ ଅଧିକାରୀ ଚୁପ ଥିଲେ।

### ପ୍ରଶାସନକୁ ଧୋଇଲେ ସୁଦର୍ଶନ ହରିପାଲ

ଚାଷୀ ପ୍ରସଙ୍ଗରେ କୌଣସି ସନ୍ତୋଷଜନକ ଉତ୍ତର ପ୍ରଶାସନ ରଖିପାରିନଥିଲା। ଏପରି ସାଟଲାଇଟ ସର୍ଭେ ପରେ ଜିଲ୍ଲା ପ୍ରଶାସନର କାମ ଶେଷ ବୋଲି କହିଥିଲେ। କେତେ ଧାନ ଜଣେ ଚାଷୀ ପାଇବ ତାର ହିସାବ କେବଳ ଭୁବନେଶ୍ୱରରୁ ଜଣାପଡ଼ିବ ବୋଲି ଉତ୍ତର ରଖିଥିଲେ। ଏହି କ୍ରମରେ ସମ୍ବଲପୁର ଯୋଗାଣ ବିଭାଗ ଓ ଡିଆର୍‌ସିଏସ କେଉଁ କାରଣ ପାଇଁ ଜିଲ୍ଲାରେ ଅଛି ବୋଲି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ କହିଥିଲେ। ଯଦି ଚାଷୀଙ୍କ କୌଣସି ସୁବିଧା ପ୍ରଶାସନ କରିପାରୁନାହି ତାହାଲେ କାର୍ଯ୍ୟାଳୟରେ ତାଲା ପକାଇ ଦିଅନ୍ତୁ ବୋଲି କହିଥିଲେ।

### ଚାଷୀ ସମସ୍ୟା ପାଇଁ ଲଢେଇ କରିବା: ପସନ୍ନ

ସରକାର ଯେଉଁ ଗତବର୍ଷ ପ୍ରଥମ ପର୍ଯ୍ୟାୟରେ ରେଜିଷ୍ଟ୍ରେସନର ଯେଉଁ ନିୟମ କଲେ, ସେ ନିୟମରେ ସ୍ୱାଭାବିକ ଭାବରେ ଚାଷୀଙ୍କ ସଂଖ୍ୟା ବଢ଼ିବ। ଅଞ୍ଚଳ ଅନୁସାରେ ଧାନର ପରିମାଣ ନିର୍ଦ୍ଧାରିତ ହୋଇଥାଏ। ପ୍ରତି ଜିଲ୍ଲାର ଚାଷୀ ମାନଙ୍କ ଧାନ ଅମଳ ପରିମାଣ ସମାନ ନଥାଏ। ତେଣୁ ଡିସେଣ୍ଟ୍ରାଲାଇଜେସନ ପଲିସି କରାଯାଉ। ଜିଲ୍ଲାପାଳଙ୍କୁ ଏହି କ୍ଷମତା ପ୍ରଦାନ କରାଯାଉ। ସରକାର ଅନେକ ସମୟରେ ନୀତି କରନ୍ତି, ସେ ନୀତି କାର୍ଯ୍ୟକାରୀ ବେଳେ ଭୁଲ୍ ତ୍ରୁଟି ଜଣାପଡ଼ିଥାଏ। ପରେ ତାକୁ ପରିବର୍ତ୍ତନ କରିବା କ୍ଷମତା ସରକାରଙ୍କ ପାଖରେ ଅଛି। ତେଣୁ ଚାଷୀଙ୍କ ହିତ ଦୃଷ୍ଟିରୁ ବିଭିନ୍ନ ନୀତିର ପରିବର୍ତ୍ତନ କରିବା ଆବଶ୍ୟକ ବୋଲି କହିଥିଲେ। ଚାଷୀଙ୍କ ସମସ୍ୟା ପାଇଁ ପୂର୍ବରୁ ଅନେକ ସମୟରେ ବିରୋଧି ଦଳ ଉପନେତା ହିସାବରେ ଉପସ୍ଥାପନା କରିଛି। ଆଗକୁ ମଧ ସରକାରଙ୍କୁ ଏ ସମ୍ପର୍କରେ କହିବି ବୋଲି କହିଥିଲେ।

### କୌଣସି ଚାଷୀ ଯେପରି ହଇରାଣ ନହୁଏ: ନାଉରୀ ନାୟକ

ଚାଷୀଙ୍କ ବୈଠକରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଭାବେ ରେଙ୍ଗାଲି ପୂର୍ବତନ ବିଧାୟକ ନାଉରୀ ନାୟକ ଯୋଗ ଦେଇଥିଲେ। ଚାଷୀଙ୍କ ସମସ୍ୟା ଶୁଣିବା ପରେ ସେ ସରକାରଙ୍କୁ ଏ ସମ୍ପର୍କରେ କହିବା ସହ କୌଣସି ଚାଷୀ ଯେପରି ହଇରାଣ ନ ହୁଏ ତାର ପ୍ରତିଶ୍ରୁତି ଦେଇଥିଲେ। ଏପରିକି ବକେୟା ଟୋକନ ମଧ ଆସିବା ନେଇ ସେ ପ୍ରତିଶ୍ରୁତି ଦେଇଥିଲେ।

■ ଜାତୀୟ ଉଡବଲ୍ ଚାମ୍ପିଅନସିପ୍

## ସ୍ୱିତୀ ନାୟକଙ୍କୁ କାଂସ୍ୟ ପଦକ

କୁଚିଣ୍ଡା,୧୯।୫(ସମିସ): ଜାତୀୟ ଉଡବଲ୍ ଚାମ୍ପିଅନସିପ୍-୨୦୨୬ରେ କାଂସ୍ୟ ପଦକ ଜିତି ଓଡ଼ିଶା ଏବଂ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍ କିଣ୍ଡିରା ନାମ ଉଜ୍ଜ୍ୱଳ କରିଛନ୍ତି ସ୍ୱିତୀ ନାୟକ। ଛତିଶଗଡ଼ର ରାଇପୁରରେ ମେ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟସ୍ତରୀୟ ଉଡବଲ୍ ପ୍ରତିଯୋଗିତାରେ ସ୍ୱିତୀ ନାୟକ ସଫଳତା ହାସଲ କରିଛନ୍ତି। ସ୍ୱିତୀ ନାୟକ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକ୍ କିଣ୍ଡିରା ଗ୍ରାମର ରଞ୍ଜିତା ପଟେଲ ଓ ଶୁଶିଲ କୁମାର ନାୟକଙ୍କ କନ୍ୟା। ତାଙ୍କର ସଫଳତା ପାଇଁ ପରିବାର, ଗ୍ରାମ ଓ



ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ବର୍ତ୍ତମାନ ସେ ଖୋର୍ଦ୍ଧାର କେଟି ଗ୍ଲୋବାଲ୍ ସ୍କୁଲର ଛାତ୍ରୀ ଭାବେ ପଢୁଛନ୍ତି। ବିଦ୍ୟାଳୟ ପକ୍ଷରୁ ସ୍ୱିତୀଙ୍କୁ ଅଭିନନ୍ଦନ ଜଣାଯାଇଥିବା ସହ ତାଙ୍କର ନିଷ୍ଠା, ପରିଶ୍ରମ ଓ ଖେଳପ୍ରତି ଅଦମ୍ୟ ଆଗ୍ରହକୁ ସ୍ତୁତି କରାଯାଇଛି। ସ୍ୱିତୀଙ୍କ କୃତିତ୍ୱ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ଝଡ଼ ଲାଗିରହିଛି। ଓଡିଶା ଉଡବଲ୍ ସଂଘର ସଭାପତି ଏମଡି ଆଦମ ଓ ସମ୍ପାଦକ ବସନ୍ତ କୁମାର ବଡୁ ଶୁଭେଚ୍ଛା ଜଣାଇଛନ୍ତି।

■ ତିଲେଇମାଲ ବୋଲେରୋ ଦୁର୍ଘଟଣା

## ମୃତକ ସଂଖ୍ୟା ୩କୁ ବୃଦ୍ଧି

କୁଚିଣ୍ଡା,୧୯।୫(ସମିସ): ବାମରା ସୀମାବର୍ତ୍ତି ଲଇକେରା ଥାନା ତିଲେଇମାଲ ନିକଟରେ ଗତ ଗୁରୁବାର ଘଟିଥିବା ଭୟାବହ ବୋଲେରୋ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ତେତେରକେଲା ଗ୍ରାମର ସଞ୍ଜୟ ଲାକ୍ରାଙ୍କ ଝିଅ ଯମୁନା ଲାକ୍ରା (୧୮)ଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହା ସହିତ ଉକ୍ତ ଦୁର୍ଘଟଣାରେ ମୃତକ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ପୂର୍ବରୁ କସ୍ତୁରୀ ଲାକ୍ରା ଓ ୬ ବର୍ଷୀୟା ଶିଶୁ କନ୍ୟା ଶ୍ରୁତି ଲାକ୍ରାଙ୍କ ମୃତ୍ୟୁ ଘଟିଥିଲା। ସୂଚନା ଅନୁସାରେ, ତେତେରକେଲା ଅଞ୍ଚଳର କେତେକ ପରିବାର ବିବାହ କାର୍ଯ୍ୟକ୍ରମ ସାରି ବୋଲେରୋ ଯୋଗେ ଫେରୁଥିବା ବେଳେ ତିଲେଇମାଲ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଅନେକ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଯମୁନା ଲାକ୍ରାଙ୍କୁ ରାଉରକେଲାର ଜୟପ୍ରକାଶ ଡାକ୍ତରଖାନା ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ସମୟରେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟପଟେ ଦୁର୍ଘଟଣାରେ ଆହତ ସୁରେଖା ଟୋପ୍ପୋ (୧୪), ଭରତ ଲାକ୍ରା (୭) ଓ ସୂର୍ଯ୍ୟଲାକ୍ରାଙ୍କ ଚିକିତ୍ସା ଜାରି ରହିଛି।

## ବେଆଇନ କଫ ସିରପ୍ କାରବାରରେ ଜଣେ ଗିରଫ

ସମ୍ବଲପୁର,୧୯।୫(ସମିସ): ବେଆଇନ କଫ ସିରପ୍ କାରବାର ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ସଦର ଥାନା ପଥରଗଡ଼ର ଲୋକନାଥ ନାଗ ଓରଫ ଏଲୁ(୩୩)। ପୁଲିସ ଅଭିଯୁକ୍ତ ଠାରୁ ୧୮୦ବୋତଲ କଫସିରପ, ଏକ ମୋବାଇଲ, କିଛି ଟଙ୍କା ସହ ଏକ ସ୍କୁଟି ନଂ-ଓଡି୧୭-ଏମ୦୦୯୧ଜବତ କରିଛି। ସୂଚନା ଅନୁସାରେ ଏଲୁ ସ୍କୁଟିରେ ନିଶା ସାମଗ୍ରୀ ବେପାର ପାଇଁ ଜମନକିରା ପଟରୁ ଜୟନ୍ତପୁର ଛକ



ଆଡେ ଆସୁଥିବା ପୁଲିସ ଖବର ପାଇଥିଲା। ସୂଚନା ମୁତାବକ ଛକରେ ପୁଲିସ ଗାଡ଼ିକୁ ଯାଞ୍ଚ ସକାଶେ ଅଟକାଇଥିଲା। ଏହି ସମୟରେ ଅଭିଯୁକ୍ତ ନିକଟରୁ ଉପରୋକ୍ତ ସାମଗ୍ରୀ ବାହାରିଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ତୈଳ ସମସ୍ୟା ଦୂର ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା



ସମ୍ବଲପୁର,୧୯।୫(ସମିସ): ଜିଲ୍ଲାରେ ହାଇ ସ୍ପିଡ୍ ଡିଜେଲ ଏବଂ ମୋଟର ସ୍ପିରିଟ୍/ପେଟ୍ରୋଲର ଉପଲବ୍ଧତା ସମ୍ପର୍କରେ ସମୀକ୍ଷା କରିବା ପାଇଁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷା ବୈଠକରେ ଆଇଓସିଏଲ୍, ଏଚପିସିଏଲ୍ ଏବଂ ବିପିସିଏଲ୍‌ର ସେଲ୍ସ ଅଫିସର, ସ୍ଥାନୀୟ ପେଟ୍ରୋଲ ପମ୍ପ ମାଲିକ ଏବଂ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ସ୍ଥିତି ସମୀକ୍ଷା କରିବା ସହ ସମସ୍ତ ପେଟ୍ରୋଲ ପମ୍ପକୁ ଯେପରି ନିରବଚ୍ଛିନ୍ନ ଭାବେ ତୈଳ ଯୋଗାଣ ଜାରି ରହିବ, ତାହା ନିଶ୍ଚିତ କରିବାକୁ ସେଲ୍ସ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ତ୍ତମାନର ସ୍ଥିତିକୁ ସଫଳତାର ସହ ପରିଚାଳନା କରିବା ପାଇଁ ପେଟ୍ରୋଲ ପମ୍ପ ମାଲିକମାନଙ୍କୁ କୁହାଯାଇଛି। ଜିଲ୍ଲାରେ ତୈଳର କୌଣସି ଅଭାବ ନାହିଁ ବୋଲି ଗ୍ରାହକମାନଙ୍କୁ ବୁଝାଇବା ସହ ସେମାନେ ଯେପରି ଆତଙ୍କିତ ହୋଇ ଅତିରିକ୍ତ କ୍ରୟ ନ କରନ୍ତି, ସେଥିପ୍ରତି ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ କୌଣସି ପ୍ରକାରର ଅସାଧୁ ବ୍ୟବସାୟିକ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ପେଟ୍ରୋଲ ପମ୍ପ ମାଲିକମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ସେଲ୍ ଅଫିସର ଏବଂ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରୁଥିବା ବ୍ୟକ୍ତି ବା ପମ୍ପ ମାଲିକଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି।

## ପାଣିପମ୍ପ ନେଇ ପେଟ୍ରୋଲ ପମ୍ପ ଗଲେ ଚାଷୀ

ରେଢ଼ାଖୋଲ,୧୯।୫(ସମିସ): ସୁରକ୍ଷା ଦୃଷ୍ଟିରୁ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ପ୍ଲାଷ୍ଟିକ ବୋତଲ କିମ୍ବା ଡବାରେ ପେଟ୍ରୋଲ ଦେବାକୁ ବାରଣ କରାଯାଇଛି। ଗାଡି ପାଇଁ ହେଉ କି କୃଷିକାର୍ଯ୍ୟ ପାଇଁ ହେଉ କାଚ କିମ୍ବା ଟିଣଡବା ଆଣିଲେ ପେଟ୍ରୋଲ ମିଳୁଛି। ସ୍ଥିତିରେ ଗାଡିଚାଳକମାନେ ଅନେକ ସମୟରେ ବ୍ୟବହୃତ ମଦ ବୋତଲ ଏଣେତେଣେ ଖୋଜି ବୁଲୁଥିବା ବେଳେ ଚାଷୀ ସାଇକଲ ସାହାଯ୍ୟରେ କୃଷି ଯନ୍ତ୍ରପାତି ନେଇ ପେଟ୍ରୋଲ ପମ୍ପକୁ ପ୍ରେଟ୍ରୋଲ ପାଇଁ ଆସିବାକୁ ପଡୁଥିବା ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ ଯେ ଜଣେ ଚାଷୀ ସୋମବାର ଦିନ ରେଢ଼ାଖୋଲ-ବୌଦ୍ଧ ରାସ୍ତାର କଦଳୀଗଡ଼ ଗ୍ରାମ ନିକଟରେ ଥିବା ପେଟ୍ରୋଲ ପମ୍ପକୁ ମହତପୁର ଗାଁର ଚାଷୀ ଦେବେନ୍ଦ୍ର ଭୁକ୍ତା ସେ ନିଜ ସାଇକଲରେ ପାଣିପମ୍ପକୁ ବାନ୍ଧି ଚାଲି ଚାଲି ପେଟ୍ରୋଲ ପମ୍ପକୁ ଆସି ସେଥିରେ ତେଲ ଭର୍ତ୍ତି କରିଥିଲେ। ଚାଷୀ ଜଣଙ୍କ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଛନ୍ତି। ତେବେ ଜଳସେଚନ



ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ପାଣିପମ୍ପ ସାହାଯ୍ୟରେ ଜଳସେଚନ କରି ସେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରୁଛନ୍ତି। ସୋମବାର ସେ ପାଣିପମ୍ପ ପାଇଁ ଆବଶ୍ୟକ ପେଟ୍ରୋଲ ନେବାକୁ ଏକ ପ୍ଲାଷ୍ଟିକ ଡବା ନେଇ ଏହି ପମ୍ପକୁ ଆସିଥିବା ବେଳେ ପ୍ରେଟ୍ରୋଲ୍ ପମ୍ପ କର୍ମଚାରୀମାନେ ସରକାରୀ ନିୟମ ଦର୍ଶାଇ ପ୍ଲାଷ୍ଟିକ ଡବାରେ ତେଲ ଦେବାକୁ ମନା କରି ଦେଇଥିଲେ। ଚାଷୀ ଜଣଙ୍କ ବାଧ ହୋଇ ପାଣିପମ୍ପକୁ ସାଙ୍ଗରେ ନେଇ ପେଟ୍ରୋଲ ପମ୍ପକୁ ଆସିଲେ ବୋଲି ପ୍ରତିକ୍ରିୟା ଦେଇଥିଲେ। ଏଥିପାଇଁ ଦାୟୀ କିଏ ? ଚାଷୀ, ପେଟ୍ରୋଲପମ୍ପ କର୍ମଚାରୀ ନା ସରକାରୀ ବ୍ୟବସ୍ଥା ବୋଲି ସାଧାରଣତଃ ରେ ପ୍ରଶ୍ନ ଉଠୁଛି। ସୁରକ୍ଷା ଦୃଷ୍ଟିରୁ ଏହି ନିୟମକୁ ଲାଗୁ କରାଯାଇଥିଲେ ମଧ ଏହା ଚାଷୀଙ୍କ ଦୈନିକ କୃଷି କାର୍ଯ୍ୟରେ ବଡ ସମସ୍ୟା ସୃଷ୍ଟି କରୁଛି। ତେଣୁ ଚାଷୀଙ୍କ ସୁବିଧା ପ୍ରତି ଧ୍ୟାନ ଦିଆଯାଇ ସରକାରଙ୍କ ପକ୍ଷରୁ ଅନ୍ୟ କୌଣସି ସହଜ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ମୋବାଇଲ ଦୋକାନରେ ନିଆଁ

ରେଢ଼ାଖୋଲ,୧୯।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ଛକ ନିକଟରେ ଥିବା ସୋଫିଆ ମୋବାଇଲ ଦୋକାନରେ ମଙ୍ଗଳବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ସୂଚନା ଯୋଗ୍ୟ ଯେ ଭୀମଭୋଇ ଛକ ନିକଟରେ ଥିବା ସୋଫିଆ ମୋବାଇଲ ଦୋକାନରେ



କୌଣସି କାରଣରୁ ବିଜୁଳି ସର୍ଟସର୍କିଟ ଯୋଗୁଁ ନିଆଁ ଲାଗି ଯାଇଥିଲା। ନିକଟସ୍ଥ ଅନ୍ୟ ଦୋକାନ ଲୋକେ ଜାଣିବା ପରେ ମୋବାଇଲ ଦୋକାନ ମାଲିକ ସଞ୍ଜୟ ଚାନ୍ଦଙ୍କୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୋକାନରେ ଥିବା ନୂଆ ମୋବାଇଲ, ମରାମତି ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିଲା।

## ଚୋରି ଅଭିଯୋଗରେ ଜଣେ ଗିରଫ

ସମ୍ବଲପୁର,୧୯।୫(ସମିସ): ହୀରାକୁଦ ଥାନା ପୁଲିସ ଦୁଇଟି ଘରୁ ଚୋରି ହୋଇଥିବା ଅଭିଯୋଗରେ ଜଣକୁ ଗିରଫ କରିଛି। ସେ ହେଉଛି ହୀରାକୁଦ ଥାନା ବିହାରୀପଡ଼ା ଭଙ୍ଗାମୁଣ୍ଡାର ପ୍ରବୀଣ କୁମାର ଓରଫ ପପଲୁ(୨୨)। ସୂଚନା ଅନୁସାରେ ଭଙ୍ଗାମୁଣ୍ଡାର ଆଦିତ୍ୟ ବେହାରଙ୍କ ଘରୁ ଫେବୃଆରୀ ୨୮ ତାରିଖ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପରେ ଗତ ମାସ ୧୭ ତାପିଖରେ ଆଉ ଜଣଙ୍କର ଘରୁ ମଧ ଚୋରି ହୋଇଥିଲା। ପୁଲିସ ଅଭିଯୁକ୍ତ ପପଲୁକୁ ପଚରାଉଚରା ବେଳେ ଏହି ଦୁଇ ଘଟଣାରେ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଅଭିଯୁକ୍ତ ପାଖରୁ ମୋବାଇଲ, ନମ୍ବର ପ୍ଲେଟନଥିବା ଏକ ସ୍କୁଟି, ୩ଟି ସୁନା ନାକ ପିନ, ୧୬ଟି ରୂପା କଏନ, ଗୋଟାଏ ରୂପା ଚେନ ସହ ଲକେଟ, ଗୋଟାଏ ସୁନା ଚେନ୍ ସହ ଲକେଟ, ୨ଟି ସୁନା ମୁଦି ଓ ୩ଟି ସୁନା କାନଫୁଲ ଜବତ କରିଛି।



## ମହିଳାଙ୍କୁ ନିର୍ଯାତନା, ବଜରଙ୍ଗ ଦଳ ପକ୍ଷରୁ ଥାନାରେ ଏତଲା



ସମ୍ବଲପୁର,୧୯।୫(ସମିସ): ସମ୍ବଲପୁର ଜିଲ୍ଲା ହୀରାକୁଦ ଅଞ୍ଚଳର ଜଣେ ଅନୁସୂଚିତ ଜାତି ସମ୍ପ୍ରଦାୟର ମହିଳାଙ୍କ ଉପରେ ହୋଇଥିବା ଗୁରୁତର ଆକ୍ରମଣ, ଯୌନ ଶୋଷଣ, ବ୍ଲାକମେଲ୍ ଏବଂ ଜାତିଆଣ ସୂଚକ ଗାଳିଗୁଲଜ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ହୀରାକୁଦ ଥାନଅଧିକାରୀଙ୍କ ନିକଟରେ ପୀଡ଼ିତା ଓ ସମ୍ବଲପୁର ମହାନଗର ବଜରଙ୍ଗ ଦଳ ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ, ଖ୍ରୀଷ୍ଟିଆପଡ଼ାର ତାହିର ହୁସେନ ଶେଖ ନାମକ ଜଣେ ବ୍ୟକ୍ତି ଜଣେ ମହିଳାଙ୍କୁ ପ୍ରେମ ଓ ବିବାହର ପ୍ରଲୋଭନ ଦେଖାଇ ଦୀର୍ଘ ଦିନ ଧରି ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ମହିଳାଙ୍କୁ ନିରନ୍ତର ଶାରୀରିକ, ମାନସିକ ଓ ଭାବନାତ୍ମକ ନିର୍ଯାତନା ଦେବା ସହ ତାଙ୍କ ଜାତି ଉଲ୍ଲେଖ କରି ଅପମାନିତ କରିଥିଲେ। ଏପରିକି ମହିଳାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ବଳପୂର୍ବକ ଧର୍ମ ପରିବର୍ତ୍ତନ ପାଇଁ ଚାପ ପକାଇବା ଏବଂ ଗୋ-ମାଂସ ଖାଇବାକୁ ବାଧ୍ୟ କରିଥିବା ଭଳି ସେମାନେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଜଣକ ଅସଦାଚରଣର ଗୁପ୍ତ ଭିଡିଓ ତିଆରି କରି ବ୍ଲାକମେଲ୍ କରୁଥିବା ଏବଂ ଏକାଧିକ ମହିଳାଙ୍କୁ ଏଭଳି ପ୍ରଲୋଭନ ଜାଲରେ ଫସାଇ ଶୋଷଣ କରୁଥିବା ପୀଡିତା କହିଛନ୍ତି। ବଜରଙ୍ଗ ଦଳର ନିଖିଲ ଶାହଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ହୀରାକୁଦ ଥାନା ଅଧିକାରୀଙ୍କୁ ସାକ୍ଷାତ କରି ଏହି ସମ୍ପର୍କରେ ଅଭିଯୋଗ କରିଛନ୍ତି। ସେପଟେ ଥାନାଧିକାରୀ ସୁବ୍ରତ ପାଣିଗ୍ରାହୀଙ୍କ ସୂଚନା ଦୁଇ ଜଣ ୨୦୧୭ରେ କୋର୍ଟରେ ବିବାହ କରିଥିଲେ। ବିବାହ ପରେ ଦୁଇ ଜଣ ଝାରସୁଗୁଡ଼ାରେ ରହୁଥିଲେ। ଦୁଇ ମାସ ହେବ ସେ ମହିଳଙ୍କୁ ଛାଡିଦେଇଛି। ସେମାନଙ୍କ ଅଭିଯୋଗ ଭିତ୍ତିରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ସେ କହିଛନ୍ତି।

## ସୈନିକ ସ୍କୁଲରେ ଏନ୍‌ସିସି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସମ୍ବଲପୁର,୧୯।୫(ସମିସ)



### କ୍ୟାଡେଟ୍ ଆୟୁଷ୍ମାନ ଓ ସାଗରିକା ଶ୍ରେଷ୍ଠ

ସମ୍ବଲପୁର ଗୋଶାଳା ସ୍ଥିତ ସୈନିକ ସ୍କୁଲ୍ ପରିସରରେ ୫ ଓଡ଼ିଶା ବାଟାଲିୟନ ଏନ୍‌ସିସି ଦ୍ୱାରା ଆୟୋଜିତ ୧୦ ଦିନିଆ ବାର୍ଷିକ ଏନସିସି ପ୍ରଶିକ୍ଷଣ ଶିବିର ପରେଡ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୭୦୦ରୁ ଅଧିକ ଛାତ୍ରଛାତ୍ରୀ ଏନ୍‌ସିସି କ୍ୟାଡେଟ୍ ଯୋଗ ଦେଇଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ସୈନିକ ସ୍କୁଲ୍ ସମ୍ବଲପୁରର ବରିଷ୍ଠ କ୍ୟାଡେଟମାନେ ଅଂଶଗ୍ରହଣ କରି ସେମାନଙ୍କର ଶୃଙ୍ଖଳା ଓ ଉଚ୍ଚକୋଟୀର ଶିକ୍ଷାର ପ୍ରଦର୍ଶନ କରିଥିଲେ। ଶିବିର ଅବଧି ମଧ୍ୟରେ କ୍ୟାଡେଟମାନଙ୍କୁ ଡ୍ରିଲ୍, ଅସ୍ତ୍ରଶସ୍ତ୍ର ଚାଳନା, ମାନଚିତ୍ର ପଠନ, ପ୍ରାଥମିକ ଚିକିତ୍ସା ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ବିଶେଷ କରି ୨୦୨୭ ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ଏବଂ ସର୍ବଭାରତୀୟ ସ୍ତରର ବିଭିନ୍ନ କ୍ୟାମ୍ପ ପାଇଁ ସେମାନଙ୍କୁ ପ୍ରସ୍ତୁତ କରାଯାଇଛି। ଏହା ସହିତ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅଧୀନରେ କ୍ୟାଡେଟମାନେ 'ନିଶାଦ୍ରବ୍ୟକୁ ନା' ଏବଂ 'ମିଶନ ଲାଇଫ୍' ଅଭିଯାନରେ ସାମିଲ ହୋଇଥିଲେ। ଏହି ଅବସରରେ ସର୍ବାଙ୍ଗୀନ ପ୍ରଦର୍ଶନ ପାଇଁ ସମ୍ବଲପୁରର କ୍ୟାଡେଟ୍ ଆୟୁଷ୍ମାନ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଛାତ୍ର କ୍ୟାଡେଟ୍ ଏବଂ ପଦ୍ମପୁରର କ୍ୟାଡେଟ୍ ସାଗରିକା ଯୋଶୀଙ୍କୁ ଶ୍ରେଷ୍ଠ ଛାତ୍ରୀ କ୍ୟାଡେଟ୍ ଭାବେ ଘୋଷଣା କରାଯାଇଥିଲା। ଏଥି ସହିତ ବିଭିନ୍ନ କମ୍ପାନୀ ମଧ୍ୟରେ ଅନୁଷ୍ଠିତ ଡ୍ରିଲ୍, କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି 'ଇକୋ କମ୍ପାନୀ' (ଛାତ୍ରୀ) ଚାମ୍ପିଅନସିପ୍ ହାସଲ କରିଥିଲା। ଉଦଯାପନୀ ସମାରୋହରେ ଏନସିସି ସମ୍ବଲପୁର ଗ୍ରୁପ୍‌ର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ପ୍ରସାଦ କଦମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାଡେଟମାନଙ୍କ ଶୃଙ୍ଖଳା ଜ୍ଞାନ ଏବଂ ଦେଶ ଗଠନ ପ୍ରତି ଥିବା ନିଷ୍ଠାକୁ ଉଚ୍ଚ ପ୍ରଶଂସା କରିଥିଲେ। ଶିବିର ଅଧକ୍ଷ ତଥା ୫ ଓଡ଼ିଶା ବାଟାଲିୟନର କମାଣ୍ଡିଂ ଅଫିସର କର୍ଣ୍ଣେଲ ପ୍ରସୂନ ପଣ୍ଡା କ୍ୟାମ୍ପର ସଫଳତା ପାଇଁ ସେନା ଅଧିକାରୀ, ଏନସିସି ଅଧିକାରୀ ଏବଂ ପ୍ରଶିକ୍ଷକମାନଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ଶୁଭେନ୍ଦୁ

ବିଜେପୁର, ୧୯ ।୫(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳର ରବିନାରାୟଣ ଗୁରୁ ଓ ରତ୍ନମାଳା ଗୁରୁଙ୍କ ପୁତ୍ର ଶୁଭେନ୍ଦୁ ଶେଖର ଗୁରୁ୨୦ ବର୍ଷ ବୟସରେ ସମାଜସେବାମୂଳକ କାମ ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରତ୍ନଭି ଫାଉଣ୍ଡେସନ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସମାଜସେବାମୂଳକ ସଂସ୍ଥା ସହିତ ଯୋଡ଼ି ହୋଇ କାମ କରୁଛନ୍ତି। ସଂସ୍ଥା ମାଧ୍ୟମରେ ଶୁଭେନ୍ଦୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ବିକାଶ ଓ ସାମାଜିକ ସଚେତନତା ଭଳି




କ୍ଷେତ୍ରରେ ନିରନ୍ତର କାର୍ଯ୍ୟରତ ରହିଛନ୍ତି। ଶୁଭେନ୍ଦୁ ଛୋଟବେଳୁ ମେଧାବୀ ଛାତ୍ର ଥିବା ବେଳେ ସମ୍ପ୍ରତି ଏହି ସଫଳତା ଅର୍ଜନ କରି ବିଜେପୁର ତଥା ପଶ୍ଚିମ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସଫଳତା ପାଇଁ ସେ ତାଙ୍କ ବାପା, ମାଆ, ଗୁରୁଜନ ତଥା ରତ୍ନଭି ଫାଉଣ୍ଡେସନର ସମ୍ପାଦକ ଭଗବାନ ଦାଶଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି।

## ନିଳାଞ୍ଚଳ ଦରୁଆନଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା; ୨ ଗିରଫ

ପଦ୍ମପୁର, ୧୯ ।୫(ସମିସ): ବିଜେପି ପଦ୍ମପୁର ନିର୍ବାଚନ ମଣ୍ଡଳୀର ସୋସିଆଲ ମିଡିଆର ସଂଯୋଜକ ନିଳାଞ୍ଚଳ ଦରୁଆନଙ୍କୁ ଗତ ୭ ତାରିଖ ମଧ୍ୟରାତ୍ରରେ କିଛି ଦୁର୍ବୃତ୍ତ ତାଙ୍କ ଘରକୁ ଆସି ତାଙ୍କୁ ଘର ଭିତରୁ ଜୋରଜବରଦସ୍ତ ଉଠାଇ ଆଣି ଏକ ସ୍କର୍ପିଓ ଗାଡିରେ ସିଧା ବଲାଙ୍ଗିର ଜିଲ୍ଲା ନାଁଗା ଜଙ୍ଗଲକୁ ନେଇ ଭୟଭୀତ କରିବା ସହ ଲାଠି ଓ ବାଡିରେ ପ୍ରବଳ ମାଡ଼ ମାରି ଜଙ୍ଗଲ ଭିତରେ ଛାଡି ଦେଇଥିଲେ। କିଛି ଲୋକ ସକାଳେ ନିଳାଞ୍ଚଳକୁ ଉଦ୍ଧାର କରି ତାଙ୍କ ଗାଁ ଘରେ ଆଣି ଛାଡିଥିଲେ। ନିଳାଞ୍ଚଳ ନିଜ ଗ୍ରାମ ସାରଙ୍ଗପୁର କିଛି ଲୋକଙ୍କ ସହ ଆସି ମେଲଛାମୁଣ୍ଡା ଥାନାରେ୭ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ। ରିପୋର୍ଟ ପାଇବା ପରେ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ଘଟଣାର ତନାଘନା ତଦନ୍ତ କରି ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ ବରଗଡ଼ ବିଶିପଡ଼ାର ଆଜାଦ୍ ସାଦରିଆ ଓ ବରପାଲି ମିର୍ଦ୍ଧାପାଲିର ସୁବାଷ ମିର୍ଦ୍ଧାଙ୍କୁ ଗିରଫ କରି ସୋହେଲା କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ବର୍ତ୍ତମାନ ସେମାନେ ସୋହେଲା ଜେଲରେ ଅଛନ୍ତି। ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୁଲିସ ସୂଚନା ଦେବା ସହ ତୁରନ୍ତ ବ୍ୟବହୃତ ସ୍କର୍ପିଓ ଗାଡି ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ବାହାଦୁଲ କଲେତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ ଦାବି

ଝାରବନ୍ଧ, ୧୯ ।୫(ସମିସ): ଝାରବନ୍ଧ ବ୍ଲକ ଅଧୀନ ଚଣ୍ଡୀଭଟା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବସବାସ କରୁଥିବା ୭୨ ବର୍ଷୀୟ ବାହାଦୁଲ କଲେତ ବୟସର ଅପରାହ୍ନରେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ପିଲାଟି ଦିନରୁ ଜଣେ ଦିନମଜୁରିଆ ଶ୍ରମିକ ଭାବେ କଠିନ ପରିଶ୍ରମକରି ନିଜ ଜୀବନ ଚଳାଇ ଆସୁଥିବା ବାହାଦୁଲ ବର୍ତ୍ତମାନ ବୟସର ଆଉ କାମ କରିବାକୁ ସମର୍ଥ ନୁହଁନ୍ତି। ବର୍ତ୍ତମାନ ତାଙ୍କର ଏକମାତ୍ର ଭରସା ହେଉଛି ରାସନ କାର୍ଡରେ ମିଳୁଥିବା କେବଳ ୧୦ କେଜି ଚାଉଳ ଓ ସରକାରଙ୍କ ପକ୍ଷରୁ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା। ରହିବା ପାଇଁ ପକ୍କା ଘର ନ ଥିବାରୁ ବର୍ଷା, ଖରା ଓ ଶୀତ ଭଳି ପ୍ରାକୃତିକ ବିପଦ ସମୟରେ ସେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ପରିସ୍ଥିତିରେ ବାହାଦୁଲ କଲେତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକଘର ଯୋଗାଇଦେବା ସହ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅଧୀନରେ ୩୫ କେଜି ଚାଉଳ ପ୍ରଦାନ କରିବାକୁ ଦାବି ଉଠିଛି। ଏହି ଦାବି ନେଇ ସମାଜସେବୀ ଦୁର୍ବାଦଳ ପ୍ରଧାନ (ସୁଶୀଲ)ଙ୍କ ସହଯୋଗରେ ଆଜି ବାହାଦୁଲ କଲେତ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଭେଟି ନିଜ ଦୁଃଖଦ ଅବସ୍ଥା ବିଷୟରେ ଅବଗତ କରାଇ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ସମାଜସେବୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଥିଲେ ମଧ୍ୟ ଅନେକ ଯୋଗ୍ୟ ଲୋକ ଏପର୍ଯ୍ୟନ୍ତ ସେଥିରୁ ବଞ୍ଚିତ ରହୁଛନ୍ତି। ବାହାଦୁଲ କଲେତଙ୍କ ଭଳି ଅସହାୟ ବୃଦ୍ଧଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦିଆଯିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ବାହାଦୁଲଙ୍କ ଘରକୁ ମୁଁ ନିଜେ ଯିବି ତଦନ୍ତ ପରେ ସମସ୍ତ ସରକାରୀ ସୁବିଧା ପ୍ରଦାନ କରାଯିବ ବୋଲି ବିଡିଓ ଶ୍ରୀ ପଣ୍ଡା କହିଛନ୍ତି।

## ୭ ଜୁନ୍‌ରେ ନ୍ୟାସନାଲ କ୍ୟାନ୍ସର ସର୍ଭାଇଭର୍ସ ଡେ

ବରଗଡ଼, ୧୯ ।୫(ସମିସ): ଆସନ୍ତା ୭ ଜୁନ୍ ୨୦୨୬ ରବିବାର ଦିନ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଫାଇଟର୍ସ ଗ୍ରୁପ ପକ୍ଷରୁ ନ୍ୟାସନାଲ କ୍ୟାନ୍ସର ସର୍ଭାଇଭର୍ସ ଡେ ଉତ୍ସବ ପାଳନ କରାଯିବ। କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ସୋମବାର ଫାଇଟର୍ସ ଗ୍ରୁପ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରୁପର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦର୍ଜୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଚଳିତ ବର୍ଷର ସର୍ଭାଇଭର୍ସ ଡେ ଅବସରରେ କ୍ୟାନ୍ସର ବିଶେଷଜ୍ଞମାନଙ୍କ ଦ୍ୱାରା କ୍ୟାନ୍ସର ଚିକିତ୍ସା, ପ୍ରାରମ୍ଭିକ ଚିହ୍ନଟ ଓ ସଚେତନତା ସମ୍ପର୍କିତ ବିଶେଷ ଆଲୋଚନା କରାଯିବ। ସେହିପରି 'କ୍ୟାନ୍ସର କେୟାର ଭଲ୍ୟୁଣ୍ଟରିଜିମ୍' ପ୍ରସଙ୍ଗକୁ ନେଇ ବିଭିନ୍ନ ସ୍ୱେଚ୍ଛାସେବୀ ବିଶେଷଜ୍ଞମାନଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଆୟୋଜିତ ହେବ। ଚଳିତ ବର୍ଷ ଫାଇଟର୍ସ ଗ୍ରୁପର ସର୍ବମାନ୍ୟ ବିନ୍ଧ୍ୟବାସିନୀ ଷଡ଼ଙ୍ଗୀ କ୍ୟାନ୍ସର ସ୍ୱେଚ୍ଛାସେବୀ ସମ୍ମାନ ସୋହେଲାର ସେକ୍ ମହମ୍ମଦ ଗଜନବିଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏଥିସହ ବ୍ୟତୀତ ଫାଇଟର୍ସ ଗ୍ରୁପର ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ'ଗାଁକୁ ଯିବା'କୁ ସହଯୋଗ କରୁଥିବା ବରଗଡ଼ ଜିଲ୍ଲାର ୧୨ଟି ବ୍ଲକର ବିଭିନ୍ନ କ୍ୟାନ୍ସର ସହଯୋଗୀଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ବୈଠକରେ ଫାଇଟର୍ସ ଗ୍ରୁପର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେଲେଙ୍କାରୀ

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ବରଗଡ଼, ୧୯ ।୫(ସମିସ)

ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଘଟଣାକ୍ରମରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ଅଲେଖ ଘୁଟା ଏବଂ ବିଇଓଙ୍କୁ ଲିଖିତ ଭାବେ ଦାବି ଜଣାଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ୨୦୨୧-୨୨ ଶିକ୍ଷାବର୍ଷଠାରୁ ବିଦ୍ୟାଳୟର ସୁସଙ୍ଗଠିତ ଉପାୟରେ ଚାଲିଆସିଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ ତାରିଖ ୧୫.୯.୨୦୨୫ରେ ଉପଜିଲ୍ଲାପାଳଙ୍କୁ ଭେଟି ପତ୍ର ପ୍ରଦାନ କରାଯାଇଥିଲା। ପରେ ତାରିଖ ୨୨.୯.୨୦୨୫, ତାରିଖ ୮.୧୨.୨୦୨୫ ରେ ଜିଲ୍ଲପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ପୁନର୍ବାର ତାରିଖ ୨୩.୩.୨୦୨୬ ରେ ଜିଲ୍ଲାପାଳଙ୍କ



ଜନଶୁଣାଣି ଶିବିର ଝାରବନ୍ଧରେ ଅଭିଯୋଗ ଦାଖଲ କରାଯାଇଥିଲା। ବରଗଡ଼ ଜିଲ୍ଲାପାଳ ୧୨ ଦିନ ମଧ୍ୟରେ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ତଦନ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ତଦନ୍ତ କରାଯାଇନଥିବା ଅଭିଯୋଗ ହୋଇଛି। ଇତି ମଧ୍ୟରେ +୨ କଲେଜର ୨(ଦୁଇ) ଜଣ ଅଧ୍ୟାପିକାଙ୍କୁ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ଲାଇବ୍ରେରୀଆନ୍ ଚିନ୍ତାମଣି ମିଶ୍ରଙ୍କ ନିର୍ଯାତନା ଦେଇଥିବା ଘଟଣାରେ ଉଭୟଙ୍କ ନାମରେ ଦୁଇଟି ପୃଥକ୍ ମାମଲା ଥାନାରେ ରୁଜୁ ହୋଇଛି। ପୁଲିସ କେସରେ ଅଭିଯୁକ୍ତ ହୋଇ ତାରିଖ ୦୯.୪.୨୦୨୬ ରୁ ତାରିଖ ୧୭.୪.୨୦୨୬ ପର୍ଯ୍ୟନ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ କାରାଗାରରେ ରହି ଜାମିନ ମଞ୍ଜୁର ହୋଇଥିବାର ଜଣାପଡ଼ିଛି। ଏତେ ଦିନ ଧରି ଜେଲରେ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ସସ୍‌ପେଣ୍ଡ କରାଯାଇ ନାହିଁ। ଅନ୍ୟ ଜଣେ ଅଭିଯୁକ୍ତ ଲାଇବ୍ରେରିଆନ୍ ଚିନ୍ତାମଣି ମିଶ୍ର ୧୪.୩.୨୦୨୬ରୁ ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ହେବ ଫେରାର୍ ହୋଇ କଲେଜରେ ଅନୁପସ୍ଥିତ ଅଛନ୍ତି। କଲେଜର ଦୁର୍ନୀତିର ତଦନ୍ତ ଫାଇଲ ଆଗକୁ ନ ଯିବା ଏବଂ ଅଧ୍ୟକ୍ଷ ଏବଂ ଲାଇବ୍ରେରୀଆନଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନ ହେବା ଘଟଣାକୁ ଜିଲ୍ଲାପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇ ପଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଅନୁଷ୍ଠାନର ସୁରକ୍ଷା ପାଇଁ ଝାରବନ୍ଧ ଅଞ୍ଚଳର ଜନସାଧାରଣ ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇ ଥିଲୁ ହେଲେ ସସ୍‌ପେଣ୍ଡ ଆଦେଶ ଆସିନାହିଁ ବୋଲି କହିଛନ୍ତି। କଲେଜରେ ବିରାଟ ଦୁର୍ନୀତି ହୋଇ ଥିବା ବେଳେ ଅଧ୍ୟକ୍ଷ ଏବଂ ଲାଇବ୍ରେରୀଆନ ମୁଖ୍ୟ ନାୟକ ସାଜି କୋଟି କୋଟି ଟଙ୍କା ହରିଲୁଟ କରିଥିବା ଘଟଣା ପୂର୍ବରୁ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନିକ ବୁଝାମଣାରେ ତାହା ପଡ଼ି ରହିଛି। ବର୍ତ୍ତମାନ କଲେଜର କାଗଜପତ୍ର ସଜାଡିବା ପାଇଁ ଜଣେ ଅବସର କିରାଣୀ ଏବଂ ଜଣେ ଅଧ୍ୟାପକଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ବରଗଡ଼ ଜିଲ୍ଲାପାଳ ଉଭୟ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଝାରବନ୍ଧ କଲେଜରେ ତାଲା ବନ୍ଦ ଆନ୍ଦୋଳନ ର ପନ୍ଥା ଗ୍ରହଣ କରିବୁ ବୋଲି ମୋହନ ପ୍ରଧାନ, ଜଗଦୀଶ ସାହୁ, ପ୍ରମୋଦ ବେହେରା, ରୋଶନ ଅଗ୍ରୱାଲ, ରାଜେଶ ପ୍ରଧାନ, ଜୟକୁମାର ନିଗମ, ନିରାକାର ପ୍ରଧାନ ତଥା ଅଞ୍ଚଳବାସୀ କହିଛନ୍ତି।

### ● ଟୋକନ ଓ ଧାନ ବିକ୍ରି ସମସ୍ୟାକୁ ନେଇ ଆନ୍ଦୋଳନ

## ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଗର୍ଜିଲେ ଚାଷୀ





ବରଗଡ଼, ୧୯ ।୫(ସମିସ): ଓଡ଼ିଶାର ଭାତ ହାଣ୍ଡି ଭାବେ ଖ୍ୟାତିଅର୍ଜନ କରିଥିବା ବରଗଡ଼ ଜିଲ୍ଲାର ଚାଷୀମାନଙ୍କ ଧାନ ବିକ୍ରି ସମସ୍ୟା ଅତ୍ୟନ୍ତ ଉତ୍କଟ ଓ ଜଟିଳ। ବାରମ୍ବାର ଚାଷୀ ସଂଗଠନ ପକ୍ଷରୁ ଚାଷ ଛାଡି ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେଉଛନ୍ତି। ଧାନ କିଣାରେ ପାରଦର୍ଶିତା, ସ୍ୱଚ୍ଛତା ଆଣି ଶୋଷଣକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଠାରେ ଆମର ଦାବି ବୋଲି ସଂଗଠନ ର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ମଙ୍ଗଳବାର ଜିଲ୍ଲାର ୧୨ ଟି ବ୍ଲକରୁ ହଜାର ହଜାର ଚାଷୀ ଏକତ୍ରିତ ହୋଇ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତିକୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ଦେଇ ଧାରଣାସ୍ଥଳକୁ ପହଞ୍ଚି ଥିଲେ। ଚାଷୀଙ୍କ ଦାବି ଗତ ଖରିଫ ଋତୁର ଟୋକନରୁ ବଞ୍ଚିତ ମଣ୍ଡିରେ ପଡ଼ିଥିବା ଚାଷୀମାନଙ୍କ ଧାନ ତୁରନ୍ତ କିଣା ଯାଉ।ବାଛ ବିଚାର ନ କରି ପଞ୍ଜିକୃତ ସମସ୍ତ ଜମିର ଟୋକନ ଦିଆଯାଉ। କାର୍ଡ ପ୍ରତି ୭୫ କ୍ୱିଣ୍ଟାଲ ନୁହେଁ ଏକାଥରକେ ପଞ୍ଜିକୃତ ସମସ୍ତ ଜମିର ଟୋକନ ପ୍ରଦାନ କରାଯାଉ। କଟ୍‌ନୀ ଛଟ୍‌ନୀ ବନ୍ଦ କରି ଧାନ ପଡ଼ିବାର ୪୮ ଘଣ୍ଟା ମଧ୍ୟରେ ଧାନ କିଣା ବ୍ୟବସ୍ଥା କରାଯାଉ ବୋଲି ଦାବି କରିଛନ୍ତି।

### ● ଜନଗଣନାରେ ଓବିସିଙ୍କୁ ସାମିଲ ଓ ସଂରକ୍ଷଣ ଦାବି

## କେନ୍ଦ୍ରଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓବିସି ମଞ୍ଚର ସ୍ମାରକପତ୍ର

ପଦ୍ମପୁର, ୧୯ ।୫ (ସମିସ): ଜାତୀୟ ଜନଗଣନାରେ ଅନ୍ୟାନ୍ୟ ପଛୁଆ ବର୍ଗ ବା ଓବିସି (ଓବିସି) ଜାତିଗୁଡ଼ିକୁ ସାମିଲ କରିବା ଏବଂ ମଣ୍ଡଳ କମିଶନଙ୍କ ସୁପାରିଶ ଆଧାରରେ ଉଚିତ ସଂରକ୍ଷଣ ପ୍ରଦାନ ଦାବିରେ ପଦ୍ମପୁରରେ ଓବିସି ମଞ୍ଚ ପକ୍ଷରୁ ପଦ୍ମପୁର ତହସିଲଦାରଙ୍କ



ମାଧ୍ୟମରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମଗ୍ର ଦେଶ ତଥା ରାଜ୍ୟରେ ଓବିସି ସମୁଦାୟର ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୫୨ ପ୍ରତିଶତରୁ ଅଧିକ ରହିଛି। ଶିକ୍ଷା, ସମାଜ ଓ ଅର୍ଥନୀତିର ବିକାଶରେ ଏହି ବୃହତ ସମୁଦାୟର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲେ ହେଁ, ସେମାନେ ନିଜର ପ୍ରକୃତ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଜନଗଣନାରେ ସ୍ପଷ୍ଟ ଜାତିଭିତ୍ତିକ ତଥ୍ୟ ନଥିବାରୁ ଓବିସି ବର୍ଗଙ୍କ ପାଇଁ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବାରେ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଆଗାମୀ ଜନଗଣନାରେ ଓବିସି ତାଲିକାଭୁକ୍ତ ଜାତିଗୁଡ଼ିକୁ ସ୍ୱତନ୍ତ୍ର ଭାବେ ସାମିଲ କରିବାକୁ ମଞ୍ଚ ଦୃଢ଼ ଦାବି କରିଛି।ଏହା ସହିତ, ଐତିହାସିକ ମଣ୍ଡଳ କମିଶନଙ୍କ ରିପୋର୍ଟ ଓ ସୁପାରିଶକୁ ଆଧାର କରି ଓବିସି ସମୁଦାୟ ପାଇଁ ଶିକ୍ଷା ଓ ସରକାରୀ ଚାକିରି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଲାଗୁ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ୫୨ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଏହି ବୃହତ ବର୍ଗକୁ ସେମାନଙ୍କର ନ୍ୟାଯ୍ୟ ଅଧିକାର ପ୍ରଦାନ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଓବିସି ମଞ୍ଚ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରଦୀପ ପ୍ରଧାନ, ସପ୍ତସିନ୍ଧୁ ବଗର୍ତି, ଚିନ୍ତାମଣି ସାହୁ, ଜୟଦେବ ସାହୁ, ଅରୁଣ କୁମାର ଦାନୀ, ଅଶୋକ ଦାନୀ, ଖଗେଶ୍ୱର ବିଶ୍ୱାଳ ସମେତ ଓବିସି ମଞ୍ଚର ସମସ୍ତ ବରିଷ୍ଠ କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ତାରରେ ଲାଗି ରହିଛି ଗଛ

ଝାରବନ୍ଧ, ୧୯ ।୫(ସମିସ): ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ନିକଟରେ ବିଦ୍ୟୁତ୍ ତାର ଉପରେ ଏକ ବଡ଼ ଗଛର ଶାଖା ପଡ଼ି ଲାଗି ରହିଥିବାରୁ



ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି ହୋଇଛି। ଗଛର ଡାଳଗୁଡ଼ିକ ସିଧାସଳଖ ବିଦ୍ୟୁତ ତାର ସହ ସଂସ୍ପର୍ଶରେ ଥିବାରୁ ଯେକୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ବିଶେଷକରି ବର୍ଷା ଓ ଝଡ଼ ବାତାସ ସମୟରେ ବିପଦ ଆହୁରି ବଢ଼ିଯାଉଛି।ସୂଚନା ଅନୁଯାୟୀ, ବିଇଓ କାର୍ଯ୍ୟାଳୟ ପାଖରେ ଥିବା ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ, ଛାତ୍ରଛାତ୍ରୀ, ଅଭିଭାବକ ଓ ସରକାରୀ କର୍ମଚାରୀ ଯାତାୟାତ କରୁଛନ୍ତି। ଫଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେବା ସହ ଯେକୌଣସି ସମୟରେ ତାର ଛିଣ୍ଡି ରାସ୍ତା ଉପରକୁ ପଡ଼ିପାରେ। ସ୍ଥାନୀୟ ବାସିନ୍ଦାମାନେ ବିଦ୍ୟୁତ ବିଭାଗ ଓ ପ୍ରଶାସନଙ୍କୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛର ଡାଳ କାଟି ବିଦ୍ୟୁତ୍ ତାରକୁ ସୁରକ୍ଷିତ କରିବାକୁ ଦାବି କରିଛନ୍ତି।

## ଜବରଦଖଲ ଉଚ୍ଛେଦ ଦାବିରେ ତହସିଲ ଅଫିସ ଘେରଉ

ଅମ୍ବାଭୋନା, ୧୯ ।୫(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ତହସିଲ ବଡ଼ମାଲ ଗ୍ରାମରେ ସରକାରୀ ଜମି ଓ ପୋଖରୀ ହିଡ଼ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ ଦାବିରେ ମଙ୍ଗଳବାର ଗ୍ରାମବାସୀ ଅମ୍ବାଭୋନା ତହସିଲ ଅଫିସ ଘେରଉ କରିଥିଲେ। ଗ୍ରାମର ୱାର୍ଡ ମେମ୍ବର ପ୍ରେମାନନ୍ଦ ଭୁଏଙ୍କ ନେତୃତ୍ୱରେ ଗ୍ରାମବାସୀ ତହସିଲଦାର ରଘୁନାଥ ପାଣିଗ୍ରାହୀଙ୍କୁ ଭେଟି ଶୀଘ୍ର ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଥିଲେ।ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବଡ଼ମାଲଗ୍ରାମର କିଛି ସରକାରୀ ଜମି ଓ ପୋଖରୀ ହିଡ଼ ଉପରେ ବହୁ ଦିନ ଧରି କିଛି ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଏନେଇ ଗତ ୪ ତାରିଖରେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ ଦିଆଯାଇଥିଲା। କିନ୍ତୁ ଦୀର୍ଘଦିନ



ବିତିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସଠିକ୍ ପଦକ୍ଷେପ ଗ୍ରହଣ ନ କରାଯାଇଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ।ଅଭିଯୋଗ ହୋଇଛି ଯେ, ଜବର ଦଖଲକାରୀମାନେ ପୋଖରୀ ହିଡ଼ ଚାରିପାଖରେ ବାଉଁଶ ବାଡ଼ ଦେଇ ରାସ୍ତାକୁ ଅବରୋଧ କରି ରଖିଛନ୍ତି। ଫଳରେ ସାଧାରଣ ଲୋକଙ୍କ ଯାତାୟାତ ସହ ଟ୍ରାକ୍ଟର ଚଳାଚଳରେ ମଧ୍ୟ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ଏହା ସହ ସରକାରୀ ପୋଖରୀରେ ମୋଟର ପମ୍ପ ଲଗାଇ ପାଣିକୁ ବ୍ୟକ୍ତିଗତ ଚାଷ କାମରେ ବ୍ୟବହାର କରାଯାଉଥିବା ନେଇ ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଘଟଣାକୁ ଗୁରୁତ୍ୱର ସହ ନେଇ ତହସିଲଦାର ରଘୁନାଥ ପାଣିଗ୍ରାହୀ ଗ୍ରାମବାସୀଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ସପ୍ତାହ ମଧ୍ୟରେ ଜମି ମାପ, ଚିହ୍ନଟ ଓ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀମାନେ ତହସିଲ ଅଫିସରୁ ଫେରିଥିଲେ।ତେବେ ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ବଡ଼ମାଲ ଗ୍ରାମବାସୀ ପ୍ରଶାସନକୁ ଲିଖିତ ଭାବେ ଚେତାବନୀ ଦେଇଛନ୍ତି।

## ଭାଷା କ୍ଷେତ୍ରରେ ସମନ୍ୱୟର ସୂତ୍ରଧର ହେଉଛି ବରଗଡ଼ ଜିଲ୍ଲା

# ଫି' ମାସ ଗୁଟେ ଦିନ କାର୍ଯ୍ୟକ୍ରମ

ବରଗଡ଼, ୧୯ ।୫(ସମିସ): ପଶ୍ଚିମ ଓଡ଼ିଶାବାସୀଙ୍କ ଭାଷା ହେଉଛି ଏକ ଓ ଅଭିନ୍ନ। ଏହାର ନାମକରଣରେ ଭିନ୍ନତା ରହିଥିଲେ ମଧ୍ୟ ବରଗଡ଼ ଜିଲ୍ଲାରେ ଏଥିପାଇଁ କୌଣସି ମତାନ୍ତର ଘଟିନାହିଁ। ସମସ୍ତଙ୍କ ଆବେଗକୁ ସମ୍ମାନ ଦେବାପୂର୍ବକ ଏକଜୁଟ ହୋଇ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ କରିବା ଦିଗରେ ବରଗଡ଼ ଜିଲ୍ଲାର ଭାଷା କର୍ମୀ କାର୍ଯ୍ୟ କରିଆସୁଛନ୍ତି। ଏ ଦିଗରେ ଦୀର୍ଘ ଚାରି ଦଶନ୍ଧି ହେଲା ଉଦ୍ୟମ ଜାରି ରଖିଥିବା ସମ୍ବଲପୁରୀ ସାହିତ୍ୟ ପରିଷଦର ଭୂମିକା ଗୁରୁତ୍ୱପୂର୍ଣ ଅଟେ ବୋଲି ଅନୁଷ୍ଠାନର ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାରରେ ଆୟୋଜିତ କାର୍ଯ୍ୟକ୍ରମ ଫି ମାସ ଗୁଟେ ଦିନ, ସାହିତ୍ୟ ଭିତରେଁ ହେମାଲିନ ର ବର୍ଷପୂର୍ତ୍ତି ଉପଲକ୍ଷେ ଚଳିତ ମାସ ଜନ୍ମଦିନ ପଡୁଥିବା ଦିବଂଗତ ସାରସ୍ୱତ ସାଧକ ପ୍ରକୃତିବନ୍ଧୁ ରାମଚନ୍ଦ୍ର ଆଚାର୍ଯ୍ୟ, କବି କେଶବ ଚନ୍ଦ୍ର ମେହେର ଓ ଭାଷାବିତ ହୃଦମଣି ପ୍ରଧାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ସଭାରେ ଉପସ୍ଥିତ ଥିବା ଗୀତିକାର ଦୁର୍ଗାମାଧବ ପଣ୍ଡା, କବି ନୀତିଶ ଚନ୍ଦ୍ର ଆଚାର୍ଯ୍ୟ, ଦିଲ୍ଲୀପ କୁମାର ଦେବତା, ଲଳିତ କୁମାର ସାହୁ ଶେଖ ଜଲିଲ, ମହେନ୍ଦ୍ର ସେଠ. ଗୌରଚରଣ ସା, ରଞ୍ଜିତ ପ୍ରଧାନ, ମକରଧ୍ୱଜ ସାହୁ, ଅର୍ଜୁନ ସାହୁ, ଗଣେଶ ପ୍ରଧାନ, ଜଗଦୀଶ ବେହେରା ଓ ସହଦେବ ମେହେରଙ୍କୁ ପୁଷ୍ପମାଲ୍ୟ ଓ ଉପାୟନ ପ୍ରଦାନ କରାଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସମ୍ବଲପୁରୀ ସାହିତ୍ୟ ପରିଷଦର ସଭାପତି ଔପନ୍ୟାସିକ ଧନପତି ମହାପାତ୍ରଙ୍କ ଅଧ୍ୟକ୍ଷତା ତଥା ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏବଂ ଅବିଭକ୍ତ ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ ସୁନ୍ଦରଗଡ଼ ସହିତ ପଡୋଶୀ ଛତିଶଗଡ଼ ରାଜ୍ୟର ଭାଷା କର୍ମୀଙ୍କ ଉପସ୍ଥିତିରେ ଆୟୋଜିତ ଉକ୍ତ ସମାବେଶକୁ ସଂଗଠକ ଉତ୍ପନ୍ନ କୁମାର ଭୋଇ ପରିଚାଳନା କରିଥିଲେ।

ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଡ.ରବୀନ୍ଦ୍ର କୁମାର ଗଡ଼ତିଆ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ରାମଚନ୍ଦ୍ର ସାହୁ ଯୋଗଦେଇ ପ୍ରତିଭାମାନଙ୍କ ସାଧନା ଓ କୃତି ଉପରେ ଆଲୋକପାତ କରିବା ସହିତ ହୃଦମଣି ସ୍ମାରକୀବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଥମ କଳାପଟା ସାହିତ୍ୟ ବାଟୁଆ ବାସ, ଘେଁସ ର ପ୍ରତିଷ୍ଠାତା ଡ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କୁ ଭାଷାର ଧରସା ସମ୍ମାନ, ଗବେଷକ ତଥା ହୃଦମଣି ପ୍ରଧାନଙ୍କ ଭାଷା ବିଚାର ପ୍ରତି ସମର୍ପିତ ଡ. ସୁବାସ ମେହେରଙ୍କୁ ହୃଦମଣି ସ୍ମୃତି ସମ୍ମାନ ତଥା ପ୍ରଧାନ ପରିବାରର ଉତ୍ତର ଦାୟାଦ ଅସୀମ ଓ ଶୀର୍ଷାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଥାକାର ତେଜରୁ ବାରିକ ସ୍ୱାଗତ ଭାଷଣ, ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସମାବେଶରେ ଡ. ଗୋବର୍ଦ୍ଧନ ସାହୁ, କବି ଗୌରଚରଣ ପ୍ରଧାନ, ବିନୋଦିନୀ ପ୍ରଧାନ, ଲୋଭା ପ୍ରଧାନ, ଅନ୍ନପୂର୍ଣ୍ଣା ମହାପାତ୍ର, ପୁଷ୍ପାଞ୍ଜଳି ପଣ୍ଡା, ସନ୍ତୋଷିନୀ ନାଗ, ସାମ୍ବାଦିକ ସୁରେନ୍ଦ୍ର ହୋତା, ଅଶୋକ କୁମାର ପୁଜାହାରୀ, ସାହିତ୍ୟିକ ନରେନ୍ଦ୍ର ମହାନ୍ତି, ଧ୍ରୁବଚରଣ ପ୍ରଧାନ, ଡ.ନାରାୟଣ ଭୋଇ, ଡ. ଶେଷନ ବିଶି, ମୁନିରାମ କୁମ୍ଭାର, ହରିଲାଲ ସାହୁ, ରାମପ୍ରସାଦ ବାଗ ପ୍ରମୁଖ ସମସ୍ତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କବି ସୁଶାନ୍ତ ଭୁସାଗର, ଲକ୍ଷ୍ମଣ ମଲ୍ଲିକ, ଗୁଣନିଧି ଭୋଇ, ସୁବାସ ମେହେର, କୁମୁଦ ବାରିକ, ଲଳିତ ବାରିକ, ଗୋପାଳ ଭେସ୍ରା, ଯୋଗେଶ୍ୱର ତାଣ୍ଡି, ମାରଖୁଲୁ ହରିପାଲ, ମନୋହର ସାହୁ ଓ ମାନସ ରଞ୍ଜନ ଦାଶ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସଂଗଠକ ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତଦେହ ନେବାକୁ ଅପେକ୍ଷା

# ଘରେ ଶୋଇଥିଲେ ଶବବାହକ

ବରଗଡ଼, ୧୯ ।୫(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରଗଡ଼ରେ ମଙ୍ଗଳବାର ଦିନ ଏକ ଅତ୍ୟନ୍ତ ଦୁଃଖଦ ଓ ଅମାନବୀୟ ଚିତ୍ର ସାମ୍ନାକୁ ଆସିଛି। ହସ୍ପିଟାଲ ପରିସରରେ ଶବବାହକ ଗାଡ଼ି ଛିଡା ହୋଇଥିବା ସତ୍ତ୍ୱେ ଡିଉଟିରେ ଥିବା ଗାଡ଼ି ଚାଳକ ଉପସ୍ଥିତ ନଥିଲେ। ଫୋନ୍ କରିବା ପରେ ସେ ନିଜ ଘରେ ଶୋଇଥିବା କଥା ଜଣାପଡ଼ିଥିଲା।ଏପଟେ ଶୋକାକୁଳ ପରିବାର ଲୋକେ ନିଜ ପ୍ରିୟଜନଙ୍କ ମୃତଦେହକୁ ଘରକୁ ନେବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିଲେ। ଶେଷରେ ନିରୁପାୟ ହୋଇ ସେମାନେ ପ୍ରାଇଭେଟ



ଗାଡ଼ି ଭଡା କରି ମୃତଦେହକୁ ନେବାକୁ ବାଧ୍ୟ ହେଲେ। ଏହା କେବଳ କର୍ତ୍ତବ୍ୟରେ ଅବହେଳା ନୁହେଁ, ଏହା ମାନବିକତା ପ୍ରତି ଏକ ଗଭୀର ଆଘାତ। ଯେଉଁ ସମୟରେ ଗୋଟିଏ ପରିବାର ନିଜ ଆତ୍ମୀୟଙ୍କୁ ହରାଇ ଅସହାୟ ଅବସ୍ଥାରେ ଥାଏ, ସେହି ସମୟରେ ଏପରି ଅବହେଳା ସେମାନଙ୍କ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଉଛି। ସରକାରୀ ସେବା ଲୋକଙ୍କ ସୁବିଧା ପାଇଁ ନା କି ଲୋକଙ୍କୁ ହଇରାଣ କରିବା ପାଇଁ ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ଏପରି ଘଟଣା

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କରୁଣ ଚିତ୍ର

ସାଧାରଣଲୋକଙ୍କ ଭରସାକୁ ଧ୍ୱଂସ କରୁଛି। ଘଟଣାର ତୁରନ୍ତ ତଦନ୍ତ କରାଯାଇ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କଠୋର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି।

## ସାଇ କ୍ରିଷ୍ଣା ବୃଦ୍ଧ ଆଶ୍ରମର ପ୍ରତିଷ୍ଠା ଦିବସ

ବରଗଡ଼, ୧୯ ।୫(ସମିସ): ବରଗଡ଼ ସହରର ବିଜୁ ପଟ୍ଟନାୟକ ଟାଉନ ହଲରେ ସାଇ କ୍ରିଷ୍ଣା ବୃଦ୍ଧ ଆଶ୍ରମର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃଦ୍ଧମାନଙ୍କ ସେବା ଓ ସମାଜ ପ୍ରତି ଆଶ୍ରମର ଅବଦାନକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ବୃଦ୍ଧମାନଙ୍କ ଯତ୍ନ ନେବା ସମସ୍ତଙ୍କ ନୈତିକ ଦାୟିତ୍ୱ ଓ ଏପରି ସଂସ୍ଥା



ସମାଜ ପାଇଁ ପ୍ରେରଣାଦାୟକ।କାର୍ଯ୍ୟକ୍ରମରେ ଆଡ଼ଭୋକେଟ ଶ୍ୟାମ ସୁନ୍ଦର ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୃଦ୍ଧମାନଙ୍କ ସମସ୍ୟା, ସମ୍ମାନ ଓ ସେବାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଅଶୋକ ଜଲାନ ଓ ଡାକ୍ତର ଅରୂପା ନନ୍ଦ ସାହୁ ଯୋଗଦେଇ ଆଶ୍ରମର ସେବାମୂଳକ କାର୍ଯ୍ୟକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସତ୍ୟଜିତ ଦାଶ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ଦିବାକର ମାଝୀ, ଭକ୍ତ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଆଶ୍ରମକୁ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟ, ସଂସ୍କୃତି ଓ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶେଷରେ ଆଶ୍ରମର ସଭାପତି ସୁଷମା ମହାରଣା ଧନ୍ୟବାଦ ଦେଇଥିଲେ।

## ସରକାର ବଦଳିଲା ପରେ ଅଟକିଗଲା କାମ

# ଗଡୁଛି ସମୟ, ବଢୁଛି ଅସନ୍ତୋଷ

ବଲାଙ୍ଗିର,୧୯ ।୫(ସମିସ)



ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ କୁଟାସିଂହା ଅଞ୍ଚଳରୁ ଉଭୟ ବଲାଙ୍ଗିର-ସୁବର୍ଣ୍ଣପୁର ଜିଲ୍ଲାକୁ ଯୋଡିବାକୁ କୁଟାସିଂହା-କପାଶିରା ମଧ୍ୟରେ ପ୍ରବାହିତ ଅଙ୍ଗନଦୀ ଉପରେ ୨୦୧୯ରେ ଏକ ସୁଉଚ୍ଚ ସେତୁ ନିର୍ମାଣ କାମ ଆରମ୍ଭ ହୋଇଥିଲା। ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ନିର୍ମାଣକାରୀ ସଂସ୍ଥା ଆଶୀର୍ବାଦ କନଷ୍ଟ୍ରକସନ ନିର୍ମାଣ କାମ କରୁଥିଲା। ଏହି ବ୍ରିଜ ୨୦୨୪ ମାର୍ଚ୍ଚ ୩ ତାରିଖ ସୁଦ୍ଧା ସରିବ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା; କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ସପୂର୍ଣ୍ଣ ହୋଇନାହିଁ। ୨୦୨୩ ଅଗରୁ ସମ୍ପୃକ୍ତ ଠିକାଦାର ନିର୍ମାଣ କାମ ଅଧାରେ ଛାଡି ଛୁ। ତେବେ ସମ୍ପୃକ୍ତ ସଂସ୍ଥା କାହିଁକି କାମ ଅଧାରେ ବନ୍ଦ କରିଲା, ଏଥିପାଇଁ ବିଭାଗୀୟ ନିର୍ଦ୍ଦେଶ ରହିଥିଲା ନ ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ଏହା ବଲାଙ୍ଗିର ଜିଲ୍ଲାର ଉପାନ୍ତ ଅଞ୍ଚଳ ହୋଇଥିବାରୁ ଜିଲ୍ଲା ପ୍ରଶାସନ, ବିଭାଗୀୟ କର୍ତ୍ତୃପକ୍ଷ ଓ ନିର୍ବାଚିତ ଲୋକ ପ୍ରତିନିଧି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଅଙ୍ଗ ନଦୀ ଉପରେ ସେତୁ କାମ ପ୍ରାୟ ସରି ଯାଇଥିଲେ ହେଁ ସେତୁ ସଂଲଗ୍ନ ଉଭୟ ପାଶ୍ୱର୍ ରାସ୍ତା କାମ ବାକି ରହିଛି। କାମ ସାରିବାକୁ ବିଭାଗୀୟ ଆନ୍ତରିକତା ନ ଥିବା ଅଭିଯୋଗ ହୋଇଛି। ଏହି ବ୍ରିଜ ସମ୍ପୂର୍ଣ୍ଣ ହେଲେ ବଲାଙ୍ଗିର ସୋନପୁର ଜିଲ୍ଲାର ଜନ ସାଧାରଣ ଉପକୃତ ହେବେ।

ବିଶେଷ କରି ସାଲେଭଟା, ପଟୁଆପାଲି, ଯୋଗୀସର୍ଡା, ବାଦିବାହାଲ, ମୁର୍ଷୁଣ୍ଡି, କପାସିରା, ଜୁଲୁଣ୍ଡା, ଲଛିପୁର, ଦିଗଶିରା ପଞ୍ଚାୟତ ଏବଂ ଆଗଲପୁର ବ୍ଲକ୍, ଲୋଇସିଂହା ବ୍ଲକ, ସୋନପୁର ବ୍ଲକ୍, ବିନିକା ବ୍ଲକ୍, ଡୁଙ୍ଗୁରିପାଲି ବ୍ଲକ୍ ବଲାଙ୍ଗିର ଜିଲ୍ଲା ଓ

- କୁଟାସିଂହା-କପାଶିରା ଅଙ୍ଗ ନଦୀ ସେତୁ କାମ ବନ୍ଦ
- ବଲାଙ୍ଗିର-ସୋନପୁର ମଧ୍ୟରେ ସଂଯୋଗ ସହଜ ହେବ
- ୨୦୧୯ରେ ମିଳିଥିଲା ମଞ୍ଜୁରୀ
- ୨୦୨୪ ମାର୍ଚ୍ଚ ୩ ତାରିଖ ସୁଦ୍ଧା ସରିବାର ଥିଲା

ସୋନପୁର ଜିଲ୍ଲାକୁ ସିଧାସଳଖ ସୁବିଧା ହେବ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏନେଇ ବାରମ୍ବାର ସ୍ଥାନୀୟ ଜନପ୍ରତିନିଧି, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଏନେଇ ଲୋକେ ଅସନ୍ତୋଷ ପ୍ରକାଶ କଲେ ତୁରନ୍ତ କାମ ଆରମ୍ଭ ହେବ ବୋଲି କହି ଲୋକଙ୍କୁ ପ୍ରଶାସନ ଭୁଆଁ ବୁଲାଉଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବା ଏହି ବ୍ରିଜ କେବେ ସମ୍ପୂର୍ଣ୍ଣ ହେବ ଓ ଲୋକେ ଏହାକୁ ବ୍ୟବହାର କରିବେ ତାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଯେଉଁ ଲକ୍ଷ୍ୟ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହି ବ୍ରିଜ ପାଇଁ ଅନୁଦାନ ଦେଇଥିଲେ ନୂତନ ସରକାର ଆସିବା ପରେ ଉଦ୍ଦେଶ୍ୟମୂଳକ ଭାବେ ଅଟକାଇ ରଖିଥିବା ଅଭିଯୋଗ ହୋଇଛି।

## ମଧ୍ୟରାତ୍ରି ଚଢ଼ଉ
# ବାଲି ମାଫିଆ ମାଫିଆ ଛାନିଆ



ବଲାଙ୍ଗିର,୧୯ ।୫(ସମିସ): ବଲାଙ୍ଗିର ଜିଲ୍ଲାରେ ଅବୈଧ ବାଲି ଖନନ ଓ ଚାଲାଣ ବିରୋଧରେ ଜିଲ୍ଲାପାଳ ଓ ଏସପିଙ୍କ ନେତୃତ୍ୱରେ ବଡ ଧାରଣର ଚଢଉ କରାଯାଇଛି। ଅବୈଧ ବାଲି ଖନନ ଓ ପରିବହନ ସମ୍ପର୍କରେ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସଡିପିଓ ଏବଂ ବିଭିନ୍ନ ଥାନାର ଆଇଆଇସିଙ୍କ ନେତୃତ୍ୱରେ ଅନେକ ଟିମ୍ ଗଠନ କରାଯାଇଥିଲା। ଏହି ମିଳିତ ଚଢ଼ାଉ ଅଭିଯାନ ସମୟରେ ଜିଲ୍ଲାର ବିଭିନ୍ନ ବାଲିଘାଟରେ ଚଢଉ କରାଯାଇଛି। ମୋଟ ୧୦ଟି ବାଲି ବୋଝେଇ ହାଇୱା, ଗୋଟିଏ ଟିପ୍ପର, ୩ଟି ବାଲି ବୋଝେଇ ଟ୍ରାକ୍ଟର ଏବଂ ୨ଟି ଜେସିବି ମେସିନ ଜବତ କରାଯାଇଛି। ଏହି ଘଟଣାରେ ମୋଟ ୮ଟି ମାମଲା ରୁଜୁ ହୋଇଛି ୧୪ ଜଣଙ୍କୁ ଅଟକ ରଖାଯାଇଛି। ପୁଇଁତଲା ଥାନା ଅଧୀନ ରାଣୀସରଡା ବାଲିଘାଟରୁ ୫ଟି ବାଲି ବୋଝେଇ ହାଇୱା ଏବଂ ଗୋଟିଏ ଜେସିବି ଜବତ ହୋଇଛି। ସଦର ଥାନା ଗର୍ଜନ ବାଲିଘାଟରୁ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି।

### ୧୪ ଅଟକ, ୧୭ ଗାଡି ଓ ୨ ଜେସିବି ଜବତ

ସେହିପରି ଲୋଇସିଂହା ଥାନା ଅଞ୍ଚଳର ଫାସଡ ବାଲିଘାଟ ଓ ସାଲେଭଟା ଚଣ୍ଡୀମନ୍ଦିର ବାଲିଘାଟରୁ ଗୋଟିଏ ହାଇୱା, ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ମେସିନ ଜବତ ହୋଇଛି। ଆଗଲପୁର ଥାନା ଅଞ୍ଚଳରୁ ୩ଟି ହାଇୱା, ସଇଁତଳା ଥାନା କୁମ୍ଭାରୀ ବାଲିଘାଟରୁ ଗୋଟିଏ ଟିପ୍ପର ଏବଂ ଟିଟିଲାଗଡ଼ ଥାନା ମହଦା ବାଲିଘାଟରୁ ଗୋଟିଏ ହାଇୱା ଜବତ କରାଯାଇଛି। ଜିଲ୍ଲା ପ୍ରଶାସନ ଓ ପୁଲିସର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ପରେ ବାଲି ମାଫିଆଙ୍କ ମଧ୍ୟରେ ଛନକା ପଶିଛି।

# ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ ବଲାଙ୍ଗିର ପ୍ରତିଯୋଗୀଙ୍କ ସଫଳତା

ବଲାଙ୍ଗିର,୧୯ ।୫(ସମିସ): ରାଜ୍ୟ ସ୍ତରୀୟ ସନ୍ତରଣ ପ୍ରତିଯୋଗୀତାରେ ବଲାଙ୍ଗିର ଜିଲ୍ଲାର ଖେଳାଳିମାନେ ଉତ୍ତମ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି; ଯାହାକି ଜିଲ୍ଲା ପାଇଁ ଗୌରବର ବିଷୟ ହୋଇଛି। ଏହି ଖେଳାଳିମାନଙ୍କୁ ଜିଲ୍ଲା ସନ୍ତରଣ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଲାଙ୍ଗିର ଜିଲ୍ଲା ସନ୍ତରଣ ସଂଘ ପକ୍ଷରୁ ୧୭ ଜଣ ପ୍ରତିଯୋଗୀ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ସନ୍ତରଣଗାରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ତରଣରେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ସୌରଭ ପୁଟେଲ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ସହ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ୱାଗତ ସେଠ ଗୋଟିଏ ରୌପ୍ୟ, ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ସେହିପରି ଦୟାସାଗର କଠାର ଗୋଟିଏ ରୌପ୍ୟ ଏବଂ ୪୦୦ ମିଟର ରିଲେରେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉପ ଜିଲ୍ଲାପାଳ ଆଲୋକ ପଟେଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ହରିଓମ ଶମ୍ଭୁନାରାୟଣ ଦାସ, ସ୍ପୋର୍ଟ୍ସ ହଷ୍ଟେଲ ଇନଚାର୍ଜ ପରାସର ବାଗ, ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, କୋଚ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ସୀମା ରାଉତ, ଶୈଳେନ୍ଦ୍ରୀ ବଗର୍ତ୍ତୀ, ତରୁଣ ସେଠ, ପୂର୍ଣ୍ଣ ବିଶି ପ୍ରମୁଖ ଏମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ରାସ୍ତା ଉଜାଡ଼ିଦେଲା ଜଳ ଯୋଗାଣ ବିଭାଗ



### ପାଇପ୍ ବିଛାଇବାକୁ ଫେବର ବ୍ଲକ୍ ଭାଙ୍ଗିଦେଲେ ଠିକାଦାର
### ରାସ୍ତା ସାରା ଖାଲ, ମରାମତି କରାଯାଉନି

କଣ୍ଟାବାଞ୍ଜି,୧୯ ।୫(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଜଳ ଯୋଗାଣ ବିଭାଗ ରାସ୍ତା ଉଜାଡି ଦେଇଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟକଳାପ ଚାଲିଛି। କଣ୍ଟାବାଞ୍ଜି ଏନଏସି ଅଞ୍ଚଳରେ ଥିବା ଲକ୍ଷ ଲକ୍ଷ ଟଙ୍କାର ଫେବର ବ୍ଲକକୁ ନଷ୍ଟ କରି ଦିଆଯାଇଛି।

ଟେଣ୍ଡର ଜରିଆରେ ସ୍ଥାନୀୟ ଦୁଇ ଜଣ ଠିକାଦାର ମେଗା ପ୍ରକଳ୍ପ ଯୋଜନା କାମ କରୁଛନ୍ତି। ଅଗ୍ନିଶମ ବିଭାଗ କାର୍ଯ୍ୟାଳୟଠାରୁ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ପର୍ଯ୍ୟନ୍ତ ବିସୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପାଇପ୍ ବିଛା କାମ ସରିଛି। ନୂଆପଡ଼ା ଜିଲ୍ଲାର ଏକ ଠିକା ସଂସ୍ଥା ୨କୋଟି ଟଙ୍କାର ଏଡି ପ୍ରକଳ୍ପ କାମ ନେଇଛି। ତେବେ ରାସ୍ତା ପାର୍ଶ୍ୱରେ ଚାଲିଥିବା ଏହି କାମରେ ଜେସିବି ସାହାଯ୍ୟରେ ଖୋଳି ପାଇପ୍ ବିଛା ହୋଇଛି। ରାସ୍ତା ସାରା ଥିବା ଫେବର ବ୍ଲକ୍ ଉପାଡି ଦିଆଯାଇଛି। ଏହାକୁ ନେଇ ଜଳ ଯୋଗାଣ ଯନ୍ତ୍ରୀ ପ୍ରଦୀପ ମହାକୁଡ଼ଙ୍କୁ ପଚାରିବାରୁ ରାସ୍ତା ମରାମତି ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେରେ ୨ ମାସରୁ ଅଧିକ ହେଲା ରାସ୍ତାରେ ଖାଲ କରି ଠିକାଦାର ମରାମତି କରୁ ନାହାନ୍ତି। ଏହାଫଳରେ ଅନେକ ଲୋକ ଦୁର୍ଘଟଣା ଗସ୍ତ ହେଉଛନ୍ତି। ସେହିପରି ଠିକାଦାର ନିମ୍ନମାନର କାମ କରୁଥିବା ମଧ୍ୟ ଅଭିଯୋଗ ଆସୁଛି।

## ● ଭଇଁଷା ପେକ୍ସରେ ଚଢ଼ଉ
# ଚାପିଦେଲେ ତଦନ୍ତକାରୀ ଦଳ



ପାଟଣାଗଡ଼,୧୯ ।୫ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଭଇଁଷା ପେକ୍ସରେ ପ୍ରଶାସନ ଚଢଉ କରିଛି। ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ ମେହେରଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ପାଟଣାଗଡ ଏଆରସିଏସ, ପୁଲିସ ଓ ଅତିରିକ୍ତ ଜିଲ୍ଲାପାଳ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ପେକ୍ସରେ ୧୦୩ ବସ୍ତା ଧାନ ଗଚ୍ଛିତ ଥିଲା। ତଦନ୍ତ ବେଳେ ପେକ୍ସ ସମ୍ପାଦକ କହିଥିଲେ ଯେ ମହଜୁଦ ଥିବା ଧାନ ପେକ୍ସ ସଭାପତି ହିମାଂଶୁ ବେହେରା ରଖିଛନ୍ତି। ଏଣୁ ତୁରନ୍ତି ଏହି ଧାନ ଉଠାଇନେବାକୁ ତଦନ୍ତକାରୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ସଙ୍ଗେ ସଙ୍ଗେ ପେକ୍ସ ସଭାପତି ମଧ୍ୟ ଧାନ ନେଇ ଯାଇଥିଲେ। ତେବେ ଉପଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ ଆଣିଥିବା ଭଇଁଷା ଗାଁର ଜ୍ୟୋତି ପଟେଲ କହିଛନ୍ତି ଯେ ରବି ମଣ୍ଡି ପୂର୍ବରୁ ପେକ୍ସରେ ବେଆଇନ

### ସଭାପତି ରଖିଥିଲେ ୧୦୩ ବସ୍ତା ଧାନ

ଧାନ ମହଜୁଦ ଥିବା ପ୍ରମାଣ ସତ୍ତ୍ୱେ ପ୍ରଶାସନ ମାମଲାକୁ ଚାପିଦେଲା। ତାହା ପେକ୍ସ ସଭାପତିଙ୍କ ଧାନ ବୋଲି କ୍ଷମା କରି ଦିଆଗଲା। ଏହା ଜବତ କରାଯାଇ ଥାନାରେ ମାମଲା ହେବା କଥା; କିନ୍ତୁ ତାହା କରା ନ ଯାଇ ମାମଲା ରଫାଦଫା କରାଯାଇଥିବା ସେ ଅଭିଯୋଗ ଆଣିଛନ୍ତି। ତେବେ ଉପଜିଲ୍ଲାପାଳଙ୍କୁ ରିପୋର୍ଟ ଦିଆଯିବ। ସେ ଯାହା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଏଆରସିଏସ କହିଛନ୍ତି।

# ଛତରଙ୍ଗରେ କନ୍ଧ ସମାଜର ବୈଠକ



କଣ୍ଟାବାଞ୍ଜି,୧୯ ।୫(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଜୁରାବନ୍ଧ ପଞ୍ଚାୟତ ଛତ୍ରଙ୍ଗରେ କନ୍ଧ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠନର ଜିଲ୍ଲା ଉପଦେଷ୍ଟା ଆର୍ତ୍ତତ୍ରାଣ ଭୋଇଙ୍କ ନେତୃତ୍ୱରେ ଏଡି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂଗଠନର ଜିଲ୍ଲା ସଭାପତି ସୁରେଶ ଭୋଇ ଯୋଗ ଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଡିଙ୍ଗର ଭୋଇ, ଜଗଦୀଶ ସିଂ ଭୋଇ, କପିଳାସ ଭୋଇ, ମିନିକେତନ ପାତ୍ର, ଉପଦେଷ୍ଟା, ଲଳିତ ଯାନୀ, ହାଡିବନ୍ଧୁ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଅଭି ପୂଝରୀ, ନନ୍ଦିକିଶୋର ମାଝୀ, ପକ୍ଷୀ ରାଜ ଭୋଇ, କୁଶ ଭୋଇ, କୈଳାସ ଭୋଇ ସହଯୋଗ କରିଥିଲେ। ଡମ୍ବରୁଧର କୁଆଁର ମଞ୍ଚ ସଂଚାଳନ କରି ଥିବା ବେଳେ ଧରଣୀ ଭୋଇ ସଭା ସାଙ୍ଗ କରିଥିଲେ।

## ■ କମେଇମୁଣ୍ଡା ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ ଘଟଣା
# ମୁହଁ ଖୋଲିଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ

କଣ୍ଟାବାଞ୍ଜି,୧୮ ।୫(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକଉ କମେଇମୁଣ୍ଡା ଜଙ୍ଗଲ ଅଞ୍ଚଳରେ ୫ କୋଟି ଟଙ୍କା ଖର୍ଚ୍ଚ କରି ଏକ ରାସ୍ତା ନିର୍ମାଣ ହେଉଛି। ହାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏ ନେଇ ଦୈନିକ ‘ସକାଳ’ରେ ଲଗାତାର ଖବର ପ୍ରକାଶ ପାଇବା ପରେ କଣ୍ଟାବାଞ୍ଜି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ପ୍ରଦୀପ ଲାଲ ମୁହଁ ଖୋଲିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ବେଆଇନ ନୁହେଁ; ବରଂ ସରକାରୀ ନିୟମ ଓ ଟେଣ୍ଡର ପ୍ରକ୍ରିୟା ଅନୁଯାୟୀ ଚାଲିଛି ବୋଲି ସଫେଇ ଦେଇଛନ୍ତି। ବଲାଙ୍ଗୀର ଗ୍ରାମ୍ୟ ନିର୍ମାଣ ମଣ୍ଡଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଚିଠି ସଂଖ୍ୟା ୨୦୫୩ ଆଧାରରେ ଟିଟିଲାଗଡ଼ ଗ୍ରାମ୍ୟ ନିର୍ମାଣ ବିଭାଗର ଯନ୍ତ୍ରୀଙ୍କୁ ଏହି କାର୍ଯ୍ୟ ପାଇଁ ଅବଗତ କରାଯାଇଛି। ଏହି ରାସ୍ତା କାର୍ଯ୍ୟ ଗଗଝଣ-



ଉଟଠଉଇ ଯୋଜନା ଅଧୀନରେ କରାଯାଉଛି। କମେଇମୁଣ୍ଡା ପଞ୍ଚାୟତର କୁଆବାହାଲି ଗାଁରୁ କମେଇମୁଣ୍ଡା ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହେବ। ଏହି ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ୫ କୋଟି ୨୨ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି ଅଞ୍ଚଳ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏହି ସ୍ୱତନ୍ତ୍ର ଯୋଜନାରେ କାମ ଚାଲିଛି। ୬୦୦ ଶହ ମିଟର

### ସରକାରୀ ନିୟମ ଅନୁସାରେ କାମ ହେଉଛି

ଜଙ୍ଗଲ ଜମି ରହିଛି। ସେଥିପାଇଁ ଅନୁମତି ଲାଗି ଉପରସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅନୁମତି ଆସିଲେ ରାସ୍ତା ନିର୍ମାଣ କରାଯିବ। ଅଭିଯୋଗ ପରେ ରାସ୍ତା କାମ ବନ୍ଦ କରାଯାଇଛି; କିନ୍ତୁ ଶ୍ରୀଘ୍ର କାମ କରିବାକୁ ଗାଁ ଲୋକେ ଦାବି କରିଛନ୍ତି ବୋଲି ଶ୍ରୀ ଲାଲ କହିଛନ୍ତି।

# ରବିଫସଲ ପାଇଁ ଠିକ୍ ସମୟରେ ବିହନ ଯୋଗାଇବାକୁ ଦାବି



ଦେଓଗାଁ,୧୯।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍‌ର ୨୬ଟି ପଞ୍ଚାୟତର ଚାଷୀଙ୍କୁ ଅକ୍ଟୋବର ମାସ ପ୍ରଥମ ସପ୍ତାହ ସୁଦ୍ଧା ମାଗଣାରେ ଡାଲିଜାତୀୟ ଶସ୍ୟର ବିହନ ଯୋଗାଇଦେବାକୁ ଲୋକ ଉନ୍ନତି ସଂଗଠନ ତରଫରୁ ବ୍ଲକ୍ କୃଷି ଅଧିକାରୀ ଓ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଲୋକ ଉନ୍ନତି ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟାଙ୍କ ନେତୃତ୍ୱରେ କର୍ମକର୍ତ୍ତା ଅତିରିକ୍ତ ବିଡିଓ ପୁଷ୍ପାଞ୍ଜଳି ନାଏକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ସେହିଭଳି ବ୍ଲକ କୃଷି ପରାମର୍ଶ କେନ୍ଦ୍ରଠାରେ ସହକାରୀ କୃଷି ଅଧିକାରୀ ରୋହନ ଭୋଇଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତବର୍ଷ ରବିଋତୁରେ ବ୍ଲକର ଚାଷୀଙ୍କୁ ଠିକ୍ ରୂପେ ମୁଗ, ବିରି, ଚଣା ଆଦି ବିହନ ମିଳି ପାରି ନ ଥିଲା। ବିହନ ବାଟମାରଣ ହୋଇଥିବା ଅଭିଯୋଗ ଉଠିଥଲା। ଯେଉଁ ଚାଷୀଙ୍କୁ ବିହନ ପ୍ରଦାନ କରାଗଲା ତାହା ଅତି ବିଳମ୍ବ ହେବାରୁ ଚାଷୀଙ୍କ କୌଣସି କାମରେ ଆସି ନ ଥିବା ପରିଲକ୍ଷିତ ହୋଇଛି। ବିହନ ପ୍ରଦାନରେ ଆହେତୁକ ବିଳମ୍ବ ହେବାରୁ ବ୍ଲକରେ ମୁଗ, ବିରି ଉତ୍ପାଦନ ଆଶାତୀତ ଭାବେ ହ୍ରାସ ପାଇଥିବା ନଜରକୁ ଆସିଛି। ଏଣୁ ଆସନ୍ତା ରବିଋତୁ ପାଇଁ ଅକ୍ଟୋବର ମାସ ପ୍ରଥମ ସପ୍ତାହ ସୁଦ୍ଧା ବିହନ ପ୍ରଦାନ କରିବା ପାଇଁ କର୍ମକର୍ତ୍ତା ନିବେଦନ କରିଛନ୍ତି। ସଂଗଠନର ସମ୍ପାଦିକା ବିନ୍ଦୁମୁଖି ସୁନା, ସଭ୍ୟ ଜୟନ୍ତୀ ଭୁଏ, ଗରିବ ବାରିକ, ମିଥୁନ ସୁନା, ସୁଶୀଲ କାଲସାଏ, ମହାଦେବ ସାହୁ, ସୁଦାମ ଧରୁଆ, ଗୋବର୍ଦ୍ଧନ ନନ୍ଦ, ସୁରେନ୍ଦ୍ର ଧରୁଆ, ପଦ୍ମନ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ।

# ବଙ୍ଗୋମୁଣ୍ଡା ତହସିଲରୁ ମିଳୁଛି ନକଲି ଜାତିଗତ ପ୍ରମାଣପତ୍ର

କଣ୍ଟାବାଞ୍ଜି,୧୯ ।୫(ସମିସ)




ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲ ଗନ୍ଧଲା ରାଜସ୍ୱ ନିରୀକ୍ଷକ ଅଧୀନ କୁର୍ଲୁଭୁଟା ଗାଁରେ ଜଣେ ଯୁବକ ଓବିସି ବର୍ଗର ହୋଇଥିବା ସତ୍ତ୍ୱେ ଅନୁସୂଚିତ ଜାତି ସଂରକ୍ଷିତ ବ୍ୟବସ୍ଥାର ଲାଭ ଉଠାଇଥିବା ଅଭିଯୋଗ ହୋଇଛି। କୁର୍ଲୁଭଟା ଅଙ୍ଗନବାଡ଼ି କେନ୍ଦ୍ର ସୂଚନା ଅନୁସାରେ ହିନା କୁମାରୀ ବେହେରା ୧୧୯୬ ମସିହା ଏପ୍ରିଲ ୧୯ ତାରିଖରେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ; ଯାହାଙ୍କ ନାଁ ହିତେଶ କୁମାର ବେହେରା। ସେ ଓବିସି ବର୍ଗ ପରିବାରରେ ଜନ୍ମ ହୋଇଥିବା ବେଳେ ଏବେ ଦଳିତ ବା ଗଣ୍ଡା ସମ୍ପ୍ରଦାୟର ବୋଲି ନିଜକୁ ପରିଚୟ ଦେଇ ତହସିଲଦାରଙ୍କଠାରୁ ଅନୁସୂଚିତ ଜାତି ବା ଗଣ୍ଡା ଜାତିର ବୋଲି ଜାତିଗତ ପ୍ରମାଣପତ୍ର ପାଇଛନ୍ତି। ଏହାକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଅନୁସୂଚିତ ଜାତି ସଂରକ୍ଷିତ କୋଟାରେ ହିତେଶ ଷଷ୍ଠରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ବେଲପଡା ନବୋଦୟ ବିଦ୍ୟାଳୟରେ ପଢିଛନ୍ତି। ସେହିଭଳି ଦିଲ୍ଲୀ ବିଶ୍ୱବିଦ୍ୟାଳୟ, କଟକ ରେଭେନ୍ସାରେ ପଢିବା ସହ ବର୍ତ୍ତମାନ ସୁନ୍ଦରଗଡ଼ରେ ବିଏଡ କରୁଛନ୍ତି। ହିତେଶଙ୍କ ବାପା ଜଗନ୍ନାଥ ବେହେରାଙ୍କ ସାଙ୍ଗ ଜଗନ୍ନାଥ ମହାନନ୍ଦଙ୍କ ନାମକୁ ମାଧ୍ୟମ କରି ଏହି ଜାଲିଆତି କରାଯାଇଛି। ହିତେଶଙ୍କ ସବୁ ପ୍ରମାଣ ପତ୍ରରେ ଜଗନ୍ନାଥ ମହାନନ୍ଦ ବାପା ବୋଲି ଉଲ୍ଲେଖ ଅଛି। ଅତଏବ ହିତେଶ ବେହେରାରୁ ହିତେଶ ମହାନନ୍ଦ ହୋଇଛନ୍ତି। ଯଦି ଜଗନ୍ନାଥ ମହାନନ୍ଦଙ୍କ ପୁଅ ହିତେଶ ତେବେ ଜଗନ୍ନାଥ ବେହେରାଙ୍କ ପୁଅ କୁଆଡ଼େ ଗଲେ ବୋଲି ପ୍ରଶ୍ନ ଉଠିଛି। ଅନୁସୂଚିତ ଜାତି ହେଉଛି ଭାରତୀୟ ସମ୍ବିଧାନର ଧାରା ୩୪୧ ଅନୁଯାୟୀ ଚିହ୍ନଟ କରାଯାଇଥିବା ନିର୍ଦ୍ଦିଷ୍ଟ ପଛୁଆ ବର୍ଗ; ଯେଉଁମାନଙ୍କୁ ସାମାଜିକ ଓ ଶିକ୍ଷାଗତ ବିକାଶ ପାଇଁ ସମ୍ବିଧାନରେ ସ୍ୱତନ୍ତ୍ର ସୁରକ୍ଷା ଓ ସଂରକ୍ଷଣ ପ୍ରଦାନ କରାଯାଇଛି। ଏହି ବର୍ଗଙ୍କୁ ଦଳିତ ବା ଗଣ୍ଡା ବୋଲି ମଧ୍ୟ କୁହାଯାଏ। ସରକାରୀ ଚାକିରି, ଶିକ୍ଷା ଓ ରାଜନୀତିରେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିଥାଏ; କିନ୍ତୁ ଜଣେ ଓବିସି ବର୍ଗ

### ଜାତି ସଂରକ୍ଷିତ କୋଟା ଲାଭ ଉଠାଇବା ପାଇଁ ପୁଅକୁ ପର କରିଦେଲା ବାପା
### ମୁଖ୍ୟମନ୍ତ୍ରୀ,ଆରଡିସି, ଜିଲ୍ଲାପାଳଙ୍କ ପାଖରେ ଲିଖିତ ଅଭିଯୋଗ

ଯୁବକ ଅନୁସୂଚିତ ଜାତି ପ୍ରମାଣପତ୍ର ହାସଲ କରି ସଂରକ୍ଷିତ କୋଟାର ଲାଭ ନେବା କଣ୍ଟାବାଞ୍ଜି ଲକ୍ଷେଘର ଗଣ୍ଡା ଉପ ସଭାପତି ଅନିଲ ବିଭାର ଦୃଢ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଜଗନ୍ନାଥ ବେହେରାଙ୍କ ପରିବାର ଲୋକେ ମଧ୍ୟ ଅଭିଯୋଗ ଆଣିଛନ୍ତି ହିତେଶ ବେହେରା ତାଙ୍କ ପୁଅ। ସେ ଜଗନ୍ନାଥ ମହାନନ୍ଦଙ୍କ ପୁଅ ନୁହନ୍ତି। ତେଣୁ ତହସିଲରୁ ମିଳିଥିବା ଜାତିଗତ ପ୍ରମାଣପତ୍ର ମିଛ। ହିତେଶ ଓବିସି ବର୍ଗରେ ଯାଉଛନ୍ତି। ଶୁଣ୍ଡି ପରିବାରରେ ଜନ୍ମ ହୋଇଛନ୍ତି। ସେ ଅନୁସୂଚିତ ଜାତି ବର୍ଗ ବା ଦଳିତ ନୁହେଁ ବୋଲି ତୁଳେଶ୍ୱର ବେହେରା, ରାଜାରାମ ବେହେରା, ଯୋଗେନ୍ଦ୍ର ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସହ ବଲାଙ୍ଗୀର ଜିଲ୍ଲାପାଳ, ସମ୍ବଲପୁର ଆରଡିସିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସରକାରଙ୍କ ଆଖିରେ ଧୂଳି ଦେଇ ଷଡ଼ଯନ୍ତ୍ର ପୂର୍ବକ ସଂରକ୍ଷିତ ଜାତି କୋଟା ହାତେଇଥିବା ତଥା ମିଛ ଜାତିଗତ ପ୍ରମାଣପତ୍ର ହାସଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ହିତେଶଙ୍କ ଜାତି ପ୍ରମାଣପତ୍ର ରଦ୍ଦ କରିବାକୁ ଏମାନେ ଦାବି କରିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଶିକ୍ଷକ ମୃତ, ୩ ଗୁରୁତର

କୁତ୍ରା,୧୯।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ ଲାଫୁରବେଡା ନିକଟରେ ସୋମବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ବେଳେ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କନ୍ଦେଇମୁଣ୍ଡା ଗ୍ରାମର ସଞ୍ଜୁକ କୁମାର ତରୱାର (୪୫)। ସେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଝିରପାଣିରେ ଶିକ୍ଷକତା କରୁଥିଲେ। ସୂଚନାନୁଯାୟୀ, ସଞ୍ଜୁକ ସନ୍ଧ୍ୟା ସମୟରେ ବାଇକ୍ ଯୋଗେ କୁତ୍ରା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ତାଙ୍କ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ବାଇକ୍‌ରେ ଥିବା ଚାରିଜଣ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ତୁରନ୍ତ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସଞ୍ଜୁକ କୁମାର ତରୱାରଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଅନ୍ୟ ବାଇକ୍‌ରେ ଥିବା ଭୋଗରା ଗ୍ରାମର ସୁମନ ବୁଡ଼, ପଞ୍ଚରା ଗ୍ରାମର ଦିନେଶ ବନିଆ ଓ ଜାମପଡାର ଫିଓଜ କୁଲୁ ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସୁମନଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ କୁତ୍ରା ପୁଲିସ୍ ଘଟଣାସ୍ଥଳ ଏବଂ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ପଠାଇଥିବା ବେଳେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

### ଏନ୍‌ଆଇଟିରେ ରିସର୍ଚ୍ଚ ସ୍କଲାର୍ସ ସପ୍ତାହ ଉଦ୍‌ଯାପିତ

# ‘ଜ୍ଞାନର ଅନୁସନ୍ଧାନ ନବସୃଜନ ଓ ସାମାଜିକ ପ୍ରଗତିକୁ ପ୍ରେରଣା ଦିଏ’

ରାଉରକେଲା, ୧୯।୫(ସମିସ)

ଏନ୍‌ଆଇଟି ରାଉରକେଲାର ଭୁବନେଶ୍ୱର ବେହେରା ଅଡିଟୋରିୟମରେ ୩ ଦିନିଆ ରିସର୍ଚ୍ଚ ସ୍କଲାର୍ସ ସପ୍ତାହ -୨୦୨୬ର ୧୦ମ ସଂସ୍କରଣ ଉଦ୍‌ଯାପିତ ହୋଇଛି। ଏଥିରେ ୧୨୮ ଜଣ ପିଏଚଡି ସ୍କଲାରଙ୍କ ଦ୍ୱାରା ଶିକ୍ଷାଗତ ଉତ୍କର୍ଷତା ଏବଂ ଅଭିନବ ଗବେଷଣା ଅବଦାନ ପୋଷ୍ଟର ଏବଂ ମୌଖିକ ଉପସ୍ଥାପନା ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ୧୬ ରୁ ୧୮ ମଇ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବାର୍ଷିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମାଲକର ଯୋଗ ଦେଇଥିଲେ। ‘ପାଠ୍ୟକ୍ରମ-ଭିତ୍ତିକ ଶିକ୍ଷା ଏବଂ ଗବେଷଣା ମଧ୍ୟରେ ପାର୍ଥକ୍ୟ’ ଶୀର୍ଷକ ଉପରେ ଆଲୋଚନା କରି ମୁଖ୍ୟ ଅତିଥି ପ୍ରଫେସର ଶ୍ରୀପାଦ କରମାଲକର କହିଥିଲେ, ପାଠ୍ୟକ୍ରମ-ଭିତ୍ତିକ ଏବଂ ଗବେଷଣା-ଭିତ୍ତିକ ଶିକ୍ଷା ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ରିସର୍ଚ୍ଚ ସ୍କଲାର୍ସମାନଙ୍କର ମୂଲ୍ୟାଙ୍କନ ମାନଦଣ୍ଡ, ପ୍ରକ୍ରିୟା ଏବଂ ଉଦ୍ଦେଶ୍ୟ ମଧ୍ୟରେ ରହିଛି। ପାଠ୍ୟକ୍ରମ-ଭିତ୍ତିକ ଶିକ୍ଷାରେ ସମସ୍ତ ଛାତ୍ର ଏକ ସାଧାରଣ ପାଠ୍ୟକ୍ରମ, ନିର୍ଦ୍ଧାରିତ ପାଠ୍ୟପୁସ୍ତକ ଏବଂ ସମାନ ମୂଲ୍ୟାଙ୍କନ ଅନୁସରଣ କରନ୍ତି, ଯାହା ସାଧାରଣ ଏବଂ ବିଷୟ ଜ୍ଞାନ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖେ। କିନ୍ତୁ ଗବେଷଣା-ଭିତ୍ତିକ ଶିକ୍ଷାରେ ପ୍ରତ୍ୟେକ ଛାତ୍ର ପାଇଁ ଅନନ୍ୟ ସମସ୍ୟା, ବିଷୟଗୁଡ଼ିକର ସ୍ୱ-ଚାଳିତ ଚିହ୍ନଟ, ବିଶେଷ କ୍ଷେତ୍ରରେ




ପୁସ୍ତକ ଏବଂ ଗବେଷଣା ପତ୍ରଗୁଡ଼ିକର ବ୍ୟାପକ ଅଧ୍ୟୟନ ଏବଂ ପିଏଚଡି ଭଳି ଉନ୍ନତ ଡିଗ୍ରୀ ଅନ୍ତର୍ଭୁକ୍ତ, ଯାହା ବ୍ୟକ୍ତିମାନଙ୍କୁ ବୃତ୍ତିଗତ ଭାବରେ ଶିକ୍ଷା ଦେବା ଏବଂ ଅନ୍ୟମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ପ୍ରସ୍ତୁତ କରେ ବୋଲି କହିଥିଲେ। ରିସର୍ଚ୍ଚ ସ୍କଲାର୍ସମାନଙ୍କୁ ଶୁଭେଚ୍ଛା ଜଣାଇ ଏନଆଇଟି ରାଉରକେଲାର ପ୍ରଫେସର କେ. ଉମାମହେଶ୍ୱର ରାଓ କହିଥିଲେ, ଏହା ଆମର ରିସର୍ଚ୍ଚ ସ୍କଲାର୍ସଙ୍କର ପ୍ରତିବଦ୍ଧତା ଏବଂ ଶୈକ୍ଷିକ ଅବଦାନକୁ ସ୍ୱୀକୃତି ଦେବାର ଏକ ଅବସର, ଯାହାଙ୍କ ଜ୍ଞାନର ଅନୁସନ୍ଧାନ ନବସୃଜନ ଏବଂ ସାମାଜିକ ପ୍ରଗତିକୁ ପ୍ରେରଣା ଦେଇ ଚାଲିଛି। ଉଦଘାଟନୀ ଅଧିବେଶନରେ ପ୍ରଫେସର ପ୍ରଦୀପ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଆରଏସଡବ୍ଲ୍ୟୁର ଦଶମ ସଂସ୍କରଣ ପାଞ୍ଚଟି ବ୍ୟାପକ ଗବେଷଣା କ୍ଲଷ୍ଟର ମୌଳିକ ବିଜ୍ଞାନ, ରାସାୟନିକ ଏବଂ ଜୈବିକ ବିଜ୍ଞାନ, ଯାନ୍ତ୍ରିକ ବିଜ୍ଞାନ, ସର୍କିଟ୍ରି ଏବଂ ମାନବିକତା ଏବଂ ପରିଚାଳନା ପ୍ରତିନିଧିତ୍ୱ କରୁଥିବା ୨୦ଟି

### ପ୍ରଦର୍ଶିତ ହେଲା ୧୨୮ ଜଣ ସ୍କଲାରଙ୍କ ଗବେଷଣା ଅବଦାନ

ବିଭାଗର ୧୨୮ରୁ ଅଧିକ ରିସର୍ଚ୍ଚ ସ୍କଲାର୍ସଙ୍କୁ ଏକତ୍ରିତ କରିଛି। ପ୍ରାୟ ୫୦ ଜଣ ବିଚାରକ ଅଂଶଗ୍ରହଣକାରୀ ପିଏଚଡି ରିସର୍ଚ୍ଚ ସ୍କଲାର୍ସଙ୍କ ପୋଷ୍ଟର ଏବଂ ମୌଖିକ ଉପସ୍ଥାପନା ମୂଲ୍ୟାଙ୍କନ କରିଥିଲେ ବୋଲି ସେ ସୂଚନା ଦେଇଥିଲେ। ଡିନ୍ ତଥା ଏକାଡେମିକ୍ ପ୍ରଫେସର ଏକେ ତୁରୁକ ମଞ୍ଚାସୀନ ଥିଲେ। ଏହି ଅବସରରେ ଏକ ସ୍ମାରକୀ ଉନ୍ମୋଚିତ ହୋଇଥିଲା। ପିଜି ଏବଂ ଗବେଷଣାର ଆସୋସିଏଟ୍ ଡିନ୍ ପ୍ରଫେସର ଆରସି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆରଏସଡବ୍ଲ୍ୟୁ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ ଏବଂ ସ୍ୱେଚ୍ଛାସେବକମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବିଷ୍ଣୁ ମହାନ୍ତିଙ୍କ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ରାଉରକେଲା,୧୯।୫(ସମିସ): ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ, ସିପିଆଇଏମ୍‌ର ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ବିଷ୍ଣୁ ମହାନ୍ତିଙ୍କ ଏକ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଆଜି ସିପିଆଇଏମ୍, ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ସିଭିକ ସେଣ୍ଟରଠାରେ ଆୟୋଜିତ ହୋଇଥିଲା। ସିପିଆଇଏମ୍ ଜିଲ୍ଲା ସଂପାଦକ କମ୍ରେଡ୍ ପ୍ରମୋଦ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପାର୍ଟିର ପଲିଟବ୍ୟୁରୋ ସଦସ୍ୟ ତଥା ସିଟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ପୂର୍ବତନ ସାଂସଦ ତପନ୍ ସେନ୍ ମୁଖ୍ୟବକ୍ତା ଭାବରେ ଯୋଗଦେଇ କମ୍ରେଡ୍ ବିଷ୍ଣୁ ମହାନ୍ତିଙ୍କ ଅକାଳ ବିୟୋଗ କେବଳ ସୁନ୍ଦରଗଡ଼ ଜିଲ୍ଲା କିମ୍ବା ଓଡ଼ିଶା ନୁହେଁ ସମଗ୍ର ଦେଶରେ ଶ୍ରମିକ ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ତାଙ୍କର ବିୟୋଗରେ ଶ୍ରମିକ ଆନ୍ଦୋଳନ ପାଇଁ ଏକ ଯୁଗର ଅବସାନ ଘଟିଲା ବୋଲି କହିଥିଲେ। ସିପିଆଇଏମ୍ ରାଜ୍ୟ ସଂପାଦକ ସୁରେଶ ପାଣିଗ୍ରାହୀ କହିଥିଲେ, କମ୍ରେଡ୍ ବିଷ୍ଣୁ ମହାନ୍ତିଙ୍କ ଅପୂରଣୀୟ କାର୍ଯ୍ୟକୁ ପୁରଣ କରିବା ପାଇଁ ସମସ୍ତ ପାର୍ଟି ସଦସ୍ୟ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପାର୍ଟିର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ, ପୂର୍ବତନ ସାଂସଦ ତଥା କଟକ ମହାନଗର ନିଗମର ମେୟର ସୁବାସ ସିଂହ, ବିଶିଷ୍ଟ ସ୍ତମ୍ଭକାର ତଥା ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ସିପିଆଇ ଜିଲ୍ଲା ସଂପାଦକ ପ୍ରଦୋଷ ମହାନ୍ତି, ଜାତୀୟ କଂଗ୍ରେସ ଜିଲ୍ଲା ନେତା




ରବି ରାୟ, ଏସୟୁସିଆଇ ରାଜ୍ୟ ନେତ୍ରୀ ଛବି ମହାନ୍ତି, ବି ଜେଡି ନେତା ଜୟନ୍ତ କୁମାର ମିଶ୍ର, ଆମ୍ ଆଦମୀ ପାର୍ଟି ନେତା ଭରତ ବାଇ, ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ସମାଜସେବୀ ସଞ୍ଜିବ ମହାନ୍ତି, ଆଇଏନ୍‌ଟିୟୁସି ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ସମାଜସେବୀ ପିପି ରାୟ, ପଶୁପତିନାଥ ଚାଟାର୍ଜୀ, ଡଃ ଅର୍ଚ୍ଚନା ବାରିକ୍, ପ୍ରଣବ ରଞ୍ଜନ ଜେନା, ଅଶୋକ ମହାନ୍ତି, ରଙ୍ଗା ଚରଣ ପ୍ରଧାନ, ଏସଡବ୍ଲ୍ୟୁଏଫ୍‌ଆଇ ଭିଲାଇ ନେତା ଏସପି ଦେ, ଏଚଏମ୍‌ଏସ ନେତା ପ୍ରମୋଦ ଦାସ, ଏଆଇୟୁଟିୟୁସି ନେତା ଅଜିତ ନାୟକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ସୁମନ ଦତ୍ତ, ବିଏନ୍ ଦାସ, ବିମଳ ବିଶି, ଶୁଭ ପଟ୍ଟନାୟକ, ପ୍ରଶାନ୍ତ ସେଠୀ, ଇନ୍ଦ୍ରମଣି ବେହେରା, ଚିତ୍ତ ଜେନା, ବିରେନ ସେନାପତି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କମ୍ରେଡ୍ ବିଷ୍ଣୁ ମହାନ୍ତିଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ କମ୍ରେଡ୍ ବିଷ୍ଣୁ ମହାନ୍ତିଙ୍କ ସ୍ମରଣେ ଏକ ସ୍ମରଣିକା ‘ଯୁଗନ୍ଧର’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ସିପିଆଇଏମ୍ ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ, ବିପି ମହାପାତ୍ର, ହୃଦୟାନନ୍ଦ ଯାଦବ, ଅନିରୁଦ୍ଧ ତ୍ରିପାଠୀ, ଆନନ୍ଦମାସି ହରୋ, ବାଦଲ ବାରିକ୍, ସୁଶିଳା ମୁଣ୍ଡା, ସୁରେଶ ନାୟକ, ସମୀର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଲହୁଣୀପଡ଼ା,୧୯।୫(ସମିସ): କେବଲାଙ୍ଗ ଥାନା ଅନ୍ତର୍ଗତ କେବଲାଙ୍ଗ ଲ୍ୟାମ୍ପରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ କେନାପାଲି ଗ୍ରାମର ସୁରେନ୍ଦ୍ର କିଷାନ(୪୨) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, କେ. ବଲାଙ୍ଗ ଲ୍ୟାମ୍ପରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ସୁରେନ୍ଦ୍ର କିଷାନ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ବେଳେ ଖାଇବା ଛୁଟି ପରେ ଖାଇକି ଆସି ନିଜ ଚୌକିରେ ବସିଥିବା ବେଳେ ହଠାତ ଚେତା ହରାଇଥିଲେ। ଅନ୍ୟ କର୍ମଚାରୀମାନେ କେ. ବଲାଙ୍ଗ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଦେଖି ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ବେଳେ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ କେବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଡାକ୍ତରଖାନା ପହଞ୍ଚି ଶବ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ଶବ ବ୍ୟବଚ୍ଛେଦ ହେବ। ରିପୋର୍ଟ ଆସିବା ପରେ ଅଂଶୁଘାତ ଜନିତ ମୃତ୍ୟୁ ନା ଅନ୍ୟ କ’ଣ ତାହା ଜଣାପଡ଼ିବ ବୋଲି ପୁଲିସ କହିଛି।



# କୋଇଡାରେ ଜିଲ୍ଲାପାଳଙ୍କ ଜନଶୁଣାଣି

କୋଇଡା,୧୯।୫(ସମିସ): କୋଇଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ଠାରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୋଟ ୮୦ ଟି ଅଭିଯୋଗ ପଞ୍ଜିକୃତ ହେଇଥିଲା। ସେଥିମଧ୍ୟରୁ ୧୦ ଟି ଅଭିଯୋଗ ବ୍ୟକ୍ତିଗତ ରହିଥିବା ବେଳେ ସାମୁହିକ ଭାବେ ୭୦ ଟି ଅଭିଯୋଗ ଆସିଥିଲା। ସାମୁହିକ ଅଭିଯୋଗ ମଧ୍ୟରେ ରାସ୍ତା, ପାନୀୟ ଜଳ, ଖଣି, ତଥା ଶାନ୍ତି ଶୃଙ୍ଖଳା ପ୍ରଭୃତି ସମସ୍ୟା ମାନ ରହିଥିଲା। ଏହି କାର୍ଯ୍ୟକ୍ରମରେ ଜଣକୁ ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେସ୍ ୱାଧୱାନୀ, ବଣାଇଁ ଉପଜିଲ୍ଲାପାଳ ଅଶୋକ ଦାସ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପିଏ ଆଇଟିଡିଏ ସ୍ୱଦୀପ ଟପୋଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍‌ରେ ଉନ୍ନୟନମୂଳକ କାର୍ଯ୍ୟ ଶିଥିଳ ପଡିଥିବା ଓ କାର୍ଯ୍ୟରେ ପକ୍ଷପାତିତାର ଅଭିଯୋଗ କ୍ରମେ ସିପିଆଇଏମ୍ ପକ୍ଷରୁ ସଭାଗୃହ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



## କାଳବୈଶାଖୀରେ ଉଡ଼ିଗଲା ଘର ଆଜବେଷ୍ଟସ୍

ଲହୁଣୀପଡ଼ା,୧୯।୫(ସମିସ): ଲହୁଣୀପଡ଼ା ବ୍ଲକ ତାଲବାହାଲି ପଞ୍ଚାୟତ ରଙ୍ଗମାଟିଆ ଗ୍ରାମର ଗୌରୀ ସାଣ୍ଡିଲଙ୍କ ଗତକାଲି କାଳ ବୈଶାଖୀର ପ୍ରଭାବରେ ହୋଇଥିବା ଝଡ ବର୍ଷାରେ ଘରର ଆଜବେଷ୍ଟସ୍ ଛପର ଉଡ଼ିଯାଇ ଅତ୍ୟାବଶ୍ୟକ ସାମଗ୍ରୀ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ସ୍ଥାନୀୟ ପ୍ରସାଶନ ଗ୍ରାମରେ ପହଞ୍ଚି ସରଜମିନ ତଦନ୍ତ କରିଥିବା ବେଳେ ଖୁବଶୀଘ୍ର ତାଙ୍କୁ ପ୍ରସାଶନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି।

## ଡିଭାଇଡର୍‌ରେ ପିଟିହେଲା ବାଇକ୍; ୨ ମୃତ

ରାଉରକେଲା,୧୯।୫(ସମିସ): ସୁନ୍ଦରଗଡ଼ ଜିଲ୍ଲାର କାଂଶବାହାଲ ନିକଟ ମାଣ୍ଡିଆକୁଦର ଠାରେ ୧୦ ନମ୍ବର ରାଜ୍ୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ ଜଣ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ଦ୍ୱୟ ରାଜଗାଙ୍ଗପୁର ଥାନା ବାଣ୍ଟୁପଡାର ଗୌରବ ମହାପାତ୍ର ଓ ସେକ୍ଟର - ୩ ଥାନା ସେକ୍ଟର-୨ ଅଞ୍ଚଳର ଚନ୍ଦନ ମହାପାତ୍ର ବୋଲି ଜଣାପଡିଛି। ସେମାନେ କୌଣସି ଏକ କଲେଜର +୩ ଶ୍ରେଣୀର ଛାତ୍ର ବୋଲି ସୂଚନା ମିଳିଛି। ଦୁର୍ଘଟଣା ପରେ ଆହତ ଦ୍ୱୟଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଛାତ୍ର ଦ୍ୱୟ ବେପରୁଆ ଭାବେ ବାଇକ ଚଳାଇ ରାଉରକେଲା ଆସୁଥିବା ବେଳେ ନିୟନ୍ତ୍ରଣ ହରାଇ ଡିଭାଇଡରରେ ବାଇକ ସହ ପିଟି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

**● ପେଟ୍ରୋଲ ପମ୍ପ ମ୍ୟାନେଜର ଓ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର**

## ଜଣେ ଗିରଫ; କାର୍ ଓ ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ଜବତ

ରାଉରକେଲା,୧୯।୫(ସମିସ): ସ୍ଥାନୀୟ ରଘୁନାଥପାଲି ଥାନା ଅନ୍ତର୍ଗତ ତରକେରା ସ୍ଥିତ ଇଣ୍ଡିଆନ ଅଏଲ୍ କର୍ପୋରେସନ ଲିମିଟେଡ୍‌ର ଦେଓଗାଁ ଫୁଏଲ୍ସ ପେଟ୍ରୋଲ୍ ପମ୍ପରେ ଆଜି ଜଣେ ଦୁର୍ବୃତ୍ତ ନିଜ କାରର ପେଟ୍ରୋଲ ନେବାକୁ ଆସିଥିବା ବେଳେ ପଟ୍ରୋଲ ପମ୍ପର ଜଣେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ସହ ଘଟଣାରେ ହସ୍ତକ୍ଷେପ କରିଥିବା ପେଟ୍ରୋଲ ପମ୍ପର ମ୍ୟାନେଜରଙ୍କୁ ମଧ ଦୁର୍ବ୍ୟବହାର କରିଥିଲା। ଏହି ଘଟଣାରେ ପୁଲିସ ସମ୍ପୃକ୍ତ ଦୁର୍ବୃତ୍ତକୁ ଗିରଫ କରିବା ସହ ତା ନିକଟରୁ ଏକ ହାନୀକାରୀ ହାଇ ଭୋଲ୍ଟେ ଇଲକ୍ଟ୍ରୋନିକ୍ସ ଡିଭାଇସ ଜବତ କରିବା ସହ କାର୍‌କୁ ମଧ ଜବତ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଭାଟିପୋଷ୍ଟ ନିବାସୀ ଶାହବାଜ ହୁସେନ(୩୨)। ସୂଚନା ମୁତାବକ, ଆଜି ଶାହବାଜ ହୁସେନ ତରକେରା ସ୍ଥିତ ଉକ୍ତ ପେଟ୍ରୋଲ ପମ୍ପକୁ ନିଜ କ୍ରେଟା କାରରେ ପେଟ୍ରୋଲ ଭର୍ତ୍ତି କରିବା ପାଇଁ ଯାଇଥିଲେ। ସେଠାରେ ଜନୈକା କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସହ ତାର ଉଚ୍ଚବାଚ ହୋଇଥିଲା। ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏହି ଘଟଣାରେ ପେଟ୍ରୋଲ ପମ୍ପର ମ୍ୟାନେଜର ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ ଅଭିଯୁକ୍ତ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଅଭିଯୁକ୍ତ ଶାହାନବାଜ ଏକ ହାଇ ଭୋଲଟେଜ ଇଲେକ୍ଟ୍ରୋନିକ୍ ଡିଭାଇସ୍ (ଲେଜର) ପରି ଅସ୍ତ୍ର ନେଇ ପରିଚାଳକଙ୍କ ନିକଟରେ ବ୍ୟବହାର କରିଥିଲେ। ଯାହା ଫଳରେ ପରିଚାଳକ ସଂଜ୍ଞାହୀନ ହୋଇ ପଡିଥିଲେ। ଆବଶ୍ୟକ ପରିମାଣର ପେଟ୍ରୋଲ ଏବଂ ଡିଜେଲ ଯୋଗାଇ ଦିଆ ନ ଗଲେ ତାର ପୁରା ଗ୍ୟାଙ୍ଗ ସହ ଆସି ପେଟ୍ରୋଲ ପମ୍ପକୁ ନଷ୍ଟ କରି ଦେବ ବୋଲି ସେ ପରିଚାଳକଙ୍କୁ ସର୍ବ ସମ୍ମୁଖରେ ଧମକ ଦେଇଥିଲେ। ତେବେ ଏ ସମସ୍ତ ଘଟଣା ଦେଖୁଥିବା ଜଣେ ଗ୍ରାହକ ସିଭିଲ ଟାଉନସିପ୍ ଅଞ୍ଚଳର ୪ଏନ/୬ ବାସିନ୍ଦା ହର୍ଷ ଗୁପ୍ତା (୨୯) ରଘୁନାଥପାଲି ଥାନା ପୁଲିସକୁ ଜଣାଇବା ସହ ଥାନାରେ ଏକ ଏତଲା ଦେଇଥିଲେ। ଯାହାକୁ ଆଧାର କରି ପୁଲିସ ଶାହବାଜ ହୁସେନକୁ ଗିରଫ କରିଥିବା ସୂଚନା ମିଳିଛି। ତଦନ୍ତ ସମୟରେ ଅଭିଯୁକ୍ତ ଶାହବାଜ ହୁସେନଙ୍କ ନିକଟରୁ ଓଡି ୧୪ ଏଏମ ୫୭୫୭ ନମ୍ବର ବିଶିଷ୍ଟ ଏକ କ୍ରେଟା କାର୍ ସହିତ ଡାଇରେକ୍ଟ କରେଣ୍ଟ ୯୨୮ ଟାଇପ, ଅଲ୍ଟ୍ରା ହାଇ ଭୋଲ୍ଟ (୧୮୦୦୦୦ ଡବ୍ଲ୍ୟୁଟି) ମାର୍କ ଥିବା ଏକ ଇଲେକ୍ଟ୍ରୋନିକ୍ ଡିଭାଇସ୍‌କୁ ଜବତ କରାଯାଇଥିଲା।

### ଆର୍‌ଏସ୍‌ପିର ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ

# ପାର୍ଶ୍ୱ ଗ୍ରାମ ଓ ଶିଳ୍ପାଞ୍ଚଳ ବସ୍ତିର ସହସ୍ରାଧିକ ଲୋକ ଉପକୃତ

ରାଉରକେଲା,୧୯।୫(ସମିସ)

ସାମଗ୍ରିକ ବିକାଶ ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ରାଉରକେଲା ଇସ୍ପାତ କାରଖାନା ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ଯାହାଦ୍ୱାରା ରାଉରକେଲାର ପାର୍ଶ୍ୱବର୍ତ୍ତୀ ଗ୍ରାମ ଏବଂ ଶିଳ୍ପାଞ୍ଚଳ ବସ୍ତି ଅଞ୍ଚଳର ହଜାର ହଜାର ଲୋକ ଉପକୃତ ହୋଇଛନ୍ତି। ମାଗଣା ସ୍ୱାସ୍ଥ୍ୟ କେନ୍ଦ୍ର, ଚିକିତ୍ସା ସହାୟତା କେନ୍ଦ୍ର, ମୋବାଇଲ୍ ମେଡିକାଲ୍ ୟୁନିଟ୍, ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଏବଂ ଚକ୍ଷୁ ଚିକିତ୍ସା ଶିବିରର ଏକ ବ୍ୟାପକ ନେଟୱର୍କ ମାଧ୍ୟମରେ ଆର୍‌ଏସ୍‌ପି ଇସ୍ପାତ ସହରର ବସ୍ତି ଅଞ୍ଚଳ ସମେତ କୁଆଁରମୁଣ୍ଡା, ଲାଠିକଟା, ନୂଆଗାଁ ଏବଂ ବିଶ୍ରା ବ୍ଲକର ଅବହେଳିତ ସମୁଦାୟ ପାଇଁ ଉଭୟ ପ୍ରାଥମିକ ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା




ସୁନିଶ୍ଚିତ କରୁଛି। ଲାଠିକଟା ବ୍ଲକ୍‌ର ଜଲଦା ପୁନର୍ବାସ କଲୋନୀ, କୁଆଁରମୁଣ୍ଡା ବ୍ଲକର ଚିକଟମାଟି ମଡେଲ ଷ୍ଟିଲ ଭିଲେଜ ଏବଂ ସେକ୍ଟର-୬ ସ୍ଥିତ "ଇସ୍ପାତ ସଞ୍ଜୀବନୀ' ମାଗଣା ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ଡାକ୍ତରୀ ପରାମର୍ଶ, ଚିକିତ୍ସା ଏବଂ ଆବଶ୍ୟକୀୟ ଔଷଧ ଯୋଗାଇ ଦେଇ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଣାଳୀ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ଏହି କେନ୍ଦ୍ରଗୁଡ଼ିକ ସପ୍ତାହରେ ଛଅ ଦିନ କାର୍ଯ୍ୟକ୍ଷମ ହୋଇଥାଏ। ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ସୁବିଧାକୁ ଅଧିକ ସୁଦୃଢ଼ କରିବା ପାଇଁ ଏନ୍‌ଜିଓ ସହଯୋଗୀମାନଙ୍କ ମାଧ୍ୟମରେ ୨୫ଟି ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଚିକିତ୍ସା ସହାୟତା କେନ୍ଦ୍ର ପରିଚାଳିତ ହେଉଛି। ଯାହା ସାଧାରଣ ରୋଗ, ମାତୃ ଓ ଶିଶୁ ଯତ୍ନ ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟ ସେବା ପାଇଁ ସମୟୋଚିତ ଚିକିତ୍ସା ପ୍ରଦାନ କରୁଛି। ଏହାବ୍ୟତୀତ ଇସ୍ପାତ ସହରର ଶିଳ୍ପାଞ୍ଚଳ ବସ୍ତିଗୁଡ଼ିକରେ ମୋବାଇଲ୍ ମେଡିକାଲ୍ ୟୁନିଟ୍ କାର୍ଯ୍ୟକ୍ଷମ ରହି ଗରିବ ବାସିନ୍ଦାମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା, ଔଷଧ ଏବଂ ପରାମର୍ଶ ପ୍ରଦାନ କରିଛି। ଚାରିଟି ପାର୍ଶ୍ୱବର୍ତ୍ତୀ ବ୍ଲକରେ ବ୍ୟାପିଥିବା କଛାରୁ, ଫୁଲଝର, ବିର୍ଦା, ସାରୁବାହାଲ ଏବଂ ବାଗଡେଗାଠାରେ ପାଞ୍ଚଟି ବହୁମୁଖୀ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ଚଳିତ ବର୍ଷର ଏକ ପ୍ରମୁଖ ଆକର୍ଷଣ ଥିଲା। ଏହାଦ୍ୱାରା ପ୍ରାୟ ଏକ ହଜାର ରୋଗୀ ଉପକୃତ ହୋଇଥିଲେ। ଏହି ଶିବିରଗୁଡ଼ିକରେ ଚକ୍ଷୁ ଚିକିତ୍ସା, ଇଏନଟି (କାନ, ନାକ, ଗଳା), ପ୍ରସୂତି ଓ ସ୍ତ୍ରୀ ରୋଗ, ସାଧାରଣ ଚିକିତ୍ସା (ଜେନେରାଲ ମେଡିସିନ), ଚର୍ମ ରୋଗ ଏବଂ ଶିଶୁ ରୋଗ ବିଭାଗରେ ବିଶେଷଜ୍ଞ ପରାମର୍ଶ ଦିଆଯାଇଥିଲା।

ବିଶେଷ କରି ଉଚ୍ଚତର ଚିକିତ୍ସା ସହାୟତା ଆବଶ୍ୟକ କରୁଥିବା ୧୩୪ ଜଣ ରୋଗୀଙ୍କୁ ଅଧିକ ପରୀକ୍ଷା ନିରୀକ୍ଷା ଏବଂ ମାଗଣା ଚିକିତ୍ସା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲକୁ ପଠାଯାଇଥିଲା। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ସହଯୋଗରେ ପରିଚାଳିତ ମୋବାଇଲ୍ ଚକ୍ଷୁ ଚିକିତ୍ସା ଶିବିର କାର୍ଯ୍ୟକ୍ରମ ଅଧୀନରେ ବିଶ୍ରା, ଲାଠିକଟା ଏବଂ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ୧୪୬୭ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ୮୭୩ଟି ଚଷମା ବଣ୍ଟନ କରାଯାଇଥିଲା। ଏହା ବ୍ୟତୀତ ଆରଏସପି-ସିଏସଆର ବିଭିନ୍ନ ଶିବିରରେ ୮୦ ଜଣ ହିତାଧିକାରୀଙ୍କୁ ୧୪୨ଟି ସହାୟକ ସାମଗ୍ରୀ ପ୍ରଦାନ କରିବା ସହ ୧୬.୩୩ ଲକ୍ଷ ଟଙ୍କାର ସହାୟକ ଉପକରଣ ବଣ୍ଟନ କରି ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସଶକ୍ତ କରିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ସଚେତନତା ଏବଂ ମହିଳା ଓ ପରିବାର ପାଇଁ ସହାୟତାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ ଦୀପିକା ମହିଳା ସଂହତି ମାଧ୍ୟମରେ ହମିରପୁର ଅଞ୍ଚଳ, ସେକ୍ଟର-୫, ରାଉରକେଲା ଏବଂ ଅନ୍ୟାନ୍ୟ ସ୍ଥାନରେ ସାମୟିକ ସ୍ୱାସ୍ଥ୍ୟ ସଚେତନତା ଓ ସ୍କ୍ରିନିଂ (ଯାଞ୍ଚ) କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିବା ଜଣାପଡିଛି।

**● ବିଶ୍ୱ କ୍ୱାନ୍ କିଡୋ ଚମ୍ପିଅନସିପ୍**

## ଭାରତକୁ ପ୍ରତିନିଧିତ୍ୱ କରିବେ ରାଜଗାଙ୍ଗପୁରର ରୋନକ କରନ୍



ରାଉରକେଲା,୧୯।୫(ସମିସ): ଚଳିତ ମାସ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ରୋମାନିଆଠାରେ ଆୟୋଜିତ ହେବାକୁ ଯାଉଥିବା ‘ବିଶ୍ୱ କ୍ୱାନ୍ କିଡୋ ଚାମ୍ପିଅନସିପରେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରର ରୋନାକ କରନ୍ ଭାରତକୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି। ଅଜିତ୍ କରନ୍ ଓ ସାବିତ୍ରୀ କରନ୍‌ଙ୍କ ପୁତ୍ର ରୋନକ୍ କରନ୍ ବିଗତ ପାଞ୍ଚ ବର୍ଷ ହେଲାଣି କ୍ୱାନ୍ କିଡୋ ଆସୋସିଏସନ୍ ଓଡ଼ିଶାର ଟେକ୍ନିକାଲ ଡାଇରେକ୍ଟର ତଥା କୋଚ୍ ବିଶ୍ୱଜିତ୍ ବାରିକଙ୍କ ଠାରୁ କୋଚିଂ ନେଉଛନ୍ତି। ସେ ଆଜି ଦିଲ୍ଲୀ ଗସ୍ତ କରିଛନ୍ତି। ତାଙ୍କର ସଫଳତା ପାଇଁ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, କ୍ୱାନ୍ କିଡୋ ଫେଡେରେସନ ଅଫ୍ ଇଣ୍ଡିଆର ସିଇଓ ସତିଶ ଧୂଲ୍, କାର୍ଯ୍ୟକାରୀ ସମ୍ପାଦକ ଅମିତ କୁମାର ସିଂ, କ୍ୱାନ୍ କିଡୋ ଆସୋସିଏସନ୍ ଓଡିଶାର ସଭାପତି ଗାଡୁ ବାଗ, ଚେୟାରମ୍ୟାନ ସଚ୍ଚିଦାନନ୍ଦ ବିଶ୍ୱାଳ, ସମ୍ପାଦକ ପଙ୍କଜୀନି ବିଶ୍ୱାଳ ଏବଂ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଶୁଭକାମନା ଜଣାଇଛନ୍ତି।

# ପିଡିଏସ୍ ପାଣ୍ଠି ଅନିୟମିତତା ଘଟଣାର ତଦନ୍ତ କରିବେ ଡିପିଓ

ବିଷମକଟକ,୧୯।୫(ସମିସ):




ରାୟଗଡ଼ ଜିଲ୍ଲା ବିଷମକଟକ ଗ୍ରାମ ପଞ୍ଚାୟତ ମଧ୍ୟରେ ହୋଇଥିବା ପିଡିଏସ୍ ପାଣ୍ଠିର ଅନିୟମିତତା ବିଷୟ ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି। ବିଷମକଟକ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଅଡ଼ଙ୍ଗାକା ପିଡ଼ିଏସ ପାଣ୍ଠିରୁ ୪ ଲକ୍ଷ ଟଙ୍କା ବିଦ୍ଧିବଧ ପ୍ରକ୍ରିୟା ବିନା ବାହାର କରିଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପିଡିଏସ ଗୋଦାମ ମରାମତି ନିମନ୍ତେ ୨ ଲକ୍ଷ ଟଙ୍କାର ଫାଇଲ ଖୋଲା ଯାଇଥିବା ନେଇ ଫାଇଲରେ ସରପଞ୍ଚ ଦସ୍ତଖତ ମଧ୍ୟ କରିଥିଲେ। କିନ୍ତୁ ଏବେ ସେ ଫାଇଲରେ ୪ଲକ୍ଷ ହୋଇ ଟଙ୍କା ଉଠାଯାଇଥିବା ସମ୍ବନ୍ଧରେ କୌଣସି ଖବର ତାଙ୍କ ନିକଟରେ ନାହିଁ ବୋଲି ବିଷମ କଟକ ସରପଞ୍ଚ ନମିତା କୁଳସିକା କହିଛନ୍ତି। ସରପଞ୍ଚଙ୍କ ଏପରି ବୟାନ୍ ଗ୍ରାମ ପଞ୍ଚାୟତର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଉଛି। ପ୍ରକାଶ ଥାଉକି ପିଡ଼ିଏସ ଆକାଉଣ୍ଟରୁ ବିଦ୍ଧିବଦ୍ଧ ପ୍ରକ୍ରିୟା ବିନା ଟଙ୍କା ଉଠାଯିବା ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପ୍ରକାଶ ପାଇବା ପରେ ଟଙ୍କା ହଡପରେ ସଂପୃକ୍ତ ଥିବା ବାବୁମାନେ ଚଞ୍ଚକତା କରି ପୁରୁଣା ବୈଠକରେ ଦୁଇ ଧାଡି ମରାମତି ବାବଦରେ ଯୋଡି ଦେଇଥିବା ବିଷୟ ସାମ୍ନାକୁ ଆସିଛି। ହେଲେ ତରବରିଆ ଭାବେ ପିଡିଏସ୍ ଖାତାରୁ କେତେ ଟଙ୍କା ଉଠାଯିବ ତାହା ବୈଠକ ଖାତା ଲେଖିପାରିନଥିଲେ। ଯାହା ଏ ବିବାଦର ମୂଖ୍ୟ ପ୍ରସଙ୍ଗ ପାଲଟିଛି। ତେବେ ବର୍ତ୍ତମାନ ବିଷମକଟକ ସରପଞ୍ଚ ୨ ଲକ୍ଷ ଟଙ୍କାର ଫାଇଲ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିବା ସ୍ପଷ୍ଟ କରିଥିବା ସ୍ଥଳେ ୨୦୨୫-୨୬ ଆର୍ଥୀକ ବର୍ଷରେ ସାଧାରଣ ବଣ୍ଟନ ପ୍ରଣାଳୀରୁ ପଞ୍ଚାୟତ ଗୋଦାମ ଗୃହ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ୪ ଲକ୍ଷ ଟଙ୍କାର ଫାଇଲ ଖୋଲା ଯାଇ ୩ ଲକ୍ଷ ୭୫ ହଜାର ଟଙ୍କାର ବିଲ ହୋଇଥିବା ସୂଚନା ରହିଛି। ଏ ଅନିୟମିତା ପଛରେ ବିଷମକଟକ ପିଇଓ ଓ ଯନ୍ତ୍ରୀଙ୍କ ମୁଖ୍ୟ ଭୂମିକା ଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି। ଅନ୍ୟ ପକ୍ଷରେ ଯନ୍ତ୍ରୀ ବିଶ୍ୱ ଭୂଷଣ ବେହେରା ଫେବୃଆରୀ ୨୦୨୬ରୁ ଦାୟୀତ୍ୱ ରେ ନ ଥାଇ ମଧ୍ୟ ବିଲ କେମିତି କଲେ ସେ ନେଇ ଯନ୍ତ୍ରିଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଟାଣି ଆଣିଛି। ଅର୍ଥ ଆତ୍ମସାତ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଏହାର ତଦନ୍ତ ସାତ ଦିନ ମଧ୍ୟରେ କରିବା ସହ ତଦନ୍ତ ରିପୋର୍ଟ ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ବୋଲି ସୂଚନା ମିଳିଛି। ଅନ୍ୟ ପଟେ ସମିତି ସଭ୍ୟ ତଥା ୱାର୍ଡ ସଭ୍ୟ ମାନଙ୍କୁ କୌଣସି ବୈଠକୁ ଡକାଯାଉନି ଏବଂ ସମସ୍ତ ନିଷ୍ପତ୍ତି ଏକଛତ୍ରବାଦ ଭାବେ କରାଯାଉଥିବା ବିଷମକଟକ ବ୍ଲକ ଉପାଧକ୍ଷ ଦେବୀ ପ୍ରାସାଦ ପଟ୍ଟନାୟକ ପ୍ରତିକ୍ରିୟା ରଖିଥିବା ସହ ବିଷମକଟକ ପଞ୍ଚାୟତ ମଧ୍ୟରେ ବିଗତ ୨୦୨୨ରୁ ଏବେ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଗୋଦାମ ଗୃହ ମରାମତି ସମ୍ବନ୍ଧୀୟ ଘଟଣାର ତଦନ୍ତ କରାଯିବା ସହ ଯେଉଁ ମାନେ ଏଥିରେ ସମ୍ପୃକ୍ତ ଥିବା ଦୋଷୀ ପ୍ରମାଣିତ ହେବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ବିଷମକଟକ ଗ୍ରାମ ପଞ୍ଚାୟତଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହୋଇଥିବାରୁ ସରପଞ୍ଚଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଯାଇଛି ଓ ଡିଏସସୀ କାମ କରୁନାହିଁ ଏବଂ କ୍ଷମତା ସବୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ହାତରେ ନ୍ୟସ୍ତ କରାଯାଇଛି। ପଞ୍ଚାୟତ ଫାଇଲ ହୋଇଥିବାରୁ ପିଡ଼ିଏସ ଖାତାରୁ ଟଙ୍କା ଉଠାଯିବା ନେଇ ପିଇଓ ଏବଂ ସରପଞ୍ଚଙ୍କ ଦସ୍ତଖତ ଯଥେଷ୍ଟ। ହେଲେ ସରପଞ୍ଚଙ୍କ ଡିଏସସୀ ଅଚଳ ହେବା ପୂର୍ବରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଚଞ୍ଚକତା କରି ସରପଞ୍ଚଙ୍କୁ ଅନ୍ଧାରରେ ରଖି ୪ ଲକ୍ଷ ଟଙ୍କା ସାରିଦେବା ଯୋଜନା କରିଥିବା ଅଭିଯୋଗ ହୋଇଛି।

➤ ପିଇଓ, ଯନ୍ତ୍ରୀ ଓ ବିଏଫଟିଙ୍କ ପାଇଁ ବଢିପାରେ ଅଡୁଆ

➤ ଭିଜିଲାନ୍ସ ତଦନ୍ତ ଦାବି କଲେ ବ୍ଲକ୍ ଉପାଧକ୍ଷ

## ଲୁଟ୍ ପ୍ରୟାସ, ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ: ୩ ଗିରଫ

ଜୟପୁର, ୧୯ ।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ଗାନ୍ଧୀଛକ ଠାରୁ ଗଡପଦର କେନାଲ ରାସ୍ତାରେ ବାଇକ୍ ଚାଳକ ଏବଂ ମହିଳା ଆରୋହୀଙ୍କୁ ରାସ୍ତାରେ ରଖି ଲୁଟ ଉଦ୍ୟମ ହୋଇଛି। ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନରେ ୩ ଅଭିଯୁକ୍ତଙ୍କୁ ଟାଉନଥାନା ପୁଲିସ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି ଏବଂ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛନ୍ତି। ଗିରଫ ତିନି ଅଭିଯୁକ୍ତ ସ୍ଥାନୀୟ ବାପୁଜୀ ନଗରର ପୂର୍ଣ୍ଣ ଖରା (୨୬), ସନ୍ତୋଷ ବେନିଆ(୩୬), କସିଲୋ ଖରା (୩୬)। ପୁଲିସ ସୂଚନା ଅନୁଯାୟୀ, ଗତ ୮ ତାରିଖ ସଂଧ୍ୟାରେ ସ୍ଥାନୀୟ ଏକ ଘରୋଇ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଦୁଇଜଣ ବାଇକ୍ ଯୋଗେ ଉକ୍ତ କେନାଲ ରାସ୍ତା ଦେଇ ଯାଉଥିବା ବେଳେ ୪ଜଣ ଅଭିଯୁକ୍ତ ସେମାନଙ୍କ ବାଇକ୍‌କୁ ଅଟକାଇ ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟ କରିବାକୁ ଉଦ୍ୟମ କରିଥିଲେ। ଅଧ୍ୟାପକ ଜୀବନ ଭୟରେ ଟଙ୍କା ନଥିବା କହି ଫୋନ ପେ'ରେ ପ୍ରଦାନ କରିବାକୁ କହିଥିଲେ। ଟଙ୍କା ଦେବାକୁ ଅଭିଯୁକ୍ତ ମାନେ ଜୋରଜବରଦସ୍ତ କରିବାରୁ ବାଧ୍ୟ ହୋଇ ନିକଟସ୍ଥ ପେଟ୍ରୋଲ ପମ୍ପରୁ ଅଧ୍ୟାପକ ଜଣକ ଟଙ୍କା ଆଣିବାକୁ ଯାଇଥିବା ବେଳେ ୪ଜଣ ଅଭିଯୁକ୍ତ ଅଧ୍ୟାପିକାଙ୍କୁ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଟାଉନଥାନାରେ ଅଧ୍ୟାପିକା ଲିଖିତ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଥିଲା। ଆଜି ଟାଉନ୍ ଥାନା ପୁଲିସ ଏହି ମାମଲାର ୩ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

## ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଅଦା ବିହନ ବଣ୍ଟନ



ଡାବୁଗାଁ,୧୯।୫(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଡାବୁଗାଁ ବ୍ଲକର ଚାଷୀ ମାନଙ୍କୁ ଅଦା ବିହନ ମଙ୍ଗଳବାର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବ୍ଲକର ୧୨ ପଞ୍ଚାୟତରେ ଖରିଫ ଋତୁରେ ୪ ହେକ୍ଟର ଜମିରେ ଅଦା ଚାଷ ପାଇଁ ୪୦ ଜଣ ଚାଷୀଙ୍କୁ ୭୫ କେଜି ଲେଖାଏଁ ୩ କ୍ୱିଣ୍ଟାଲ ଅଦା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ ଅଧିକାରୀ ରବି ଶଙ୍କର ପଣ୍ଡା ଚାଷୀଙ୍କୁ ଅଦା ବଣ୍ଟନ କରିଥିଲେ। ଅଦା ଚାଷ ହେବା ପରେ ଚାଷୀଙ୍କୁ ସରକାରଙ୍କ ତାରଫରୁ ସବ୍‌ସିଡ୍ ଦିଆଯିବ ବୋଲି ସହକାରୀ ଉଦ୍ୟାନ ଅଧିକାରୀ ସୂଚନା ପ୍ରଦାନ କରିଥିଲେ।

## ବିଧାୟକଙ୍କ ଦୁଇ ପ୍ରତିନିଧି ନିଯୁକ୍ତ





ଜୟପୁର, ୧୯ ।୫(ସମିସ) : ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ନିଜର ପ୍ରତିନିଧି ଭାବେ ସ୍ୱାସ୍ଥ୍ୟ ବିଭାଗ ପାଇଁ ସାଧୁ ଚରଣ ଦାଶ ଚୌଧୁରୀଙ୍କୁ ଏବଂ କୃଷି ବିଭାଗ ପାଇଁ ଶୀତଳ ରଥଙ୍କୁ ନିଯୁକ୍ତି କରିଛନ୍ତି। ଏଥିନେଇ ବିଧାୟକ ଶ୍ରୀ ବାହିନୀପତି ଜୟପୁର ଜଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ତଥା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ବିଧାୟକଙ୍କ ଅନୁପସ୍ଥିତି କିମ୍ବା ତାଙ୍କ ପ୍ରତିନିଧି ଭାବେ ଉଭୟ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଏବଂ ଅନ୍ୟାନ୍ୟ କାର୍ଯ୍ୟର ତଦାରଖ କରିବେ। ଉଭୟ ଯୁବ ସଦସ୍ୟ ହୋଇଥିବା ଯୋଗୁଁ ଉଭୟ ବିଭାଗର ଦାୟୀତ୍ୱ ସମ୍ପନ୍ନ ଭାବେ ବିଧାୟକଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିବେ ବୋଲି ବିଧାୟକ ଶ୍ରୀ ବାହିନୀପତି ଆଶା ପ୍ରକାଶ କରିଛନ୍ତି।

## ଜିଲ୍ଲା କିଷାନ କଂଗ୍ରେସ କାର୍ଯ୍ୟକର୍ତ୍ତା ଚୟନ

ରାୟଗଡ,୧୯।୫(ସମିସ): ରାୟଗଡ ଜିଲ୍ଲା କିଷାନ କଂଗ୍ରେସ କମିଟି ଅଧ୍ୟକ୍ଷ ଏମ.ଗଙ୍ଗାଧର ଆଚାରୀଙ୍କ ଅନୁରୋଧ କ୍ରମେ ଜିଲ୍ଲା କିଷାନ କଂଗ୍ରେସ କମିଟିର ଜିଲ୍ଲା କାର୍ଯ୍ୟକାରିଣୀ କାର୍ଯ୍ୟକର୍ତ୍ତା ଏବଂ ବ୍ଲକ୍ ସଭାପତିମାନଙ୍କ ନାମକୁ ଓଡିଶା ପ୍ରଦେଶ କିଷାନ କଂଗ୍ରେସ କମିଟି ଅଧ୍ୟକ୍ଷ ଅଭୟ ସାହୁ ଆଜି ଅନୁମୋଦନ କରିଛନ୍ତି। ଜିଲ୍ଲା କାର୍ଯ୍ୟକାରିଣୀ କମିଟିରେ ୩ଟି ଉପସଭାପତି, ୩ଟି ସାଧାରଣ ସଂପାଦକ ଏବଂ ୪ଟି ସଂପାଦକ ପଦବୀ ପୂରଣ କରାଯାଇଛି। ଉପସଭାପତି ଭାବେ ନରସିଂହ ବିଡିକା, ବୁଦ୍ଧଦେବ ଖୋସଲା, ଚନ୍ଦ୍ରଶେଖର ପୁଆଲା ମନୋନୀତ ହୋଇଥିବା ବେଳେ ଜଳନ୍ଧ୍ର ଗରଡା, ଡୋକି ସୂର୍ଯ୍ୟାରାଓ, ଫେଂଟା ତୋଇକା ସାଧାରଣ ସଂପାଦକ ଏବଂ ଆପଲାସ୍ୱାମୀ କୌଶଲ୍ୟା, ମୋହନ ସାରକା, ରଂଜନ ଜିଲାକାରା, ଖିରମଣି ଉତ୍ରାଙ୍କୁ ସଂପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଜିଲ୍ଲା କିଷାନ କଂଗ୍ରେସ କମିଟିର ରାୟଗଡ ବ୍ଲକ ସଭାପତି ରୂପେ ସାଙ୍ଗନା କିଲକା,କାଶିପୁର ସଭାପତି ସିଙ୍ଗି ମାଝି,ରାମନାଗୁଡା ସଭାପତି ମାଲିକାର୍ଜୁନ ଖେଙ୍ଗୁଭା, ଗୁଣପୁର ସଭାପତି ସାମ୍ରା ବିଡିକା, ଗୁଡାରୀ ସଭାପତି ଦାଶରଥୀ ଗମାଙ୍ଗ, ଚନ୍ଦ୍ରପୁର ସଭାପତି କାହ୍ନୁଚରଣ ରାଜୁ,ପଦ୍ମପୁର ସଭାପତି ସଦାଶିବ ମାଝିଙ୍କୁ ନୂତନ ବ୍ଲକ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ବିଷମକଟକ ବ୍ଲକ ସଭାପତି ଭାବେ ମୁଲିଆ ବିଭର, କୋଲନରା ସଭାପତି ଗୋପିନାଥ ମିଣିଆକା, କଲ୍ୟାଣସିଙ୍ଗପୁର ସଭାପତି ରଘୁ ଉର୍ଲାକା ଓ ମୁନିଗୁଡା ବ୍ଲକ୍ ସଭାପତି ଭାବେ ଚନ୍ଦ୍ରଜିତ ଯାଦବଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲାରେ ସରକାରଙ୍କ ଚାଷୀ ମାରଣନୀତି ବିରୁଦ୍ଧରେ ଏବଂ କୃଷକଙ୍କ ସମସ୍ୟାର ସମାଧାନ ଓ ବିକାଶ ଦିଗରେ ସମସ୍ତ ମନୋନୀତ ପଦାଧିକାରୀମାନେ କାର୍ଯ୍ୟ କରିବେ ବୋଲି ଜିଲ୍ଲା କିଷାନ କଂଗ୍ରେସ କମିଟି ଅଧ୍ୟକ୍ଷ ଗଙ୍ଗାଧର ଆଚାରୀ ପ୍ରକାଶ କରିଛନ୍ତି। ନବନିଯୁକ୍ତ ପଦାଧିକାରୀମାନେ ଦାୟିତ୍ୱ ପାଇବା ପରେ ଜିଲ୍ଲା କିଷାନ କଂଗ୍ରେସ କମିଟି ଅଧ୍ୟକ୍ଷ ଗଙ୍ଗାଧର ଆଚାରୀ, ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁଙ୍କୁ ଏବଂ ଜିଲ୍ଲାର ସାଂସଦ ,ବିଧାୟକ ଓ ଜିଲ୍ଲା କମିଟି ପଦାଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କୋଟଲାଗୁଡା ବାସନ୍ତୀ ଫିଲିଂ ଷ୍ଟେସନ୍‌ରେ ଚଢ଼ଉ



ରାୟଗଡା,୧୯।୫(ସମିସ): ରାୟଗଡ଼ ଉପଜିଲ୍ଲାପାଳ ରମେଶ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ ଉପଖଣ୍ଡ ସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ଅତିରିକ୍ତ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଖିଲ , ରାୟଗଡ଼ ଓ ଅତିରିକ୍ତ ତହସିଲଦାର ଦେବାଶିଷ ବିଶ୍ୱାସଙ୍କ ସହଯୋଗରେ ଅଭିଯୋଗ ଅନୁଯାୟୀ ଆଜି କୋଟଲଗୁଡା ସ୍ଥିତ ମେସେର୍ସ ବାସନ୍ତୀ ଫିଲିଂ ଷ୍ଟେସନ୍ (ଏଚପିସିଏଲ) ଉପରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ୩୧ ଲିଟର ଡିଜେଲ୍ (ଏଚଏସଡି), ୧ଟି ଭର୍ତ୍ତି ବ୍ୟାରେଲ୍ ଓ ୫ଟି ଖାଲି ବ୍ୟାରେଲ୍ ଜବତ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଆଗାମୀ ଦିନରେ ଏପରି ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।

## ପୋଖରୀରେ ବୁଡ଼ି ଜଣେ ମୃତ

ଉମରକୋଟ, ୧୯।୫(ସମିସ): ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ପୋଖରୀରେ ବୁଡି ମୃତ ବରଣ କରିଥିବା ବୃଦ୍ଧ ଜଣକ ହେଲେ ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ଅନ୍ତର୍ଗତ କୁସୁମ ଗୁଡା ଗ୍ରାମର ସଦନ ଗୌଡ (୭୧)। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣା ପ୍ରକାରେ ସଦନ ଆଜି ଦିନ ୧୦ଟା ସମୟରେ ଘର ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅସାବଧାନତା ଯୋଗୁଁ ଗୋଡ ଖସିଯିବାରୁ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ଖବରପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚ ଅଗ୍ନିଶମ ବାହିନି ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚ ସଦନଙ୍କୁ ପୋଖରୀ ଭିତରୁ ଉଦ୍ଧାର କରିଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଏଏସଆଇ ବିଶ୍ୱ ରଞ୍ଜନ ପାଢି ଏହାର ତଦନ୍ତ କରୁଛନ୍ତି।

## ଏମଭି ୩୧ ଗ୍ରାମରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

କୋରୁକୋଣ୍ଡା,୧୯ ।୫(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଠାରେ ଥିବା ସଦର ପୁଲିସ ଥାନା ଅନ୍ତର୍ଗତ ଏମଭି ୩୧ ଗ୍ରାମରେ ଜଣେ ଅଜଣା ବ୍ୟକ୍ତି ମୃତ୍ୟୁବରଣ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଏମଭି ୩୧ ଗ୍ରାମରେ ଉକ୍ତ ବ୍ୟକ୍ତି ଜଣଙ୍କ ଗତ କିଛିବର୍ଷ ଧରି ନିରନ୍ତର ଭାବେ ଏକ କୁଡିଆ ଘରେ ରହି ଆସୁଥିଲା। ଉକ୍ତ ବ୍ୟକ୍ତି ଜଣଙ୍କ କୌଣସି କାରଣରୁ ଗୁରୁତର ହୋଇ ପଡିବାରୁ ଆଜି ସ୍ଥାନୀୟ ଅଞ୍ଚଳର କିଛି ଲୋକେ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ଗଛ ଭାଙ୍ଗି ରାସ୍ତା ଅବରୋଧ

ପଟ୍ଟାଙ୍ଗି,୧୯।୫(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ପୁକାଲି ଅଞ୍ଚଳରେ କାଳବୈଶାଖି ବର୍ଷା ହୋଇଥିଲା। ବର୍ଷା ହେବା ଫଳରେ ପୁକାଲି ହାଟର ରାସ୍ତା ମଝିରେ ଏକ ବିରାଟକାୟ ପୁରାତନ ଗଛ ଭାଙ୍ଗିଯାଇ ରାସ୍ତା ଉପରେ ପଡ଼ିଯାଇଥିଲା। ଅଗ୍ନିଶମ ଅଧିକାରୀ ହରେରାମ ମଣ୍ଡଳଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ତୁରନ୍ତ ଉକ୍ତ ଭାଙ୍ଗି ଯାଇଥିବା ଗଛଟିକୁ କାଟି ସଫା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇପାରିଥିବା ଦେଖିବାକୁ ମିଳିଛି।

## ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ



କୋଷାଗୁମୁଡ଼ା,୧୯।୫(ସମିସ): ବହୁ ଦିନର ଅପେକ୍ଷାର ଅନ୍ତ ଘଟିଲା। ଦୀର୍ଘ ଦିନର ଦାବି ପରେ ଉପାନ୍ତ ଅଞ୍ଚଳରେ ନ୍ୟାୟିକ ବ୍ୟବସ୍ଥା ଦ୍ୱାର ଦେଶରେ ପହଞ୍ଚି ପାରିଛି। ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକର କୋଡିଙ୍ଗା ଠାରେ ନୂତନ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ) ଜେଏମଏଫସି କୋର୍ଟର ଶୁଭ ଉଦଘାଟନ ଆଜି ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଛି। ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ମୁଖ୍ୟ ଅତିଥି ଓ ବିଚାରପତି ଜଷ୍ଟିସ ରାଧା କୃଷ୍ଣ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଆଭାସୀ ଜରିଆରେ ଏହାର ଉଦଘାଟନ କରିଥିଲେ। କୋଡୀଙ୍ଗା ଠାରେ ଅନୁଷ୍ଠିତ ଏହି ଉଦ†ାଟନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ, ରେଜିଷ୍ଟର ଶାଶ୍ୱତୀ ମିଶ୍ର ଉପସ୍ଥିତ ଥିଲେ। କୋଡ଼ିଙ୍ଗା ନ୍ୟାୟାଳୟରେ ସୌମ୍ୟାଶ୍ରୀ ମହାପାତ୍ର ବିଚାରପତି ରୂପେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲାର କୋଡିଙ୍ଗା ଠାରେ ଏହି କୋର୍ଟ ସ୍ଥାପନ ହେବା ଦ୍ୱାରା ଲୋକଙ୍କ ପାଇଁ ନ୍ୟାୟ ପ୍ରଦାନ ଅଧିକ ତ୍ୱରିତ ହେବା ସହ ଅଞ୍ଚଳବାସୀଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥା ଅଧିକ ସହଜ ଓ ସୁଗମ ହେବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି।

## ପବନ ବର୍ଷାରେ ଗଛ ପଡ଼ି ରାସ୍ତା ଅବରୋଧ

କାକିରିଗୁମା, ୧୯।୫ (ସମିସ): କୋରାପୁଟ ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ଡି ପଞ୍ଚଡା ଛକ ନିକଟରେ ସଂଧ୍ୟାରେ ପବନ ବର୍ଷା ହେବା ଯୋଗୁଁ ରାସ୍ତା ପାଶ୍ୱର୍ରେ ଥିବା ବିରାଟ ଗଛ ରାସ୍ତା ଉପରେ ପଡ଼ିଥିଲା । ଫଳରେ ଯାତାୟତ କିଛି ସମୟ ପାଇଁ ଠପ୍ ହୋଇଯାଇଥିଲା । ରାସ୍ତାର ଉଭୟ ପାଶ୍ୱର୍ରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଡ଼ଘଡ଼ି ସହିତ ବର୍ଷା ହୋଇଥିଲା। ଘଡ଼ଘଡ଼ି ହେବା ଯୋଗୁଁ ବିଜୁଳି ପଡ଼ି କୁସୁମୁ ଗୁଡା ପଞ୍ଚାୟତର କେଲାର ଗ୍ରାମରେ ଦୁଇଟି ମହିଷୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବର୍ଷା ପବନ ଯୋଗୁଁ ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି।

## 'ଆଭା' ଅଧ୍ୟକ୍ଷ ହେଲେ ପବିତ୍ର କାନ୍ଦିଲିଆ



ବୈପାରୀଗୁଡ଼ା, ୧୯।୫(ସମିସ): ବୈପାରୀଗୁଡା କୃଷି ବିଭାଗର 'ଆଭା' ଅଧ୍ୟକ୍ଷ ହେଲେ ପବିତ୍ର କାନ୍ଦିଲିଆ। ଆଜି ବୈପାରୀଗୁଡା କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ବ୍ଲକ କୃଷି ଅଧିକାରୀ ସମତ ବିଭାଗୀୟ ଅଧିକାରୀ ଏବଂ ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ନିର୍ଦ୍ୱନ୍ଦ୍ୱରେ "ଆଭା' ସଂସ୍ଥାର ଅଧ୍ୟକ୍ଷ ଭାବେ ନର୍ବାଚିତ ହୋଇଛନ୍ତି ପବିତ୍ର କାନ୍ଦିଲିଆ। ନବ ନିର୍ବାଚିତ ଆଭା ଅଧ୍ୟକ୍ଷ ଶ୍ରୀ କାନ୍ଦିଲିଆଙ୍କୁ ଉପଢୌକନ ଦେଇ ମିଠା ଖୁଆଇ ଶୁଭେଚ୍ଛା ଜଣାଇଛନ୍ତି କମିଟି ସଭ୍ୟ ସଭ୍ୟାମାନେ। କୃଷି କାର୍ଯ୍ୟରେ ଉନ୍ନତ ଅଭିଜ୍ଞତା ଥିବା ପ୍ରଗତିଶୀଳ ଚାଷୀ, ମହିଳା ଚାଷୀ ଏବଂ କୃଷକ ଉତ୍ପାଦକ ସଂଗଠନର ପ୍ରତିନିଧି ଏବଂ ବିଭିନ୍ନ ବିଭାଗ ମଧ୍ୟରୁ କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟଚାଷ ଏବଂ ମୃତ୍ତିକା ସଂରକ୍ଷଣର ଅଧିକାରୀମାନଙ୍କୁ ନେଇ ଏହି ଟିମ୍ ଗଠିତ ହୋଇଯାଇଛି। ଏହି ଅବସରରେ ଆଭା ଅଧ୍ୟକ୍ଷ କହିଛନ୍ତି ଯେ, ଚାଷୀମାନଙ୍କର ସମସ୍ୟା, ସେମାନଙ୍କ ଆବଶ୍ୟକତା ଏବଂ ମତାମତକୁ କମିଟି ଆଗରେ ଉପସ୍ଥାପନ ପାଇଁ ସୁଯୋଗ ଦିଆଯିବ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରସାରଣରେ ସହଯୋଗ କରାଯିବ। ଚାଷୀମାନଙ୍କୁ ନୂତନ କୃଷି ଜ୍ଞାନକୌଶଳ ସମ୍ପର୍କରେ ତାଲିମ ପ୍ରଦାନ, କ୍ଷେତ୍ରସ୍ତରରେ ପ୍ରଦର୍ଶନ, ଗବେଷଣା ସଂସ୍ଥା ଏବଂ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବ। ରାଜ୍ୟ ସରକାରଙ୍କ କୃଷି ବିଭାଗ ଏବଂ କେନ୍ଦ୍ରୀୟ ଯୋଜନା ଗୁଡ଼ିକର ସୁବିଧା ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଚେଷ୍ଟା କରାଯିବ। ନୂତନ ଆଭା ଅଧ୍ୟକ୍ଷ ନିର୍ବାଚନ ସମୟରେ ବ୍ଲକ କୃଷି ଅଧିକାରୀ ସୋମ୍ୟ ରଞ୍ଜନ ପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦୀପକ ରଞ୍ଜନ ମହାପାତ୍ର, ବୈପାରୀଗୁଡା ସହକାରୀ କୃଷି ଅଧିକାରୀ ନନ୍ଦୁ ଯାନୀ, ରାମଗିରି ସହକାରୀ କୃଷି ଅଧିକାରୀ କେଶବ ଚାନ୍ଦ ଗୌଡ଼, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆସିଷ୍ଟାଣ୍ଟ ଫିସେରୀ ଅଫିସର ବିଘ୍ନ ହିଆଲ, ବ୍ଲକ ଟେକ୍ନୋଲଜୀ ମେନେଜେର (ବିଟିଏମ) ଭାଗବତ ପ୍ରସାଦ ରଥ ସମେତ ୨୨ ଟି କମିଟି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

● ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

## ପେଟ ପାଇଁ ଟାଣଖରାରେ ବେପାରୀ



ନବରଙ୍ଗପୁର,୧୯।୫(ସମିସ): ଚଳିତ ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଗରମ ଅନୁଭବ ହେଉଛି। ଗରମକୁ ନେଇ ସରକାର ଏବଂ ପ୍ରଶାସନ ପକ୍ଷରୁ ମଧ୍ୟ ନିହାତି ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବା ପାଇଁ ଏବଂ ଶ୍ରମିକ ମାନଙ୍କୁ ମଧ୍ୟ ଖରାରେ କାର୍ଯ୍ୟ ନ କରିବା ପାଇଁ ସତର୍କ କରିଛନ୍ତି। ହେଲେ ତଥାପି ବର୍ତ୍ତମାନ ଲୋକଙ୍କ ପରିସ୍ଥିତି ଏଭଳି ଯେ, ଯେତେ ଖରା ଗରମ ହେଲେ ମଧ୍ୟ ବାହାରକୁ ନ ବାହାରିଲେ ମୁଠେ ଖାଇବା ପାଇଁ ମିଳିବା ମଧ୍ୟ ବନ୍ଦ ହୋଇଯିବ ଏବଂ ଘରର ଚୁଲି ମଧ୍ୟ ବନ୍ଦ ହୋଇଯିବ। ଘରୁ ବାହାରିଲେ ଦେହ ମୁଣ୍ଡ ଜଳୁଛି ନ ବାହାରିଲେ ପରିବାର ସଦସ୍ୟଙ୍କ ପେଟ ଜଳୁଛି। ବାହାରେ ରାସ୍ତା କଡ଼ରେ ବସୁଥିବା ଉଠା ଦୋକାନୀ , ପଇଡ ବିକାଳି , ପରିବା ବିକାଳୀଙ୍କୁ ପଚାରିଲେ କହୁଛନ୍ତି 'ଯଦି ଆମେ ବାହାରିବୁ ନାହିଁ ତ ପରିବାର ଚାଲେଇବୁ କେମିତି, ପରିସ୍ଥିତିରେ ପଡି ବହାରୁଛୁ ଯଦି ବାହାରୁଛୁ ଦେହ ଜଳୁଛି କଷ୍ଟ ହେଉଛି , ଗରମକୁ ଡରି ଯେବେ ନ ବାହାରିକି ରହିଯିବାକୁ ପଡୁଛି ତ ସେଦିନ ପରିବାରର ସମସ୍ତଙ୍କ ପେଟ ଜଳୁଛି'। ଉଠା ଦୋକାନୀଙ୍କ ମଧ୍ୟରେ କିଏ ଛୋଟ ଛତା ଧରି ବସିଛି ତ ଆଉକିଏ ଛତା ଉପରେ ଖଣ୍ଡିଏ ଜରି ଡାଙ୍କୁଛି ଏବଂ ଆଉ କିଏ କିଏ ମୁଣ୍ଡରେ ଗାମୁଛା ବାନ୍ଧି ମୁଣ୍ଡ ଏବଂ ମୁହଁରେ ବାରମ୍ବାର ପାଣି ଛାଟି ଛାଟି ବସୁଛନ୍ତି। କାଳେ କେତେବେଳେ କେଉଁ ଗ୍ରାହକ ଆସିବେ ଆଉ ସେମାନଙ୍କ ବିକ୍ରି କରୁଥିବା ଜିନିଷରୁ କିଛି କିଣି ନେବେ ଓ ସେମାନେ ଯେଉଁ ଟଙ୍କା ପାଇବେ ସେଥିରୁ କିଛି ଆଗାମୀ ଦିନର ଜିନିଷ ପାଇଁ ରଖିବେ ଏବଂ ଆଉ କିଛି ଟଙ୍କାରେ ଘରକୁ ସଉଦା ନେଲେ ଘରର ଚୁଲି ଜଳିବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦିନର ପ୍ରଚଣ୍ଡ ଖରା ଗରମକୁ ମଧ୍ୟ ଖାତିରି ନ କରି ପେଟ ପାଇଁ ମୁଠାଏ ଖାଇବା ପାଇଁ ଅସହ୍ୟ ଗରମ ସହିତ ଦିନ ସାରା ସଂଘର୍ଷ କରି କରି ଗ୍ରାହକକୁ ଚାହିଁ ବସୁଛନ୍ତି ପରିବା ବେପାରୀ। ଭୁଲି ଯାଉଛନ୍ତି ପ୍ରଚଣ୍ଡ ଖରା ଗରମ। ଚଳିତ ବର୍ଷର ଭୀଷଣ ଖରା ଗରମ ଏତେ ପରିମାଣର ହୋଇଛି ଯେ ଗରମ ନିଆଁ ଝାସ ଭଳି ଅନୁଭବ ହେଉଛି। ଚଳିତ ଗ୍ରୀଷ୍ମ ଋତୁ ସମସ୍ତ ଜନସାଧାରଣ , ସମସ୍ତ ଉଠା ଦୋକାନୀ , ରାସ୍ତା କଡ଼ରେ ବସୁଥିବା ପାରିବ ବିକାଳି , ପଇଡ ବିକାଳି , ତରଭୁଜ କମଳା ବିକାଳି ଙ୍କ ପାଇଁ ଏହା ଏକ ପ୍ରକାର ଅଗ୍ନି ପରୀକ୍ଷା ବୋଲି ଲୋକେ କହୁଛନ୍ତି।

କାଳବୈଶାଖୀ ତାଣ୍ଡବ

## ଭାଙ୍ଗିଲା ଘର; ଉଡ଼ିଲା ଛାତ

ପାପଡାହାଣ୍ଡି,୧୯।୫(ସମିସ):





ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକର ଅନେକ ସ୍ଥାନରେ କାଳବୈଶାଖୀ ତାଣ୍ଡବରେ କିଛି ଘର ଭାଙ୍ଗିଥିବା ବେଳେ ଅନେକ ଘରର ଛାତ ଉଡେଇ ନେଇଛି। ଗଛ ପଡିବା ଯୋଗୁଁ ବିଦ୍ୟୁତ ବିଚ୍ଛିନ୍ନ ହୋଇଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସୂଚନା ଅନୁଯାୟୀ ପାପଡାହାଣ୍ଡି ବ୍ଲକ ପୋଣ୍ଡିକୋଟ ଗ୍ରାମପଞ୍ଚାୟତ ଆନ୍ତର୍ଗତ ପ୍ରଧାନୀଗୁଡା ଗ୍ରାମ ଠାରେ ସନ୍ଧ୍ୟା ସମୟରେ ହୋଇଥିବା କାଳବୈଶାକୀ ପ୍ରଭାବରେ ପ୍ରଭୁନାଥ ପୂଜାରୀ, ବନମାଳୀ ହରିଜନ, ରତନ ହରିଜନ, ବ୍ରଜ ହରିଜନ, ମୀନ ହରିଜନ ଘର ଛାତ ଉଡିଯାଇଛି । ସେହିପରି ଗ୍ରାମର ସୁଲଭାନନ୍ଦ ମହାପାତ୍ରଙ୍କ ଦୋକାନ ଘର ଉପରେ ଗଛ ପଡି ଦୋକାନ ଗୃହ ନଷ୍ଟ ହୋଇଛି। ପାପଡାହାଣ୍ଡି ପୁରୁଣା ମେଡିକାଲ ଠାରେ ସୁରେଶ ଅଗ୍ରୱାଲଙ୍କ କାର ଉପରେ ଗଛ ଡାଳ ପଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ନାକଟିଗୁଡା ଗ୍ରାମପଞ୍ଚାୟତର ପୁଞ୍ଜିଗୁଡା ଗ୍ରାମରେ ସୋମନାଥ ଭତରା , ବୈଦନାଥ ଭତରା ଦେବ ସିଂ ଭତରା, ଧନସିଂହ ଭତରାଙ୍କ ଘର ଛାତ ଉଡିଯାଇଥିବା ବେଳେ ସଦନ ପୂଜାରୀ ଘର ଉପରେ ଗଛ ପଡି ଯାଇଛି । ଘର ନଷ୍ଟ ହୋଇଯାଇଛି। ପୁଞ୍ଜିଗୁଡାରେ ଅନେକ ଗଛ ଭାଙ୍ଗିଥିବା ଯୋଗୁଁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ବର୍ତ୍ତମାନ ଏହି ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ଲୋକ ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ପାପଡାହାଣ୍ଡି ପଞ୍ଚାୟତ ଡୋକ୍ରିବେଡା ଗ୍ରାମ ଠାରେ ପ୍ରିୟବ୍ରତ ପାତ୍ରଙ୍କ ଟିଣ ଛପର ଘରର ସମ୍ପୂର୍ଣ୍ଣ ଟିଣ ଉଡାଇ ନେଇଛି। ଦଳେଇଗୁଡ଼ା ଠାରେ ଅନେକ ଗଛ ଭାଙ୍ଗି ୧୧ କେଭି ବିଦ୍ୟୁତ୍ ଡିପି ଓ ୧୧ କେଭି ପୋଲ ଭାଙ୍ଗିଯାଇଛି। ପାପଡାହାଣ୍ଡି ହନୁମାନ ମନ୍ଦିର ନିକଟରେ ଏକ ଗଛ ଡାଳ ଭାଙ୍ଗି ବିଦ୍ୟୁତ ତାର ଛିଣ୍ଡି ଯାଇଛି। ମୃଗ ବିହାର ପଛପଟେ ୩୩ କେଭି ବିଦ୍ୟୁତ ତାର ବିଚ୍ଛିନ୍ନ ହେବା ଯୋଗୁଁ ପାପଡାହାଣ୍ଡି ଗ୍ରାମ ଅପରାହ୍ଣ ୪ ଘଣ୍ଟା ସମୟରୁ ଅନ୍ଧାର ହୋଇ ରହିଛ। ଏହି କାଳ ବୈଶାଖୀ ତାଣ୍ଡବ ପରେ ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଜସ୍ୱ କାମ ଜାରି ରଖିଛନ୍ତି।

# ସରକାରୀ ଜମି ଜବରଦଖଲ କରି ଷ୍ଟଲ୍ ନିର୍ମାଣ

## ତୁରନ୍ତ ଭଙ୍ଗାଯିବ: ଚିତ୍ରକୋଣ୍ଡା ତହସିଲଦାର



ମାଲକାନଗିରି,୧୯।୫ (ସମିସ): ସରକାରୀ ଜାଗାରେ ରାଜ୍ୟ ରାଜପଥକୁ ଲାଗି ବେଆଇନ ଭାବେ ନିର୍ମାଣ ହୋଇଛି ଦୋକାନ ଗୃହ। ଘଟଣା ବିଷୟରେ ପ୍ରଶାସନ ଅବଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ସୂଚନା ଦେଇଛି। ଆଜି ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି-ଜୟପୁର ମୁଖ୍ୟ ରାସ୍ତାର ବାଲିମେଲା ଛକ ନିକଟରେ ଥିବା ହାରକିସ ଶର୍ମା ରାଇସ ମିଲ ନିକଟରେ। ମିଳିଥିବା ସୂଚନା ମୁତାବକ ଶ୍ରୀ ଶର୍ମା ଆଜିକୁ ଦୀର୍ଘ ବର୍ଷ ହେବ ରାଇସ ମିଲ କରିଥିବା ବେଳେ ନିଜ ଜାଗାର ସୀମା ବାହାରକୁ ଯାଇ ବର୍ତ୍ତମାନ ଦୋକାନ ଗୃହ ରାଜ୍ୟ ରାଜପଥକୁ ଲାଗି ନିର୍ମାଣ କରିଥିବା ନେଇ ଅଭିଯୋଗ ହୋଇଛି। ନିଜ ମନ ମୁତାବକ ସରକାରୀ ଜାଗା ଉପରେ ଏହିପରି ବେଆଇନ ଭାବେ ଦଖଲ କରି ଏକ ହୋଣ୍ଡା ବାଇକ୍ ସୋ ରୁମ ନିମନ୍ତେ ଅଗ୍ରୀମ ଲକ୍ଷାଧିକ ଟଙ୍କା ନେଇ ଉକ୍ତ ଦୋକାନ ଗୃହ ଗୁଡିକରୁ ଭଡା ଆଦାୟ କରୁଥିବା ଦେଖିବାକୁ ମିଳିଛି। ଏନେଇ ରାଜସ୍ୱ ବିଭାଗ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଆମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ତ୍ରିନାଥ ପ୍ରଧାନଙ୍କୁ ପଚାରିବାରୁ ବେଆଇନ ଭାବେ ଶ୍ରୀ ଶର୍ମା ସରକାରୀ ଜାଗା ଉପରେ ଦୋକାନ ଗୃହ ନିର୍ମାଣ କରିଥିବା କହିଥିଲେ। ତେଣୁ ଏନେଇ ବିଭାଗ ପକ୍ଷରୁ ନୋଟିସ ଦିଆଯିବ ଏବଂ ଯଦି ୧ ମାସ ଭିତରେ ସେ ସରକାରୀ ଜାଗାରେ ମାଡି ବସି ନିର୍ମାଣ କରିଥିବା ଦୋକାନ ଗୃହକୁ ନ ଭାଙ୍ଗନ୍ତି, ତାହେଲେ ରାଜସ୍ୱ ବିଭାଗ ଭାଙ୍ଗିବାକୁ ବାଧ ହେବ ବୋଲି ସେ କହିଛନ୍ତି। ଏନେଇ ଆମେ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡାଙ୍କୁ ପଚାରିବାରୁ ସେ ଡିମାର୍କେସନ କରାଇ ଜବରଦଖଲ କରିଥିବା ଜାଗାର ଦୋକାନ ଗୃହ ଭୁଶୁଡ଼ାଇବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ତେବେ ରାଜ୍ୟ ରାଜପଥ କଡରେ ସରକାରୀ ଜମି ଜବରଦଖଲ କରି ଷ୍ଟଲ ନିର୍ମାଣ ସହ ବେସରକାରୀ ମୋଟରଯାନ କମ୍ପାନୀକୁ ଏହିପରି ଲକ୍ଷାଧିକ ଟଙ୍କା ନେଇ ଭଡା ଆଦାୟ କରିବା ଘଟଣାରେ ଶ୍ରୀ ଶର୍ମାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହେଉଛି।

# ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ରାଜନୈତିକ ଦଳଙ୍କ ସହ ଆଲୋଚନା



ଗୁଣପୁର, ୧୯।୫(ସମିସ): ଗୁଣପୁର ଉପ ଜିଲ୍ଲାପାଳଙ୍କ କକ୍ଷରେ ୧୩୮-ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳଙ୍କ ସହ ଆଲୋଚନା ହୋଇଥିଲା। ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକଙ୍କ ସମେତ ବିଜେପି ତରଫରୁ ବନମାଳୀ ଗମାଙ୍ଗ, କଂଗ୍ରେସ ତରଫରୁ ନୀଳମାଧବ ସାହୁ, ବିଜେଡି ତରଫରୁ ମନୋଜ କୁମାର ପାଣି, ବିଏସପି ତରଫରୁ କୈଳାସ ଶବର, ଶଶୀଧର ଶବର ପ୍ରମୁଖ ଯୋଗ ଦେଇଥିଲେ। ମୃତ, ଡୁପ୍ଲିକେଟ ଭୋଟରଙ୍କ ନାମ ବାଦଦେବା, ସ୍ଥାନାନ୍ତର ଭୋଟରଙ୍କ ନାମ ତନଖି କରିବା, ଭୋଟର ତାଲିକା ସଂଶୋଧନ କରିବା ଆଦି କାର୍ଯ୍ୟ ମଇ ମାସ ୩୦ ତାରିଖରୁ ଆରମ୍ଭ ହୋଇ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଏଲଓ ମାନେ ଘରକୁ ଘର ବୁଲୁ ମ୍ୟାପିଂ କରିବେ ଓ ସଠିକ, ପାରଦର୍ଶିତା ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ପ୍ରତିଟି ଭୋଟରଙ୍କ ଠାରୁ ତଥ୍ୟ ସଂଗ୍ରହ କରିବେ। ବର୍ତ୍ତମାନ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୯୭ ଭୋଟ ଗ୍ରହଣ କେନ୍ଦ୍ର ରହିଛି ଓ ମୋଟ ଭୋଟର ସଂଖ୍ୟା ୨୨୨୪୦୫ ଥିବା ବେଳେ ସେଥିରୁ ପୁରୁଷ ୧୦୬୯୭୭ ସ୍ତ୍ରୀ ୧୧୫୩୭୪ ଏବଂ ଅନ୍ୟାନ୍ୟ ୫୪ଜଣ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ବିଏଲଓ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସଠିକ ତଥ୍ୟ ଯୋଗାଇ ଦେବା ନିମନ୍ତେ ଉପ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ଉପସ୍ଥିତ ନେତା ମାନଙ୍କୁ ଅନୁରୋଧ କରିଥିଲେ। ରାଜନୈତିକ ଦଳ ତରଫରୁ ସମସ୍ତ ବୁଥରେ ବୁଥ ଲେବୁଲ ଏଜେଣ୍ଟ ନିୟଜିତ କରିବା ସହ ସେମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ପରାମର୍ଶ ଦେବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଆଜିର ଏହି ବୈଠକକୁ ନିର୍ବାଚନ ବରିଷ୍ଠ ସହାୟକ ସୁଶାନ୍ତ କୁମାର ଦାସ, କନିଷ୍ଠ ସହାୟକ ରାଜେଶ କୁମାର ବିଶୋଇ, ଡିଇଓ ଅନନ୍ତ ବିଡିକା ପ୍ରମୁଖ ପରିଚାଳନା କରିଥିଲେ।

● ନନ୍ଦିନୀ ନାଏକ ହତ୍ୟା ଘଟଣାର ରାୟ ପ୍ରକାଶ

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ



ବିଷମକଟକ,୧୯।୫(ସମିସ) ବିଷମ କଟକ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସିଦ୍ଧାର୍ଥ ସାହୁ ଏକ ହତ୍ୟାକାଣ୍ଡ ଘଟଣାର ବିଚାର କରି ସୋମବାର ଦିନ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୩ ମସିହାରେ ମୁନିଗୁଡା ଥାନା ଅନ୍ତର୍ଗତ ହଟାମୁନିଗୁଡା ସଦର ପଞ୍ଚାୟତର ରାମକୃଷ୍ଣ ମିଶନ ପଡିସାରେ ଥିବା ଏକ ଘରେ ନନ୍ଦିନୀ ନାଏକ ନାମକ ମହିଳା ଶୋଇଥିବା ଅବସ୍ଥାରେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସ୍ୱାମୀ ରଂଜିତ ନୟାକଙ୍କ ଏତଲା ଆନୁଯାୟୀ ଏ.ଚନ୍ଦ୍ର ଙ୍କୁ ମୁନିଗୁଡା ପୁଲିସ ଗିରଫ କରିଥିଲା। ଏହି ମାମଲାର ଶୁଣାଣୀ କରି ୨୨ଜଣ ସାକ୍ଷୀଙ୍କ ସାକ୍ଷ ପ୍ରମାଣ ଆଧାରରେ ଆଜି ବିଷମକଟକ ଅତିରିକ୍ତ ଜିଲ୍ଲା ଦୌରା ଜଜ୍, ଚନ୍ଦ୍ର ଆରେକେନ୍ଦ୍ରାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦେୟ ଅତିରିକ୍ତ ଏକବର୍ଷ ଜେଲଦଣ୍ଡ ଭୋଗିବେ। ମାମଲାକୁ ସରକାରୀ ଓକିଲ ଦିଲ୍ଲୀପ ମହାରଣା ପରିଚାଳନା କରୁଥିଲେ। ଘଟଣା କ୍ରମରେ ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକ୍ ଓ ମୁନିଗୁଡା ଥାନା ଅଧୀନରେ ରହିଥିବା ହାଟମୁନିଗୁଡା ସଦର ପଞ୍ଚାୟତ ହାଟ ମୁନିଗୁଡା ରାମକ୍ରୀଷ୍ଣା ମିଶନ ନିକଟରେ ଏ.ଚନ୍ଦ୍ରା ଘରେ ନନ୍ଦିନୀ ନାୟକ ନାମକ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମୃତକ ମହିଳା ନନ୍ଦିନୀ ନାୟକ ରାମକୃଷ୍ଣ ମିଶନରେ ମାଳି ଭାବେ କାର୍ଯ୍ୟ କରୁଥିବା ବେଳେ ସେ ତାଙ୍କ ସମ୍ପର୍କୀୟ ଭାଇ ଏ.ଚନ୍ଦ୍ରା ଙ୍କ ଘରେ ପ୍ରାୟ ସମୟରେ ରହିଯାଉଥିଲେ। ସେହି ସମ୍ପର୍କୀୟ ଭାଇ ହିଁ ବିଳମ୍ବିତ ରାତ୍ରିରେ ନନ୍ଦିନିଙ୍କୁ ନିର୍ମମ ଭାବେ ହତ୍ୟା କରି ମୁନିଗୁଡା ଥାନାରେ ଆତ୍ମ ସମର୍ପଣ କରିଥିଲେ।

# କେବେ ମିଳିବ ମୃତ୍ୟୁ ପ୍ରମାଣପତ୍ର ତଦନ୍ତ ରିପୋର୍ଟ ?




ଗୁଡ଼ାରୀ ୧୯।୫(ସମିସ) : ରାୟଗଡ ଜିଲ୍ଲା ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ଲାଞ୍ଚ ମାଗିବା ନେଇ ଗତ କିଛି ଦିନ ତଳେ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶିତ କରାଯାଇଥିଲା। ତେବେ ଖବର ପ୍ରକାଶିତ ଦିନ ଠାରୁ ପ୍ରମାଣ ପତ୍ର ପାଇପାରୁ ନାହାନ୍ତି ଅଭିଯୋଗକାରୀ। ସୂଚନା ମୁତାବକ ଗୁଡ଼ାର ପରିଷଦର ବାସିନ୍ଦା ସରୋଜ ବେହେରା ତାଙ୍କର ପିତା ନିରଞ୍ଜନ ବେହେରାଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମାନୁଯାୟୀ ଆବଶ୍ୟକ ତଥ୍ୟ ପ୍ରଦାନ କରି ମୃତ୍ୟୁ ପ୍ରମାଣ ପାଇଁ ଆବେଦନ କରିଥିଲେ। ଏହି ପ୍ରମାଣ ପତ୍ର ଦେବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉକ୍ତ ବିଭାଗର କର୍ମଚାରୀ ସରୋଜଙ୍କୁ କଲ କରି ୩୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଯାହାର ପ୍ରମାଣ ସ୍ୱରୂପ ପରବର୍ତ୍ତୀ ସମୟରେ ଦୁଇଜଣଙ୍କ ବାର୍ତ୍ତାଳାପ ଅଡିଓ ଶୁଣିବାକୁ ମିଳିଥିଲା। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଏମଓ ଏବଂ ଅଭିଯୋଗକାରିଙ୍କ ମଧ୍ୟରେ ବଚସା ହୋଇଥିଲା। ଶେଷରେ ବାଧହୋଇ ଉପ ଜିଲ୍ଲାପାଳଙ୍କ ସ୍ୱାରସ୍ଥ ହୋଇଥିଲେ। ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ପ୍ରକୃତରେ ଏହି ଅଭିଯୋଗର ସତ୍ୟତା ଅଛି କି ନାହିଁ ତାହାର ତଦନ୍ତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶରେ ଜିଲ୍ଲାରୁ ତଦନ୍ତକାରୀ ଟିମ ଗୁଡାରୀ ଆସି ତଦନ୍ତ କରିଥିଲେ। ଇତି ମଧ୍ୟରେ ଜିଲ୍ଲାରୁ ଆସିଥିବା ତଦନ୍ତକାରୀ ଟିମ ତଦନ୍ତ କରିବାର ପ୍ରାୟ ୧୫ ଦିନ ବିତିଗଲାଣି। କିନ୍ତୁ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏମ.ଓ ସ୍ୱାଗତ ସ୍ୱାଇଁଙ୍କୁ କୌଣସି ପ୍ରକାରର ତଦନ୍ତ ନଥିପତ୍ର ତାଙ୍କ ପାଖରେ ପହଞ୍ଚି ପାରିନାହିଁ ବୋଲି କହିଛନ୍ତି। ତଦନ୍ତକାରୀ ଟିମ ଗୁଡାରୀ ଏମଓ ଡାକ୍ତର ସ୍ୱାଗତ ସ୍ୱାଇଁ ଙ୍କୁ ଏଥିରୁ ହଟାଇ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନଙ୍କୁ ସାମ୍ନାକୁ ଆଣିବାକୁ ଚେଷ୍ଟା କରିଛନ୍ତି ନା' ତଦନ୍ତକାରୀ ଟିମ ସତ୍ୟ ସମ୍ମାନାକୁ ଆଣିବା ସହିତ ଦୋଷୀକୁ ଉଚିତ ଦଣ୍ଡ ମିଳିବାକୁ ଉଦ୍ୟମ କରୁଛନ୍ତି ତାହା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଶ୍ଚର୍ଯ୍ୟର ବିଷୟ ଅଭିଯୋଗକାରୀଙ୍କୁ ତଦନ୍ତରେ ସାମିଲ କରାଯାଇନାହିଁ। କଣ ତଦନ୍ତ କରାଯାଇଛି ତାହା ଆସିଥିବା ଟିମର ବିଚାରବିମର୍ଶ ନଥିପତ୍ର ଗୁଡାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଏମଓଙ୍କୁ ମିଳିବା ପରେ ଜଣାପଡିବ। ଅନ୍ୟପଟେ ଅଭିଯୋଗକାରୀ କହିଛନ୍ତି ସତ୍ୟତା ସମ୍ମାନକୁ ନ ଆସିବା ପର୍ଯ୍ୟନ୍ତ ଆମେ ଲଢ଼ିବୁ, ଦରକାର ପଡ଼ିଲେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଯାଇ ମିଶିବୁ। ଯେତେ ଦିନ ଯାଏଁ ଦୋଷୀକୁ ଦଣ୍ଡ ନ ମିଳିଛି ଆମେ ହଟିବାର ନାହିଁ ବୋଲି ରୋକ୍ ଠୋକ୍ କହିଛନ୍ତି।

# ଝୁଲନ୍ତା ମୃତଦେହ ଉଦ୍ଧାର

କାଲିମେଳା,୧୯।୫(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ କାଲିମେଳା ୩୨୬ ଜାତୀୟ ରାଜପଥ ପୁଲିସ ଚେକ୍ ପୋଷ୍ଟ ନିକଟରେ ଥିବା ଏକ ଲାଡି ଭିତରୁ ମଙ୍ଗଳବାର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ କାଲିମେଳା ହାଟପଦା ସାହିର ସପନ ପାଲ ବୋଲି ଜଣାପଡ଼ିଛି। ସକାଳୁ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଖବର ପାଇ କାଲିମେଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ସୂଚନା ମିଳିଛି।

# ମାଲକାନଗିରି ଜିଲ୍ଲା ରେଡକ୍ରସ୍ ସୋସାଇଟିର ସମୀକ୍ଷା ବୈଠକ

## ଆଗାମୀ ଆର୍ଥିକ ବର୍ଷ ପାଇଁ ପାଣ୍ଠି ସଂଗ୍ରହ ପ୍ରକ୍ରିୟା ହେବ ବ୍ୟାପକ



ମାଲକାନଗିରି, ୧୯।୫(ସମିସ):

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଜସେବା ଓ ଜନକଲ୍ୟାଣ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପାଣ୍ଠି ସଂଗ୍ରହକୁ ବ୍ୟାପକ ଓ ତ୍ୱରାନିତ କରିବା ଲକ୍ଷ୍ୟରେ ଆଜି ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ରେଡକ୍ରସ ସୋସାଇଟିର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବୈଠକକୁ ସମ୍ବୋଧିତ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ରେଡକ୍ରସର ମହତ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ରେଡକ୍ରସ ପାଣ୍ଠି କେବଳ ଏକ ସରକାରୀ ସଂଗ୍ରହ ବା ଆନୁଷ୍ଠାନିକ ପ୍ରକ୍ରିୟା ନୁହେଁ, ବରଂ ଏହା ବିପତ୍ତି ସମୟରେ ଅସହାୟ, ଗରିବ ଓ ରୋଗୀଙ୍କ ଜୀବନ ବଞ୍ଚାଇବାର ଏକ ପ୍ରମୁଖ ସାହାରା। ଜିଲ୍ଲାର ପ୍ରତ୍ୟେକଟି ଅସହାୟ ବ୍ୟକ୍ତିଙ୍କ ପାଖରେ କିପରି ସଠିକ୍ ସମୟରେ ସାହାଯ୍ୟ ପହଞ୍ଚିପାରିବ, ତାହା ଆମର ପ୍ରାଥମିକତା ହେବା ଉଚିତ। ଆଗାମୀ ଆର୍ଥିକ ବର୍ଷରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଭାଗ ମିଳିତ ଭାବେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିବା ସହ ଏହି ମହତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା, ନିଷ୍ଠା ଓ ସେବା ମନୋଭାବ ବଜାୟ ରଖିବା ଜରୁରୀ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଏବଂ ବିଭାଗୀୟ କର୍ମଚାରୀ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ସମସ୍ତ ପ୍ରକାର ସହଯୋଗ କରିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ପାଣ୍ଠି ସଂଗ୍ରହର ବିଭିନ୍ନ ଉତ୍ସ, ସମସ୍ୟା ଓ ଆଗାମୀ ଯୋଜନା ବାବଦରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ବିଶେଷ କରି ଶିକ୍ଷାନୁଷ୍ଠାନ, ଶିଳ୍ପ ସଂସ୍ଥା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି କିପରି ଅଧିକରୁ ଅଧିକ ପାଣ୍ଠି ସଂଗ୍ରହ କରାଯାଇ ଜିଲ୍ଲାର ସ୍ୱାସ୍ଥ୍ୟ ଓ ଜରୁରୀକାଳୀନ ସେବାକୁ ସୁଦୃଢ଼ କରାଯାଇପାରିବ, ସେ ନେଇ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ



ରାମନାଗୁଡ଼ା,୧୯।୫(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଅନ୍ତର୍ଗତ ପାଲୁପାଇ ହାଟପଦାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଟାସ୍କି, କରଡ଼ା, ରୁଗୁଡୁବାଇ, ଚେକାଗୁଡ଼ା. ସୁଣ୍ଡିଧାମୁଣ, ରାମନାଗୁଡ଼ା, କୁଜେନ୍ଦ୍ରି, ତାର୍ଲିଂ ଅଞ୍ଚଳରୁ ଶହ ଶହ ଗୁରୁ ଭାଇ ଏକତ୍ର ହୋଇ ନଗର କୀର୍ତ୍ତନ ଓ ପରେ ପରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଭୁବନେଶ୍ୱରରୁ ଆଗତ ଶ୍ରୀ ଶ୍ରୀ ଠାକୁରଙ୍କ ପୂତ ପବିତ୍ର ପଞ୍ଜାଧାରି କର୍ମୀ ସପ୍ରର ସ୍ୱାଇଁ, ନୃସିଂହ, ଚନ୍ଦନ ତାଙ୍କର ବକ୍ତବ୍ୟ ରଖିଥିଲେ। ରାୟଗଡ଼ାରୁ ଆଗତ ଦେବବ୍ରତ ସାହୁ ସତସଙ୍ଗ କାର୍ଯ୍ୟ କଲେ ମାନବ ଜୀବନରେ କିପରି ନିଜର ଦକ୍ଷତା ବଢେ ସେ ବିଷୟ ରେ ଆଲୋଚନା ରଖିଥିଲେ। ଏହି ସତ୍‌ସଙ୍ଗରେ ନିମନ୍ତ୍ରିତ ଅତିଥି ଭାବରେ ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଦ୍ୟାଧର ଶବର ଓ ରାମନାଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗୋମାଙ୍ଗ ଯୋଗଦାନ କରି ଅଞ୍ଚଳବାସୀଙ୍କୁ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆହୁରି ଦୃଢ଼ୀଭୂତ କରିବା ପାଇଁ ପ୍ରେରଣା ଯୋଗାଇଥିଲେ। ଉକ୍ତ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସଫଳ କରିବାରେ ସୁଣ୍ଡିଧାମୁଣି ସରପଞ୍ଚ ଭାସ୍କର କାଡ୍ରାକ, କୋଟେଶ କାଡ୍ରାକା, ଶ୍ରୀଧର କାଡ୍ରାକା, ପବିତ୍ର ପାତ୍ର, କୃଷ୍ଣ ସାହୁଙ୍କ ସମେତ ମା'ମାନେ ସହଯୋଗ କରିଥିଲେ। ଉକ୍ତ ସମସ୍ତ କାର୍ଯ୍ୟକ୍ର ରଘୁନାଥ ସାମଲଙ୍କ ତତ୍ତ୍ୱାବଧାନରେ ସମାପନ ହୋଇଥିଲା।

# ସିବିଏସ୍ ସ୍ୱାସ୍ଥ୍ୟ ଶିବିର



ଡାବୁଗାଁ,୧୯।୫(ସମିସ):

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଜୟନ୍ତୀନଗର ଅଙ୍ଗନବାଡି କେନ୍ଦ୍ର ଠାରେ ସୋମବାର ସିବିଏସ୍ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ତଥା ସୁପରିଟେଣ୍ଡେଣ୍ଟ ଡା. ଶୁଭାଶିଷ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡ. ବଦ୍ରି ପ୍ରାସାଦ ନାୟକଙ୍କ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳ ସହ ନବରଙ୍ଗପୁର ଆଇସିଟିସି ସୁପରଭାଇଜର ସି.ଏଚ୍. ସାଇ ପ୍ରାସାଦ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କାଉନସିଲର ବନିତା ମନ୍ଧାର, ଲାବୋରେଟୋରୀ ଟେକ୍‌ନିସିଆନ ଲବ କୁମାର ରାଉତ ଓ ସୁଦୀପ କୁମାର ନାଗ, ଏନଜିଓର ରେଜିଆ ବାନୋ ପ୍ରମୁଖଙ୍କ ଦ୍ୱାରା ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ଅନ୍ୟୁନ ୭୦ ଜଣ ହିତାଧିକାରୀଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇ ଯୌନ ସଂକ୍ରମଣ ରୋଗ ସମ୍ପର୍କୀତ ଏଚ୍‌ଆଇଭି, ସିଫିଲିସ, ହେପାଟାଇଟିସ୍ (ବି)(ସି) ପରୀକ୍ଷା କରାଯାଇଥିଲା। ହିତାଧିକାରୀ ମାନଙ୍କୁ ମାଗଣାରେ ଔଷଧ ବିତରଣ କରଯାଇଥିଲା। ଜୟନ୍ତୀନଗର ଅଙ୍ଗନବାଡି କର୍ମୀ ରୁନୁ ପାଢୀ, ହେଲପର ସୁନା ମା' ଦଳେଇ, ଆଶାକର୍ମୀ ସନ୍ତୋଷୀ ପଣ୍ଡା, ଅଙ୍ଗନବାଡି କର୍ମୀ ଝୁମ୍ପି ନାୟକ, ଆଶା ଝୁନୁ ପଣ୍ଡା, ସବିତା ପଣ୍ଡା ଓ ସୂର୍ଯ୍ୟମଣି ପଟ୍ଟନାୟକ ପ୍ରମୁଖ ସହଯୋଗ କରି ସ୍ୱାସ୍ଥ୍ୟ ଶିବିରକୁ ଶାନ୍ତି ଶୃଙ୍ଖଳାରେ ସମାପନ କରାଇଥିଲେ। ଦିଶା ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଉକ୍ତ ସିବିଏସ୍ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା।

## ମାଲକାନଗିରିରେ ମୌସୁମୀ ପୂର୍ବ ପ୍ରସ୍ତୁତି

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା; ପରିଚାଳନା ବୈଠକ



ମାଲକାନଗିରି, ୧୯।୫(ସମିସ): ଆସନ୍ତା ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବନ୍ୟା ପୂର୍ବ ପ୍ରସ୍ତୁତି, ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇ ୨୬ ଦଫା ବିଶିଷ୍ଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଉପସ୍ଥିତ ସମସ୍ତ ଅତିଥି ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଏହା ସହିତ ସେ ଜିଲ୍ଲାର ପ୍ରକୃତିକ ବିପର୍ଯ୍ୟୟ ପରିଚାଳନା ରୂପରେଖ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଉଚ୍ଚସ୍ତରୀୟ ବୈଠକରେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମର ତୃଣମୂଳ ସ୍ତରରେ ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଗୋବିନ୍ଦ ପାତ୍ର ଏବଂ ସାଂସଦଙ୍କ ପ୍ରତିନିଧି ସଞ୍ଜୟ ସରକାର ପ୍ରମୁଖ ଯୋଗଦେଇ କ୍ଷେତ୍ରସ୍ତରୀୟ ସମସ୍ୟା ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ନିଜର ମତାମତ ରଖିଥିଲେ। ପ୍ରଶାସନ ପକ୍ଷରୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପ ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରିଥିଲେ। ବୈଠକ ଅବସରରେ ମାଲକାନଗିରି ବିଧାୟକ ଶ୍ରୀ ମାଡ଼କାମୀ ପ୍ରଶାସନିକ ସଜବାଜକୁ ନେଇ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲାର ପ୍ରତ୍ୟେକଟି ଜୀବନ ଆମ ପାଇଁ ମୂଲ୍ୟବାନ। ବିଶେଷ କରି ଆମ ଜିଲ୍ଲାର ଦୁର୍ଗମ ଏବଂ ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଜନସାଧାରଣ ଯେପରି ବନ୍ୟା ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହେଲେ ମଧ୍ୟ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ପୂର୍ବ ପ୍ରସ୍ତୁତିକୁ ସୁଦୃଢ଼ କରିବାକୁ ହେବ। ସରକାର ଓ ପ୍ରଶାସନ ମିଳିତ ଭାବେ ଶୂନ୍ୟ ଜୀବନ ହାନି'ର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି ଏବଂ ଜନସାଧାରଣଙ୍କ ସୁରକ୍ଷା ହିଁ ଆମର ପ୍ରଥମ ପ୍ରାଥମିକତା। ଏହା ସହିତ ବିଧାୟକ ଶ୍ରୀ ମାଡ଼କାମୀ ବର୍ଷା ସମୟରେ ଜିଲ୍ଲାରେ ଆମ୍ବୁଲାନ୍ସ ସେବା ସୁନିଶ୍ଚିତ କରିବା, ବିପଦପୂର୍ଣ୍ଣ ନଦୀକୂଳ ଅଞ୍ଚଳରେ ଗାର୍ଡୱାଲ୍ ନିର୍ମାଣ କରିବା ଏବଂ ସମ୍ଭାବ୍ୟ ବିପଦରୁ ରକ୍ଷା ପାଇବା ପାଇଁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ଓ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲାର ବିଭିନ୍ନ ନଦୀ ଓ କେନାଲ ବନ୍ଧରେ ପୂର୍ବରୁ ହୋଇଥିବା ଘାଇଗୁଡ଼ିକର ସ୍ଥାୟୀ ମରାମତି ଏବଂ ଦୁର୍ବଳ ସ୍ଥାନଗୁଡ଼ିକରେ ୨୪ ଘଣ୍ଟିଆ ଜଗାରଖା କରାଯିବ। ବନ୍ୟା ଜଳର ମୁକ୍ତ ପ୍ରବାହ ପାଇଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ନିଷ୍କାସନ ବ୍ୟବସ୍ଥାକୁ ତୁରନ୍ତ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଜିଲ୍ଲାର ସମସ୍ତ ବର୍ଷା ମାପକ କେନ୍ଦ୍ରକୁ ସଚଳ ରଖାଯିବା ସହ ଜିଲ୍ଲା ଓ ବ୍ଲକ ସ୍ତରରେ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯିବ, ଯାହା ଦ୍ୱାରା ଦୈନିକ ପାଣିପାଗ ସୂଚନା ଓ ବନ୍ୟା ବୁଲେଟିନ୍ ତୁରନ୍ତ ପ୍ରସାରଣ କରାଯାଇପାରିବ। ଖାଲୁଆ ଏବଂ ସଂବେଦନଶୀଳ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ଚିହ୍ନଟ କରାଯାଇଛି ଏବଂ ସେଠାରେ ପାନୀୟ ଜଳ, ଆଲୋକ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ କୁହାଯାଇଛି। ବିଚ୍ଛିନ୍ନ ସଂଯୋଗ ହେବାକୁ ଥିବା ଆଭ୍ୟନ୍ତରୀଣ ଓ ରଣନୀତିକ ଅଞ୍ଚଳରେ ପୂର୍ବରୁ ହିଁ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ, ଚାଉଳ ଏବଂ ଜୀବନ ରକ୍ଷାକାରୀ ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ଅଗ୍ରୀମ ଚୁକ୍ତି ସରିଛି। ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ୍ , ଏନଡିଆରଏଫ୍,ଅଗ୍ନିଶମ ବାହିନୀ ଏବଂ ପ୍ରତିରକ୍ଷା ବାହିନୀକୁ ପ୍ରସ୍ତୁତ ରଖାଯିବା ସହ ପଲିଥିନ୍, କରତ କାଟିବା ମେସିନ୍ ଏବଂ ଟାୱାର ଲାଇଟ୍ ଭଳି ରିଲିଫ୍ ସାମଗ୍ରୀର ମହଜୁଦ ସ୍ଥିତି ଯାଞ୍ଚ କରାଯାଇଛି। କ୍ଷୟକ୍ଷତିର ତୁରନ୍ତ ଆକଳନ ପାଇଁ ନିୟୋଜିତ ହେବାକୁ ଥିବା ସରକାରୀ କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ପ୍ରଶିକ୍ଷଣ ଦିଆଯିବ ଏବଂ ମିଳିତ ଭାବେ ସମସ୍ତ ପରିସ୍ଥିତିର ସାମ୍ନା କରିବାକୁ ଆହ୍ୱାନ ଦିଆଯାଇଛି। ଜିଲ୍ଲା ଜରୁରକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀ ବୈଠକ ଆୟୋଜନ କରିବାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ।

## ନାବାଳିକା ନିଖୋଜ, ୫ ଦିନ ପରେ ବି ପୁଲିସ ହାତ ଖାଲି

ରାଜନଗର,୧୯।୫(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ନାବାଳିକା ବିବାହ ଓ ଅପହରଣ ଘଟଣା ବଢିବାରେ ଲାଗିଛି। କାଁ ଭାଁ ଗୋଟିଏ ଦୁଇଟି ଘଟଣାକୁ ଛାଡିଦେଲେ ପୁଲିସ ଏହାକୁ ରୋକିବାରେ ସଫଳ ହୋଇପାରିନି। ଚଳିତ ମାସ ୧୫ ତାରିଖ ରାତିରେ ୧୩ ବର୍ଷର ନାବାଳିକା ନିଖୋଜ ଅଛନ୍ତି। ଏ ନେଇ ୧୬ ତାରିଖ ସକାଳେ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମାତ୍ର ପୁଲିସ ଆଜି ଯାଏଁ ଅପରାଧୀଙ୍କ ପାଖରେ ପହଞ୍ଚିବାରେ ସଫଳ ହୋଇ ନ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ନେଉ ନ ଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି।

## କୃଷକ ବିକାଶ ସମବାୟ ସମିତି ପକ୍ଷରୁ ମୁଗ, ବିରି କ୍ରୟକେନ୍ଦ୍ର ଉଦ୍‌ଘାଟିତ

ମାର୍ଶାଘାଇ,୧୯।୫(ସମିସ): ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତର ନୀଳାଦ୍ରିପୁର କେନ୍ଦ୍ରାପଡ଼ା କୃଷକ ବିକାଶ ସମବାୟ ସମିତି ପକ୍ଷରୁ ମାର୍କଫେଡ୍ ସହାୟତାରେ ସରକାରୀ ମୁଗ, ବିରି କ୍ରୟକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଅବିଭକ୍ତ କଟକ ଜିଲ୍ଲା କୃଷକଙ୍କ ହକ୍ ପାଇଁ କାର୍ଯ୍ୟ କରୁଥିବା କୃଷକ ବିକାଶ ସମବାୟ ସମିତି ସଭାପତି ପ୍ରମୋଦ ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ କ୍ରୟକେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନୀତ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସୁରେନ୍ଦ୍ର ମଲ୍ଲିକ, ଡେପୁଟୀ



ରେଜିଷ୍ଟ୍ରାର ପ୍ରଭାକର ନାୟକ ଯୋଗ ଦେଇଥିଲେ। ରବି ଫସଲ ମୁଗ କ୍ୱିଣ୍ଟାଲ ପ୍ରତି ୮୭୬୯ ଟଙ୍କା ଓ ବିରି କ୍ୱିଣ୍ଟାଲ ୭୮୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସମିତି ସଭାପତି ଶ୍ରୀ ସାହୁ ଚଳିତ ରବିଋତୁରେ ୧୫୦୦୦ରୁ ୨୦୦୦୦ କ୍ୱିଣ୍ଟାଲ ମୁଗ କ୍ରୟ କରାଯିବାକୁ ଲକ୍ଷ୍ୟ ରହିଥିବା ପ୍ରକାଶ କରିଥିଲେ। ଯୁଗ୍ମ ସମ୍ପାଦକ ବଳଭଦ୍ର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବଛରାଇ ଆମେ କୃଷକ ସମବାୟ ସମିତି ସଭାପତି ମାଧବ ନାୟକ, ଶୁଭେନ୍ଦୁ ବେଉରିଆ, ଅଶୋକ ଦାଶ, ଅମର ଦାସ, ବାବାଜୀ ରାଉତ, ନିରଞ୍ଜନ ତ୍ରିପାଠୀ, ସୁକାନ୍ତ ବେହେରା, ବିଜ୍ଞାନ ଦାସ, ପଙ୍କଜ ମଲ୍ଲିକ୍ ପ୍ରମୁଖ ଯୋଗ ଦେଇଥିବାବେଳେ ସମ୍ପାଦକ ମନୋଜ ସାହୁ ଧନ୍ୟବାଦ ଦେଇଥିଲେ।

## ରାଜକନିକା ଥାନା ଅଧିକାରୀଙ୍କ ବିରୋଧରେ ଗଣଧାରଣା



ରାଜକନିକା,୧୯।୫(ସମିସ): ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କ ଆଚରଣରେ ତ୍ରୁଟି, ରୁକ୍ଷ ବ୍ୟବହାର, ମନମୁଖୀ କାର୍ଯ୍ୟରେ ଅତିଷ୍ଠ ଖଣ୍ଡେଇତା ଗାଁ ଓ ବ୍ଲକର ଅନ୍ୟ କେତେକ ବ୍ୟକ୍ତି କନିକା ତହସିଲ ଆଗରେ ଗଣଧାରଣା ଦେଇ ବଦଳି ଦାବି କରିଛନ୍ତି। ଖଣ୍ଡେଇତା ଗ୍ରାମର ଜଣେ ନାବାଳିକାଙ୍କୁ ସେହି ଗାଁର ଜଣେ ବ୍ୟକ୍ତି ଅପହରଣ କରି ନେବାର ସିସିଟିଭି ପ୍ରମାଣ ଆଧାରରେ ଏତଲା ଅନୁସାରେ ସେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଯିବା, ନାବାଳିକା ଧରାପଡିବା ପରେ ସୁଧାର ଗୃହକୁ ପଠାଇବା ପରେ ଅପହରଣକାରୀଙ୍କୁ ଛାଡ଼ିଦେବା, ଏଠାରେ ଅବସ୍ଥାପିତ ହେବା ଦିନଠାରୁ ୮ରୁ ଅଧିକ ହତ୍ୟାକାଣ୍ଡ ଘଟିଥିଲେ ବି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ କୋହଳ ଦଫା ଲଗାଇବା, ମହିଳାଙ୍କୁ ଗାଳିଗୁଲଜ କରିବା, ହାଜତରେ ପୁରାଇ ଧମକ ଦେବ, ଏଜେଣ୍ଟ ରଖି ପ୍ରତି ମାମଲାରେ ଟଙ୍କା ଆଦାୟ କରିବା, ଚୋରା ବାଲି ପଥର, କୋଇଲା ଓ ଗୋ ଚାଲାଣରେ ମୋଟା ଅଙ୍କର ଚାନ୍ଦା ନେବା ଆଦି ଅଭିଯୋଗରେ ଆଜି ସକାଳ ୮ଟାରୁ କନିକା ତହସିଲରେ ଗଣଧାରଣା ଜାରି ରହିଛି।

## ସମିତି ଘର ଭଙ୍ଗା ନ ଯିବାକୁ ତହସିଲଦାରଙ୍କୁ ଦାବିପତ୍ର

ରାଜକନିକା,୧୯।୫(ସମିସ): ଆସନ୍ତା ୨୨ ତାରିଖରେ କନିକା ତହସିଲ ପକ୍ଷରୁ ବାଘବୁଦା (ନୂଆସାହି) ଗ୍ରାମର ଏକ ସମିତ ଘର ଭଙ୍ଗାଯିବାକୁ ଉଚ୍ଛେଦ କରାଯିବାକୁ ନୋଟିସ କରାଯାଇଛି। ଆଜି ଗ୍ରାମବାସୀ ଏହି ଉଚ୍ଛେଦ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ତହସିଲ ପକ୍ଷରୁ ଏହି ସମ୍ପତ୍ତି ଯାହାକି ବାଘବୁଦା ମୌଜା ଖାତା ନମ୍ବର ୨୪୧ ଓ ପ୍ଲଟ ନମ୍ବର ୪୨୧ ରକବା ଏ ୦. ୨୭ ଡେସିମିଲ ଜମିରେ ଥିବା ଜବରଦଖଲ ଉଚ୍ଛେଦ ପାଇଁ ୨୨ ତାରିଖ ଧାର୍ଯ୍ୟ କରାଯିବା ପରେ ଆଜି ଗ୍ରାମବାସୀ ତହସିଲରେ ପହଞ୍ଚି



ଏହି ସମିତି ଘର ନ ଭାଙ୍ଗିବାକୁ ଦାବି କରିଛନ୍ତି। ଏହି ସମିତି ଘର ଦୀର୍ଘ ୬୦ ବର୍ଷ ଧରି ଗାଁ ଲୋକଙ୍କ ପାଇଁ ଭାଗବତ ଟୁଙ୍ଗି, ଦୋଳ ପର୍ବ, ଭଜନ କୀର୍ତ୍ତନ ସହ ସାଂସ୍କୃତିକ ଜାଗରଣ ଆଣିବାରେ ପିଢି ପରର ପିଢିଙ୍କୁ ଆକର୍ଷିତ କରିଆସିଛି। ତେଣୁ ସମିତି ଘର ଭଙ୍ଗା ନ ଯିବାକୁ ତହସିଲ ପ୍ରଶାସନକୁ ଗ୍ରାମବାସୀ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଦ୍ୱାରା ଏହାକୁ ନ ଭାଙ୍ଗିବାକୁ ଦାବି କରାଯିବା ସମସ୍ୟାକୁ ବଢ଼ାଇ ଦେଇଛି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ଦୁର୍ବଳ ନଦୀବନ୍ଧ ମରାମତି, ଡ୍ରେନ୍ ସଫେଇ ଆଦି ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୯।୫(ସମିସ)




ଆସନ୍ତା ବର୍ଷାଋତୁକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଏ ନେଇ ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ, ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ବର୍ଷାଜନିତ ସମ୍ଭାବ୍ୟ ପରିସ୍ଥିତିକୁ ମୁକାବିଲା ପାଇଁ ନିଆଯିବାକୁ ଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ବିଶେଷକରି ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନ ମରାମତି, ଡ୍ରେନ୍ ସଫେଇ ଓ ବନ୍ୟାଜଳର ନିର୍ବିଘ୍ନ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ସଚଳ ରଖିବା ସହିତ ବର୍ଷା ପରିମାପ ଓ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରେରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣିପାଗ ସତର୍କବାଣୀ ଓ ବନ୍ୟା ସୂଚନାକୁ ତ୍ୱରିତ ଭାବେ ସାଧାରଣ ଲୋକଙ୍କ ପହଞ୍ଚାଇବା ପାଇଁ ସୂଚନା ବ୍ୟବସ୍ଥାକୁ ସକ୍ରିୟ କରାଯିବା ସହ ବନ୍ୟାପ୍ରବଣ ଅଞ୍ଚଳରେ ଆଗୁଆ ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ସୁରକ୍ଷିତ ପାନୀୟଜଳ, ସ୍ୱାସ୍ଥ୍ୟସେବା, ପରିଷ୍କାରତା, ପଶୁ ଚିକିତ୍ସା ଓ କୃଷି ସହାୟତାକୁ ନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗମାନଙ୍କୁ ସଜାଗ ରହିବାକୁ କୁହାଯାଇଛି। ଏଥିସହ ବନ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖିବା, ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଉଦ୍ଧାର ଯୋଜନା ପ୍ରସ୍ତୁତ କରିବା ଓ ରାସ୍ତା ପରିବହନ ବ୍ୟବସ୍ଥାକୁ ସଚଳ ରଖିବା ନେଇ ସମୀକ୍ଷା କରାଯାଇଥିଲା। ଆବଶ୍ୟକ ପଡିଲେ ଓଡ୍ରାଫ, ଏନଡିଆରଏଫ ଓ ସୁରକ୍ଷା ବାହିନୀ ମୁତୟନ ପାଇଁ ପୂର୍ବ ପ୍ରସ୍ତୁତି ଓ ପ୍ରଶିକ୍ଷିତ ରିଲିଫ ଦଳ ଗଠନ ଉପରେ ମଧ୍ୟ ଚର୍ଚ୍ଚା ହୋଇଥିଲା । ବିପର୍ଯ୍ୟୟ ସମୟରେ ବିଦ୍ୟୁତ, ଦୂରସଞ୍ଚାର, ସଡ଼କ ଓ ଅନ୍ୟ ଜରୁରୀ ସେବାର ଶୀଘ୍ର ପୁନଃସ୍ଥାପନକୁ ପ୍ରାଥମିକତା ଦେବାକୁ କୁହାଯାଇଛି। ଜନପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ସାମୁଦାୟିକ ସଂଗଠନ ଓ ସାମାଜିକ ଅନୁଷ୍ଠାନ ସହ ସମନ୍ୱୟ ବଢ଼ାଇ ସାମୂହିକ ଭାବେ ବିପର୍ଯ୍ୟୟ ମୁକାବିଲା କରିବାକୁ ମଧ୍ୟ ଆହ୍ୱାନ ଦିଆଯାଇଛି। କ୍ଷୟକ୍ଷତିର ତ୍ୱରିତ ଆକଳନ ପାଇଁ ଶୀଘ୍ର କ୍ଷତି ନିର୍ଣ୍ଣୟ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା ସହ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ସହାୟତା ବଣ୍ଟନ ପାଇଁ ପଲିଥିନ ସିଟ୍ ଓ ଆବଶ୍ୟକ ଆଶ୍ରୟସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ହୋଇଛି। ଜନଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ବିଭାଗକୁ ସତର୍କ ଓ ସମନ୍ୱୟ ରକ୍ଷା କରି କାମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## କୋମାରେ ଗରଦପୁର ତହସିଲ

# ୨୦ ଦିନ ହେଲା ସେବା ଠପ୍, ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକ

ଗରଦପୁର,୧୯।୫(ସମିସ): ସାଧାରଣ ଲୋକଙ୍କୁ ସରକାରୀ ସେବା ସହଜ ଓ ଦ୍ରୁତ ଭାବେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପଞ୍ଚାୟତ ସ୍ତରକୁ ତହସିଲ ସେବା ବିସ୍ତାର କରୁଥିବାବେଳେ ଗରଦପୁର ତହସିଲ କାର୍ଯ୍ୟାଳୟର ଅବ୍ୟବସ୍ଥା ଏବେ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରାୟ ୨୦ ଦିନ ହେଲା ତହସିଲର ବିଭିନ୍ନ ସେବା ପ୍ରାୟ ଠପ୍ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଡିଜିଟାଲ ବ୍ୟବସ୍ଥାର ମୁଖ୍ୟ ଅଂଶ ଡଙ୍ଗଲ କାମ କରୁ ନ ଥିବାରୁ ଅନଲାଇନ ଦସ୍ତଖତ ଓ ବିଭିନ୍ନ ପ୍ରମାଣପତ୍ର ପ୍ରକ୍ରିୟା ଅଟକି ରହିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ କାର୍ଯ୍ୟାଳୟ ପ୍ରତିଦିନ ଖୋଲୁଥିଲେ ମଧ୍ୟ ଅଧିକାଂଶ କାମ ହେଉନାହିଁ। ଲୋକମାନେ ସକାଳୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରୁଥିବାବେଳେ ଡଙ୍ଗଲ କାମ କରୁନି କହି ଫେରାଇ ଦିଆଯାଉଛି। କେତେବେଳେ ଡଙ୍ଗଲ ସଂଯୋଗ ଆସିଲେ ମଧ୍ୟ ଦସ୍ତଖତ ବ୍ୟବସ୍ଥା କାମ କରୁ ନ ଥିବାରୁ ଫାଇଲ ଅଟକି ରହୁଛି। ଏଥିପାଇଁ ଆୟ, ଜାତି, ବାସିନ୍ଦା ପ୍ରମାଣପତ୍ର ସହ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ବିଳମ୍ବ ହେଉଛି। ଜମି ଡିମାରକେସନ କାମରେ ମଧ୍ୟ ବିଳମ୍ବ ହେଉଥିବା ଅଭିଯୋଗ ଆସୁଛି। ବର୍ଷ ବର୍ଷ ଧରି ଆବେଦନ କରିଥିଲେ ମଧ୍ୟ ଅନେକ ଲୋକଙ୍କ କାମ ସରୁ ନ ଥିବାରୁ ଅସନ୍ତୋଷ ବଢ଼ିଛି। ଘର ନିକଟରେ ତହସିଲ କାର୍ଯ୍ୟାଳୟ ଥିଲେ ମଧ୍ୟ ସାଧାରଣ ଲୋକ ମୌଳିକ ସେବା ପାଇବାରେ ହଇରାଣ ହେଉଥିବା କହିଛନ୍ତି। କେତେକ କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ନିର୍ଦ୍ଧାରିତ ସମୟରେ କର୍ମଚାରୀ କାର୍ଯ୍ୟାଳୟକୁ ନ ଆସିବା, ମନଇଚ୍ଛା ଆସିବାଯିବା କରିବା ଓ କାର୍ଯ୍ୟ ସମୟରେ ମଦ୍ୟପାନ କରି କାର୍ଯ୍ୟାଳୟରେ ବସୁଥିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଫଳରେ ତହସିଲ କାର୍ଯ୍ୟାଳୟ ଏବେ ସେବା କେନ୍ଦ୍ର ତୁଳନାରେ ଅବ୍ୟବସ୍ଥାର କେନ୍ଦ୍ର ପାଲଟିଥିବା ଚର୍ଚ୍ଚା ହେଉଛି। ନୂତନ ତହସିଲଦାର ଯୋଗଦେଇଥିଲେ ମଧ୍ୟ କାର୍ଯ୍ୟ ପ୍ରଣାଳୀରେ ସୁଧାର ଆସି ନ ଥିବା ଅଭିଯୋଗ ହେଉଛି। ସାଧାରଣ ଲୋକ ତୁରନ୍ତ ଡିଜିଟାଲ ସମସ୍ୟାର ସମାଧାନ, କାର୍ଯ୍ୟାଳୟରେ ଶୃଙ୍ଖଳା ଫେରାଇବା ଓ ଦାୟିତ୍ୱହୀନ କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଶଶୁର ଘରେ ଜ୍ୱାଇଁଙ୍କୁ ମାଡ଼ ଘଟଣାର ତଦନ୍ତ ଆରମ୍ଭ

ପଟ୍ଟାମୁଣ୍ଡାଇ,୧୯।୫(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ସେକପୁର ଗ୍ରାମରେ ଶଶୁର ଘରକୁ ଆସିଥିବା ଜ୍ୱାଇଁଙ୍କୁ ମାଡ଼ ମରା ଘଟଣା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ସେକପୁର ଗ୍ରାମର ବନ୍ଧସାହି ଗ୍ରାମର ଭରତ ସେଠୀଙ୍କଙ୍କ ଝିଅ ପୂର୍ଣ୍ଣିମା ସେଠୀ ୩ ବର୍ଷ ତଳେ ମହାକାଳପଡ଼ା ଥାନା ଅନ୍ତର୍ଗତ ଅଳାଇଲେ ଗ୍ରାମର ସୁଦର୍ଶନ ସେଠୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର ବର୍ଷେ ପରେ ସ୍ୱାମୀସ୍ତ୍ରୀ ମଧ୍ୟରେ ବୁଝାମଣା ଠିକ ନ ରହିବାରୁ ଗଣ୍ଡଗୋଳ ହେଉଥିଲା। ଗତ ୪ ଦିନ ତଳେ ସ୍ୱାମୀ ସୁଦର୍ଶନ ଓ ସ୍ତ୍ରୀ ପୂର୍ଣ୍ଣିମାଙ୍କ ଭିତରେ ଗଣ୍ଡଗୋଳ ହେବାରୁ ପୂର୍ଣ୍ଣିମା ନିଜ ଗ୍ରାମ ସେକପୁର ବନ୍ଧସାହିକୁ ଆସିଥିଲା। ଗତକାଲି ସୁଦର୍ଶନ ସ୍ତ୍ରୀକୁ ଭେଟିବାକୁ ଆସିଥିଲେ। ତାଙ୍କ ସହିତ ଅନ୍ୟ ୨ ଜଣ ଯୁବକ ଆସିଥିଲେ। ଶଶୁର ଘର ଲୋକଙ୍କ କହିବାନୁଯାୟୀ ସୁଦର୍ଶନ ଅତ୍ୟଧିକ ମଦ୍ୟପାନ କରି ଶଶୁର ଘରେ ଗଣ୍ଡଗୋଳ କରିଥିଲେ। ଗଣ୍ଡଗୋଳ କରିବା ପରେ ଶଶୁର ଘର ଲୋକ ଓ ପଡୋଶୀ ତାଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଏହାପରେ ସେ ମଦ ସହିତ କନିଆରୀ ମଞ୍ଜି ଖାଇଥିବା କଥା କହିବା ପରେ ନିଜ ସ୍ତ୍ରୀ ତାକୁ ପଟ୍ଟାମୁଣ୍ଡାଇ ମେଡିକାଲକୁ ନେଇଥିଲେ। ଜ୍ୱାଇଁ ସୁଦର୍ଶନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସୁଦର୍ଶନଙ୍କ ଭଉଣୀ କଣ୍ଡେଇ ସେଠୀ ଏ ସଂକ୍ରାନ୍ତରେ ନିଜ ଭାଇକୁ ମାଡ଼ ମାରି ଗୁରୁତର କରାଯାଇଥିବା ନେଓଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତେର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ପଚାରିବାରୁ ସେ କହିଲେ ସୁଦର୍ଶନଙ୍କ ଭଉଣୀ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। କଟକ ବଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସୁଦର୍ଶନଙ୍କ ବୟାନ ରେକର୍ଡ କରାଯାଇଛି। ଶଶୁର ଘର ଲୋକ ତାଙ୍କୁ ମାଡ ମାରିବା ଘଟଣାକୁ ସେ ଅସ୍ୱୀକାର କରିବା ସହିତ ସେ ନିଶାଗ୍ରସ୍ତ ଥାଇ ଗାଳିଗୁଲଜ କରିବା କାରଣରୁ ତାଙ୍କୁ ଶଶୁର ଘର ଲୋକେ ରଶିରେ ବାନ୍ଧି ପକାଇବାରୁ ସେ ଅପମାନିତ ହୋଇ କନିଅର ମଞ୍ଜି ଖାଇଦେଇଥିବା ପୁଲିସ ଆଗରେ ସୁଦର୍ଶନ ବୟାନ ଦେଇଛି ବୋଲି ଆଇଆଇସି ଶ୍ରୀମତୀ ପାତ୍ର ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ରାଜନଗର,୧୯।୫(ସମିସ): ବ୍ରାହ୍ମଣସାହି ପଞ୍ଚାୟତର ପ୍ରହରାଜପୁର ଗାଁରେ ଆଜି ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ହୋଇଥିବା ପ୍ରକଳ୍ପକୁ ଜିଲ୍ଲାପାଳ ଆର ରଘୁରାମ ଆୟାର ଉଦ୍‌ଘାଟନ କରିବା ସହିତ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ନ ଯାଇ କିପରି ଗାଁରେ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ କହିଥିଲେ। ପ୍ରହରାଜପୁରର ପୁରୁଷୋତ୍ତମ ଏସଏଚଜିକୁ ପାମ୍ପଡ ତିଆରି ମେସିନ, ଶ୍ରୀଶ୍ରୀ ଭଗବତ ଏସଏଚଜିକୁ ପେପର ପ୍ଲେଟ୍ ତିଆରି ମେସିନ, ସୁନେଲି ସ୍ୱପ୍ନ ଏସଏଚଜିକୁ ମାଛ ଦାନା ତିଆରି ମେସିନ, ୧୦ଟି ଏସଏଚଜିକୁ ୩ଟି ଲେଖାଏଁ ଛେଳି ପ୍ରଦାନ କରଯାଇଥିଲା। ଆଜି ପ୍ରକଳ୍ପଗୁଡ଼ିକ ଆରମ୍ଭ ହୋଇଛି। ପ୍ରହରାଜପୁରରେ ଆୟୋଜିତ ଉତ୍ସବରେ ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ସମିତି ସଭ୍ୟ ରବୀନ ମଲ୍ଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ, ବିଡିଓ ଅଶୋକ ମହାନ୍ତି, ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ ଜେନା ପ୍ରମୁଖ ଯୋଗ ଦେଇଥିଲେ।



## ମନରେଗା କାମରେ ଜେସିବି ବ୍ୟବହାର ଅଭିଯୋଗ

ମହାକାଳପଡ଼ା, ୧୯।୫(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୂଳ ପଞ୍ଚାୟତର ଦହିମାଛ ଗ୍ରାମରେ ଚାଲୁଥିବା ମନରେଗା କାମରେ ଖୋଲାଖୋଲି ଭାବେ ଜେସିବି ମେସିନ ବ୍ୟବହାର ହେଉଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ଶ୍ରମିକଙ୍କୁ କାମ ଯୋଗାଇବା ପାଇଁ ସରକାର ମନରେଗା ଯୋଜନା କରିଥିବାବେଳେ ସେଠାରେ ମେସିନ ଲଗାଇ କାମ କରାଯାଉଥିବାରୁ




ଯୋଜନାର ମୂଳ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ, ବଡ଼କୂଳ ପଞ୍ଚାୟତର ପିଇଓ, ଜୁନିୟର ଇଞ୍ଜିନିୟର ଓ ଏଡିଓ ସମସ୍ତେ ଘଟଣା ସମ୍ପର୍କରେ ଜାଣିଥିଲେ ମଧ୍ୟ ଆଖିବୁଜି ଦେଉଛନ୍ତି। ଫଳରେ ପ୍ରକୃତ ଶ୍ରମିକ କାମରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏଭଳି ବେଆଇନ ଭାବେ ମେସିନ ବ୍ୟବହାର ହେଉଥିବା ସତ୍ତ୍ୱେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଘଟଣାର ତୁରନ୍ତ ତଦନ୍ତ କରି ସମ୍ପୃକ୍ତ କାମର ବିଲ ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଦାବି ହେଉଛି।

## ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦଙ୍କୁ ସମ୍ବର୍ଦ୍ଧନା



ଡେରାବିଶ,୧୯।୫(ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାବଟ ମହାପୁରୁଷଙ୍କ ପ୍ରାଙ୍ଗଣରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହରାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟରେ ଥିବା ଦଳର ଆଗଧାଡ଼ିର ନେତାଙ୍କୁ ସଂଗଠନର ବିଭିନ୍ନ ଦାୟିତ୍ୱ ପ୍ରଦାନ କରିଛନ୍ତି। ଶ୍ରୀ ବେହେରାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଚୟନ କରିଥିବାରୁ ପାଟକୁରା ନିର୍ବାଚନମଣ୍ଡଳୀରେ ଆନନ୍ଦର ଲହରି ଖେଳିଯାଇଥିଲା। ଆଜି ସମ୍ବର୍ଦ୍ଧନା ସଭାରେ ୧୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ପୂର୍ବତନ ସମିତିସଭ୍ୟ ରାଜକିଶୋର ମଲ୍ଲ, ସମବାୟବିତ୍ ମଧୁସୁଦନ ଘଡ଼େଇ, ଗଙ୍ଗାଧର ନାଥ, ସୁଶାନ୍ତ ମିଶ୍ର, କାଶୀନାଥ ନାୟକ, ଶରତ ମଲିକ, ଗୌରାଙ୍ଗ ସ୍ୱାଇଁ, ଯଦୁମଣି ଦାସ, ଅନନ୍ତ ନାୟକ, ହିମାଂଶୁ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ତାଳଚୁଆ ବଜାରରୁ ଜବରଦଖଲ ଉଚ୍ଛେଦ

ରାଜନଗର,୧୯।୫(ସମିସ): ତାଳଚୁଆ ବଜାରରେ ସରକାରୀ ଜାଗାରେ ହୋଇଥିବା ଦୋକାନ ଘରକୁ ଆଜି ଉଚ୍ଛେଦ କରାଯାଇଛି। ସରକାରୀ ଜମିରୁ ଅପସରି ଯିବାକୁ ରାଜନଗର ତହସିଲ ପକ୍ଷରୁ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଥିଲା। ଆଜି ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ପୁଲିସ ଫୋର୍ସ ସହିତ ତାଳଚୁଆରେ ପହଞ୍ଚି ଦୋକାନ ଭାଙ୍ଗିଛନ୍ତି। ବ୍ୟବସାୟୀ ମାନେ ସେମାନଙ୍କ ସାମଗ୍ରୀ ପୂର୍ବରୁ ବାହାର କରିନେଇଥିଲେ। ସେମାନେ ସରକାରୀ ଜାଗାରେ ତିଆରି କରିଥିବା ଜମିକୁ ଜେସିବି ମେସିନ ସହାୟରେ ଉଚ୍ଛେଦ କରାଯାଇଛି। ଆଜି ୧୨ଟି ଦୋକାନ ଘର ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି।

## ସାଙ୍ଗର ଟଙ୍କା ଲୁଟିନେଲା ସାଙ୍ଗ

ରାଜନଗର,୧୯।୫(ସମିସ): ବାଗପଟିଆରେ ରହୁଥିବା ସାତଭାୟାର ଚିତ୍ରସେନ ମଲ୍ଲିକଙ୍କ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ତାଙ୍କ ସାଙ୍ଗ ଲୁଟିନେଇଛି। ଏ ନେଇ ଚିତ୍ରସେନ ଆଜି ସନ୍ଧ୍ୟାରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ରାଜନଗର ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସାତଭାୟାର ଚିତ୍ରସେନ ମଲ୍ଲିକ ଓ ବଲାଙ୍ଗୀର ଜିଲ୍ଲା ଖଇରମଲ ଗ୍ରାମର ଅଞ୍ଜନ କୁମାର ନାଗ ଦୁହେଁ ତାମିଲନାଡୁର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପରେ ଚିତ୍ରସେନ ଗାଁକୁ ଫେରି ଆସିଥିଲେ ଓ ସାଙ୍ଗ ଅଞ୍ଜନ ଭୁବନେଶ୍ୱରରେ ରହିଥିଲେ। ଅଞ୍ଜନ ଦିନେ ଚିତ୍ରସେନଙ୍କ ଘରେ ପହଞ୍ଚି କମ୍ପାନୀରେ ବକିଆ ଟଙ୍କା ପିଏଫ ଟଙ୍କା ଉଠାଇବା ପାଇଁ ଚିତ୍ରସେନଙ୍କୁ କହିଥିଲେ। ଚିତ୍ରସେନ ପାଖରୁ ଅଞ୍ଜନ ଚତୁରତା ସହିତ ମୋବାଇଲ ନମ୍ବର, ଆଧାର କାର୍ଡ, ଲୋନ ଫର୍ମ ଓ ବ୍ୟାଙ୍କ ଖାତାରେ ଦସ୍ତଖତ ନେଇଯାଇଥିଲା। ପରବର୍ତ୍ତୀ ସମୟରେ ଅଞ୍ଜନ ଚିତ୍ରସେନଙ୍କ ଆକାଉଣ୍ଟରୁ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଯାଇଥିଲା। ଚିତ୍ରସେନ ପରେ ଜାଣିବା ପରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ଏ ଠକେଇରେ ସଂପୃକ୍ତ ଥିବା ଯୁବକକୁ ଠାବ କରିବା ସହିତ ଚିତ୍ରସେନ ଟଙ୍କା ଫେରିଯିବା ବୋଲି ରାଜନଗର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ସାତଘରିଆ ଗାଁ ମୁରବୀଙ୍କ ପରଲୋକ

ରାଜକନିକା,୧୯।୫(ସମିସ): ବଳରାମପୁର ପଞ୍ଚାୟତ ସାତଘରିଆ ଗ୍ରାମ ମୁରବୀ ଅର୍ଜୁନ ରାଉଳଙ୍କ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ନିକଟସ୍ଥ ତିନିଖଣ୍ଡି ଗ୍ରାମର ବହୁ ଲୋକ ଶେଷ ଦର୍ଶନ କରିଥିଲେ। ତିନିପୁଅ ଓ ତିନିଝିଅ ଉପସ୍ଥିତ ଥିବାବେଳେ ବଡ଼ପୁଅ ରବୀନ୍ଦ୍ର ରାଉଳ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ରାଉଳଙ୍କ ଉଦ୍ୟମରେ ଗାଁର ଆରାଧ୍ୟା ମା' ମଙ୍ଗଳାଙ୍କ ନାମରେ ୧ ଏକର ଜମି କରାଯାଇପାରିଛି। ତାଙ୍କ ମୃତ୍ୟୁରେ ଲକ୍ଷ୍ମଣ ପୃଷ୍ଟି, ସୁକାନ୍ତ ସାହୁ, ମାନଗୋବିନ୍ଦ ପୃଷ୍ଟି, ସାମ୍ବାଦିକ ନଳିନୀ ପୃଷ୍ଟି ଶୋକ ପ୍ରକାଶ କରିଛନ୍ତି।

## ଏସ୍‌ଆଇଆର୍‌କୁ ନେଇ ଜିଲ୍ଲାସ୍ତରୀୟ ବୈଠକ

# ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ପରାମର୍ଶ

କେନ୍ଦ୍ରାପଡ଼ା,୧୯।୫(ସମିସ)



ଗଣତନ୍ତ୍ରର ମୂଳ ଆଧାର ହେଉଛି ସଠିକ୍ ଓ ବିଶ୍ୱସନୀୟ ଭୋଟର ତାଲିକା। ଏହାକୁ ଅଧିକ ସ୍ୱଚ୍ଛ, ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଜିଲ୍ଲାରେ ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ମଙ୍ଗଳବାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ବିଭିନ୍ନ ରାଜନୈତିକ ଦଳଙ୍କ ସହ ଏକ ଆଲୋଚନା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ମୁଖ୍ୟ ଲକ୍ଷ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରିବା ସହ ମୃତ, ଅଯୋଗ୍ୟ ଓ ଡୁପ୍ଲିକେଟ ନାମଗୁଡ଼ିକୁ ଚିହ୍ନଟ କରି ବାଦ ଦେବା। ଏଥିସହ ସ୍ଥାନାନ୍ତରିତ ମତଦାତାଙ୍କ ତଥ୍ୟ ସଂଶୋଧନ କରାଯାଇ ଭୋଟର ତାଲିକାର ସଠିକତା ଓ ବିଶ୍ୱସନୀୟତା ବଢ଼ାଇବାକୁ ପଦକ୍ଷେପ ନେବା। ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତ ରାଜନୈତିକ ଦଳର ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ, କଂଗ୍ରେସ, ବିଏସପି, ସିପିଆଇଏମ ଓ ଆମ୍ ଆଦମୀ ପାର୍ଟିର ପ୍ରତିନିଧି ଯୋଗଦେଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଫଳ କରିବା ନେଇ ମତ ରଖିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ଦଳକୁ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ତାଲିକା ପ୍ରଦାନ କରିବା ସହ ଏସଆଇଆର ସମ୍ପର୍କିତ ପରାମର୍ଶ ଓ ଅଭିମତ ଲିଖିତ ଆକାରରେ ଜଣାଇବାକୁ ଅନୁରୋଧ କରିଥିଲେ। ଏଥିସହ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

ଜିଲ୍ଲାରେ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ଜୁନ ୨୮ ସୁଦ୍ଧା ପୋଲିଂ ଷ୍ଟେସନର ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ ହେବ ବୋଲି ସୂଚନା ଦିଆଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ପାଞ୍ଚଟି ବିଧାନସଭା ଆସନରେ ୧୪୪୯ଟି ପୋଲିଂ ଷ୍ଟେସନ ରହିଥିବାବେଳେ ୧୪୫ ଜଣ ବିଏଲଓ ସୁପରଭାଇଜର ଓ ୧୪୪୯ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମତଦାତା ତାଲିକାର ମ୍ୟାପିଙ୍ଗ ଓ ସଂଶୋଧନ କାର୍ଯ୍ୟକୁ ଦାୟିତ୍ୱର ସହ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ଗଠନ ମାଧ୍ୟମରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆହୁରି ମଜବୁତ କରିବା ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଓ ରବୀନ୍ଦ୍ର ମଲ୍ଲିକଙ୍କ ସମେତ ନିର୍ବାଚନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବିଦ୍ରୋହ ତେଜିଲା

# ବ୍ଲକ୍‌ରେ ଧାରଣା ଦେଲେ ସଭ୍ୟ, ସରପଞ୍ଚ

ରଘୁନାଥପୁର,୧୯।୫(ସମିସ)



ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ କରାଯିବାକୁ ନେଇ ବିଦ୍ରୋହର ସୂତ୍ରପାତ ଆରମ୍ଭ ହୋଇଛି। ଗତ ରାଜ୍ୟସଭା ନିର୍ବାଚନରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ କ୍ରସ ଭୋଟିଂ କରି ବିଜେଡିରୁ ନିଲମ୍ବିତ ହେବା ପରେ ଏହି ବିଦ୍ରୋହ ତେଜିବାରେ ଲାଗିଛି। ଗତ ମେ' ୧୩ ତାରିଖରେ ଅନୁଷ୍ଠିତ ପଞ୍ଚାୟତସମିତି ବୈଠକରେ ବିଭିନ୍ନ ଯୋଜନାରେ ହେବାକୁ ଥିବା କାର୍ଯ୍ୟ ଗାଇଡ୍‌ଲାଇନ୍ ଅନୁଯାଇ ଉଭୟ ଅଧ୍ୟକ୍ଷା ଓ ବିଡିଓଙ୍କ ସହମତି ଭିତ୍ତିରେ ହେବାକୁ ସ୍ଥିର ହୋଇଥିଲା। ତେବେ ବିଡିଓ ଏହି ପ୍ରସ୍ତାବକୁ ଆଗ୍ରାହ୍ୟ କରିଦେବାରୁ ପରିସ୍ଥିତି ଜଟିଳ ରୂପ ଧାରଣ କରିଥିଲା। ମଙ୍ଗଳବାର ବିଜେଡି ସମର୍ଥିତ ସମିତିସଭ୍ୟ ଓ ସରପଞ୍ଚମାନେ ବିଡିଓଙ୍କ ଅସହଯୋଗ ମନୋଭାବକୁ ବିରୋଧ କରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରାଙ୍କ ନେତୃତ୍ୱରେ ସକାଳ ୮ ଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପଞ୍ଚାୟତସମିତି ଗାଇଡ୍‌ଲାଇନ୍ ଆଧାରରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ପରାମର୍ଶ କ୍ରମେ ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା ଅନୁଦାନକୁ ଖର୍ଚ୍ଚ କରାଯାଉ ବୋଲି ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଦାବି କରିଥିଲେ।

### ପଞ୍ଚାୟତ ସମିତି ପ୍ରସ୍ତାବକୁ ବିଡିଓଙ୍କ ଆଗ୍ରାହ୍ୟ

ବିଡିଓ ଧାରଣାସ୍ଥଳରେ ପହଞ୍ଚି ଲିଖିତ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ସାଧାରଣଜନତାଙ୍କ ହିତ ପାଇଁ ଧାରଣା ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ବିନା ମୁଁ ଏଥିରେ କିଛି କରିପାରିବି ନାହିଁ ବୋଲି ବିଡିଓ ବିରଞ୍ଚି ନାରାୟଣ ବେହେରା ପ୍ରକାଶ କରିଥିଲେ। ଏହାଛଡା ପଞ୍ଚାୟତ ଗାଇଡଲାଇନ୍‌କୁ ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଦୀର୍ଘଦିନ ଧରି ବିଭିନ୍ନ ସରକାରୀ ଯୋଜନାରେ ଆସୁଥିବା ଅନୁଦାନ ଅର୍ଥ ଖର୍ଚ୍ଚ ହୋଇନପାରେ ପଡ଼ି ରହିଥିବା ବେଳେ ସାଧାରଣଜନତାଙ୍କ ଜନକଲ୍ୟାଣ ମୂଳକ କାର୍ଯ୍ୟ ଦିଗହରା ହୋଇପଡିଛି ବୋଲି ଚର୍ଚ୍ଚା ହେଉଛି। ବିଭିନ୍ନ ଗ୍ରାମର କାର୍ଯ୍ୟ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ କରାଯିବା ପାଇଁ ଧାରଣାରତ ସଭ୍ୟ ଓ ସରପଞ୍ଚମାନେ ଦାବି କରୁଥିବା ବେଳେ ଏପରି ନିୟମ ନାହିଁ ବୋଲି ବିଡିଓ ପ୍ରକାଶ କରିଛନ୍ତି। ତେବେ ପଞ୍ଚାୟତିରାଜ ବିଧିବ୍ୟବସ୍ଥା ଅନୁଯାଇ ସରକାରୀ କର୍ମଚାରୀଙ୍କ ନାମରେ କାର୍ଯ୍ୟାଦେଶ ରହି କାର୍ଯ୍ୟ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ବିଡିଓ ଧାରଣାସ୍ଥଳକୁ ଆସି ବୁଝାସୁଝା କରିଥିଲେ ବି ଧାରଣାକାରୀ ନିଜ ଜିଦିରେ ଅଟଳ ରହିଥିଲେ। ଧାରଣା ଜାରି ରହିଥିବା ବେଳେ ସୁଫଳ ନ ମିଳିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଉପାଧ୍ୟକ୍ଷ ସୂଚନା ଦେଇଥିଲେ। ଏଥିରେ ସରପଞ୍ଚ ବଟକୃଷ୍ଣ ନାୟକ, କିଶୋର ଚନ୍ଦ୍ର ବେହେରା, ବନମାଳୀ ସାହୁ, ନଳିନୀପ୍ରଭା ମୁଦୁଲି, ମନୋଜିନୀ ସାହୁ, ସୁଷମା ମଲ୍ଲିକ, ସମିତି ସଭ୍ୟ ଶାନ୍ତିଲତା ଦ୍ୱିବେଦୀ, ବିଶ୍ୱଜିତ ଦାଶ, କମଳାକାନ୍ତ ପରିଡା, ସ୍ୱରାଜ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦେବୀ ନଦୀର ସୀମା ନିର୍ଦ୍ଧାରଣ



ବାଲିକୁଦା,୧୯।୫(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକରେ ପ୍ରବାହିତ ହୋଇଥିବା ଦେବୀ ନଦୀ ଓ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକକୁ ସଂଯୋଗ ହୋଇଛି। ହେଲେ ଜିଲ୍ଲାର ସୀମା ନିର୍ଦ୍ଧାରଣ ନେଇ ପୂର୍ବରୁ ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତ ଓ ଅସ୍ତରଙ୍ଗ ବ୍ଲକର କୈବର୍ତ୍ତ ପରିବାର ମଧ୍ୟରେ ମାଛ ଧରା ଓ କାଜୁ ଜଙ୍ଗଲକୁ ନେଇ ଅନେକ ଥର ଗଣ୍ଡଗୋଳ ହୋଇଥିଲା। ଯାହାକୁ ନେଇ ଉଭୟ ଜିଲ୍ଲାର ଜିଲ୍ଲାପାଳ ନଦୀର ସୀମା ନିର୍ଦ୍ଧାରଣ ପାଇଁ ଏକ କମିଟି ଗଠନ କରିବା ସହ ଏହାର ଦାୟିତ୍ୱ ୨ ତହସିଲର ତହସିଲଦାରଙ୍କୁ ଦେଇଥିଲେ। ଫଳରେ ଆର୍‌ଆଇ, ଅମିନ ମାନଙ୍କୁ ନେଇ ନକ୍ସା ଅନୁଯାୟୀ ସୀମା ନିର୍ଦ୍ଧାରଣ ପକ୍ରିୟା ଆରମ୍ଭ ହୋଇଥିଲା। ଆଜି ଜଳପଥରେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ, ସୁପରଭାଇଜର ପ୍ରତାପ ଚନ୍ଦ୍ର ମଲ୍ଲିକ, ଆରଆଇ ଅରୁଣ ଦଳାଇ, ଅମିନ ପ୍ରିୟବତ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀ ଓ ବାଲିକୁଦା ପୁଲିସ ଉପସ୍ଥିତ ରହି କାଜୁ ଜଙ୍ଗଲ ଓ ନୌକା ଜରିଆରେ ନଦୀର ସୀମା ମାପ କରିଥିଲେ। ଏହି ପ୍ରକ୍ରିୟା ଆସନ୍ତାକାଲି ଶେଷ ହୋଇଯିବ ବୋଲି ତହସିଲଦାର ବିକାଶ ରଞ୍ଜନ କହିଛନ୍ତି। ଅପରପକ୍ଷ ଅସ୍ତରଙ୍ଗ ତହସିଲଦାର ଓ କର୍ମଚାରୀ ଆଜି ଅନୁପସ୍ଥିତ ଥିବାରୁ ସେମାନେ ମାପଚୁପ କରିବା ସମୟରେ ଆମକୁ ଉପସ୍ଥିତ ରହିବା ପାଇଁ ପଡ଼ିବ ବୋଲି କହିଥିଲେ। ଏହି ସୀମା ବିବାଦ ସମାଧାନ ହେବା ଏକ ପ୍ରକାର ଆଶା ସଂଚାର ହୋଇଥିବା ବେଳେ ଆଗକୁ କିଭଳି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ନହେବ ସେଥିପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ।

# ୮୦୦ ଲି. ଚୋରା ଡିଜେଲ ଜବତ; ୨ ଗିରଫ



ନାଉଗାଁ,୧୯।୫(ସମିସ): ନାଉଗାଁ ଥାନା ଅଞ୍ଚଳରୁ ୮୦୦ ଲିଟରରୁ ଉର୍ଦ୍ଧ୍ୱ ଚୋରା ଡିଜେଲ ଜବତ ସହ ଦୁଇ ଜଣ ତେଲ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଏ ନେଇ ମଙ୍ଗଳବାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ନାଉଗାଁ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଅଧିକ ସୂଚନା ପ୍ରଦାନ କରାଯାଇଛି। ରାଜ୍ୟରେ ପେଟ୍ରୋଲ ଜାତ ଦ୍ରବ୍ୟକୁ ନେଇ ସଙ୍କଟ ଦେଖା ଯାଉଥିବା ବେଳେ ଏହାରି ମଧ୍ୟରେ କଳା ବ୍ୟବସାୟୀମାନେ ସକ୍ରିୟ ହେବାରେ ଲାଗିଛନ୍ତି। ଗତକାଲି ନାଉଗାଁ ପୁଲିସ ଓ ନାଉଗାଁ ଯୋଗାଣ ଅଧିକାରୀ ପ୍ରଦୀପ୍ତ ପ୍ରସନ୍ନ ନାୟକ ଏବଂ ଏସ୍‌ଡିପିଓ ରଶ୍ମିରଞ୍ଜନ ଦାସ ମିଳିତ ଚଢ଼ଉ କରି ନାଉଗାଁ ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ସରିଆବରପାଟଣା ଓ ଗଜରାଜପୁର ପଞ୍ଚାୟତ ଭାତପଡ଼ା ଗ୍ରାମରୁ ପାଖାପଖି ୮୦୦ ଲିଟରରୁ ଉର୍ଦ୍ଧ୍ୱ ଚୋରା ଡିଜେଲ ଜବତ କରିଛନ୍ତି। ଏହି କାରବାରରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ପଦ୍ମନାଭ ଆଚାର୍ଯ୍ୟ ଓ ରବୀନ୍ଦ୍ର ନାଥ ସାହୁଙ୍କୁ ପୁଲିସ ଗିରଫ କରିଥିବା ନେଇ ସୂଚନା ଦେଇଛନ୍ତି। ଅନ୍ୟପଟେ ନାଉଗାଁ ଯୋଗାଣ ଅଧିକାରୀ ପ୍ରଦୀପ୍ତ ପ୍ରସନ୍ନ ନାୟକଙ୍କ ଅଭିଯୋଗ କ୍ରମେ ନାଉଗାଁ ପୁଲିସ ଏହି ଘଟଣାରେ ଦୁଇଟି ମାମଲା ରୁଜୁ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ ପ୍ରକାଶ କରିଛନ୍ତି।

# ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନର ସୂଚନା



କୁଜଙ୍ଗ,୧୯।୫(ସମିସ): କୁଜଙ୍ଗ ତହସିଲ ପ୍ରଶାସନ ପକ୍ଷରୁ ଆଜି ଉଠା ଦୋକାନୀ ମାନଙ୍କୁ ନିଜ ନିଜ ସ୍ଥାନରୁ ଉଠିଯିବା ପାଇଁ ଡାକବାଜୀ ଯନ୍ତ୍ର ଯୋଗେ ସୂଚନା ପ୍ରଦାନ କରାଯାଇଛି। ଫଳରେ ଉଠା ଦୋକାନୀ ମହଲରେ ହତାଶା ଭାବ ଖେଳିଯାଇଛି। ତେବେ ରାଜ୍ୟ ରାଜପଥ ଭବିଷ୍ୟତରେ ସମ୍ପ୍ରସାରଣ ହେବା ତଥା ଉଭୟ ପାଶ୍ୱର୍ରୁ ରାସ୍ତା ସଙ୍କୁଚିତ ହୋଇ ପଡୁଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଉଚ୍ଛେଦ କରାଯାଉଥିବା ତହସିଲଦାର ସ୍ୱରୂପ ନନ୍ଦନ ବେହେରା ପ୍ରକାଶ କରିଛନ୍ତି। ତେବେ ଆସନ୍ତା ୨୦ ତାରିଖ ମଧ୍ୟରେ ସମସ୍ତ ଉଠା ଦୋକାନୀ ମାନଙ୍କୁ ସ୍ଥାନ ପରିତ୍ୟାଗ କରିବାକୁ କୁହାଯାଇଥିବାରୁ ଉଠା ବ୍ୟବସାୟୀ ମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ପ୍ରକାଶ ପାଇଛି। ପ୍ରକାଶ ଯେ, କଟକ-ପାରାଦୀପ ୧୨ ନମ୍ବର ରାଜ୍ୟ ରାଜପଥର କୁଜଙ୍ଗ ବଜାର ଉଭୟ ପାଶ୍ୱର୍ରେ ଏବେ ଶତାଧିକ ଉଠା ଦୋକାନୀ ବ୍ୟବସାୟ ଚଳାଇ ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। କୁଜଙ୍ଗ ସତ୍‌ସଙ୍ଗ ବିହାରଠାରୁ ପୋଷ୍ଟ ଅଫିସ ପର୍ଯ୍ୟନ୍ତ ଦୂରତା ମଧ୍ୟରେ ରାସ୍ତାର ଉଭୟ ପାଶ୍ୱର୍ରେ ଏବେ ଏହିପରି ବ୍ୟବସାୟୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରାସ୍ତା ସଙ୍କୁଚିତ ହୋଇପଡିଛି। ଏଥିଯୋଗୁ ପ୍ରତ୍ୟେକ ସନ୍ଧ୍ୟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ରାସ୍ତା ସଂକୋଚିତ ହେବାଜ ସହିତ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସେହିପରି ଏହି ବ୍ୟବସାୟୀଙ୍କ ଯୋଗୁ ତାଳଦଣ୍ଡା କେନାଲର ପରିବେଶ ନଷ୍ଟ ହୋଇଯାଇଛି। ଫଳରେ ଏହାକୁ ଉଚ୍ଛେଦ କରିବା ଆବଶ୍ୟକ ହୋଇ ପଡିଥିବା ତହସିଲଦାର ପ୍ରକାଶ କରିଛନ୍ତି। ସମସ୍ତ ବ୍ୟବସାୟୀ ଆସନ୍ତା ୨୦ ତାରିଖ ମଧ୍ୟରେ ନିଜ ନିଜ ପ୍ରତିଷ୍ଠାନ ଉଠାଇ ନ ନେଲେ ତହସିଲ ପ୍ରଶାସନ ଏହାକୁ ଉଚ୍ଛେଦ କରିବ ବୋଲି ଆଜି ସନ୍ଧ୍ୟା ସମୟରେ ଡାକବାଜି ଯନ୍ତ୍ର ଜରିଆରେ ସୂଚନା ଦେଇଛନ୍ତି। ସେହିପରି ଯେଉଁ ବ୍ୟବସାୟୀ ମାନେ ବେଆଇନ ଭାବେ ନିଜର ଦୋକାନ ଘରକୁ ସମ୍ପ୍ରସାରଣ କରିଛନ୍ତି ତାହାକୁ ମଧ୍ୟ ମାପ କରାଯାଇ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

# ଆର୍ଟ ଅଫ୍ ଗିଭିଂର ବାର୍ଷିକ ଉତ୍ସବ

କୁଜଙ୍ଗ,୧୯।୫(ସମିସ): ଆର୍ଟ ଅଫ ଗିଭିଂ ଅର୍ଥାତ ଦେବାର କଳା ଏକଜ ଜୀବନ ଦର୍ଶନ। ଏହା ମାନବିକତାର ପରିପ୍ରକାଶ କରିବା ସହିତ ଅନ୍ୟର ମୁହଁରେ ହସ ଫୁଟେଇ ଥାଏ। କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ମାନସ ମନ୍ଥନକୁ ନେଇ ଏପରି ଏକ ପରିକଳ୍ପନା ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେଉଛି। କୁଜଙ୍ଗର ମଙ୍ଗରାଜପୁର ସ୍ଥିତ ଶ୍ରୀସତ୍ୟସାଇ ମେଡିକାଲ ଠାରେ ଆଜି ଏପରି ଏକ କାର୍ଯ୍ୟକ୍ରମର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ସତ୍ୟସାଇ ସେବା ସଂଗଠନ ସଭାପତି ଦାମୋଦର ସ୍ୱାଇଁ, କବି ପୀତାମ୍ବର ତରାଇ, ଅଧ୍ୟାପକ ଚିତ୍ତରଞ୍ଜନ ଜେନା, ଶିକ୍ଷାବିତ ମାୟାଧର ଦାସ, ବାବାଜୀ ଚରଣ ପୃଷ୍ଟି, ମନୋରଞ୍ଜନ ମାଝୀ ଓ ଚିଦାନନ୍ଦ ପରିଡା ଯୋଗ ଦେଇଥିଲେ। ଡ. ଗଗନେନ୍ଦୁ ଦାସ ଅଧ୍ୟକ୍ଷତା ଓ ପ୍ରଦୀପ୍ତ ପଲାଇ ସଂଯୋଜନା କରିଥିଲେ। କିସ୍ ଓ କିଟ୍ ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡାକୁ ଗୁରୁତ୍ୱ ଦେଇ ଖେଳାଳି ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ସଭାରେ ଦାନ ଓ ସହଯୋଗ ଆଲୋଚନା ସମେତ ଅଞ୍ଚଳର ୮ଟି ଭଲିବଲ ଟିମ୍‌କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

## ଜଗତସିଂହପୁର ସାହିତ୍ୟ ପରିଷଦ ପୁରସ୍କାର ଘୋଷଣା

# 'ବାଣୀପୀଠ' ପୁରସ୍କାର ପାଇବେ ଡ. ଫନୀ ମହାନ୍ତି



ଜଗତସିଂହପୁର,୧୯।୫(ସମିସ): ଜଗତସିଂହପୁର ସାହିତ୍ୟ ପରିଷଦର ସପ୍ତଦଶ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ପରିଷଦର ମୁଖ୍ୟ ଉପଦେଷ୍ଟା ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୫ ମସିହା ପାଇଁ କୃତି ସାହିତ୍ୟିକଙ୍କ ନିମନ୍ତେ ପୁରସ୍କାର ତଥା

**ଅଳକା ପୁରସ୍କାରରେ ସମ୍ମାନିତ ହେବେ ଦେବବ୍ରତ, ନୃସିଂହ, ଚନ୍ଦ୍ରଶେଖର**

ସମ୍ମାନ ଘୋଷଣା କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଗଠିତ ଚୟନ କମିଟିର ନିଷ୍ପତି ଅନୁଯାୟୀ ପରିଷଦର ମର୍ଯ୍ୟାଦାଜନକ 'ବାଣୀପୀଠ' ପୁରସ୍କାର ବିଶିଷ୍ଟ କବି ଡ. ଫନୀ ମହାନ୍ତିଙ୍କୁ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ପୁରସ୍କାର ସ୍ୱରୂପ ଡ. ମହାନ୍ତିଙ୍କୁ ପ୍ରଶସ୍ତି ଫଳକ, ସ୍ମାରକ ଫଳକ ତଥା ଉତ୍ତରୀୟ ସହିତ ୧୦ ହଜାର ଟଙ୍କା ଅର୍ଥ ରାଶି ଉପାୟନ ରୂପେ ପ୍ରଦାନ କରାଯିବ। ସେହିପରି ଉକ୍ତ ବର୍ଷ ପାଇଁ ଗଳ୍ପ ସଙ୍କଳନ 'ମୋକ୍ଷପଥ' ନିମନ୍ତେ ଗାଳ୍ପିକ ଦେବବ୍ରତ ମଦନରାୟ, କବିତା ସଙ୍କଳନ 'ନଈ ପାଣିରେ ଆକାଶର ମୁହଁ' ନିମନ୍ତେ କବି ନୃସିଂହ ତରାଇ ଓ ପ୍ରବନ୍ଧ ସଙ୍କଳନ 'ସାଂସ୍କୃତିକ ଆହ୍ୱାନ' ନିମନ୍ତେ ଡ. ଚନ୍ଦ୍ରଶେଖର ହୋତାଙ୍କୁ ସମ୍ମାନଜନକ 'ଅଳକା ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ଅର୍ଥ ରାଶି ସହିତ ପ୍ରଶସ୍ତି ଫଳକ, ସ୍ମାରକ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଅନୁରୂପ ଭାବେ କବିତା ସଙ୍କଳନ 'ମୁଁ ଦେବୀ ହେବାକୁ ଚାହେଁନା' ନିମନ୍ତେ କବୟିତ୍ରୀ ଗୀତାଞ୍ଜଳି ମହାରଣାଙ୍କୁ 'ଶଙ୍ଖଲାଭ ପଣ୍ଡା ଯୁବ ପୁରସ୍କାର', କବୟିତ୍ରୀ ବସନ୍ତ ମିଶ୍ରଙ୍କୁ 'ବିଷ୍ଣୁପ୍ରିୟା ଦେବୀ ସ୍ମୃତି ସମ୍ମାନ', ଗାଳ୍ପିକ ଶଶୀକାନ୍ତ ରାଉତଙ୍କୁ 'ଉମାକାନ୍ତ ପ୍ରଧାନ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯିବ। ସେହିପରି ଓଡ଼ିଆ ଭାଷା ସାହିତ୍ୟରେ ବିଶେଷ ଅବଦାନ ନିମିତ୍ତ ବରିଷ୍ଠ ସାହିତ୍ୟିକ ଡ. ମନୀନ୍ଦ୍ର କୁମାର ମହାନ୍ତି, (ଶିଶୁ ସାହିତ୍ୟ ଗବେଷକ), ତରୁଣକୁମାର ସାହୁ (ଗାଳ୍ପିକ), ରତ୍ନପ୍ରଭା ବାଇ (ଗୀତିକବି), ଦେବେନ୍ଦ୍ର ନାଥ କର (କବି) ଓ ନୀଳକଣ୍ଠ ମିଶ୍ର (କବି)ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ବାର୍ଷିକ ଉତ୍ସବରେ ସମସ୍ତ ପ୍ରତିଭାଧରଙ୍କୁ ସମ୍ମାନିତ କରାଯିବ ବୋଲି ପରିଷଦ ସଭାପତି ଇଂ. ବିଷ୍ଣୁ ସାହୁ ଓ ସମ୍ପାଦକ ଉମାକାନ୍ତ ନାୟକ ଜଣାଇଛନ୍ତି।

# ମାଟି ମାଫିଆଙ୍କୁ ଗିରଫ ଦାବିରେ ବିଜେଡିର ବିକ୍ଷୋଭ



କୁଜଙ୍ଗ,୧୯।୫(ସମିସ): କୁଜଙ୍ଗ ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଆଜି ମାଟି ଚୋରି ଘଟଣାରେ ସମ୍ପୃକ୍ତ ରହିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ ଦାବିରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଜି ଅପରାହ୍ନରେ କୁଜଙ୍ଗ ବ୍ଲକ ବିଜୁ ଜନତା ଦଳର ସଭାପତି ମନିନ୍ଦ୍ର ଗୁରୁଙ୍କ ନେତୃତ୍ୱରେ ଶତାଧିକ ବିଜୁ ଜନତା ଦଳର କର୍ମୀ ମାନେ ଜୟଗୁରୁ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି କୁଜଙ୍ଗ ବଜାର ପରିକ୍ରମା କରିବା ସହିତ ପୁରୁଣା ଥାନା ଛକ କଟକ-ପାରାଦୀପ ରାଜ୍ୟ ରାଜପଥକୁ ଆସିଥିଲେ। ବିଜେଡିର ଏହି ଶୋଭାଯାତ୍ରା ଓ ବିକ୍ଷୋଭରେ ବ୍ଲକ୍ ବିଜେଡି ସଭାପତି ମନୀନ୍ଦ୍ର ଗୁରୁ ନେତୃତ୍ୱ ନେଇଥିବା ବେଳେ ପୋତାନଇ ସରପଞ୍ଚ ବ୍ରଜ ମହାରାଜ, ସଂଜୀବ ପଟ୍ଟନାୟକ, ପ୍ରଫୁଲ୍ଲ ପରିଡା, ପ୍ରଭାତ ବିଶ୍ୱାଳ, ଅକ୍ଷୟ କୁମାର ସାହୁ, ଯୁବ ବିଜେଡି ସଙ୍ଗଠକ ବିକ୍ରମ କେଶରୀ ରାଉତରାୟ, ସୁବ୍ରତ ପରିଜା, ଶିଶିର ନାୟକ, ବିବେକାନନ୍ଦ ଦାସ, ପୂର୍ବତନ ପୌରପରିଷଦ ପାରିଷଦ ସୁଶୀଲ ମହାପାତ୍ର, ପାରିଷଦ ମନୋଜ ନାୟକ, ଅର୍ଜୁନ ବେହେରା, ବିଜେଡି ଜିଲ୍ଲା ସମ୍ପାଦକ ମାନସ ପରିଡା, ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା, ଶରତ ମହାନ୍ତି, ଅଞ୍ଜନ ଆଚାର୍ଯ୍ୟ, ସୁରେନ୍ଦ୍ର ତରାଇ, ସଂଜୟ ବେହେରା, ପ୍ରଶାନ୍ତ ସ୍ୱାଇଁ, ପ୍ରଭାସ ଗୋଛାୟତ, ରଞ୍ଜନ ସ୍ୱାଇଁ, ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ ସ୍ୱାଇଁ, ହରେକୃଷ୍ଣ ସେଠୀ, ପ୍ରମୋଦ ରାଉତ, ବିବେକାନନ୍ଦ ସାହୁ, ରାମଦାସ ମାହାନ୍ତି, ପାରାଦୀପ ଗଡ଼ ସମିତି ସଭ୍ୟା ଅରବିନ୍ଦା ତରାଇ, ନୃସିଂହ ଚରଣ ଜେନା, ବିଜୟ ଖଟେଇ, ପରେଶ ନାଥ, ଆଇନଜୀବୀ ରଞ୍ଜିତ ବିଶ୍ୱାଳ, ବିଚିତ୍ର ସାମଲ, ସୁବାସିନୀ ମଲ୍ଲ, ପ୍ରସନ୍ନ ସାହୁ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। କୁଜଙ୍ଗ ଅଞ୍ଚଳର ଫତେପୁର ପଞ୍ଚାୟତରୁ ହୋଇଥିବା କୋଟି କୋଟି ଟଙ୍କାର ମାଟି ଚୋରି ଘଟଣାରେ କୁଜଙ୍ଗ ଅତିରିକ୍ତ ତହସିଲଦାର ବ୍ୟୋମକେଶ ପ୍ରଧାନ ଅଭିଯୋଗ ୧୮ ଜଣଙ୍କ ନାଁରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ସିଦ୍ଧାର୍ଥ ପ୍ରଧାନ, ଶ୍ରୀନିବାସ ସ୍ୱାଇଁ, ଦିଲ୍ଲିପ ବେହେରା, ତପନ ତ୍ରିପାଠୀ, କୁମାର ମହାପାତ୍ର, ଜୁମର ମହାପାତ୍ର, ସରୋଜ ପ୍ରଧାନ ପ୍ରମୁଖଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିଥିଲେ।

# କୁଜଙ୍ଗରେ ଲୋକନାଥ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କୁଜଙ୍ଗ,୧୯।୫(ସମିସ): ମହାନ ଜନନାୟକ ଲୋକନାଥ ଚୌଧୁରୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି କୁଜଙ୍ଗ ଲୋକନାଥ ଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ପରେ କୁଜଙ୍ଗ ବ୍ଲକ ପଡିଆଠାରେ ଏକ ବିଶାଳ ସଭା ଆୟୋଜନ ହୋଇଥିଲା। ସ୍ମୃତି କମିଟି ସଭାପତି ଶିକ୍ଷାବିତ ବସନ୍ତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଶଶୀଭୂଷଣ ବେହେରା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ରାମକୃଷ୍ଣ ପଣ୍ଡା, ଉତ୍କଳ ମହିଳା ସମିତି ରାଜ୍ୟ ସମ୍ପାଦକ ଜିନ୍ମୟୀ ସାହାଣୀ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ସମାଜସେବୀ ବାଳକୃଷ୍ଣ ଜେନା, ରମଣୀ ରଞ୍ଜନ ରାଉତ, ସଞ୍ଜୁବାଳା ଜେନା, ବିଷ୍ଣୁ ଚରଣ ମୁଦୁଲି, ସିପିଆଇ ଜିଲ୍ଲା ସମ୍ପାଦକ ଅଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶତ ସଂଗ୍ରାମର ନାୟକ ଲୋକନେତା ଲୋକନାଥଙ୍କ ସମଗ୍ର ଜୀବନ ଆଦର୍ଶ ଆଲୋଚନା ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସିପିଆଇ ନେତା ସୁବାସ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ସୁଜଳ ସ୍ୱାଇଁ, ସଞ୍ଜୟ ବେହେରା, ନନ୍ଦିନୀ ପଣ୍ଡା, ପ୍ରିୟମ୍ବଦା ପାଣି, ପ୍ରଫୁଲ୍ଲ ଦାସ, କୃଷକ ସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ରବୀନ୍ଦ୍ର ମାଝୀ, ଶରତ ଚନ୍ଦ୍ର ବେହେରା, ସଲିଳ ସାମନ୍ତରାୟ, କୈଳାସ ସାହୁ, ଧିରେନ୍ଦ୍ର ସାମଲ, ପ୍ରଶାନ୍ତ କୁମାର ଚୌଧୁରୀ, ସୁଧାଂଶୁ ମହାପାତ୍ର, ନବୀନ ପ୍ରଧାନ, କୈଳାଶ ବେହେରା ପ୍ରମୁଖ ଯୋଗ ଦେଇ ଏହି ଜନନାୟକଙ୍କ ବହୁ ଆମର ଗାଥା କହିଥିଲେ। ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କ ସ୍ମରଣରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇ ଥିଲା।

# ରକ୍ତ ପରୀକ୍ଷା ଶିବିର

ବାଲିକୁଦା,୧୯।୫(ସମିସ): ଲୋଟସ କ୍ଲବ ଓଳାଶ ଓ ଡକ୍ଟର ଲାଲ ପାଥ ଲ୍ୟାବସ ପକ୍ଷରୁ ଅପଣ୍ଡରା ପଞ୍ଚାୟତ ଓଳାଶ ଗ୍ରାମର ସ୍କୁଲ ପ୍ରାଙ୍ଗଣରେ ଏକ ମାଗଣା ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪୫ ଜଣ ଲୋକ ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରାଇଥିଲେ। ଏଥିରେ ମଧୁମେହ, ସର୍କରା ସମେତ ଅନ୍ୟାନ ପରୀକ୍ଷଣ କରାଯାଇଥିଲା। ଜ୍ଞାନରଞ୍ଜନ ରାଉତ, ସୁବ୍ରତ ପଢ଼ିହାରୀ ରକ୍ତ ପରୀକ୍ଷା କରିଥିଲେ। ଲୋଟସ କ୍ଲବ ପକ୍ଷରୁ କ୍ଲବ ସମ୍ପାଦକ ସୌମ୍ୟକାନ୍ତ ପରିଡା, ସହ ସମ୍ପାଦକ ରଞ୍ଜନ ଦାସ, ଚନ୍ଦ୍ରକାନ୍ତ ମହାନ୍ତି, ବିଭୁତି ନାୟକ, ଅମୀୟ ରଞ୍ଜନ ନାୟକ, ଅଙ୍କିତ ବରାଳ, ମନୋଜ ବରାଳ, ଶ୍ରୀନିବାସ ନାୟକ, ପ୍ରଭଞ୍ଜନ ମହାନ୍ତି, ଆକାଶ ଦାସ, ତପୁ ମହାନ୍ତି, ବିଶ୍ୱଜିତ ବିଶ୍ୱାଳଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।

# ଶିକୁଳିରେ ବନ୍ଧା କୃଷ୍ଣକୁ ମିଳିଲା ସ୍ୱାସ୍ଥ୍ୟସେବା

ପାରାଦୀପ,୧୯।୫(ସମିସ)



ଶିକୁଳିରେ ବନ୍ଧା ହୋଇ ଅଭିଶପ୍ତ ଜୀବନ ଜୀଇଁଥିବା ନାବାଳକ କୃଷ୍ଣର ଚିକିତ୍ସା ଆରମ୍ଭ ହୋଇଛି। ପ୍ରଶାସନ ହସ୍ତକ୍ଷେପ ପରେ ତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ପାରାଦୀପ ଉପକଣ୍ଠ ବାମଦେଇପୁର ପଞ୍ଚାୟତର ବାରହାକଣା ଗ୍ରାମର ସୁରେଶ ପାଣି ଓ ଲକ୍ଷ୍ମୀପ୍ରିୟା ପାଣି ଉଭୟ ଦିନମଜୁରିଆ ଭାବେ କାମ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି।

ପରିବାରରେ ଦୁଇଟି ଝିଅ ଓ ଜଣେ ଭିନ୍ନକ୍ଷମ ପୁଅ କୃଷ୍ଣଚନ୍ଦ୍ର ପାଣି (୧୧)କୁ ନେଇ ତାଙ୍କ ସଂସାର। ଯେତେବେଳେ ରୋଜଗାର ଅନ୍ୱେଷଣ ଉଭୟ ବାହାରି ଯାନ୍ତି ଭିନ୍ନକ୍ଷମ ପୁଅଟିକୁ ଶିକୁଳିରେ ବାନ୍ଧି ପକାଇଯାଇଥାନ୍ତି। ପରେ ଫେରିଲେ ତାର ଖାଇବା ପିଇବା କଥା ବୁଝିଥାନ୍ତି। ରାସନକାର୍ଡରେ ଚାଉଳ ମାତ୍ର ଦୁଇଜଣଙ୍କର ହିଁ ମିଳେ। ବାସଗୃହ ନାହିଁ, ପାଇଖାନା ନାହିଁ ଏମିତି ଅନେକ ସୁବିଧାରୁ ବଞ୍ଚିତ କୃଷ୍ଣର ପରିବାର। ଏ ବିଷୟରେ ଖବର ପାଇବା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ 'ସମୟ ଆସିଛି ପରିବର୍ତ୍ତନ'ର ସଭାପତି ରଶ୍ମିତା ନାୟକ, ସଭ୍ୟ ବିପିନି ମାଝୀ, ସଂଗ୍ରାମ ନାୟକ, ଗଣେଶ ରାଉତ, ଲକ୍ଷ୍ମୀ ପ୍ରିୟା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉକ୍ତ ପରିବାର ନିକଟରେ ପହଞ୍ଚି କିଛି ଫଳ, ପନିପରିବା, ଶୁଖିଲା ଖାଦ୍ୟ ଓ କିଛି ଆର୍ଥିକ ସାହାଯ୍ୟ କରିବା ସହ ତାଙ୍କୁ କିପରି ସମସ୍ତ ସୁବିଧା ମିଳିବ ତାହା ବିଷୟରେ ଚେଷ୍ଟା କରିବେ ବୋଲି କହିଥିଲେ। ପରେ ଶ୍ରୀମତୀ ନାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ପ୍ରଶାସନର ନିଦ୍ଦେଶ କ୍ରମେ ପରିବାରଟିରେ ପାଞ୍ଚ ଜଣଙ୍କୁ ରାସନ କାର୍ଡ ପ୍ରଦାନ, ପାଇଖାନା, ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଇବା ସହ ସରକାରଙ୍କ ତରଫରୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ କ୍ରମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ ସଂଗଠନ ମାଧ୍ୟମରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇ କୃଷ୍ଣର ଚିକିତ୍ସା ଆରମ୍ଭ ହୋଇଛି।

ପ୍ରଥମେ ଡିଆଇସିରେ ଦେଖା ଯିବା ସହ ତାଙ୍କୁ ପ୍ରାଥମିକ ଭାବେ କିଛି ଔଷଧ ଓ ଗୋଡ଼ ପାଇଁ ଜୋତା ଦିଆ ଦିଆହୋଇଛି। ଅଧିକ ଚିକିତ୍ସା ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ ହୋଇ କଟକ ଏସସିବିରେ ଇସିଜି ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଅଛି। ଆଗକୁ ଅଧିକ ଚିକିତ୍ସା ପାଇଁ ଅନ୍ୟ ମେଡିକାଲକୁ ମଧ୍ୟ ପଠାଯିବ ବୋଲି ବିଭାଗ ତରଫରୁ କୁହାଯାଇଛି।

ସକାଳ THE SAKALA



# ମହିଳା ବନରକ୍ଷୀଙ୍କୁ ଆକ୍ରମଣ ଘଟଣାରେ ବନପାଳ ନିଲମ୍ବିତ

ଔପଦା, ୧୯।୫(ସମିସ): ସୋର ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଔପଦା ସେକ୍ସନର ମହିଳା ବନରକ୍ଷୀ ସୁଜାତା ଓଝାଙ୍କୁ ଅସଦାଚରଣ ଓ ମରଣାନ୍ତକ ଆକ୍ରମଣ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଔପଦା ଥାନାରେ ମାମଲା ରୁଜୁ ହେବା ପରେ, ଘଟଣାର ଗମ୍ଭୀରତାକୁ ଦେଖି ପୂର୍ବତନ ଡିଏଫଓ ବନପାଳ ମନୋରଞ୍ଜନ ସିଂଙ୍କୁ ଚାକିରିରୁ ୧୩/୦୫/୨୦୨୬ ରେ ବିଭାଗ ପତ୍ର ସଂଖ୍ୟା ୩୫୩୧ ରେ ନିଲମ୍ବନ କରିଛନ୍ତି। ଏହି ସଙ୍ଗୀନ ସ୍ଥିତି ଭିତରେ ବନ ବିଭାଗରେ ଏବେ କର୍ମଚାରୀ ସଙ୍କଟ ଚରମ ସୀମାରେ ପହଞ୍ଚିଛି। ବନପାଳ ସସପେଣ୍ଡ ହେବା ପରେ, ରେଞ୍ଜର ହରିହର ମାଝୀ ମଧ୍ୟ ନିଜର ଦେହ ଅସୁସ୍ଥତା ଦର୍ଶାଇ ହଠାତ୍ ଲମ୍ବା ଛୁଟିରେ ଚାଲିଯାଇଛନ୍ତି। ଫଳରେ ସମଗ୍ର ସେକ୍ସନ ଏବେ ସମ୍ପୂର୍ଣ୍ଣ ଅଭିଭାବକଶୂନ୍ୟ ହୋଇପଡ଼ିଛି। ଏ ସମ୍ପର୍କରେ ଔପଦା ଥାନା ଆଇଆଇସି ପ୍ରମୋଦ କୁମାର ଦାସ କହିଛନ୍ତି ଯେ, କେସ୍ ରୁଜୁ ହୋଇଛି ଏବଂ ପୁଲିସ ପକ୍ଷରୁ ନିରପେକ୍ଷ ତଦନ୍ତ ଜାରି ରହିଛି। ଜଣେ ସରକାରୀ ମହିଳା କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ନ ମିଳିବା ଏବଂ ବାବୁମାନଙ୍କ ଅନୁପସ୍ଥିତି ଯୋଗୁଁ ବନ ସୁରକ୍ଷା ବାଧାପ୍ରାପ୍ତ ହେବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଔପଦା ବ୍ଲକରେ ପ୍ରଶାସନିକ ସ୍ଥାଣୁତା

# ପଦବୀ ଖାଲି, ବିକାଶ ବାଟବଣା

ବାଲେଶ୍ୱର, ୧୯।୫ (ସମିସ)

ସରକାର କହୁଛନ୍ତି ବିକାଶର ଗତି ରକେଟ୍ ଭଳି ଛୁଟୁଛି, କିନ୍ତୁ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକରେ ପ୍ରଶାସନ ଏବେ ଆଇସିୟୁ ରେ। କର୍ମଚାରୀ ଅଭାବ ଏବଂ ପ୍ରଶାସନିକ ଉଦାସୀନତା ଯୋଗୁଁ ସମଗ୍ର ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ଆଇସିଁରେ ପଡ଼ିଛି। ସରକାର ଜନହିତକର ଯୋଜନା ପାଇଁ କୋଟି କୋଟି ଟଙ୍କାର ଅନୁଦାନ ତ ଅଜାଡ଼ି ଦେଉଛନ୍ତି, କିନ୍ତୁ ବାବୁମାନଙ୍କ ଅପାରଗତା ଓ ଆନ୍ତରିକତା ଅଭାବରୁ ସେହି ଅର୍ଥ ତିଆରି ହୋଇପାରୁନି କାମରେ। ଫଳରେ ସାଧାରଣ ଲୋକେ ମୌଳିକ ସୁବିଧା ଟିକକ ପାଇଁ ବ୍ଲକ କାର୍ଯ୍ୟାଳୟ ଚଉକାଠ ଡେଇଁ ଡେଇଁ ନୟାନ୍ତ ହେଉଛନ୍ତି। ବୈଷୟିକ କାର୍ଯ୍ୟ ପରିଚାଳନାରେ ଏବେ ଔପଦା ବ୍ଲକ ଦେବାଳିଆ ସ୍ଥିତିରେ। ଜଣେ ସହକାରୀ ଯନ୍ତ୍ରୀଙ୍କ ମୁଣ୍ଡରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭଳି ବଡ଼ ପଦବୀର ବୋଝ ଲଦି ଦିଆଯାଇଛି। ସବୁଠାରୁ ବଡ଼ ସାଂଘାତିକ ଅଭିଯୋଗ ହେଉଛି, ବ୍ଲକରେ କନିଷ୍ଠ ଯନ୍ତ୍ରୀ କିଶାନ କିଶୋର ଥାଇ ମଧ୍ୟ ସେ କୌଣସି ନିର୍ଦ୍ଦିଷ୍ଟ ଦାୟିତ୍ୱରେ ନାହାଁନ୍ତି କିମ୍ବା କୌଣସି ସରକାରୀ କାର୍ଯ୍ୟ କରୁନାହାଁନ୍ତି। ପ୍ରଶାସନ ଆଖି ଆଗରେ ଜଣେ ସରକାରୀ ବାବୁ ଏଭଳି ନିଷ୍କ୍ରିୟ ରହିବା କେଉଁ ସୁଶାସନର ସଙ୍କେତ? ଚଳିତ ମାସ ୧୮ ତାରିଖରେ ନୂତନ ଭାବେ କନିଷ୍ଠ ଯନ୍ତ୍ରୀ ବିରଜ କୁମାର ନାଇକି ଯୋଗ ଦେଇଛନ୍ତି ସତ, କିନ୍ତୁ ଏଭଳି ଦଳଗତ ବିପର୍ଯ୍ୟୟ ଭିତରେ ସେ କେତେ ସୁଧାର ଆଣିବେ, ତାହା ବଡ଼ ପ୍ରଶ୍ନବାଚୀ। ବ୍ଲକର ମୋଟ ୧୯ଟି ପଞ୍ଚାୟତ ମଧ୍ୟରୁ ଦୁଇ ନମ୍ବର ଜୋନ୍‌ର ୫ଟି ପଞ୍ଚାୟତ ସାମ୍ଭାଳିବାକୁ କନିଷ୍ଠ ଯନ୍ତ୍ରୀ ନିମିତ ଭୋଇଙ୍କ ଉପରେ ସମସ୍ତ ଭାର ଲଦାଯାଇଛି। ଜଣେ ମଣିଷ ୫ଟି ପଞ୍ଚାୟତର ଗ୍ରାଉଣ୍ଡ ଜିରୋ କାମ କେମିତି ଦେଖିବେ? ଅନ୍ୟପଟେ, ଏକ ନମ୍ବର ଜୋନ୍‌ର ୬ଟି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମୋନାଲିସା ସିଂ ଦେହ ଅସୁସ୍ଥତା ଦର୍ଶାଇ ଦୀର୍ଘ ଦିନ ହେବ ଛୁଟିରେ ଚାଲିଯାଇଛନ୍ତି। ଫଳରେ ଏହି ୬ଟି ପଞ୍ଚାୟତର ବିକାଶମୂଳକ ଯୋଜନା ଏବେ ସମ୍ପୂର୍ଣ୍ଣ 'ଅନାଥ' ହୋଇପଡ଼ିଛି। ପଡ଼ି ରହିଛି ସରକାରୀ ଅର୍ଥ, ହନ୍ତସନ୍ତ ସାଧାରଣ ଜନତା । ରାସ୍ତାଘାଟ ଶୋଚନୀୟ, ପାନୀୟ ଜଳ ପାଇଁ ହାହାକାର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ବିପର୍ଯ୍ୟସ୍ତ। ସରକାରଙ୍କ କୋଟି କୋଟି ଟଙ୍କା ବ୍ଲକର ତିଜୋରିରେ ବସି ରହିଛି, କିନ୍ତୁ ତାକୁ ଲୋକଙ୍କ କାମରେ ଲଗାଇବାକୁ ପ୍ରଶାସନ ପାଖରେ ସମୟ ନାହିଁ। କେବଳ ତଦାରଖ ଓ ସଠିକ୍ ସମନ୍ୱୟର ଅଭାବରୁ ଔପଦା ବ୍ଲକବାସୀ ଆଜି ନିଜର ମୌଳିକ ଅଧିକାରରୁ ବଞ୍ଚିତ। ଔପଦା ବ୍ଲକର ଏଭଳି ସ୍ଥାଣୁତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ କରି କାର୍ଯ୍ୟକୁ ସ୍ୱାଭାବିକ ନକଲେ, ଆଗାମୀ ଦିନରେ ବ୍ଲକବାସୀ ରାଜପଥକୁ ଓହ୍ଲାଇବେ ଏବଂ ପ୍ରଶାସନ ଘେରାଉ ହେବ ବୋଲି ସିଧାସଳଖ ଚେତାବନୀ ଦିଆଯାଇଛି।

# ଭଦ୍ରକ ଜିଲ୍ଲା ମାଟ୍ରିକ୍ ଟପ୍ପରଙ୍କୁ ଏମ୍‌ବିଡି ତରଫରୁ ସମ୍ବର୍ଦ୍ଧନା



ଭଦ୍ରକ,୧୯।୫(ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବିଏସ୍‌ସି ନୋଡାଲ ହାଇସ୍କୁଲ, ଦାନ୍ତୁଆଳି, ଚାନ୍ଦବାଲିର ଛାତ୍ରୀ ସରିତା ନାୟକ ସର୍ବୋଚ୍ଚ ୫୭୩ ନମ୍ବର ରଖି ଭଦ୍ରକ ଜିଲ୍ଲାର ଟପ୍ପର ହୋଇଛନ୍ତି। ଏହି ଉପଲକ୍ଷେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଏମ୍‌ବିଡି ପୁସ୍ତକ ପ୍ରକାଶନ ତରଫରୁ କୃତୀ ଛାତ୍ରୀ ସରିତା ନାୟକ, ବାପା ନିରଞ୍ଜନ ନାୟକ, ମାଆ ରଞ୍ଜିତା ନାୟକ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ରାଉତଙ୍କୁ ଏମ୍‌ବିଡି ପୁସ୍ତକ ପ୍ରକାଶନ ସଂସ୍ଥାର ଭଦ୍ରକ ପ୍ରତିନିଧି ଦୀପକ କୁମାର ସ୍ୱାଇଁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କୃତୀ ଛାତ୍ରୀ ଏହି ସଫଳତାର ଶ୍ରେୟ ନିଜ ବାପାମାଆ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅର୍ପଣ କରିଛନ୍ତି। ଭବିଷ୍ୟତରେ ଉଚ୍ଚଶିକ୍ଷା ଲାଭ କରି ସମାଜସେବା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆହାର କେନ୍ଦ୍ର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଭଦ୍ରକ,୧୯।୫(ସମିସ): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆହାର କେନ୍ଦ୍ର ନ ଥିବାରୁ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସୁଥିବା ରୋଗୀମାନେ ଖାଦ୍ୟ ବିନା ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ପ୍ରତିଦିନ ପ୍ରାୟ ୮ରୁ ୯ ଶହ ବାହ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆସିଥା'ନ୍ତି। ଏଥିସହ ଏହା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ଏହି ସହର ମଧ୍ୟଦେଇ ଦକ୍ଷିଣରୁ ପୂର୍ବକୁ ରେଳପଥ ବିସ୍ତାର କରିଛି। ତେଣୁ ଦୁର୍ଘଟଣାଗ୍ରସ୍ତ ରୋଗୀମାନେ ଆଶୁ ଚିକିତ୍ସା ପାଇଁ ଏଠାକୁ ଆସିଥା'ନ୍ତି। ଜିଲ୍ଲା ମୁଖ୍ୟ ହସ୍ପିଟାଲ ସହରଠାରୁ ୩ କି.ମି. ଦୂରରେ ଅବସ୍ଥିତ ହୋଇଥିବାରୁ ଭୋଜନ ପାଇଁ କୌଣସି ସୁବିଧା ମଧ୍ୟ ନାହିଁ। ଉକ୍ତ ହସ୍ପିଟାଲରେ ଏକ ଆହାର କେନ୍ଦ୍ର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଜରିଆରେ ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସର୍ବୋଦୟ ମଣ୍ଡଳର ମୁଖ୍ୟ ଉପଦେଷ୍ଟା ଡ. ରାମଚନ୍ଦ୍ର ପଣ୍ଡା, ଉପସଭାପତି ଅଧିବକ୍ତା ଆଦିତ୍ୟ ନାୟକ, ମହିଳା ସଭାନେତ୍ରୀ ଶାନ୍ତିଲତା ବାରିକ, ବରିଷ୍ଠ ନାଗରିକ ଶୈଳେନ୍ଦ୍ର ପାଢ଼ୀ, ଅଧିବକ୍ତା ମନୋରଞ୍ଜନ ଦାସ, ସମ୍ପାଦକ ଗୟାଧର ପଣ୍ଡା ପ୍ରମୁଖ ଉକ୍ତ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଏକ ଆହାର କେନ୍ଦ୍ର ରୋଗୀମାନଙ୍କର ହିତ ଦୃଷ୍ଟିରୁ କାଳ ବିଳମ୍ବ ନ କରି ସ୍ଥାପନ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ ଏହାର ଗୁରୁତ୍ୱ ଦୃଷ୍ଟିରୁ ସରକାରଙ୍କୁ ଅବଗତ କରରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲାପାଳ ଶ୍ରୀ ରାଉତରାଏ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବାରୁ ଉତ୍କଳ ସର୍ବୋଦୟ ମଣ୍ଡଳର କର୍ମକର୍ତ୍ତା ତାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା




ବାଲେଶ୍ୱର,୧୯।୫ (ସମିସ): ଜିଲ୍ଲାସ୍ତରୀୟ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ବାଲେଶ୍ୱର ଯୋଗାସନ କ୍ରୀଡ଼ାସଙ୍ଘ ପକ୍ଷରୁ ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମୂଲ୍ୟ ଦାସ, ଜିଲ୍ଲା ହୋମିଓପାଥି ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ବେହେରା, ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାକାରୀ ଡାକ୍ତର ଜୟନ୍ତ କୁମାର ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଯୋଗ ବିଶେଷଜ୍ଞ ଡାକ୍ତର ଚିତ୍ତରଞ୍ଜନ ସାହୁ, ସୁଜିତ କୁମାର ଜେନା, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଅଶୋକ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦିବ୍ୟରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୋଗାସନ କ୍ରୀଡ଼ା ସଂଘର ସଭାପତି ଗୋବର୍ଦ୍ଧନ ସାହୁ ଓ ସମ୍ପାଦକ ମୁକ୍ତିକାନ୍ତ ପାଣିଗ୍ରାହୀ ଉଦଘାଟନ କରିଥିଲେ। ଜିଲ୍ଲାରୁ ମୋଟ ୧୧୨ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବିଭିନ୍ନ ବୟସ ବର୍ଗରେ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୋଗ ବିଚାରକ ଭାବେ ବସନ୍ତ ଖିଲାର, ଶୀତଳ ଦାସ, ବ୍ରହ୍ମାନନ୍ଦ ଭକ୍ତ, ବତ୍ସଳ ଦଳେଇ, ବିଶ୍ୱରଞ୍ଜନ, ସ୍ନେହଲତା ଦାସପତି ଉପସ୍ଥିତ ଥିଲେ। ମୋଟ ୧୮ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। ଏହାର ଉଦଯାପନୀ ସମାରୋହରେ ରାଜ୍ୟ ଯୋଗ ପ୍ରଶିକ୍ଷକ ଗିରିଜା ଶଙ୍କର ଶତପଥୀ, ଭାରତ ସ୍ୱାଭିମାନ ଜିଲ୍ଲା ପ୍ରହରୀ କରୁଣାକର ଶିଅଳ, କବି ପ୍ରଶାନ୍ତ ଦାସ, ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ, ମନୋରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାର ଯୋଗ ବିଶେଷଜ୍ଞଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ମମତା ମଢୁଆଳ, ମନୋଜ ଦେ, ହରିଚନ୍ଦନ ଦାସ, ପ୍ରିତିଲତା ଗିରି, ଯାମିନୀକାନ୍ତ ପାତ୍ର, ମୋନାଲି ମହାନ୍ତି, ହୃଷିକେଶ ଦ୍ୱିବେଦୀ, ତପନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆସନ୍ତା ୨୧ ତାରିଖ ଦିନ ରାୟଗଡ଼ାରେ ଅନୁଷ୍ଠିତ ହେବ ବୋଲି ସଭାପତି ସୂଚନା ଦେଇଥିଲେ।

# ବନ ବିଭାଗ ଜାଲରୁ ଖସିଗଲା କ୍ଷତାକ୍ତ ମାଙ୍କଡ଼

ନୀଳଗିରି, ୧୯।୫ (ସମିସ): ବନ ବିଭାଗ ଜାଲରୁ ଖସିଗଲା କ୍ଷତାକ୍ତ ମାଙ୍କଡ। ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅଧିନ ରେ ଗୋଟିଏ ମାଙ୍କଡ଼ ଜଙ୍ଗଲରୁ ନୀଳଗିରି ସହର ଭିତର କୁ ପଶି ଆସି ଗତ ସୋମବାର ଅପରାହ୍ନରେ କଚେରୀ ହତା ଭିତରେ ଓ ପରେ ତହସିଲ ଅଫିସ ସମ୍ମୁଖ ବରଗଛ, ଦୁର୍ଗାମଣ୍ଡପ ପାଖରେ ଦେଖିବାକୁ ମିଳିଥିଲା। ମାଙ୍କଡର ଡାହାଣ ହାତରେ କ୍ଷତ ହୋଇଥିବା ବେଳେ ଲୋକେ ଫଳ ଓ ବିସ୍କୁଟ ଦେଉଥିଲେ ବି ନ ଖାଇ ବସି ରହୁଥିଲା। ମଙ୍ଗଳବାର ନୀଳଗିରି (ପି.ଡବ୍ଲ୍ୟୁ.ଡି) ଅଫିସ ଭିତରେ ପସି ଯାଇଥିବା ବେଳେ ପି.ଡବ୍ଲ୍ୟୁ.ଡି ଅଫିସ କର୍ମଚାରୀ ଭୟଭୀତ ହୋଇ ନୀଳଗିରି ବନବିଭାଗ କୁ ଖବର ଦେଇଥିଲେ। ନୀଳଗିରି ବନବିଭାଗ ଘଟଣା ସ୍ଥଳରେ ସଦଳବଳେ ପହଞ୍ଚି ଗୋଟିଏ ପାଖରେ ଜାଲରେ ମାଙ୍କଡ୍ କୁ କାବୁ କରିଥିବା ବେଳେ ସେଠାରୁ ବନବିଭାଗକୁ ଚକ୍‌ମା ଦେଇ ଖସିପଳାଇଥିଲା ନୀଳଗିରି ଗୁଣ୍ଡିଚା ମନ୍ଦିର ପାଖକୁ। ସେଠାରେ ମାଙ୍କଡ଼କୁ କାବୁ କରିବା ପାଇଁ ବନ ବିଭାଗ ପକ୍ଷରୁ ଅପରେସନ ଜାରି ରହିଥିବା ବେଳେ ମାଙ୍କଡ଼ ଆକ୍ରମଣରେ ଜଣେ ବନ କର୍ମଚାରୀଙ୍କୁ ଆହତ କରି ଖସିପଳାଇଥିଲା। କ୍ଷତାକ୍ତ ମାଙ୍କଡ଼କୁ ଧରିବା ପରେ ଚିକିତ୍ସା କରାଯାଇ ସୁରକ୍ଷିତ ଭାବେ କୁଲଡିହା ଅଭୟାରଣ୍ୟରେ ଛାଡ଼ିବା ଚେଷ୍ଟା ଜାରି ରହିଥିବାବେଳେ ଏଯାଏଁ ମାଙ୍କଡ଼କୁ କାବୁ କରିବାରେ ବିଭାଗ ବିଫଳ ହୋଇଛି। ମାଙ୍କଡ଼ଟି ବିଦ୍ୟୁତ ଆଘାତ ପାଇ ଡାହାଣ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ତା'କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ସକାଳୁ ପୁଣି ମାଙ୍କଡ଼ ଧରାଯିବାକୁ ପ୍ରୟାସ କରାଯିବା ନେଇ ବନବିଭାଗ ପ୍ରକାଶ କରିଛି।



# ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୧୯।୫ (ସମିସ): ବଢୁଥିବା ଗ୍ରୀଷ୍ମ ପ୍ରବାହ ଯୋଗୁଁ ସାଧାରଣ ଜନଜୀବନକୁ ଆଖି ଆଗରେ ରଖି ନିଷ୍ଟ ନର୍ସିଂ କଲେଜ (ବିଏସି ନର୍ସିଂ ଓ ଜି ଏନ ଏମ୍ ) ତରଫରୁ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଷ୍ଟ ନର୍ସିଂ କଲେଜର ଭାରପ୍ରାପ୍ତ ଅଧକ୍ଷା ପ୍ରାଚୀ ପ୍ରଭା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ନର୍ସିଂ ଛାତ୍ରଛାତ୍ରୀ ବୈରାମ ନଗର ଛକରୁ ବାହାରି ଗଡ଼ଗଡ଼ିଆ, ମୋତିଗଞ୍ଜ, ସିନେମା ଛକ, ଏଫ୍ ଏମ କଲେଜ ହୋଇ କଂଗ୍ରେସ ଗଳି ପର୍ଯ୍ୟନ୍ତ ପ୍ଲାଗ୍ କାର୍ଡ ଧରି ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଶେଷକରି ଗାଡି ମଟର ବଢିବା ସହ ଜନବସତି, ଜନସଂଖ୍ୟା ବୃଦ୍ଧି ଯୋଗୁଁ ଗାଁରୁ ସହରୀ ଜନ ଜୀବନକୁ ବିଶେଷ ଭାବରେ ବ୍ୟତିବ୍ୟସ୍ତ କରିପକାଇଛି। ଏଭଳି ସମସ୍ୟାକୁ ଦେଖି ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନବ ଉପାୟରେ ବାର୍ତ୍ତା ରାସ୍ତାରେ ଯାତାୟାତ କରୁଥିବା ସବୁ ବର୍ଗର ଲୋକ ମାନଙ୍କୁ ଅଧିକ ଖରାରେ ନ ବାହାରନ୍ତୁ, ସାଥିରେ ଓଦା ଗାମୁଛା, ପାଣି ବୋତଲ ଛତା ଆଦି ଧରି ବାହାରିବା ପାଇଁ କହିବା ସହିତ ପରିବେଶ ସଚେତନତା ଦିଗର ପଦକ୍ଷେପ ନେବାକୁ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ସସ୍ମିତା ଚାନ୍ଦ, ଲିପସିତା ନାୟକ, ସୌମ୍ୟାଜ୍ୟୋତି ନାୟକ, ପୂର୍ଣ୍ଣିମା ମହାପାତ୍ର, ଦେବସ୍ମିତା ପ୍ରଧାନ, ସଦାଶିବ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ଘର

ଜଳେଶ୍ୱର ବ୍ଲକ, ୧୯।୫ (ସମିସ) : ଗତ ସୋମବାର ସନ୍ଧ୍ୟା ସମୟରେ କାଳ ବୈଶାଖିରେ ଜଳେଶ୍ୱର ଅଞ୍ଚଳରେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ, ବିଦ୍ୟୁତ ଖୁଣ୍ଟି ସାଙ୍ଗକୁ ଘର ମଧ୍ୟ ଭାଙ୍ଗି ପଡ଼ିଛି ବର୍ତ୍ତନା ଗ୍ରାମ ପଞ୍ଚାୟତର ଖରିଦା ଗ୍ରାମର ରଘୁନାଥ ହୁଇ, ସର୍ବେଶ୍ୱର ହୁଇ, ଅଜୟ ମହାନ୍ତି, ଭଗବତ୍ ହୁଇ, ଗଣେଷ ହୁଇ, ବିକ୍ରମ୍ ହୁଇ, କେଶବ ହୁଇ, ଯଦୁନାଥ ପ୍ରଧାନ ମାଳତୀ ଜେନା, ଝୁନୁ ଜେନା, ମନ୍ମଥ ଜେନା, ଅଭିରାମ ମହାଳିକଙ୍କ ଘର ଭାଙ୍ଗି ଯାଇଛି ଯାହା ଫଳରେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ଏବଂ ବଡ଼ ବଡ଼ ଗଛ ରାସ୍ତାରେ ଭାଙ୍ଗୀ ପଡ଼ିବାରୁ ରାସ୍ତା ଯିବା ଆସିବା ମଧ୍ୟ ସମ୍ପୁର୍ଣ୍ଣ ଭାବେ ବନ୍ଦ ହୋଇ ପଡ଼ିଛି ଯାହା ଫଳରେ ଗ୍ରାମର ଯୁବ ସମାଜସେବୀ ବାସୁଦେବ ହୁଇ, ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ତିଲୋଚନ ଦାସ ଏ ବାବଦରେ ପ୍ରଶାସନ ନିକଟରେ ଅବଗତି କରାଇବା ପରେ ସ୍ଥାନୀୟ ରାଜସ୍ୱ ଅଧକାରୀ ଖରିଦା ଗ୍ରାମାରେ ପହଞ୍ଚି ଲୋକଙ୍କ କ୍ଷୟକ୍ଷତି ଆକଳନ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ କିପରି ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯାଇ ପାରିବେ ସେ ନେଇ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଶିଖରପୁରରୁ ବାଘାବାଳି ରାସ୍ତାରେ ବଡ଼ ବଡ଼ ଗଛ ରାସ୍ତା ଉପରେ ଭାଙ୍ଗି ପଡ଼ିଥିବାରୁ ରାସ୍ତାରେ ଯିବା ଆସିବା କରୁଥିବା ଲୋକ ମାନେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଏ ପର୍ଯ୍ୟନ୍ତ ଅନେ ଅନକେ ଗ୍ରାମରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇ ଥିବାରୁ ସୂଚନା ମିଳିଛି।



# ବାଲେଶ୍ୱର ଜିଲ୍ଲାର ଅଥର୍ବ ବେଦୀ ପଣ୍ଡିତ ଉମାକାନ୍ତ ଉପାଧ୍ୟାୟଙ୍କ ପରଲୋକ



ରେମୁଣା, ୧୯।୫ (ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ୍ ଅନ୍ତର୍ଗତ ବଡ଼ପାଳ ଗ୍ରାମ ପଞ୍ଚାୟତର ଗୋପାଳପୁର ଗ୍ରାମର ଅଥର୍ବ ବେଦୀ ପଣ୍ଡିତ ଉମାକାନ୍ତ ଉପାଧ୍ୟାୟ ଭୁବନେଶ୍ୱରର ସମ୍ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘଦିନ ଧରି ସେ ହୃଦରୋଗ, ବୃକକ ଜନିତ ରୋଗ, ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦର ସଂପାଦକ ଏବଂ ସଦସ୍ୟ, ବେଲେଶ୍ୱର ବ୍ରାହ୍ମଣ ସାମଜ ର ସଭାପତି ଏବଂ ସଦସ୍ୟ, ରେମୁଣା ବ୍ଲକ୍ ବ୍ରାହ୍ମଣ ସମାଜର ସଭାପତି ଏବଂ ସଦସ୍ୟ, ବାବା ପିତାମ୍ବର ମହାରାଜ ଆଶ୍ରମର ସଂପାଦକ ଏବଂ ସମସ୍ତ ସଦସ୍ୟ, ବଡ଼ପାଳ ସରପଞ୍ଚ, ପୂର୍ବତନ ରେମୁଣା ବ୍ଲକ୍ ଅଧକ୍ଷଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ। ସେ ଏକାଧାରରେ ଜଣେ ସଂସ୍କୃତ ବିତ୍, କର୍ମକାଣ୍ଡ ବିତ୍, ରାମଚରିତ ମାନସର ପ୍ରବଚକ ତଥା ପରାୟଣରେ ବାଲେଶ୍ୱର ଜିଲ୍ଲାର ଖ୍ୟାତି ସମ୍ପନ୍ନ ପଣ୍ଡିତ ଥିଲେ। ସେ ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମାଜର ପ୍ରତିଷ୍ଠାତା ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ସାରା ରେମୁଣାରେ ଶୋକର ଛାୟା ଖେଳିଯାଇଥିଲା। ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଜଣେ ସୁନାମ ଧନ୍ୟ ପଣ୍ଡିତଙ୍କୁ ହରାଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର ଗୋକୁଳାନନ୍ଦ ଉପାଧ୍ୟାୟ ମୁଖାଗ୍ନି ଦେଇଥିଲେ। ଶତାଧିକ ଲୋକେ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇ ଅନ୍ତିମ ବିଦାୟ ଦେଇଥିଲେ।

## ● ଜିଲ୍ଲାପାଳଙ୍କ କଥା ପାଣିର ଗାର

# ଥାନାକୁ ଯାଇ ନିରାଶ ହୋଇ ଫେରିଲେ ମହିଳା ଗୋଷ୍ଠୀ



ବାରିକପୁର, ୧୯।୫ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ ଜଗନ୍ନାଥ ପ୍ରସାଦ ଗ୍ରାମର ଏକ ଏସ୍‌ଏଚ୍‌ଜି ଗୋଷ୍ଠୀର ମହିଳାମାନେ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ମହିଳାମାନେ ଗ୍ରୁପ୍ ଗଠନ କରି ଆଖୁଆପଦାସ୍ଥିତ ଏକ ରାଷ୍ଟ୍ରାୟତ ବ୍ୟାଙ୍କରୁ ଋଣ ନେଇଥିଲେ। ଋଣ ନେବାର କିଛିଦିନ ପରେ ଏସ୍‌ଏଚ୍‌ଜି ଗ୍ରୁପ୍‌ର ଜଣେ ସଦସ୍ୟାଙ୍କ ଅକାଳ ବିୟୋଗ ଘଟିଥିଲା। ଏପରିସ୍ଥଳେ ମୃତକ ସଦସ୍ୟାଙ୍କ ଋଣ ସୁଝିବାକୁ ତାଙ୍କ ସ୍ୱାମୀ ରାଜି ହେଉନାହାନ୍ତି। ଏପଟେ ବ୍ୟାଙ୍କ କର୍ତ୍ତୃପକ୍ଷ ଗ୍ରୁପ୍‌ର ଅନ୍ୟ ସଦସ୍ୟାଙ୍କଠାରୁ ମୃତ ମହିଳାଙ୍କ ନାମରେ ଥିବା ଋଣକୁ ସୁଧମୂଳ ସହିତ ଜୋର୍‌ଜବରଦସ୍ତ ଆଦାୟ କରୁଛନ୍ତି। ମୃତକଙ୍କ ପରିବାର ବର୍ଗ ଋଣ ଟଙ୍କା ଦେଉ ନ ଥିବାବେଳେ ଅନ୍ୟ ମହିଳାମାନେ ବ୍ୟାଙ୍କ ତାଗିଦ୍‌ରେ ଭୟଭୀତ ହୋଇ ଋଣ ସୁଝିବାକୁ ବାଧ୍ୟ ହେଉଛନ୍ତି। ଆପତ୍ତି ଅଭିଯୋଗ ନେଇ ପଞ୍ଚାୟତସ୍ତରୀୟ ଆଇନ ସଚେତନତା ଶିବିରରେ କୌଣସି ସମାଧାନ ନ ହେବାରୁ ନ୍ୟାୟ ପାଇଁ ମହିଳାମାନେ ପୂର୍ବରୁ ଥାନାକୁ ଆସିଥିଲେ। ଥାନାରେ ମହିଳା ଗୋଷ୍ଠୀ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ। ସେଠାରୁ ନିରାଶ ହେବା ପରେ ଗତ ସୋମବାର ବ୍ଲକ୍ କାର୍ଯ୍ୟାଳୟରେ ମହିଳାମାନେ ପହଞ୍ଚି ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସମସ୍ତ ଘଟଣା ବାବଦରେ ଲିଖିତ ଭାବେ ଜଣାଇଥିଲେ। ଜିଲ୍ଲାପାଳ ଏନେଇ ପୁଲିସ ପ୍ରଶାସନକୁ ଅନୁଧ୍ୟାନ ପାଇଁ କହିଥିବାବେଳେ ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୁଣି ଗୋଷ୍ଠୀ ସଦସ୍ୟାମାନେ ମଙ୍ଗଳବାର ଥାନାରେ ଉପସ୍ଥିତ ହୋଇଥିଲେ ସୁଦ୍ଧା ପୁଲିସ ଅଧିକାରୀମାନେ ଏ ବାବଦରେ ମୁଣ୍ଡକାନ ହଲାଇ ନ ଥିଲେ। ଜଣେ ମହିଳା ମଧ୍ୟ ଥାନା ପରିସରରେ ଅଂଶୁଘାତର ଶିକାର ହୋଇଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ କଥା ପୁଲିସ ପ୍ରଶାସନ ପାଇଁ ପାଣିର ଗାର ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ମଙ୍ଗଳବାର ଥାନାରୁ ନିରାଶ ହୋଇ ଫେରିବା ପରେ ଏନେଇ ପୁଣି ମହିଳାମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ୍ କରିବେ ବୋଲି ସୂଚନା ଦେଇଛନ୍ତି।

## ଅଙ୍ଗନବାଡ଼ିରୁ ମିଳୁଥିବା ବାଦାମ ଚିକି ଖାଇ ଗର୍ଭବତୀ ଗୁରୁତର

# ସିଡିପିଓ ଅଫିସରେ ଧାରଣା ଦେଲେ ସ୍ଥାନୀୟ ଲୋକେ

ଭଦ୍ରକ,୧୯।୫(ସମିସ)





ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ବନ୍ତ ପଞ୍ଚାୟତର ସଖୀପାଟଣା ଅଙ୍ଗନବାଡ଼ି କେନ୍ଦ୍ରରୁ ମିଳିଥିବା ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ଜଣେ ଗର୍ଭବତୀ ମହିଳା ଗୁରୁତର ଅସୁସ୍ଥ ହୋଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଛି। ନିମ୍ନମାନର ଖାଦ୍ୟ ଯୋଗାଣ ପ୍ରତିବାଦରେ ସ୍ଥାନୀୟ ଜନପ୍ରତିନିଧି ଓ ସାମାଜିକ କର୍ମୀମାନେ ବ୍ଲକ୍ ସିଡିପିଓ କାର୍ଯ୍ୟାଳୟ ଘେରଉ କରିବା ସହ ଧାରଣାରେ ବସି ରହିଛନ୍ତି।

ସୂଚନା ଅନୁସାରେ, ସଖୀପାଟଣା ଅଙ୍ଗନବାଡ଼ି କେନ୍ଦ୍ରରୁ ମିଳିଥିବା ଅସ୍ୱାସ୍ଥ୍ୟକର ବାଦାମ ଚିକି ଖାଇ ବର୍ଷା ଜେନା ନାମକ ଜଣେ ୭ ମାସର ଗର୍ଭବତୀ ମହିଳା ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ସମିତିସଭ୍ୟ ପରମେଶ୍ୱର ବାରିକ ନିମ୍ନମାନର ବାଦାମ ଚିକି ଧରି ସିଧାସଳଖ ବ୍ଲକ୍ ସିଡିପିଓ ଅଲାଡ଼ି ମାରାଣ୍ଡିଙ୍କ ନିକଟକୁ ଯାଇ ଏ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସିଡିପିଓ ଏହି ସମ୍ବେଦନଶୀଳ ଘଟଣା ଉପରେ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ଉତ୍ତେଜନା ଆହୁରି ବଢ଼ିଥିଲା। ସିଡିପିଓଙ୍କ ଏଭଳି ଦାୟିତ୍ୱହୀନତାକୁ ପ୍ରତିବାଦ କରି ସମିତିସଭ୍ୟ ପରମେଶ୍ୱର ବାରିକଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ସ୍ଥାନୀୟ ଲୋକ ଓ ନେତା କାର୍ଯ୍ୟାଳୟ ପରିସରରେ ଧାରଣାରେ ବସି ରହିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସାଂସଦଙ୍କ ପ୍ରତିନିଧି ସନ୍ତୋଷ ନାୟକ, କେନ୍ଦୁଆପଦା ସରପଞ୍ଚ ଇଂ. ପ୍ରମୋଦ ଜେନା, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳଚନ୍ଦ୍ର ନାୟକ ଓ ଚାରିଗାଁ ସମିତିସଭ୍ୟ ଧରଣୀଧର କର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସିଡିପିଓଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇନି। ଧାରଣାରତ ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି ଯେ, ବାସୁଦେବପୁର ଅଞ୍ଚଳର 'ଈଶ୍ୱର ଆଶା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ' ଦ୍ୱାରା ଏହି ନିମ୍ନମାନର ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇ ଦିଆଯାଉଛି। ଯାହା ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ଜୀବନ ସହ ସିଧାସଳଖ ଖେଳ ସଦୃଶ ଅଟେ। ଏହି ଦୁର୍ନୀତିଗ୍ରସ୍ତ ଓ ଦାୟିତ୍ୱହୀନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିରୋଧରେ ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏହି ପ୍ରତିବାଦରେ ନିଳୋକ ସମିତିସଭ୍ୟ ଉଦ୍ଧବ ସେଠୀ, ଫାଲ୍‌ଗୁନି ରାଉତ୍, ସୂରଜ ଗୋସ୍ୱାମୀ, ଜୟଦେବ ମହାରାଜ, କ୍ଷୀରୋଦ ନାୟକ, ଶିଶିର ଜେନାଙ୍କ ସମେତ ଶତାଧିକ ସ୍ଥାନୀୟ ବାସିନ୍ଦା ସାମିଲ୍ ଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।